# ଏହା ସୂର୍ଯ୍ୟର ଉଦିତ ହେବା ଅଟେ

ଆସନ୍ତୁ ଆମେମାନେ ଆମର ମସ୍ତକଗୁଡିକୁ ନତ କରିବା । ପ୍ରଭୁ, ଯେତେବେଳେ ଆମେମାନେ ଏଠାରେ ଏହି ଅତି ଉତ୍ତମ ଇଷ୍ଟର ସକାଳେ ଏକତ୍ରିତ ହୋଇ, ଏହି ଛୋଟ ଛୋଟ କଢ଼ଗୁଡିକୁ ସେମାନଙ୍କର ମାର୍ଗକୁ ପ୍ରଶସ୍ତ କରୁଥିବାର ଦେଖୁ, ପୁଣି ମହୁମାଛିମାନଙ୍କୁ ଉଡ଼ି ସେମାନଙ୍କର ଅଂଶକୁ ପ୍ରାପ୍ତ କରୁଥିବାର ଦେଖୁ, ଏବଂ ପକ୍ଷୀମାନଙ୍କୁ ସେମାନଙ୍କର ହୃଦୟ ଆନନ୍ଦରେ ଉଚ୍ଛୁଳି ଯାଉଥିବା ପରି ଗୀତ ଗାଉଥିବାର ଦେଖୁ, କାରଣ ସେଠାରେ ଏକ ଇଷ୍ଟର ଅଛି । ଆମେମାନେ ବିଶ୍ୱାସ କରୁ ଯେ ବହୁ ବର୍ଷ ପୂର୍ବେ, ଆଜିର ଦିନରେ, ତୁମେ ଯୀଶୁଙ୍କୁ ମୃତମାନଙ୍କ ମଧ୍ୟରୁ ପୁନରୁତ୍‌ଥିତ କରିଥିଲ, ଏବଂ ଆମେ ଏହି ସ୍ମୃତି ଦିବସକୁ ପାଳନ କରୁଅଛୁ ।

2 ଏବଂ ଏହା ହେଉ ଯେ ଆଜି, ଆମ ସମସ୍ତଙ୍କ ମଧ୍ୟରେ ଏକ ଇଷ୍ଟର ଆସୁ । ଆମେମାନେ, ତାହାଙ୍କର ସେବକ ଭାବରେ, ତାହାଙ୍କର ବାକ୍ୟକୁ ବୁଝୁ, ଯେ ଆମେମାନେ ତାହାପରେ ତାହାଙ୍କ ସହଭାଗିତାରେ ରହିଥିଲୁ, ଏବଂ ବର୍ତ୍ତମାନ ଯେ ଆମେମାନେ ତାହାଙ୍କ ସହିତ ପୁନରୁତ୍‌ଥିତ ହୋଇ ସ୍ୱର୍ଗୀୟ ସ୍ଥାନରେ ଏକତ୍ରିତ ବସିଅଛୁ ।

3 ଏଠାରେ ଆରାଧନାଳୟରେ ଏହି ସେବାକୁ, ଏବଂ ସମଗ୍ର ରାଷ୍ଟ୍ରରେ ଯେଉଁଠାରେ ବି ତାହା, ଏହି ଟେଲିଫୋନ୍ ମାଧ୍ୟମରେ ଯାଏ ଆଶୀର୍ବାଦ କର ।

4 ସମସ୍ତ ରୋଗୀ ଓ ପୀଡ଼ିତମାନଙ୍କୁ ସୁସ୍ଥ କର । ଏହା ସେମାନଙ୍କ ପାଇଁ ମଧ୍ୟ, ଏକ ଇଷ୍ଟର ହେଉ, ଏବଂ ରୋଗରୁ ଶକ୍ତିଆଡକୁ ଏକ ଯିବାର ପ୍ରସ୍ଥାନ ହେଉ । ଏବଂ ସେମାନେ ଯେଉଁମାନେକି ପାପ ଓ ଅପରାଧରେ ମୃତ ଅଛନ୍ତି, ସେମାନେ ଆଜି ଖ୍ରୀଷ୍ଟଙ୍କ ଦେଇ ବଞ୍ଚନ୍ତୁ । ଏବଂ ଆମେ ତୁମକୁ ପ୍ରଶଂସା କରିବୁ, କାରଣ ଆମେ ଏହାକୁ ତାହାଙ୍କ ନାମରେ ମାଗୁଅଛୁ । ଆମେନ୍ ।

5 ମୁଁ ନିଶ୍ଚିତ ଭାବରେ ଆଜି ସକାଳେ ଇଣ୍ଡିୟାନାର, ଜେଫର୍ସନଭିଲରେ ଏହି ବୃହତ ମଣ୍ଡଳୀ ସହିତ, ରହି ପାରିଥିବାରୁ, ଏହାକୁ ଏକ ଆଶ୍ଚର୍ଯ୍ୟଜନକ ସୌଭାଗ୍ୟ ବୋଲି ମନେ କରେ, ଯେଉଁଠାରେକି ଗୀର୍ଜାଘରଟି ସମ୍ପୂର୍ଣ୍ଣ ଭୀଡ଼ ଅଟେ ଓ ଲୋକମାନେ, ଚାରିଆଡେ ଓ ବାହାରେ, ଏବଂ ବାହ୍ୟ ସ୍ଥାନରେ ଓ ସର୍ବତ୍ର ଛିଡା ହୋଇଛନ୍ତି । ସାମଗ୍ରା ଦେଶରେ ଫୋନ୍ ଯୋଗେ ସଂଯୋଗ ରହିଥିବା ଆପଣ ଲୋକମାନଙ୍କ ପାଇଁ, ଏହା ଏଠାରେ ଏକ ସୁନ୍ଦର ସକାଳ ଅଟେ ।

6 ଆଜି ସକାଳ ପାଞ୍ଚଟା ବେଳେ, ନାଲି ବକ୍ଷସ୍ଥଳ ଥିବା ମୋର ସେହି ଛୋଟ ବନ୍ଧୁ ଝରକା ପାଖକୁ ଉଡି ଆସିଲା ଓ ମୋତେ ନିଦ୍ରାରୁ ଉଠାଇଲା । ଏପରି ଲାଗୁଥିଲା ଯେପରିକି ତାର

ଛୋଟ ହୃଦୟଟି ଫାଟି, ଏହା କହି ଉଠିବ, "ସେ ପୁନରୁତ୍‌ଥିତ ହୋଇଅଛନ୍ତି ।" ମୁଁ ସବୁବେଳେ ଏହି ଛୋଟ ପକ୍ଷୀକୁ ମୋ ସାଙ୍ଗ ବୋଲି ଭାବିଅଛି, କାରଣ ମୁଁ ତାକୁ ପସନ୍ଦ କରେ ।

7 ଯେପରିକି ତାହା ବିଷୟରେ କିମ୍ବଦନ୍ତୀ କୁହେ, "ଏକ ଛୋଟ ବାଦାମୀ ପକ୍ଷୀ ତାହାଙ୍କୁ କ୍ରୁଶରେ ଯନ୍ତ୍ରଣା ଭୋଗ କରୁଥିବାର ଦେଖିଲା, ଯେଉଁଠାରେ ପାପ ତାହାଙ୍କୁ ଉପସ୍ଥାପନ କରିଥିଲା ।" ଅବଶ୍ୟ, ସେହି ଛୋଟ ପକ୍ଷୀର କୌଣସି ପାପ ନ ଥିଲା । ତାହାଙ୍କୁ ସେହି ଛୋଟ ପକ୍ଷୀ ପାଇଁ ମରିବାକୁ ପଡି ନ ଥିଲା । "ମାତ୍ର ସେ କ୍ରୁଶ ଆଡ଼କୁ ଉଡ଼ିଲା ଏବଂ ନିଜର ଛୋଟ ଥଣ୍ଟ ସହିତ, ସେହି କଣ୍ଟାଗୁଡିକୁ ବାହାର କରିବାକୁ ଚେଷ୍ଟା କଲା, ଏବଂ ସେଥିରେ ତାର ବକ୍ଷସ୍ଥଳଟି ସମ୍ପୂର୍ଣ୍ଣ ଲାଲ ରଙ୍ଗ ହୋଇଗଲା ।" ଏବଂ ମୁଁ ମଧ୍ୟ, ସେହି ପ୍ରକାରେ ଚାହେଁ, ଯେ ସେ ମୃତ୍ୟୁବରଣ କରିଥିବା ଏହି ଗୌରବମୟ ବିଷୟକୁ ରକ୍ଷା କରିବାକୁ ଚେଷ୍ଟା କରୁଥିବାର, ଏକ ଢାଲ ସ୍ୱରୂପ ହୁଏ ।

8 ଏହା ହୃଦୟଙ୍ଗମ କରି ଯେ ଏଠାରେ ଆମର ସମୟ ସୀମିତ ଅଟେ, ବିଶେଷତଃ ସେହି ବନ୍ଧୁମାନଙ୍କ ପାଇଁ ଯେଉଁମାନେକି ଏହି ଟେଲିଫୋନ୍ ସଂଯୋଗ ଦ୍ୱାରା ଶୁଣୁଛନ୍ତି, ମୁଁ ଆଜି ସକାଳେ ଆପଣମାନଙ୍କର ଧ୍ୟାନକୁ ଏକ—ଏକ ଫଟୋଚିତ୍ର ଆଡକୁ ଆକର୍ଷିତ କରିବାକୁ ଚାହିଁବି ଯାହା କିଛି ଦିନ ପୂର୍ବରୁ କ୍ୟାମେରା ଦ୍ୱାରା ଟଣା ଯାଇଥିଲା, ଯାହାକି ମୋର ଇଣ୍ଡିୟାନା ଛାଡି, ଆରିଜୋନାକୁ ଯିବା ସମ୍ବନ୍ଧରେ, ଏକ ଦର୍ଶନ ବିଷୟରେ ଥିଲା ଯାହା ମୁଁ ଏହି ଆରାଧନାଳୟଠାରେ ଦେଖିଥିଲି; ଯେଉଁଥିରେ ମୋତେ ଏକ ପିରାମିଡ୍ ଆକାରରେ ରହିଥିବା, ସାତ ଜଣ ସ୍ୱର୍ଗଦୂତଙ୍କ ସହ, ସାକ୍ଷାତ କରିବାକୁ ଥିଲା । ଏହା ନ ଜାଣି ଯେ ପରେ କଅଣ ହେବ, ଯେତେବେଳେ ମୁଁ ସେଠାରେ ପହଞ୍ଚିଲି, ଏହା ଭାବୁଥିଲି ଯେ ତାହା ମୋ ଜୀବନର ଶେଷ ଅଟେ, ଯେ କୌଣସି ବି ବ୍ୟକ୍ତି ସେହି ବିସ୍ଫୋରଣକୁ ସହିପାରିବେ ନାହିଁ; ଏବଂ ମୁଁ ନିଶ୍ଚିତ ଯେ ଆପଣମାନେ ସମସ୍ତେ ସେହି କାହାଣୀ ସହିତ ପରିଚିତ ଅଟନ୍ତି । ଏବଂ ତାହାପରେ ସେବିନୋ କେନିୟୋନ୍‌ଠାରେ, ଏହିପରି ଏକ ସକାଳରେ, ପ୍ରାର୍ଥନାରେ ରହିଥିବା ବେଳେ, ସେଠାରେ ମୋ ହାତରେ ଏକ ଖଡ୍ଗ ଦିଆ ଯାଇଥିଲା, ଏବଂ କହିଲା, "ଏହା ହେଉଛି ବାକ୍ୟ, ଏବଂ ବାକ୍ୟର ସେହି ଖଡ୍ଗ ।"

9 ପରେ, ସେହି ସ୍ୱର୍ଗଦୂତମାନେ ଦେଖା ଦେଲେ ଯେପରି ଭବିଷ୍ୟତ୍‌ବାଣୀ କରାଯାଇଥିଲା । ଏବଂ ସେହି ସମାନ ସମୟରେ, ଏକ ବହୁତ ବଡ଼ ପ୍ରକାଶ ପୁଞ୍ଜ ସେହି ସ୍ଥାନକୁ ଛାଡ଼ି ଯାଇଥିଲା ଯେଉଁଠାରେ ମୁଁ ଛିଡା ହୋଇଥିଲି, ଏବଂ ତିରିଶ ମାଇଲ ଉଚ୍ଚ ବାୟୁମଣ୍ଡଳକୁ ଚାଲି ଯାଇଥିଲା, ଏବଂ ବୃତ୍ତର ଚାରିପଟରେ, ସ୍ୱର୍ଗଦୂତମାନଙ୍କର ଡେଣା ପରି, ଏବଂ ଆକାଶ ମଧ୍ୟରେ ଦେଖା ଦେଇଥିବା ସ୍ୱର୍ଗଦୂତମାନଙ୍କର ଠିକ ସେହି ସମାନ ନକ୍ଷତ୍ରପୁଞ୍ଜରେ ଏକ ପିରାମିଡର ଆକୃତି ଅଙ୍କନ କରିଥିଲା ।

10 ବିଜ୍ଞାନ ସେହି ଫଟୋଚିତ୍ରକୁ ତୋଳିଥିଲା, ସମଗ୍ର ମେକ୍ସିକୋଠାରୁ ନେଇ, ଯେତେବଳେକି ଏହା ଉତ୍ତର ଆରିଜୋନାରୁ ଗତି କରିଥିଲା, ଯେଉଁଠାରେ ମୁଁ ଛିଡା ହେବି

ବୋଲି ପବିତ୍ରଆତ୍ମା କହିଥିଲେ, "ଟ୍ୟୁସାନ୍‌ର ଉତ୍ତର-ପୂର୍ବରେ ଚାଳିଶ ମାଇଲ।" ଏବଂ ଏହା ଆକାଶମଣ୍ଡଳକୁ ଚାଲିଗଲା, ଏବଂ *ଲାଇଫ୍* ପତ୍ରିକା ସେହି ଚିତ୍ରଗୁଡ଼ିକୁ ଛାପି ଥିଲା, "ଶୁନ୍ୟ ମଣ୍ଡଳରେ ଏକ ରହସ୍ୟମୟ କିଛି ଗୋଟାଏ, ଯେଉଁଠାରେ କୌଣସି ଆର୍ଦ୍ରତା ରହିପାରିବ ନାହିଁ, ଯେଉଁଠାରେକି କୌଣସି ଜିନିଷର ବାଷ୍ପୀକରଣ ହୋଇପାରିବ ନାହିଁ; ତିରିଶ ମାଇଲ ଉଚ୍ଚ, ଏବଂ ସତେ-ଇଶ ମାଇଲ ପ୍ରଶସ୍ତ," ଏବଂ ଠିକ ସେହିଠାରୁ ଆସୁଥିଲା ଯେଉଁଠାରେ ସେହି ସ୍ୱର୍ଗଦୂତମାନେ ଥିଲେ।

11 ତେବେ, ସେମାନେ ଜାଣିବା ପାଇଁ, ପଚାରିଲେ। ବିଜ୍ଞାନ, ଟ୍ୟୁସାନ୍‌ରେ ସେମାନଙ୍କ ମଧ୍ୟରୁ ଜଣେ, କୌଣସି କିଛି ମହତ୍ତ୍ୱ ଜାଣିବାକୁ ଚାହିଁଲେ, ମାତ୍ର ମୁଁ ସେମାନଙ୍କୁ କିଛି କହିଲି ନାହିଁ। ଆପଣମାନେ ସମସ୍ତେ ଏହା ଜାଣିଥିଲେ, ପୂର୍ବରୁ କହିଥିଲି। ମାତ୍ର ଏହା ସେମାନଙ୍କ ପାଇଁ ନ ଥିଲା; ଏହା ତ ଆପଣମାନଙ୍କ ପାଇଁ ଥିଲା।

12 ଏବଂ ତେଣୁ ସେଠାରେ ସେ ମୋ ସହିତ କଥା ହୋଇ, କହିଲେ, "ସପ୍ତ ମୁଦ୍ରାଗୁଡିକ ଫିଟାଯିବ। ସେହି ସପ୍ତ ନିଗୂଢ଼ ରହସ୍ୟ, ବାଇବଲର ସପ୍ତଗୁଣ ରହସ୍ୟ, ଯାହାକି ଜଗତର ପତ୍ତନାବଧି ପୂର୍ବରୁ ବନ୍ଦ ହୋଇଅଛି, ପ୍ରକାଶ କରାଯିବ।" ଏବଂ ଆମେମାନେ, ତଥାପି ସମଗ୍ର ବିଶ୍ୱ ତୁଳନାରେ, ଏକ ନମ୍ର ଛୋଟ ଗୋଷ୍ଠୀ ଅଟୁ, ଆମେ ସେହି ରହସ୍ୟଗୁଡିକୁ ଶୁଣିଥିବାରୁ, ଏହି ଆଶୀର୍ବାଦଗୁଡିକ ଉପଭୋଗ କରିଅଛୁ। ବିବାହ, ଛାଡପତ୍ର, ସର୍ପବଂଶ, ଏହି ସମସ୍ତ ଭିନ୍ନ ପ୍ରଶ୍ନମାନ, ଆମଠାରେ ସମ୍ପୂର୍ଣ୍ଣ ରୂପେ ପ୍ରକାଶ କରାଯାଇଛି, କୌଣସି ମନୁଷ୍ୟ ଦ୍ୱାରା ନୁହେଁ, ବରଂ ନିଜେ, ପରମେଶ୍ୱରଙ୍କ ଦ୍ୱାରା, ଯିଏକି ସେହି ସପ୍ତ ନିଗୂଢ଼ ରହସ୍ୟଗୁଡିକୁ ଖୋଲିଅଛନ୍ତି; ଯେ ମଣ୍ଡଳୀ କଅଣ ଥିଲା, କିପରି ତାହା ଆରମ୍ଭରେ ଖ୍ରୀଷ୍ଟଙ୍କ ସହିତରେ ଥିଲା, ଏବଂ କିପରି ଏହା ଶେଷ ଦିନରେ ପ୍ରକାଶ ପାଇବ।

13 ଏବଂ ତେବେ, ଯେତେବେଳେ ଏହା ଉପରକୁ ଗଲା, ଆମ ପାଖରେ ସେହି ଫଟୋଚିତ୍ରଟି ବାହାରେ ଏକ ସ୍ମୃତିପଟ୍ଟରେ ଅଛି। ମାତ୍ର, ତେବେ, ମୋ ପାଖରେ ସେହି ଚିତ୍ରଟି ଏଠାରେ ରଖା ହୋଇଅଛି, ଯଦି ଆପଣମାନେ ଧ୍ୟାନ ଦେବେ, ଯେପରିକି *ଲାଇଫ୍* ପତ୍ରିକାରେ ତାହା ରହିଥିଲା। ମାତ୍ର ମୁଁ ଆଶ୍ଚର୍ଯ୍ୟ କରେ ଯେ ମୋର ଦର୍ଶକବୃନ୍ଦଗଣ, ଯେଉଁମାନେକି ଏଠାରେ ଦୃଶ୍ୟମାନ ଅଟନ୍ତି, ପ୍ରକୃତରେ କେବେ ସେହି ଚିତ୍ରକୁ ଦେଖିଛନ୍ତି କି, ଦେଖନ୍ତୁ, ଦେଖନ୍ତୁ, ଯେପ୍ରକାରେ ଏହା ଦେଖାଯିବା ଉଚିତ୍।

14 ଆପଣମାନଙ୍କର ମନେ ଥିବ, ଯେତେବେଳେ ଏହି ଦର୍ଶନଟି ଆସିଥିଲା, ମୁଁ ସେତେବେଳେ ପ୍ରକାଶିତ ବାକ୍ୟ ପୁସ୍ତକର ବିଷୟ ଉପରେ ପ୍ରଚାର କରୁଥିଲି, ଯେଉଁଠାରେକି ସେହି ପ୍ରାଚୀନ ବିଚାରପତିମାନେ, ଯେଉଁଠାରେ ଆମେ ଯୀଶୁଙ୍କୁ ପ୍ରକାଶିତ ବାକ୍ୟ 1 ରେ ଦେଖୁ। ଯେତେବେଳେ ଆମେ ସପ୍ତ ମୁଦ୍ରାଗୁଡିକୁ ଖୋଲିବା ଆରମ୍ଭ କଲୁ...କିମ୍ବା ସେହି—କିମ୍ବା ସେହି ମଣ୍ଡଳୀ ଯୁଗଗୁଡିକୁ, ବରଂ, ଠିକ ସେହି ସପ୍ତ ମୁଦ୍ରାଗୁଡିକ ଖୋଲିବା ପୂର୍ବରୁ। ଖ୍ରୀଷ୍ଟ "ଶୁଭ୍ର ଲୋମ ପରି, ଶୁକ୍ଳବର୍ଣ୍ଣ କେଶ" ସହିତ ଛିଡା ହୋଇଥିଲେ। ଏବଂ ମୁଁ ଆପଣମାନଙ୍କ

ନିକଟରେ ତାହା ବର୍ଣ୍ଣନା କରିଥିଲି, ଯେ ସେହି ପ୍ରାଚୀନ ଇଂରେଜ ବିଚାରପତିମାନେ, ଏବଂ ବହୁ ପୂର୍ବ ସମୟର ବିଚାରପତିମାନେ, ଯେତେବେଳେକି ସେମାନେ ଶପଥ ଗ୍ରହଣ କରାଯିବା ନିମନ୍ତେ, ସେହି ସଂଘକୁ ଯାଉଥିଲେ, ସେମାନଙ୍କୁ ସେମାନଙ୍କର ସର୍ବୋଚ୍ଚ ଅଧିକାର ଦିଆ ଯାଉଥିଲା । ସେମାନେ ଏକ ଧଳା ରଙ୍ଗର କେଶସଜ୍ଜା ପିନ୍ଧୁଥିଲେ, ଯାହାକି ତାହା, ସେମାନଙ୍କର ମସ୍ତକ ଉପରେ ରହୁଥିଲା, ଯେ ସେମାନଙ୍କର ସର୍ବୋଚ୍ଚ କର୍ତ୍ତୃତ୍ୱକୁ ଦର୍ଶାଏ ।

15 ତେବେ, ଯଦି ଆପଣ ସେହି ଫଟୋଚିତ୍ରକୁ *ଏହିପରି* ଭାବରେ ଘୁରାଇବେ ଓ ଦେଖିବେ, ତାହାହେଲେ ବୋଧହୁଏ ଆପଣ ଏହାକୁ ଦର୍ଶକବୃନ୍ଦଙ୍କ ସ୍ଥାନରୁ ଦେଖିପାରିବେ, ଏହା ଖ୍ରୀଷ୍ଟ ଅଟନ୍ତି । ଦେଖନ୍ତୁ ତାହାଙ୍କ ଆଖି *ଏଠାକୁ* ଅନାଉଅଛି, ଠିକ ସେତିକି ସିଦ୍ଧ ଭାବରେ ଯେତିକି ତାହା ହୋଇପାରିବ; ସର୍ବୋଚ୍ଚ ଈଶ୍ୱରତ୍ତ୍ୱ ଏବଂ ସମସ୍ତ ସ୍ୱର୍ଗ ଓ ପୃଥିବୀର ବିଚାରପତିଙ୍କର ସେହି ଧଳା ରଙ୍ଗର କେଶସଜ୍ଜା ପିନ୍ଧିଥିଲେ । କଅଣ ଆପଣ ତାହାଙ୍କର ଆଖି, ନାକ, ତାହାଙ୍କର ପାଟି ଦେଖିପାରୁଛନ୍ତି କି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।] ସେହି ଚିତ୍ରକୁ କେବଳ *ଏହି* ପଟରୁ ଘୁରାନ୍ତୁ, ଯେପରି ଭାବରେ ସେମାନେ କରିଥିଲେ; *ଏହିପରି* ଭାବରେ, ଯେପରି ଭବରେ ତାହା ହେବା ଉଚିତ । ଏବଂ ଆପଣ...କଅଣ ଆପଣ ଏହାକୁ ଦେଖିପାରୁଛନ୍ତି କି? ["ଆମେନ୍ ।"] ସେ ହେଉଛନ୍ତି ସର୍ବୋଚ୍ଚ ବିଚାରପତି । ତାଙ୍କ ବ୍ୟତୀତ ଆଉ ଅନ୍ୟ କେହି ନାହାଁନ୍ତି । ଏବଂ ତାହା ପୁଣିଥରେ ଏକ ସିଦ୍ଧ ପରିଚୟ ଅଟେ, ଏକ ସୁପ୍ରମାଣ ଅଟେ ଯେ ଏହି ବାର୍ତ୍ତା ହେଉଛି ସତ୍ୟ । ଏହା ହେଉଛି ସତ୍ୟ । ଏହା ସତ୍ୟ ଅଟେ । ଏବଂ ତାହାଙ୍କୁ କୌଣସି ତୃତୀୟ ବ୍ୟକ୍ତି କରିବା ନୁହେଁ, ମାତ୍ର ସେହି ଜଣେ ବ୍ୟକ୍ତି କରିବା!

16 ଧଳା ସହିତ, ଦେଖନ୍ତୁ, ଆପଣ ଅନ୍ଧକାର ଦେଖନ୍ତି, ତାହାଙ୍କର ମୁହଁ, ତାହାଙ୍କର ଦାଢି, ଏବଂ ତାହାଙ୍କର ଆଖି ଦେଖନ୍ତି । ଏବଂ ଧ୍ୟାନ ଦିଅନ୍ତୁ, ସେ ଦେଖୁଛନ୍ତି...ତାହାଙ୍କଠାରୁ ଏହି ଆଲୋକ ଡାହାଣ ପାର୍ଶ୍ୱରେ ଝଲସି ଉଠୁଛି, ଯେଉଁ ପଟକୁ ସେ ଦେଖୁଛନ୍ତି । ଏବଂ କ୍ରୁଶରେ, ସେହି ପଟକୁ ହିଁ ସେ ଅନାଇଥିଲେ, ଡାହାଣ ପଟକୁ, ଯେଉଁଠାରେ ସେ ସେହି ପାପୀକୁ କ୍ଷମା କରିଥିଲେ । ତାହାଙ୍କ ପୁନରୁତ୍ଥାନର ଆଲୋକରେ, ଆମେମାନେ ଏବେ ସୁଦ୍ଧା ତାହାଙ୍କ ନାମରେ ଆଗକୁ ବଢୁଅଛୁ ।

17 ମୁଁ ଇଚ୍ଛା କରେ, ଯେ ଆଜି ସକାଳେ, ମୋ ପାଖରେ ଏତେ ଅଧିକ ସମୟ ରହିଥାନ୍ତା ଯେ ଏହି ଘଟଣାଗୁଡ଼ିକ ଉପରେ—ଉପରେ ଅତିବାହିତ କରିଥାନ୍ତି ଯାହାକି କୌଣସି ସନ୍ଦେହର ଛାୟା ଉର୍ଦ୍ଧ୍ୱରେ ଅଟେ, ଯାହା ବିଗତ ତିରିଶ ବର୍ଷ, କିମ୍ବା ପଇଁ-ତିରିଶ ବର୍ଷ ହେବ, ଠିକ ଏଠାରେ ଏହି ମଣ୍ଡଳୀରେ ପ୍ରମାଣିତ ହୋଇଅଛି; ସେହି ନଦୀ କୂଳର ସମୟଠାରୁ, ଯେତେବେଳେକି 1933 ମସିହାରେ, ସେହି ସମାନ ଆଲୋକ ଜେଫର୍ସନଭିଲରେ ଓହ୍ଲାଇଥିଲା, ଏବଂ ସେହି ଶବ୍ଦଗୁଡିକୁ କହିଥିଲା, "ଯେପରି ବାପ୍ତିଜକ ଯୋହନକୁ ଖ୍ରୀଷ୍ଟଙ୍କ ପ୍ରଥମ ଆଗମନ ପୂର୍ବରୁ ଅଗ୍ରଧାବକ ଭାବରେ ପଠାଯାଇଥିଲା, ସେହିପରି ତୁମର ବାର୍ତ୍ତା ସେହି ଦ୍ୱିତୀୟର ଆଗରେ ଆଗରେ ଅଗ୍ରଧାବକ ଭାବରେ ଗମନ କରିବ ।" ଆମେମାନେ ଶେଷ ସମୟରେ ଅଛୁ, ଏବଂ

ଆମେ ଏହାକୁ ଦେଖୁଅଛୁ । ଆମେ ବେଳେବେଳେ ଆଶ୍ଚର୍ଯ୍ୟ କରିଥାଉ ଯେ ଏହା କାହିଁକି ପୃଥିବୀ ଉପରେ ବିସ୍ତାର ହୋଇନାହିଁ; ବୋଧହୁଏ କୌଣସି ସମୟରେ ଯଦି ପ୍ରଭୁ ଇଚ୍ଛା କରନ୍ତି, ଆମ ପାଖରେ ତାହା ବୁଝାଇବା ହେତୁ ଏକ ସୁଯୋଗ ରହିବ ।

18 ତେବେ ମୁଁ ଚାହେଁ ଯେ ଆପଣମାନେ ନିଜର ବାଇବଲରେ—ରେ ଦେଖନ୍ତୁ, ଯେପରିକି ଆମେମାନେ ସର୍ବଦା ଏହା ବିଶ୍ୱାସ କରୁ ଯେ ବାକ୍ୟ ସର୍ବ ପ୍ରଥମେ ଆସିବା କଥା, ବାକ୍ୟ ପ୍ରଥମେ ପାଠ କରାଯିବା ଉଚିତ । ମୁଁ ସବୁବେଳେ ତାହା ପାଠ କରିଥାଏ, କାରଣ ଏହା… ମୋର ଶବ୍ଦଗୁଡିକ ତ ଜଣେ ମନୁଷ୍ୟର ଶବ୍ଦ ଅଟେ, ଏହା ବିଫଳ ହୋଇଯିବ; ମାତ୍ର ପରମେଶ୍ୱରଙ୍କ ବାକ୍ୟ କଦାପି ବିଫଳ ହୋଇପାରେ ନାହିଁ ।

19 ତେବେ ଆମେମାନେ ପବିତ୍ର ଶାସ୍ତ୍ରରୁ ଏକ ମୂଳପାଠ, ପଢିବାକୁ ଯାଉଅଛୁ—ଯାଉଅଛୁ । ଏବଂ ଆମେମାନେ ଚାହୁଁ ଯେ ଆପଣ, ପ୍ରଥମେ, ବାଇବଲରେ ତିନୋଟି ସ୍ଥାନକୁ ମେଳା କରନ୍ତୁ, ଯାହା ମୁଁ ପାଠ କରିବାକୁ ବାଛିଅଛି । ସେଥିରୁ ଗୋଟିଏ ହେଉଛି ପ୍ରକାଶିତ ବାକ୍ୟ, ତାର 1ମ ପର୍ବ, ଏବଂ 17ଶ ଏବଂ 18ଶ ପଦ; ଏହିଠାରେ ହିଁ ଅଟେ ଯେଉଁଠାରେକି ସେ ଏହି ରୂପରେ ପ୍ରକଟିତ ହୋଇଥିଲେ "ତାହାଙ୍କର କେଶ ଲୋମ ପରି ଶୁଭ୍ର ଥିଲା; ତାହାଙ୍କର ପାଦ ପିତ୍ତଳ ସଦୃଶ ଥିଲା ।" ଏବଂ ତାହାପରେ ମୁଁ ଚାହେଁ ଯେ ଆପଣ ନିଜର ବାଇବଲରେ, ରୋମୀୟ 8:11 ମଧ୍ୟ, ବାହାର କରନ୍ତୁ । ଆଜି ସକାଳେ, ମୋର ବାର୍ତ୍ତା ପାଇଁ, ମୁଁ ପବିତ୍ର ଶାସ୍ତ୍ରରୁ, ତିନୋଟି ସ୍ଥାନକୁ, ପାଠ କରିବା ନିମନ୍ତେ ବାଛିଛି, ଯାହାକି ପ୍ରଭୁ ମୋ ହୃଦୟରେ ପୁନରୁତ୍ଥାନ ପାଇଁ ରଖିଛନ୍ତି । ଏବଂ ତାହାପରେ ମୁଁ ଚାହେଁ, ଯେ ଆପଣ ମାର୍କ 16:1 ଏବଂ 2, ମଧ୍ୟ ପାଠ କରନ୍ତୁ । ସେଠାରେ ମୁଁ ମୋର—ମୋର ପ୍ରସଙ୍ଗ ନେବି ।

20 ତେବେ ପ୍ରକାଶିତ ବାକ୍ୟ 1:18 ରେ, ଆମେ ଏହି ବାକ୍ୟଗୁଡ଼ିକୁ ପାଠ କରୁ, 17 ଏବଂ 18 ।

> *ତାହାଙ୍କୁ ଦେଖି, ମୁଁ ମୃତ ପରି ତାହାଙ୍କ ପାଦ ତଳେ ପଡ଼ିଗଲି । ସେଥିରେ ସେ ମୋ ଉପରେ ଆପଣା ଦକ୍ଷିଣ ହସ୍ତ ଥୋଇ, କହିଲେ, ଭୟ କର ନାହିଁ;* କାରଣ ଆମ୍ଭେ *ପ୍ରଥମ ଓ ଶେଷ:*
>
> *ପୁଣି ସ୍ୱୟଂଜୀବୀ, ଆମ୍ଭେ ମୃତ ହେଲୁ; ଆଉ, ଦେଖ, ଆମ୍ଭେ ଯୁଗେ ଯୁଗେ ଜୀବିତ ଅଟୁ, ଆମେନ୍; ପୁଣି ଆମ୍ଭ ହସ୍ତରେ* ମୃତ୍ୟୁ ଏବଂ ପାତାଳର *କଞ୍ଜି ଅଛି ।*

21 ଏବଂ ରୋମୀୟ ତାର 8ମ ପର୍ବ ଏବଂ 11ଶ ପଦରେ, ଆମେ ଏହାକୁ ପାଠ କରୁ ।

> *ଆଉ ଯେ ମୃତମାନଙ୍କ ମଧ୍ୟରୁ ଯୀଶୁଙ୍କୁ ଉଠାଇଲେ ତାହାଙ୍କର ଆତ୍ମା ଯଦି ତୁମ୍ଭମାନଙ୍କଠାରେ ବାସ କରନ୍ତି, ତେବେ ଯେ ମୃତମାନଙ୍କ ମଧ୍ୟରୁ ଖ୍ରୀଷ୍ଟ ଯୀଶୁଙ୍କୁ ଉଠାଇଲେ, ସେ ତୁମ୍ଭମାନଙ୍କଠାରେ ବାସ କରୁଥିବା ଆପଣା ଆତ୍ମାଙ୍କ ଦ୍ୱାରା ତୁମ୍ଭମାନଙ୍କ ମର୍ତ୍ତ୍ୟ ଶରୀରକୁ ମଧ୍ୟ ଜୀବିତ କରିବେ ।*

22 ଏବଂ ବର୍ତ୍ତମାନ ମାର୍କ 16ଶ ପର୍ବରେ, ସେହି ପୁନରୁତ୍ଥାନର ପର୍ବରେ, ତାର 16ଶ ପର୍ବ, 1ମ ଏବଂ 2ୟ ପଦଗୁଡ଼ିକ ।

*ଏବଂ ଯେତେବେଳେ ବିଶ୍ରାମବାର ଗତ ହେଲା ଉତ୍ତାରେ, ମଗଦଲୀନୀ ମରିୟମ,* ସେହି ମାତା… *ଏବଂ ଯାକୁବଙ୍କ ମାତା ମରିୟମ, ଓ ଶଲୋମୀ, ସୁଗନ୍ଧି ଦ୍ରବ୍ୟ* କିଣିଲେ, *ଯେପରି ସେମାନେ ଯାଇ ତାହାଙ୍କୁ ମଖାଇଦେଇ ପାରନ୍ତି ।*

*ପୁଣି ସପ୍ତାହର ପ୍ରଥମ ଦିବସର ଅତି ପ୍ରତ୍ୟୁଷରେ ସେମାନେ ସମାଧି ନିକଟକୁ ଗଲେ, ସେତେବେଳେ ସୂର୍ଯ୍ୟ ଉଠିଥିଲା ।*

23 ତେବେ, ଆଜି ସକାଳେ ମୋର ପାଠ, ମୁଁ ଏକ ପାଠ ପାଇଁ ନେବାକୁ ଚାହୁଁଛି: *ଏହା ସୂର୍ଯ୍ୟର ଉଦିତ ହେବା ଅଟେ ।* ଏବଂ ଏକ ପ୍ରସଙ୍ଗ ପାଇଁ, ମୁଁ ବ୍ୟବହାର କରିବାକୁ ଚାହେଁ, "ସଂଜୀବିତ ଶକ୍ତି"

24 ତେବେ, ଆପଣ ଜାଣନ୍ତି, ଆପଣମାନେ ବୋଧହୁଏ ରେଡିଓରେ ଏବଂ ବିଭିନ୍ନ ସେବକଗଣଙ୍କୁ କହୁଥିବାର ଶୁଣିଅଛନ୍ତି । ଏବଂ ଆମର ଅତି ଉତ୍ତମ ଭାଇ ନେଭିଲ୍ ଆଜି ସକାଳେ ପୁନରୁତ୍ଥାନ ଉପରେ, ତାଙ୍କର ଇଷ୍ଟର ବିଷୟକୁ କହିଥିଲେ । ଏବଂ ମୁଁ ଭାବିଲି ବୋଧହୁଏ ମୁଁ ଏହାକୁ ଏକ—ଏକ ଟିକିଏ ଅଲଗା ପ୍ରକାରେ ମାର୍ଗ ନେବି, ଅଲଗା ହେବା ପାଇଁ ନୁହେଁ, ମାତ୍ର ଆପଣମାନଙ୍କ ପାଇଁ, ହୁଏତ ଅନ୍ୟ ଏକ ଦୃଷ୍ଟିକୋଣରେ, ଅଳ୍ପ କିଛି ଟିକିଏ ଯୋଗ କରିବାକୁ । ସେହି ଶାସ୍ତ୍ରଗୁଡିକ, ପ୍ରତ୍ୟେକ ଦୃଷ୍ଟିକୋଣରୁ ଯାହା ଦେଇ ଆପଣ ସେହି ଶାସ୍ତ୍ର ସହିତ ଯାଆନ୍ତି, ଏହା ସର୍ବଦା ଯୀଶୁ ଖ୍ରୀଷ୍ଟଙ୍କୁ ହିଁ ଘୋଷଣା କରେ । ଆପଣ କୌଣସି ପ୍ରକାରେ ବି, ଏଥିରୁ ଦୂରେଇ ଯାଇପାରନ୍ତି ନାହିଁ । ଏହା ସର୍ବଦା ତାହାଙ୍କୁ ହିଁ ଘୋଷଣା କରେ ।

25 ବର୍ତ୍ତମାନ, ଯେପରିକି ଆଜି ବିଶ୍ୱରେ ଏକ—ଏକ ସ୍ମୃତି ସେବାରେ ରହିଛି, କିମ୍ୱା, ଅନ୍ତତଃ, ଯୁକ୍ତରାଷ୍ଟ୍ର ଏବଂ ପୃଥିବୀର ଏହି ପାର୍ଶ୍ୱରେ, ଆଜି ସକାଳେ, ମଣ୍ଡଳୀଗୁଡିକରେ ଏବଂ ସମଗ୍ର ଦେଶରେ, ସେହି ମହାନତମ ବିଜୟର—ର ଏକ ସ୍ମାରକୀ ପାଳନ କରୁଛନ୍ତି ଯାହାକି କେବେ ମନୁଷ୍ୟର ରହିଥିଲା ।

26 ମୁଁ ଭାବୁଛି, ଯେତେବେଳେ ସେ ତ୍ରାଣକର୍ତ୍ତା ଭାବରେ ମୃତ୍ୟୁବରଣ କଲେ, କିଅବା ଯେତେବେଳେ ସେ ଏକ ଶିଶୁ ଭାବରେ ଜନ୍ମ ହେଲେ, ସେ ପୃଥିବୀକୁ ନ ଆସି ଏଠାରେ ରହିପାରି ନ ଥାଆନ୍ତେ । ଏବଂ ଯେତେବେଳେ ସେ ମୃତ୍ୟୁବରଣ କଲେ, ନିଶ୍ଚିତ ଭାବରେ ସେ ଆମର ପାପ ନିମନ୍ତେ ପ୍ରାୟଶ୍ଚିତ କଲେ । ମାତ୍ର, ତଥାପି, ସେଠାରେ ଅନେକ ସୁନ୍ଦର ସାନ ସାନ ଶିଶୁମାନେ ଜନ୍ମ ହୋଇଥିଲେ, ଏବଂ ସେଠାରେ ଏପରି ବହୁତ ଲୋକମାନେ ଥିଲେ ଯେଉଁମାନେକି ପ୍ରକୃତ କାରଣ ପାଇଁ ଦୁଃଖ ଭୋଗ କରିଛନ୍ତି, ମାତ୍ର ସେଠାରେ ଏପରି ଜଣକା କେହି ବି ନ ଥିଲେ ଯିଏକି ଆଜିର ଦିନ ପର୍ଯ୍ୟନ୍ତ ନିଜକୁ ପୁନର୍ବାର ଉତ୍ଥିତ କରାଇ ପାରିଥିଲେ ।

27 ତେବେ, ତାହା ଇତିହାସର ସର୍ବଶ୍ରେଷ୍ଠ ସପ୍ତାହ ଅଟେ, ସମସ୍ତ ସମୟର ସର୍ବଶ୍ରେଷ୍ଠ ଉତ୍ସବ, ଏହି ଇଷ୍ଟର ହିଁ ତାହା ଅଟେ ଯେଉଁଠାରେକି ସେ ଯାହା କହିଥିଲେ ତାହା ସେ ପ୍ରମାଣ କଲେ । ମଣିଷ କଥା କହିପାରେ, ମାତ୍ର ତଥାପି ଏହାକୁ ସମ୍ପୂର୍ଣ୍ଣ ରୂପେ, ବିଶ୍ୱାସ କରାଯାଇପାରେ ନାହିଁ, ଯେପର୍ଯ୍ୟନ୍ତକି ତାହା ସତ୍ୟ ବୋଲି ପ୍ରମାଣିତ କରା ନ ଯାଏ । ଏବଂ ଯେପରି ପରମେଶ୍ୱର,

ଯିଏକି କହିଥିଲେ, "ସମସ୍ତ ବିଷୟ ପ୍ରମାଣ କର; ଯାହା ଉତ୍ତମ ତାହା ଧରି ରଖ," ସେ ଆପଣଙ୍କୁ ଏପରି କିଛି ବିଷୟ କରିବାକୁ କହିବେ ନାହିଁ ଯାହା ସେ ନିଜେ କରିବେ ନାହିଁ । ତେଣୁ ସେ ଏହା ପ୍ରମାଣ କଲେ ଯେ ଏହା କିଏ ଅଟନ୍ତି ଯିଏକି ଆମ ପାପ ପାଇଁ ମରିଥିଲେ ।

28 ଏବଂ, ବର୍ତ୍ତମାନ, ଏହା କେବଳ ଏକ ସ୍ମୃତି ଦିବସ ନୁହେଁ, ଏହି ସମସ୍ତ ମହାନ ଇଷ୍ଟର ଫୁଲ, ଏବଂ ଇଷ୍ଟର ଟୋପି, ଏବଂ ଗୋଲାପୀ ଠେକୁଆ, ଏବଂ ପ୍ରଭୃତି ସବୁର, ଯାହା ଭିତରକୁ ଆମେମାନେ ଚାଲି ଯାଇଅଛୁ, ଏବଂ ପବିତ୍ର ଉତ୍ସବ; ଯାହାକି ସବୁ ଠିକ ଅଟେ, ମାତ୍ର ଏହା ତ ସେହି ପ୍ରକାରେ ପ୍ରକୃତ ଜିନିଷ ନୁହେଁ ।

29 ଯେପରିକି ଆଜି ଲୋକମାନେ କହିବାକୁ ଚେଷ୍ଟା କରୁଛନ୍ତି, "ଆମେ ବର୍ଷକୁ ଥରେ ଗୁରୁବାର ଦିନ—ଦିନ, ପାଦ ଧୋଇବା ଉଚିତ୍, ଏବଂ ଶୁକ୍ରବାର ଦିନ ଆମେମାନେ ପ୍ରଭୁଭୋଜ ନେବା ଉଚିତ୍," ଏବଂ ତାହା ବିଷୟରେ ସମସ୍ତ ଭିନ୍ନ ଶିକ୍ଷାଗୁଡିକ…ସେମାନେ ଏହି ବିଷୟକୁ ନେଇ ଯୁକ୍ତିତର୍କ କରନ୍ତି ଯେ ଏହା *ଏହି* ଦିନ କିମ୍ବା *ସେହି* ଦିନ ହେବା ଉଚିତ, କିଅବା ଏହା ଏକ ବିଶ୍ରାମବାର ଦିନ କିମ୍ବା ସପ୍ତାହର ପ୍ରଥମ ଦିନ ହେବା ଉଚିତ୍; କିଅବା…ଏହି ସମସ୍ତ ଜିନିଷଗୁଡିକ ତ କେବଳ ପରମ୍ପରା ଅଟେ । ତେବେ ଏହି ଯେକୌଣସି ବିଷୟରେ ଆପଣଙ୍କର କି ଲାଭ ହେବ, ଯେ ଆପଣ ଲେଣ୍ଟ ଉପବାସ କରନ୍ତି କି ଲେଣ୍ଟ ଉପବାସ ନ କରନ୍ତି, ଯଦି ଆପଣଙ୍କଠାରେ କୌଣସି ଜୀବନ ହିଁ ନ ଥାଏ? ଏହା ତ କେବଳ ଏକ ସ୍ମୃତି ଅଟେ । ଯାହାକି, ଏହା ବିରୁଦ୍ଧରେ କିଛି ହେଲେ ନାହିଁ, ମାତ୍ର ସେମାନେ ନିଶ୍ଚିତ ଭାବରେ ସେମାନଙ୍କର ପରମ୍ପରାଗୁଡିକୁ ପାଳନ କରିଅଛନ୍ତି, ମାତ୍ର ସେହି ମୁଖ୍ୟ ବିଷୟକୁ ଛାଡି ଦେଇଅଛନ୍ତି ।

30 ଆପଣ କେତେ ଧାର୍ମିକ, କିମ୍ବା ଆପଣ ନିଜ ଶିକ୍ଷାରେ କେତେ ଠିକ୍ ଅଟନ୍ତି ତାହା ଶୟତାନ ଖାତିର କରେ ନାହିଁ । ଯଦି ଆପଣ ସେହି ଜୀବନକୁ ହରାଇ ଦିଅନ୍ତି, ତାହାହେଲେ ଆପଣ କୌଣସି ପ୍ରକାରେ ବି, ଆସିବେ ନାହିଁ । ଯାଏ ଆସେ ନାହିଁ ଯେ ଆପଣ କେତେ ଧାର୍ମିକ, କେତେ ଭଲ, ଆପଣ କେତେ ଗୋଟି ମଣ୍ଡଳୀଗୁଡିକରେ ଅନ୍ତର୍ଭୁକ୍ତ ହୋଇଅଛନ୍ତି କିମ୍ବା ସମ୍ପୃକ୍ତ ହେବେ, ଏହା ଗୋଟିଏ ବି ଫରକ ପକାଏ ନାହିଁ ଯେପର୍ଯ୍ୟନ୍ତକି ଆପଣ ନୂତନ ଭାବେ ଜନ୍ମ ନ ହୋଇଥାନ୍ତି ।

31 ଅତଏବ, ଯଦି ପରମେଶ୍ୱର ଯୀଶୁଙ୍କୁ ମୃତ୍ୟୁରୁ ପୁନରୁତ୍ଥିତ କରିଥିଲେ, ତେବେ କଅଣ ସେ ତାହାଙ୍କୁ ଏକ ସ୍ମୃତି ପାଇଁ ଉତ୍ଥିତ କରିଥିଲେ କି? ଏବଂ କଅଣ ଏହି ପୁନରୁତ୍ଥାନ ସକାଳ କେବଳ ବର୍ଷରେ ଏକ—ଏକ ଗୋଟିଏ ଦିନ ଅଟେ, କିଅବା ଏକ ନିର୍ଦ୍ଦିଷ୍ଟ ଦିନ ଅଟେ ଯାହାକୁ ଆମେ ପାଳନ କରୁ? କିଅବା, କଅଣ ଆମେ ତାହାଙ୍କ ପୁନରୁତ୍ଥାନର ହିତାଧିକାରୀ ଅଟୁ କି? ଏହାର ମୋ ପାଇଁ ଅର୍ଥ କଅଣ? ଏହାର ଆପଣଙ୍କ ପାଇଁ ଅର୍ଥ କଅଣ ଅଟେ? ତେବେ ଆମେମାନେ ବିଶ୍ୱାସ ଦ୍ୱାରା, ଏହା ପ୍ରତ୍ୟୟ କରୁ ଯେ ସେ ମୃତ୍ୟୁରୁ ପୁନରୁତ୍ଥିତ ହୋଇଥିଲେ, ମାତ୍ର ତାହାର ମୋ ସହିତ କି ସମ୍ବନ୍ଧ ଅଟେ? ତାହା ଦୁଇ ହଜାର ବର୍ଷ ପୂର୍ବେ ହୋଇଥିଲା ।

ତେବେ ଏହି ପାଠ୍ୟ ଖୋଜିବା ପାଇଁ!

32 ଯେହେତୁ ମୁଁ ଥକି ଯାଇଥିଲି, ଏବଂ ମୋ ବାହୁରେ ସେହି ଇଞ୍ଜେକସନ୍ ଯୋଗୁ ପୀଡା ରହିଥିଲା ଯାହା ନର୍ସ ମୋତେ ଦେଇଥିଲେ। କାରଣ, କିଛି ଦିନ ମଧ୍ୟରେ, ଯେପରିକି ଆପଣମାନେ ଜାଣନ୍ତି, ତେବେ ବିଦେଶଗସ୍ତକୁ ଯିବାର ଅଛି, ଏବଂ ମୋ ପୁଅକୁ ଓ ମୋତେ, ଏହି ଇଞ୍ଜେକସନ୍‌ଗୁଡିକ ନେବା ଜରୁରୀ ଅଟେ। ଏବଂ ହଇଜା, ହଳଦିଆ ଜ୍ୱର, ଏବଂ ସବୁକିଛି ସହିତ, ମୁଁ ପ୍ରାୟଃ କ୍ଳାନ୍ତ ହୋଇ, ଅସୁସ୍ଥ ଅନୁଭବ କରିଥିଲି। ଯାହାକି, କାଇସର ଚାହେଁ ଯେ ଆପଣ ଅନ୍ୟ ଦେଶକୁ ଯିବା ପୂର୍ବରୁ ଏହି ଇଞ୍ଜେକସନ୍‌ଗୁଡିକୁ ନିଅନ୍ତୁ। ଏବଂ ସେ କହିଲେ, "କାଇସରଙ୍କ ଭାଗ କାଇସରଙ୍କୁ ଦିଅ, କିନ୍ତୁ ତାହାପରେ ପରମେଶ୍ୱରଙ୍କ ଭାଗ ପରମେଶ୍ୱରଙ୍କୁ ଦିଅ।"

33 ଏବଂ ଯେତେବେଳେ ମୁଁ ସେଠାରେ ବସି, ଏହା ଭାବୁଥିଲି ଯେ ଆଜି ସକାଳେ ଏହି ଅପେକ୍ଷାରତ ଶ୍ରୋତାବୃନ୍ଦଙ୍କୁ ମୁଁ କଅଣ କହିବି; ଯାହା ପାଇଁ ମୁଁ ଅତ୍ୟଧିକ କୃତଜ୍ଞ ଅଟେ, ଏବଂ ଏପରି ପୁରୁଷ ଏବଂ ସ୍ତ୍ରୀଲୋକମାନେ ଯେଉଁମାନେକି ଆପଣ ଯାହା କହିବେ ସେଥିପାଇଁ ସେମାନଙ୍କର ଜୀବନକୁ ସେହି ପଂକ୍ତିରେ ରଖି ଦେବେ। "ମୋତେ ଏହା କିପରି କରିବା ଉଚିତ? ମୋତେ ଏକ ପାଠ ପାଇଁ କଅଣ ନେବା ଉଚିତ?"

34 ଏବଂ ତାହାପରେ ଯେତେବେଳେ ମୁଁ ସେଠାରେ ବସିଥିଲି, ପ୍ରାୟଃ ଶୋଇ ପଡିଥିଲି, ଘରର ଆଗ ପାର୍ଶ୍ୱରେ ଥିବା, ମୋର କବାଟ ଧଡ ଧଡ ଶବ୍ଦ କଲା। ଯେତିକି ଦୂର ମୁଁ ଜାଣେ, ସେଠାରେ ମୋ ବ୍ୟତୀତ ଆଉ କେହି ନ ଥିଲେ। ମୁଁ ଶୁଣିଲି। ମୁଁ ଏହାକୁ ଠିକ୍ ଭାବେ ବୁଝିଲି ନାହିଁ। ଅଳ୍ପ କିଛି ସମୟ ପରେ, ସେହି ଅଧ୍ୟୟନ କକ୍ଷର କବାଟ, ଯେଉଁଠାକୁ ମୁଁ ମୋର ଅଧ୍ୟୟନ ନିମନ୍ତେ ଯାଇଥାଏ, ଏହା ଶବ୍ଦ କଲା, ଏବଂ କେହି ଜଣେ କବାଟକୁ ହଲାଇବା ଜାରି ରଖିଲା। ଏବଂ ମୁଁ—ମୁଁ କବାଟ ପାଖକୁ ଯାଇ କବାଟ ଖୋଲିଲି, ଏବଂ, ମୋର ଆଶ୍ଚର୍ଯ୍ୟକୁ, ଏକ—ଏକ ସୁନ୍ଦର, ହଳଦିଆ-କେଶ ଥିବା, ନୀଳ-ଆଖିର, ସାନ ଝିଅଟିଏ ସେଠାରେ ଛିଡା ହୋଇଥିଲା, ଏକ ଛୋଟ ଇଷ୍ଟର ଫୁଲ ପରି ଦେଖାଯାଉଥିଲା; ଯିଏକି ବର୍ତ୍ତମାନ ସେଠାରେ ବସି ମୋତେ ଅନାଉଅଛି।

35 ସେ ମୋତେ ଏକ କାର୍ଡ ଧରାଇ ଦେଲା। ଏବଂ ଏହା ଥିଲା...ଅବଶ୍ୟ, ମୁଁ ଅନୁମାନ କରେ ଯେ ଯେତେବେଳେ ମୁଁ ଘରକୁ ପହଞ୍ଚିବି ସେଠାରେ ଇଷ୍ଟର କାର୍ଡ, ଏବଂ ପ୍ରଭୃତି ସବୁ ରହିଥିବ; କିନ୍ତୁ ଗୋଟିଏ ମାତ୍ର କେବଳ, ମୁଁ ଘରୁ ବାହାରେ ଥିବାବେଳେ, ଯାହା ମୁଁ ପାଇଥିଲି। ଏବଂ ସେ କହିଥିଲା, "ଭାଇ ବ୍ରାନହାମ୍, ଏହା ବାପା ଏବଂ ମୋ ଠାରୁ ଅଟେ।" ସେ ଏଥିରେ ସୁନିଶ୍ଚିତ ହେବାକୁ ଚାହୁଁଥିଲା ଯେପରି ସେହି "ମୁଁ" ଏଥିରେ ରୁହେ। ଏବଂ ତାର ଗଣ୍ଠିବାତରେ ପୀଡିତ ପିତା, ଏକ ଚକଲଗା ଚେୟାରରେ ବସି, ଏହି କାର୍ଡକୁ ପଠାଇଥିଲେ। ଯେତେବେଳେ ମୁଁ ଏହାକୁ ନେଇ ସେହି ସାନ ପ୍ରିୟଙ୍କୁ ଧନ୍ୟବାଦ ଦେଲି, ଯେତେବେଳେ ସେ ବୁଲି ପଡ଼ି କବାଟରୁ ବାହାରକୁ ଚାଲିଗଲା, ମୁଁ ସେହି କାର୍ଡଟିକୁ ଖୋଲିଲି।

36 ଏବଂ ଏହି କାର୍ଡ ରୂପରେ ମୁଁ ମୋର ପାଠ୍ୟକୁ ପାଇଲି। କାରଣ, ସେହି କାର୍ଡରେ ସାଧୁ

ମାର୍କ 16:1 ଏବଂ 2 ଥିଲା, ସୂର୍ଯ୍ୟୋଦୟ, ସୂର୍ଯ୍ୟ ଉଦୟ ହେଉଥିଲା । ତାହାପରେ ମୁଁ ସେ ବିଷୟରେ ଚିନ୍ତା କଲି, ଏବଂ ତେବେ ସେହି "ସଂଜୀବିତ କରିବା" ବିଷୟରେ ପ୍ରସଙ୍ଗଟି, ଯାହାକି ଯୀଶୁ ଖ୍ରୀଷ୍ଟଙ୍କ ମୃତ୍ୟୁରୁ ପୁନରୁତ୍‌ଥିତ ହେବା ବିଷୟ, ମୁଁ ମୋର ବିଷୟକୁ ନେଲି ।

37 ତେବେ, ସେହି ସୂର୍ଯ୍ୟ, ସୂର୍ଯ୍ୟ ଉଦିତ ହେବା ସମୟରେ । ତେବେ, ସେଠାରେ ଏକ ସମୟ ଥିଲା ଯେତେବେଳେ ସଂସାର ସମ୍ପୂର୍ଣ୍ଣ ଅନ୍ଧକାରରେ ପଡ଼ି ରହିଥିଲା । ଏହା ନିର୍ଜନ, ଏବଂ ଶୂନ୍ୟ ଥିଲା । ଏବଂ ଏହା ସମ୍ପୂର୍ଣ୍ଣ ଭାବରେ ଜଳରେ ଆଚ୍ଛାଦିତ ଥିଲା, ଏବଂ ସେଠାରେ ସେହି ଅନ୍ଧକାର, ନିରାଶା, ଘୋର ବିଷାଦରେ ପଡ଼ି ରହିଥିଲା । ଏବଂ ପରମେଶ୍ୱରଙ୍କ ଆତ୍ମା ସେହି ଜଳ ଉପରେ ବିଚରଣ କରି, କହିଲେ, "ଦୀପ୍ତି ହେଉ ।" ପରମେଶ୍ୱରଙ୍କ ପାଖରେ ତାହା କରିବାର ଏକ କାରଣ ଥିଲା, କାରଣ ସେହି ଜଳର ତଳେ ବୀଜଗୁଡିକ ରହିଥିଲା ଯାହା ସେ ବୁଣିଥିଲେ, ଏବଂ ଏହାକୁ ଜୀବନ୍ତ କରିବା ପାଇଁ ତାହାକୁ ସେହି ସୂର୍ଯ୍ୟ କିରଣ ପାଇବା ଆବଶ୍ୟକ ଥିଲା ।

38 ଏବଂ ପୃଥିବୀରେ ପ୍ରଥମ ଦୀପ୍ତି ଯାହା ଦିଆ ଯାଇଥିଲା ତାହା ପରମେଶ୍ୱରଙ୍କ କଥିତ ବାକ୍ୟ ଥିଲା । ସେହି ପ୍ରଥମ ଦୀପ୍ତି ଯାହାକି କେବେ ପୃଥିବୀକୁ ଆଘାତ କରିଥିଲା ତାହା ପରମେଶ୍ୱରଙ୍କ କଥିତ ବାକ୍ୟ ଥିଲା । ସେ କହିଲେ, "ଦୀପ୍ତି ହେଉ," ଏବଂ ସେଠାରେ ଆଲୋକ ଥିଲା । ପୃଥିବୀରେ ଆନନ୍ଦ ଏବଂ ଜୀବନର ସୃଷ୍ଟିକୁ ଆଣିବା ପାଇଁ, ତାହା ଅନ୍ଧକାରକୁ ଆଲୋକରେ ପରିଣତ କଲା । ତାହାପରେ, ପରମେଶ୍ୱରଙ୍କ ଆତ୍ମା, ଯେତେବେଳେ ଏହା ପ୍ରେମ ଏବଂ କରୁଣାରେ ବିଚରଣ କରୁଥିଲା, ସେହି ମହାନ ଦିନରେ, ପୃଥିବୀ ଉପରେ ସୃଷ୍ଟିର ପ୍ରଭାତର ପ୍ରଥମ ଦିନ; ସୂର୍ଯ୍ୟ ଉଦୟ ହୋଇ ଏହାର ଆଲୋକ, ବିକିରଣ କଲା, ଏବଂ ପୃଥିବୀରୁ ଜଳକୁ ଶୁଖାଇ ଦେଲା, ଏବଂ ଉର୍ଦ୍ଧ୍ୱରେ ଏକ ପରିବେଶ ସୃଷ୍ଟି କଲା । ଏବଂ, ଏହାର ପ୍ରଥମ ଥର ପାଇଁ, ଏହାକୁ ଏକ ବୀଜ ଦ୍ୱାରା, ପୃଥିବୀ ଉପରକୁ ଆନନ୍ଦ ଏବଂ ଜୀବନ ଆଣିବାର ଥିଲା । ତାହା ଏକ ମହାନ ଘଟିକା ଥିଲା ।

39 ମାତ୍ର, ଓଃ, ଏହା କିଛି ନ ଥିଲା, ସେହି ସୂର୍ଯ୍ୟୋଦୟଟି, ଯେପରିକି ତାହା ଇଷ୍ଟର ସକାଳର ସୂର୍ଯ୍ୟୋଦୟ ଥିଲା । ଏହି ଥର, ସୂର୍ଯ୍ୟ ଆକାଶ ମଧ୍ୟକୁ ଖେଳାଇବା ସହିତ, ଏହା କଦାଚ ପୂର୍ବ ଅପେକ୍ଷା ଏକ ଅଧିକ ବଡ଼ ସୂର୍ଯ୍ୟୋଦୟକୁ ନେଇ ଆସିଥିଲା; କାରଣ ଏହି ସୂର୍ଯ୍ୟୋଦୟ ସହିତ ତାହା ଅଧିକ ବଡ଼ ଖବରକୁ ନେଇ ଆସିଥିଲା, ଯେତିକି ତାହା ଆରମ୍ଭରେ ସେହି ସୂର୍ଯ୍ୟୋଦୟ ସହିତ ଆଣିଥିଲା । ଏହି ସୂର୍ଯ୍ୟୋଦୟ ଏକ ଖବର ନେଇ ଆସିଲା, ଯେ, "ସେ ପୁନରୁତ୍‌ଥିତ ହୋଇଛନ୍ତି । ସେ ମୃତ୍ୟୁରୁ ସଂଜୀବିତ ହୋଇଛନ୍ତି, ଯେପରି ସେ ପ୍ରତିଜ୍ଞା କରିଥିଲେ । ସେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛନ୍ତି ।"

40 ପ୍ରଥମ ଥର ଯେତେବେଳେ ଆଦିପୁସ୍ତକରେ, ସୂର୍ଯ୍ୟ ଉଦୟ ହୋଇଥିଲା, ଏହା ଏକ ବାର୍ତ୍ତାକୁ ନେଇ ଆସୁଥିଲା ଯେ ସେଠାରେ ପୃଥିବୀ ଉପରେ ଜୀବନ ହେବ, ମର୍ତ୍ତ୍ୟ ଜୀବନ ।

41 ମାତ୍ର ଏଥରକ, ଯେତେବେଳେ ସୂର୍ଯ୍ୟ ଉଦୟ ହେଲା, ସେଠାରେ ଏକ—ଏକ ଦ୍ୱିଗୁଣ

ସୂର୍ଯ୍ୟୋଦୟ ଥିଲା; ଆଉ ଜଣେ, ପୁତ୍ର, ଉଦିତ ହେଉଥିଲେ । ଏହା ଥିଲା...କେବଳ ସୂ-ର୍ଯ୍ୟ ଉଦିତ ହେଉ ନ ଥିଲା, ଏହା ତ ସେହି ପୁ-ତ୍ର ଉଦିତ ହେଉଥିଲେ ଯେପରିକି ପରମେଶ୍ୱରଙ୍କ ସମସ୍ତ ପ୍ରତିଜ୍ଞାତ ବୀଜକୁ ଅନନ୍ତ ଜୀବନ ଆଣନ୍ତି ଯାହାକୁ ସେ ପୂର୍ବଜ୍ଞାନରୁ ପୃଥିବୀ ଉପରେ ରହିଥିବାର ଦେଖିଥିଲେ ।

42 ଆଉ ସେହି—ସେହି ଉଦ୍ଭିଦ ଜୀବନ ମଧ୍ୟ ପ୍ରାରମ୍ଭରେ ସେଠାରେ ପଶ୍ଚାତ ସମୟରେ ଜୀବନକୁ ଆଣୁଥିବା ସେହି ସୂ-ର୍ଯ୍ୟ ବିନା ରହିପାରି ନ ଥିଲା; ଠିକ ସେହିପରି, ଆଜି, ଯେତେବେଳେ ପରମେଶ୍ୱରଙ୍କ ପୁତ୍ରମାନେ ପୃଥିବୀରେ ରହିଥାନ୍ତି, ସେମାନଙ୍କୁ ଅନନ୍ତ ଜୀବନକୁ ଆଣିବା ପାଇଁ ଏହା ପୁ-ତ୍ର-ର ଆଲୋକକୁ ଆବଶ୍ୟକ କରେ, ତାହାଙ୍କର ମନୋନୀତମାନଙ୍କୁ ଯାହାଙ୍କୁ ସେ ଜଗତ ପତ୍ତନାବଧି ପୂର୍ବରୁ ଜାଣିଥିଲେ । ସେ ସେମାନଙ୍କୁ ଜଗତ ପତ୍ତନାବଧି ପୂର୍ବରୁ ନିଜଠାରେ ମନୋନୀତ କରିଥିଲେ ।

43 ଏବଂ ଇଷ୍ଟର ସକାଳେ, ତେବେ, ସେହି ସମୟରେ ଏହି ଧୂଳି ଭିତରେ କେଉଁଠାରେ ଆମ ଶରୀରଗୁଡିକ ପଡ଼ି ରହିଥିଲା, କାରଣ ଆମେମାନେ ପୃଥିବୀର ଧୂଳି ଅଟୁ । ଏବଂ ସ୍ୱର୍ଗରେ, ସ୍ମୃତିର ଏକ ପୁସ୍ତକ ଥିଲା, ଏବଂ ତାହାଙ୍କର ଗୁଣସକଳ ତାହାଙ୍କଠାରେ ଥିଲା, ଏହା ଜାଣି ଯେହେତୁ ପରମେଶ୍ୱରଙ୍କ ଏହି ପୁତ୍ର ଉଠିଅଛନ୍ତି, ଏହା ମଧ୍ୟ ପ୍ରତ୍ୟେକ ସେହି ପୁତ୍ରଙ୍କୁ ଜୀବନ ମଧ୍ୟକୁ ଉତ୍ଥିତ କରିବ ଯିଏକି ଏହି ମହାନ ସମୟ ପାଇଁ ପୂର୍ବରୁ ନିରୂପିତ ହୋଇଅଛନ୍ତି । ସେ ଜାଣିଥିଲେ ଯେ ଏହା ହେବ । ଏବଂ ତାହା ଆରମ୍ଭ ଅପେକ୍ଷା କେତେ ଅଧିକ ଏକ ଗୌରବମୟ ସୂର୍ଯ୍ୟୋଦୟ ଥିଲା, ଯେତେବେଳେ ଏହା ପ୍ରଥମ ଥର ପ୍ରଭାତ ହୋଇଥିଲା!

ତେବେ, ଏହି ଇଷ୍ଟର ମୁଦ୍ରାର ଏହି ମହାନ ଭଙ୍ଗାଯିବା ଉପରେ!

44 ତେବେ, ଆଜି ଆମ ଆଖରେ ଯକ୍ଷ୍ମାରୋଗ ଅଛି, ଇଷ୍ଟର ମୁଦ୍ରା । ଲୋକମାନେ ଜଣେରୁ ଅନ୍ୟ ପାଖକୁ, ଏକ ବାର୍ତ୍ତା ପଠାନ୍ତି, ଏବଂ ଏହି ମହାନ ପାଣ୍ଠି ସଂଗ୍ରହ କିମ୍ବା ଆନ୍ଦୋଳନକୁ ସମର୍ଥନ କରିବାକୁ ନେଇ, ଯେପରିକି ଡାକ୍ତରମାନେ ଏବଂ ଚିକିତ୍ସା ବିଜ୍ଞାନ ଯକ୍ଷ୍ମାକୁ ରୋକିବା ନିମନ୍ତେ କିମ୍ବା ଚିକିତ୍ସାରେ ସାହାଯ୍ୟ କରିବା ନିମନ୍ତେ, କିଛି ବିଷୟ ଉପରେ କାମ କରନ୍ତି । ସେଗୁଡ଼ିକ ମୁଦ୍ରା ଅଟେ, ଯାହାକୁ ଆମେ ଏକ ଇଷ୍ଟର୍ ମୁଦ୍ରା ବୋଲି କହିଥାଉ, ଯେତେବେଳେ ଆମେ ପରସ୍ପର ଜଣେ ଅନ୍ୟକୁ ବାର୍ତ୍ତା ପଠାଇଥାଉ । ମାତ୍ର ଯେତେବେଳେ ଆମେମାନେ ବାର୍ତ୍ତା ଗ୍ରହଣ କରୁ, ସେହି ମୁଦ୍ରା ଭଙ୍ଗା ଯାଇଥାଏ, କାରଣ ସେହି ମୁଦ୍ରାଟି ହେଉଛି ତାହା ଯାହାକି ଭିତରେ ଏକ ବାର୍ତ୍ତା ଭିତର ପଟରେ ଗୁଡାଇ ହୋଇ ରହିଥାଏ ।

45 ଏବଂ ବର୍ତ୍ତମାନ, ଏହି ସୂର୍ଯ୍ୟୋଦୟ ସମୟରେ, ପ୍ରକୃତ ଇଷ୍ଟର ମୁଦ୍ରାଟି, ଭଙ୍ଗାଗଲା; ଏବଂ ମୃତ୍ୟୁ ପରେ ଜୀବନର ସେହି ରହସ୍ୟକୁ ପ୍ରକାଶ କରାଗଲା । ସେହି ସମୟ ପୂର୍ବରୁ, ଆମେମାନେ ଜାଣି ନ ଥିଲୁ । ଜଗତ ଅନ୍ଧକାରରେ ଆଚ୍ଛାଦିତ ହୋଇ, ଚାରିପାଖରେ ମନୁଷ୍ୟର ସନ୍ଦେହରେ, ଘେରା ହୋଇ ରହିଥିଲା । ମନୁଷ୍ୟର ହୃଦୟ ମଧ୍ୟରେ ଶିକ୍ଷା ସିଦ୍ଧାନ୍ତର ତତ୍ତ୍ୱଗୁଡିକ ଥିଲା, ପରମ୍ପରା ଗଠିତ ହୋଇଥିଲା । ମନୁଷ୍ୟମାନେ ମୂର୍ତ୍ତି ପୂଜା କରୁଥିଲେ । ସେମାନେ

ସୂର୍ଯ୍ୟକୁ ପୂଜା କରିଥିଲେ । ସେମାନେ ସମସ୍ତ ପ୍ରକାର ଦେବତାଙ୍କୁ ପୂଜା କରିଥିଲେ । ଏବଂ ସମସ୍ତ ପ୍ରକାରର ଲୋକମାନେ ଯେଉଁମାନେକି ଦାବି କରିଥିଲେ, ସେମାନେ ସମସ୍ତେ କବର ଭିତରକୁ ଚାଲିଗଲେ, ଏବଂ ସେମାନେ କବରରେ ରହିଲେ ।

46 ମାତ୍ର ସେହି ପ୍ରକୃତ ମୁଦ୍ରାଟି ଭଙ୍ଗା ଯାଇଥିଲା, ଏବଂ ସେହି ଜଣକା ଯିଏକି ଥରେ ଆମ ପରି ଜୀବିତ ଥିଲେ, ଆମ ପରି ମୃତ୍ୟୁବରଣ କଲେ, ସେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଥିଲେ । କି ଏକ ସକାଳ! ଜଗତର ସମସ୍ତ ଇତିହାସରେ, ସେହିପରି ଜଣେ କେବେବି ହୋଇ ନ ଥିଲେ । ସେହି ରହସ୍ୟଟି ଜଣାଇ ଦିଆଗଲା ଯେ ସେ ଉଭୟ ପୁନରୁତ୍ଥାନ ଏବଂ ଜୀବନ ଅଟନ୍ତି ।

47 ଏବଂ ସେ କହିଲେ, ଯେତେବେଳେ ସେ ସେହି ସକାଳେ ବାହାରି ଆସିଲେ, "ଯେହେତୁ ମୁଁ ବଞ୍ଚି ଅଛି, ତୁମେ ମଧ୍ୟ ବଞ୍ଚିବ ।" ସେ ହିଁ କେବଳ ପୁନରୁତ୍ଥାନର ହିତାଧିକାରୀ ନ ଥିଲେ, ମାତ୍ର ସେହି ସମସ୍ତ ବୀଜ ଯେଉଁମାନେକି ପରମେଶ୍ୱରଙ୍କ ମହାନ ପ୍ରତିଜ୍ଞା ଉପରେ ବିଶ୍ରାମ କରୁଥିଲେ ଜୀବନର ସେହି ପୁନରୁତ୍ଥାନର ହିତାଧିକାରୀ ଥିଲେ । ଯେହେତୁ, ସେ କହିଥିଲେ, "ଯେହେତୁ ମୁଁ ବଞ୍ଚି ଅଛି, ତୁମେ ମଧ୍ୟ ବଞ୍ଚିବ ।" ତାହା ମୁଦ୍ରାର ଭଙ୍ଗାଯିବା ଥିଲା । ଯେହେତୁ ସେ ଉତ୍ଥାପିତ କରା ହୋଇଥିଲେ, ତେଣୁକରି ଖ୍ରୀଷ୍ଟଙ୍କଠାରେ ଥିବା ପ୍ରତ୍ୟେକ ବ୍ୟକ୍ତି ତାହାଙ୍କ ସହିତ ଉତ୍ଥାପିତ କରା ହେବ ।

48 ଏହି ଗୌରବମୟ ସୂର୍ଯ୍ୟୋଦୟ ସମୟରେ, ପରମେଶ୍ୱର ତାହାଙ୍କର ବାକ୍ୟକୁ, ପ୍ରମାଣ କରିଥିଲେ, କିମ୍ବା ସିଦ୍ଧ କରିଥିଲେ । ସମସ୍ତ ଅନ୍ଧକାର ଏବଂ ସନ୍ଦେହ ଯାହାକି ଲୋକମାନଙ୍କ ମନରେ ଆସି ଯାଇଥିଲା ନେଇ ନିଆଗଲା, କାରଣ ଏଠାରେ ସେ ଥିଲେ ଯିଏକି ଏକଦା ମାନବଜାତି ସହ ରହିଥିଲେ, ଭୋଜନ, ପାନ କରିଥିଲେ, ଏବଂ ସହଭାଗୀତା କରିଥିଲେ, ସେ କହିଥିଲେ, "ମୋ ଠାରେ ମୋହର ଜୀବନକୁ ଦେବାର ଶକ୍ତି ଅଛି; ମୋ ପାଖରେ ଏହାକୁ ପୁନର୍ବାର ଉଠାଇ ନେବାର ଶକ୍ତି ଅଛି ।" ଏବଂ ବର୍ତ୍ତମାନ ସେ କେବଳ ଏହି ବିବୃତ୍ତିକୁ ଦେଲେ ତାହା ନୁହେଁ, ବରଂ ସେ ଏହାକୁ ସତ୍ୟ ବୋଲି ପ୍ରମାଣିତ କଲେ । ଓଃ, ଏହା କେତେ ଏକ ଗୌରବମୟ ବିଷୟ ଅଟେ!

49 ମୁଁ ସୁନିଶ୍ଚିତ ଯେ ଆଜି ସକାଳେ ଏପରିକି ଆମେମାନେ ମଧ୍ୟ, ଯେଉଁମାନେକି ଏହାକୁ ବିଶ୍ୱାସ କରୁ, ତାହା ବୁଝିପାରୁ ନାହୁଁ ଯେ ଏହା କେଡେ ଏକ ମହତ୍ ଜିନିଷ ଥିଲା । ଯେହେତୁ ସେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଥିଲେ, ଆମେମାନେ ମଧ୍ୟ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଅଛୁ, କାରଣ ଆମେମାନେ ତାହାଙ୍କଠାରେ ଥିଲୁ ।

50 ତେବେ ଧ୍ୟାନ ଦିଅନ୍ତୁ । ଯେପରିକି ଅନ୍ଧକାର ପୃଥିବୀକୁ ଆଚ୍ଛାଦନ କରିଥିଲା, ଏବଂ ବୀଜଗୁଡିକ ସୂ-ର୍ଯ୍ୟ-ର ଉଦୟ ବିନା ବଞ୍ଚିପାରି ନ ଥିଲେ, ଏବଂ ଅନ୍ଧକାର ପୃଥିବୀକୁ ଆଚ୍ଛାଦନ କରିଥିଲା । ଆଉ ତେବେ ପୁ-ତ୍ର ଉଦିତ ହେଲେ, ଏବଂ ଏହି ଆଲୋକ ଦ୍ୱାରା ସମସ୍ତ ଅନ୍ଧକାର ଲୋପ ପାଇଗଲା, ଯେତେବେଳେ ଏହା ସମଗ୍ର ଦେଶରେ, ଲୋକମାନଙ୍କ ନିକଟରେ ବ୍ୟାପିଗଲା, ଯେ, "ସେ ଏଠାରେ ନାହାଁନ୍ତି, ମାତ୍ର ସେ ଉଠି ଅଛନ୍ତି!" କି ଏକ—କି ବିବୃତ୍ତି!

ସେ ତାହାଙ୍କର ବାକ୍ୟ ପ୍ରମାଣ କରିଥିଲେ। ସେ ଏହାକୁ ସତ୍ୟ ବୋଲି, ପ୍ରମାଣ କରିଥିଲେ, ଯେହେତୁ ସେ ବର୍ତ୍ତମାନ ମୃତ୍ୟୁ, ନରକ, ଏବଂ କବରକୁ ଜୟ କରି ସାରିଥିଲେ।

51 ଶୟତାନର ସେହି ତ୍ରିତ୍ତ୍ୱବାଦ: ମୃତ୍ୟୁ, ନରକ, ଏବଂ କବର; କାରଣ ଶୟତାନ ମୃତ୍ୟୁର ରଚନାକାରୀ, ସେ ନରକର, ଏବଂ କବରର ମଧ୍ୟ ଅଧିକାରୀ ଅଟେ। ଏବଂ ତାହା ଶୟତାନର ତ୍ରିତ୍ତ୍ୱବାଦ ଥିଲା, ଯାହାକି ଗୋଟିଏ ଜିନିଷ ଦ୍ୱାରା ଘଟିଥିଲା, ତାହା ହେଉଛି ମୃତ୍ୟୁ। ମୃତ୍ୟୁ, ଆପଣ କବରକୁ ଯାଆନ୍ତି; ଏବଂ ପାପୀ ହୋଇଥିବା ହେତୁ, ଆପଣ ନରକକୁ ଯାଆନ୍ତି। ସବୁକିଛି ଗୋଟିଏ ହିଁ ବିଷୟ ଅଟେ, ଶୟତାନର ସେହି ତ୍ରିତ୍ତ୍ୱବାଦ, ଯାହାକି ମୃତ୍ୟୁ ଥିଲା। ତାହାହିଁ ମଣିଷକୁ ଏତେ ବର୍ଷ ଧରି ବନ୍ଦୀତ୍ତ୍ୱରେ ରଖିଥିଲା।

52 ମାତ୍ର ବର୍ତ୍ତମାନ ପରମେଶ୍ୱରଙ୍କ ସେହି ପ୍ରକୃତ ତ୍ରିତ୍ତ୍ୱବାଦ, ସେହି ଜଣେ ଭାବରେ ଖ୍ରୀଷ୍ଟଙ୍କଠାରେ ପ୍ରକାଶିତ ହୋଇଥିଲା, ଯିଏକି ଜୀବନ ଥିଲେ, ଏବଂ ମୁଦ୍ରାଗୁଡିକୁ ଭାଙ୍ଗି ଶତ୍ରୁକୁ ପରାସ୍ତ କରିଥିଲେ, ଏବଂ ଉତ୍ଥିତ ହୋଇଥିଲେ, ସେହି ଜଣେ ପ୍ରକୃତ ଓ ଜୀବନ୍ତ ପରମେଶ୍ୱର। "ମୁଁ ସେ ଯିଏକି ମୃତ ଥିଲି, ଏବଂ ମୁଁ ଚିରଦିନ ପାଇଁ ଜୀବିତ ଅଟେ, ଓ ମୋ ପାଖରେ ମୃତ୍ୟୁ ଏବଂ ନରକର କଞ୍ଚି ଅଛି।" ପରମେଶ୍ୱର, ଜଣକାରେ, ମନୁଷ୍ୟକୁ ସୃଷ୍ଟି କଲେ, ଏବଂ ଆମମାନଙ୍କ ମଧ୍ୟରେ ବାସ କଲେ, ଏବଂ ପ୍ରତ୍ୟେକ ଶତ୍ରୁକୁ ପରାସ୍ତ କଲେ। ଏବଂ ଏହା ପ୍ରମାଣ କରିଥିଲେ ଯେ ଶୟତାନର ତ୍ରିତ୍ତ୍ୱବାଦକୁ ଜୟ କରାଯାଇଛି, ଏବଂ ଏହା ଯେ ପରମେଶ୍ୱରଙ୍କ ତ୍ରିତ୍ତ୍ୱବାଦକୁ ପ୍ରକଟ କରାଯାଇଛି, 'କାରଣ ଏକାକୀ ପରମେଶ୍ୱରଙ୍କ ପାଖରେ ହିଁ ଜୀବନକୁ ପୁନର୍ବାର ଫେରାଇ ଆଣିବାର ଶକ୍ତି ଥିଲା। ସେ ଇମ୍ମାନୁଏଲ ଥିଲେ। ପରମେଶ୍ୱର ଶରୀରରେ ପ୍ରକାଶିତ କରା ହୋଇଥିଲେ।

53 ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସେ ସେଠାରେ ଦାବି କରି ପାରିଥିଲେ, ମାଥିଉ ତାର 27ତମ ପର୍ବ, "ସ୍ୱର୍ଗ ଓ ପୃଥିବୀର ସମସ୍ତ ଶକ୍ତି ମୋ ହସ୍ତରେ ପ୍ରଦତ୍ତ ଅଟେ। ମୁଁ ତୁମକୁ ମୋର ସାକ୍ଷୀ ହେବା ନିମନ୍ତେ, ସମଗ୍ର ଜଗତକୁ ପଠାଉଅଛି।" ସେ ଉଭୟ ମୃତ୍ୟୁ, ନରକ, ଏବଂ କବରକୁ ଜୟ କରିଥିଲେ। ସେ ଯେ କେବଳ ତାହା କଲେ ଏହା ନୁହେଁ; ଏବଂ ସ୍ୱର୍ଗ ଓ ପୃଥିବୀର ସମସ୍ତ ଶକ୍ତି ସହିତ, ବିଜୟୀ ହୋଇ, ବାହାରି ଆସିଲେ। ସମସ୍ତ କିଛି ଯାହା ପିତା ଥିଲେ, ସମସ୍ତ କିଛି ଯାହା ପବିତ୍ରଆତ୍ମା ଥିଲେ, ଏବଂ ସମସ୍ତ କିଛି ବିଷୟ ଯାହାକି କଦାଚ ଥିଲା, ସବୁ ତାହାଙ୍କଠାରେ ରହିଥିଲା। "ସ୍ୱର୍ଗ ଓ ପୃଥିବୀର ସମସ୍ତ ଶକ୍ତି ମୋତେ ପ୍ରଦତ୍ତ ଅଟେ।" ଅନ୍ୟ ସବୁକିଛି ଶକ୍ତିହୀନ ଅଟେ। ସେ ଏହାକୁ ଜୟ କରିଥିଲେ।

54 ବର୍ତ୍ତମାନ! ଏବଂ ତାହାପରେ, କେବଳ ସେତିକି ନୁହେଁ, ସେ ନିଜ ଶିଷ୍ୟମାନଙ୍କ ପାଖକୁ, ତାହାଙ୍କଠାରେ ବିଶ୍ୱାସ କରୁଥିବା ଲୋକମାନଙ୍କ ପାଖକୁ ବାକ୍ୟ ପଠାଇଲେ। "ଭୟ କର ନାହିଁ, କାରଣ ମୁଁ ସେ ଅଟେ ଯିଏକି ମୃତ ଥିଲି, ପୁଣି ଚିରଦିନ ପାଇଁ ଜୀବିତ ଅଟେ। ଏବଂ ମୋ ପାଖରେ ମୃତ୍ୟୁ ଏବଂ ନରକର କଞ୍ଚି ଅଛି; ମୁଁ ଏହାକୁ ଜୟ କରିସାରିଛି। ଆଉ ଭୟ କର ନାହିଁ, କାରଣ ପରମେଶ୍ୱରଙ୍କ ପ୍ରତ୍ୟେକ ପୂର୍ବନିରୂପିତ, ଓ ପୂର୍ବନିର୍ଦ୍ଧାରିତ ବୀଜ ଜୀବନ୍ତ ହେବ

ଯେତେବେଳେ ଗୌରବମୟ ସୁସମାଚାରର, ସେହି ଆଲୋକ ସମଗ୍ର ପୃଥିବୀରେ ବ୍ୟାପ୍ତ ହୋଇଯାଏ । ପ୍ରତ୍ୟେକ ଯୁଗରେ, ଏହା ସେହି ଅମଳକୁ ନେଇ ଆସିବ ଯାହାକୁ ପରମେଶ୍ୱର ଆଣିବେ ବୋଲି ନିରୂପିତ କରିଥାନ୍ତି ।" ସେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଥିଲେ ।

55 ଓଃ, କି ଏକ ଅଦ୍ଭୁତ ବିଷୟ ଯାହାକି ତାହା ଅଟେ, "ମୁଁ ଜୀବିତ, କିମ୍ବା ସଂଜୀବିତ ଅଟେ ।" ସେହି ଶବ୍ଦର ଅର୍ଥ, ସେହି ଶବ୍ଦ *ସଂଜୀବିତ,* ତାର ଗ୍ରୀକ୍ ଶବ୍ଦର ଅର୍ଥ ହେଉଛି ଏପରି କିଛି ଯାହାକି "ମୃତ୍ୟୁ ପରେ ଜୀବନ୍ତ କରା ହୋଇଥାଏ ।"

56 ଯେପରିକି ସେହି—ସେହି ବୀଜ ଯାହାକି ପୃଥିବୀ ଭିତରକୁ ଯାଏ, ଏହାକୁ ମରିବାକୁ ଥାଏ, ସେହି ବୀଜର ପ୍ରତ୍ୟେକ ବିଷୟକୁ ମରିବାକୁ ଥାଏ । ଏହାକୁ କ୍ଷୟ ପାଇବାକୁ ଥାଏ, ସେହି ବୀଜର ପ୍ରତ୍ୟେକ ବିଷୟକୁ କ୍ଷୟ ପାଇବାକୁ ଥାଏ । ଏବଂ ଜୀବନର ପ୍ରତ୍ୟେକ ବିଷୟ, ଯାହାକି ସେହି ବୀଜରେ ଥିଲା, ତାକୁ ପୁନର୍ବାର ବାହାରକୁ ଆସିବାକୁ ଥାଏ ।

57 ସେ "ସଂଜୀବିତ" କରା ହୋଇଥିଲା । କେବଳ ସେତିକି ନୁହେଁ । "ଏବଂ ସେହି ସମାନ ଜୀବନକୁ ପଠାଇବି ଯାହା ମୋତେ ସଂଜୀବିତ କରିଥିଲା, ସେହି ଶକ୍ତି ଯାହା ମୋତେ କବରରୁ ଆଣିଥିଲା, ମୁଁ ଏହାକୁ ତୁମ ଉପରକୁ ପଠାଇବି, ଯେପରି ତୁମେମାନେ ସଂଜୀବିତ ହୁଅ, ଯେ ଯେଉଁଠାରେ ମୁଁ ଅଛି ତୁମେମାନେ ମଧ୍ୟ ସେଠାରେ ରୁହ ।"

58 ଲୂକ, ତାର 24ତମ ପର୍ବ, 49ତମ ପଦରେ । ସେ କହିଲେ, "ଦେଖ, ମୁଁ ପିତାଙ୍କ ପ୍ରତିଜ୍ଞା ତୁମ ଉପରକୁ ପ୍ରେରଣ କରୁଅଛି; ମାତ୍ର ଉର୍ଦ୍ଧ୍ୱରୁ ଶକ୍ତି ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ, ତୁମେମାନେ ଯିରୁଶାଲମ ନଗରରେ, ପ୍ରତୀକ୍ଷାରେ ରହିଥାଅ, କିମ୍ବା ଅପେକ୍ଷା କର ।" ଏହା ଦର୍ଶାଇବାକୁ ଯେ ସେ କେବଳ ଏଥିରୁ ସମସ୍ତ ଲାଭ ଅର୍ଜନ କଲେ ତାହା ନୁହେଁ, ବରଂ ସେ ସେହି ଲାଭଗୁଡିକୁ ବାଣ୍ଟିଥିଲେ ।

59 ସେ ମୁକ୍ତ କରିବା ପାଇଁ, କିମ୍ବା ସେହି ପୂର୍ବନିରୂପିତ ବୀଜମାନଙ୍କ ନିକଟକୁ ଜୀବନକୁ ଆଣିବା ପାଇଁ ଆସନ୍ତି ଯାହାକୁ ପରମେଶ୍ୱର ଜଗତର ପତ୍ତନାବଧି ପୂର୍ବରୁ ଦେଖିଥିଲେ ଏବଂ ସେମାନଙ୍କର ନାମଗୁଡିକ ଜୀବନ ପୁସ୍ତକରେ ରଖିଥିଲେ । ଏବଂ ଏଠାରେ ସେମାନେ ଭରସାହୀନ ହୋଇ, ପୃଥିବୀରେ ରହିଛନ୍ତି; ସେ କେବଳ ଆଶୀର୍ବାଦ ହେବା ନିମନ୍ତେ ଆସି ନ ଥିଲେ, ମାତ୍ର ସେହି ଆଶୀର୍ବାଦକୁ ପ୍ରତ୍ୟେକ ପୂର୍ବନିରୂପିତ ବୀଜ ସହିତ ବାଣ୍ଟିବାକୁ ଆସିଥିଲେ । ତେବେ, ଯଦି ସେହି ବୀଜ ପୃଥିବୀରେ ନ ଥାଆନ୍ତା, ତାହାହେଲେ ଏହା ବଞ୍ଚିପାରି ନ ଥାଆନ୍ତା । ଏହାକୁ ତ ପୃଥିବୀରେ ରହିବାକୁ ଥିଲା, ଏବଂ ଅଙ୍କୁରିତ ମଧ୍ୟ ହେବାକୁ ଥିଲା । ଯାଏ ଆସେ ନାହିଁ ଯେ ଏହାକୁ କେତେ ଦିନ ଅନ୍ଧକାରରେ ରଖାଯାଏ, ଏହା ତ ସେତେବେଳେ ବାହାରି ଆସିବ ଯେତେବେଳେ ପୁ-ତ୍ର ଏହା ଉପରେ ଉଜ୍ଜ୍ୱଳ ହେବ । ତେବେ ଧ୍ୟାନ ଦିଅନ୍ତୁ, ସେ ଏହାକୁ ଆମ ସହିତ ବାଣ୍ଟିବାକୁ ଆସନ୍ତି ।

60 ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସୁସମାଚାରଟି ଶୁଭ ସମ୍ବାଦ ଅଟେ । ସେହି ଶବ୍ଦ *ସୁସମାଚାର*ର ଅର୍ଥ ହେଉଛି "ଶୁଭ ସମ୍ବାଦ ।" ଶୁଭ ସମ୍ବାଦ, କଅଣ? ଯଦି ଆମ ପାଇଁ

ଜଣେ ବ୍ୟକ୍ତି ମରିଥିଲେ, ତାହା ଶୁଭ ସମ୍ବାଦ ଅଟେ। ଯଦି ଖ୍ରୀଷ୍ଟ ଜନ୍ମ ହୋଇଥିଲେ, ତାହା ଶୁଭ ସମ୍ବାଦ ଅଟେ। ମାତ୍ର କେବେବି କୌଣସି ଏକ ଖବର, କେବେବି କୌଣସି ଖବର ସେଠାରେ ଏହି ଖବର ପରି ନ ଥିଲା, ଯେ, ସେ ଯିଏକି ସେହି ପ୍ରତିଜ୍ଞା କରିଥିଲେ ସେ ହିଁ ସେହି ପ୍ରତିଜ୍ଞାକୁ ନିଶ୍ଚିତ କରିଅଛନ୍ତି, ଯଥା, "ସେ ଚିରଦିନ ପାଇଁ ଜୀବିତ, ଏବଂ ତାହାଙ୍କ ହାତରେ, ଉଭୟ ମୃତ୍ୟୁ ଏବଂ ନରକର କଞ୍ଚି ଅଛି।" ସମସ୍ତ ଅନ୍ଧକାର ହଟାଇ ନିଆଗଲା। ସେଠାରେ ଆଉ କୌଣସି ଅନ୍ଧକାର ଦେଖାଯିବାକୁ ନ ଥିଲା, କାରଣ ପୁତ୍ର କବରରୁ ଉତ୍ଥିତ ହୋଇ ସାରିଥିଲେ। ସେଠାରେ ଆଉ କୌଣସି ତାହା ନ ଥିଲା ଯେ, "ତେବେ, ସେ ଆସିବେ, କିମ୍ବା ସେ ଆସିପାରନ୍ତି।" ସେ ତ ଆଗରୁ ଆସି ଯାଇଥିଲେ, ସେହି ସୁସମାଚାର, ଶୁଭ ସମ୍ବାଦ!

61 ଧ୍ୟାନ ଦିଅନ୍ତୁ, ସୁସମାଚାରର ଠିକ ସେହି ବାର୍ତ୍ତା, ନିଜେ, ଲୋକମାନଙ୍କୁ ଏହା ପ୍ରମାଣ କରିବା ପାଇଁ ଅଟେ ଯେ ସେ ପୁନରୁତ୍ଥିତ ହୋଇଅଛନ୍ତି। "ଯାଇ ମୋର ଶିଷ୍ୟମାନଙ୍କୁ କୁହ ଯେ ମୁଁ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଅଛି, ଏବଂ ସେମାନଙ୍କ ନିକଟରେ ଏହା ସୁନିଶ୍ଚିତ କରିବା ପାଇଁ, ମୁଁ ସେମାନଙ୍କ ସହିତ ସାକ୍ଷାତ କରିବି।" ହେ ପରମେଶ୍ୱର, କିପରି ଯେ ଏହି ଶେଷ ଦିନରେ ସମଗ୍ର ପୃଥିବୀରେ ସେଠାରେ ପୁନର୍ବାର ଆଲୋକ ହେବ! "ଏବଂ ମୁଁ ମୋର ଶିଷ୍ୟମାନଙ୍କୁ ପ୍ରମାଣ କରିବି! ଯାଇ ସେମାନଙ୍କୁ କୁହ ଯେ ମୁଁ ମୃତ ନୁହେଁ, ଏବଂ ମୁଁ ଏକ ପରମ୍ପରା ନୁହେଁ, ମାତ୍ର ମୁଁ ଜଣେ ଜୀବନ୍ତ ଖ୍ରୀଷ୍ଟ ଅଟେ। ମୁଁ ସେମାନଙ୍କୁ ସାକ୍ଷାତ କରିବି। ମୋର ଶିଷ୍ୟମାନଙ୍କ ନିକଟରେ ଏହି ବାର୍ତ୍ତା ପହଞ୍ଚାଇ ଦିଅ, ଯେ ମୁଁ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଅଛି," ସେହି ସୁସମାଚାର, ଶୁଭ ସମ୍ବାଦ।

ଆପଣ କୁହନ୍ତି, "କଅଣ ତାହା ଠିକ୍ କି?"

62 ଏବ୍ରୀ 13:8 କୁହେ, "ସେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି।" ଆମେ, ତାହାଙ୍କର ହିତାଧିକାରୀମାନେ, ଏହା ପ୍ରମାଣ କରିବାକୁ ଅଛି ଯେ ତାହାଙ୍କର ଜୀବନ ବର୍ତ୍ତମାନ ଆମ ଭିତରେ ଅଛି, ଏହି ଜୀବନର ହିତାଧିକାରୀମାନେ। ସେହି ଜୀବନ, ସେଠାରେ ଏପରି କୌଣସି ଜୀବନ ନ ଥିଲା ଯାହାକି କଦାପି ସେହିପରି ଯାପନ କରାଯାଇ ନ ଥିଲା; ସେ ପରମେଶ୍ୱରଙ୍କ ପୁତ୍ର ଥିଲେ। ଏବଂ ସେ ମୃତ୍ୟୁବରଣ କଲେ, ଆଉ ତାହା ଏହାକୁ କ୍ଷାନ୍ତ କରିଦେଲା; ମାତ୍ର ଇଷ୍ଟର ସକାଳେ, ଯେତେବେଳେ ସେ ମୃତ୍ୟୁରୁ ପୁନରୁତ୍‌ଥିତ ହେଲେ, ତାହାପରେ ଆମେମାନେ, ତାହାଙ୍କର ସେବକ ଭାବରେ, ତାହାଙ୍କ ଦ୍ୱାରା କାର୍ଯ୍ୟଭାର ପ୍ରାପ୍ତ ହେଲୁ ଯେ, ସମଗ୍ର ବିଶ୍ୱକୁ ଯାଇ ଏହି ଶୁଭ ସମ୍ବାଦକୁ ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ଆଣୁ, ଯେ ସେ ଜୀବିତ ଅଛନ୍ତି। ଏବଂ ଆମେମାନେ ତାହା କେବଳ ବାକ୍ୟ ଦ୍ୱାରା କିପରି କରିପାରିବା? କାରଣ ଏହା ଲେଖା ଅଛି, "ସୁସମାଚାର କେବଳ ବାକ୍ୟ ଦ୍ୱାରା ଆସି ନାହିଁ, ବରଂ ପବିତ୍ରଆତ୍ମାଙ୍କ ଶକ୍ତି ଏବଂ ପ୍ରକଟୀକରଣ ମାଧ୍ୟମରେ ଆସିଅଛି, ଯେ ସେ ଜୀବିତ ଅଛନ୍ତି ବୋଲି ପ୍ରମାଣ କରାଯାଏ।"

63 ତେବେ, ଯଦି ସେଠାରେ ଅନ୍ୟ ଏକ ସୁସମାଚାର ଅଛି, ଯେପରି ପାଉଲ ଗୋଟିଏ

ଗୋଷ୍ଠୀକୁ କହିଥିଲେ, "ମୁଁ ଏତେ ଆଶ୍ଚର୍ଯ୍ୟ ଯେ ତୁମେମାନେ ଅନ୍ୟ ଏକ ସୁସମାଚାର ଆଡକୁ ଚାଲି ଗଲ।" ଯାହାକି ସେଠାରେ ଅନ୍ୟ କୌଣସିଟି ନାହିଁ, ମାତ୍ର ସେହି ଶୁଭ ସମ୍ବାଦରୁ ଘୁଞ୍ଚିଯାଇ, ଏକ ନାମଧାରୀ କଳ୍ପିତ ଗଳ୍ପ, କୃତ୍ରିମ-ବିଶ୍ୱାସ କରୁଥିବା ସୁସମାଚାର ଆଡକୁ ଚାଲିଯିବା।

64 "ଏବଂ ଯେହେତୁ ମୁଁ ବଞ୍ଚି ଅଛି, ତୁମେମାନେ ମଧ୍ୟ ବଞ୍ଚିବ। ଏବଂ ମୁଁ ତୁମଠାରେ ବାସ କରେ, ଏବଂ ଯେଉଁ କାର୍ଯ୍ୟଗୁଡିକୁ ମୁଁ କରେ," ଯୋହନ 14:12, "ଯେଉଁ କାର୍ଯ୍ୟଗୁଡିକୁ ମୁଁ କରେ ତାହା ମୋତେ ତୁମ ଭିତରେ ଚିହ୍ନିତ କରିବ।" କି ଏକ ବାର୍ତ୍ତା! ଆଶ୍ଚର୍ଯ୍ୟର ବିଷୟ ନୁହେଁ, ଯେ ଆମର ଧର୍ମଶାସ୍ତ୍ର ଜ୍ଞାନର ଏକ ଅନ୍ଧକାର ଜଗତ ରହିଥିଲା, ମାତ୍ର ସନ୍ଧ୍ୟା ସମୟରେ ପୁଣିଥରେ ଦୀପ୍ତି ଆସିବ। ସନ୍ଧ୍ୟା ସମୟରେ ଏକ ପୁନରୁତ୍ଥାନ ହେବ। ଏହା ସନ୍ଧ୍ୟା ସମୟରେ ଏକ ଦୀପ୍ତି ହେବ।

65 ତେବେ, ସେହି ପଠାଯାଇଥିବା ବାର୍ତ୍ତାର ମୂଳ ବିଷୟ ହେଉଛି, ଯେ, "ସେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛନ୍ତି," ଆମେମାନେ ଯେଉଁମାନେକି ତାହାଙ୍କର ହିତାଧିକାରୀ ଅଟୁ, ତାହାଙ୍କ ସହିତ ପୁନରୁତ୍ଥାନର ସହଭାଗୀ ହୋଇଥାଉ, ସେ ଜୀବିତ ଅଛନ୍ତି ବୋଲି ଜଗତକୁ ପ୍ରମାଣ କରିବା ଦ୍ୱାରା, ଏଥିରୁ ଲାଭ ନେଇଥାଉ। ଆମେ କେବଳ ଏହାକୁ ବାକ୍ୟ ଦ୍ୱାରା କରି ନ ପାରୁ। ଆମେ ଏହାକୁ ମଣିଷର କୌଣସି ପରମ୍ପରା ଦ୍ୱାରା କରି ନ ପାରୁ। ଆମେ କେବଳ ଠିକ ତାହାହିଁ ପ୍ରତିଫଳିତ କରିଥାଉ ଯାହା ଆଡକୁ ଆମେ ଇଙ୍ଗିତ କରିଥାଉ।

66 ମୁଁ ଆଜି ଭୟ କରୁଛି ଯେ ଆମମାନଙ୍କ ମଧ୍ୟରୁ ଅନେକେ ଖ୍ରୀଷ୍ଟଙ୍କ ଆଡ଼କୁ ଲୋକମାନଙ୍କୁ ଆଣୁ ନାହୁଁ। ଆମେମାନେ ସେମାନଙ୍କୁ ଏକ ମଣ୍ଡଳୀ ଅଦାକୁ, ଏକ ସିଦ୍ଧାନ୍ତ ଆଡକୁ ନେଉ ଅଛୁ। ମାତ୍ର ଆମେ ତ ସେମାନଙ୍କୁ ଖ୍ରୀଷ୍ଟଙ୍କ ଆଡକୁ ନେବା କଥା। ସେ ହିଁ କେବଳ ଏକମାତ୍ର, ଏବଂ ଜଣେ ମାତ୍ର ଯାହାଙ୍କ ପାଖରେ ଜୀବନ ଅଛି। "ଯାହାଙ୍କଠାରେ ପୁତ୍ର ଅଛି ସେ ଜୀବନ ପାଇଅଛି।"

67 ଏବଂ ଯଦି ଜଣେ ମୃତ ବ୍ୟକ୍ତିଙ୍କର ଜୀବନ ଆପଣଙ୍କ ଭିତରେ ପ୍ରତିଫଳିତ କରାଯାଏ, ତାହାହେଲେ ଆପଣ ସେହି ସମାନ ଜୀବନ ଅତିବାହିତ କରିବେ ଯାହା ସେ କରିଥିଲେ।

68 ଯଦି ଜଣେ ବ୍ୟକ୍ତିଙ୍କର ରକ୍ତ ଏକ ନିର୍ଦ୍ଦିଷ୍ଟ ପ୍ରକାର ଥିଲା, ଏବଂ ଆପଣ ଜଣେ ବ୍ୟକ୍ତିଙ୍କଠାରୁ ସେହି ରକ୍ତ ନେଲେ ଏବଂ ଅନ୍ୟ ଜଣଙ୍କର ରକ୍ତକୁ ସେଥିରେ ବଦଳାଇ ଦେଲେ, ତେବେ ସେ ସମ୍ପୂର୍ଣ୍ଣ ରୂପେ ସେହି ପ୍ରକାର ରକ୍ତ ଥିବା ବିଶିଷ୍ଟ ବ୍ୟକ୍ତି ହୋଇଯିବେ।

69 ଏବଂ ଯଦି ଆପଣଙ୍କ ଭିତରେ ଥିବା ଆପଣଙ୍କର ଆତ୍ମାକୁ ମୃତ ବୋଲି ଗଣନା କରାଯାଏ, ଏବଂ ଆପଣ ଖ୍ରୀଷ୍ଟଙ୍କଠାରେ ଥିବା ସେହି ଜୀବନ ଦ୍ୱାରା ଅଭିଷିକ୍ତ ଅଟନ୍ତି, ତାହା ଆପଣଙ୍କ ଉପରେ ଥାଏ! ରୋମୀୟ ୫:11 କୁହେ, "ଯଦି ସେହି ଆତ୍ମା ଯାହାକି ଖ୍ରୀଷ୍ଟଙ୍କୁ ମୃତ୍ୟୁରୁ ପୁନରୁତ୍‌ଥିତ କରିଥିଲା, ତୁମଠାରେ ବାସ କରେ, ତାହାହେଲେ ଏହା ତୁମର ମର୍ତ୍ତ୍ୟ ଶରୀରକୁ ମଧ୍ୟ ସଂଜୀବିତ କରିବ," ସେହି ସମାନ ଜୀବନ, ସେହି ସମାନ ଶକ୍ତି, ସେହି ସମାନ

ହିତାଧିକାରୀ, ଯାହାକି ତାହାଙ୍କର ଏଠାରେ ପୃଥିବୀରେ, ପରମେଶ୍ୱରଙ୍କଠାରୁ ରହିଥଲା । ସେ ଆପଣଙ୍କୁ ମୁକ୍ତ କଲେ, ଏପରି ଏକ ବୀଜ ଯାହାକୁ ପରମେଶ୍ୱର ପୂର୍ବଜ୍ଞାନ ଦ୍ୱାରା ଜାଣିଥିଲେ, ଯାହାର ନାମଗୁଡ଼ିକ ଜଗତର ପତ୍ତନାବଧି ପୂର୍ବରୁ ମେଷଶାବକଙ୍କ ଜୀବନ ପୁସ୍ତକରେ ରଖାଯାଇଥିଲା ।

70 ଏବଂ ପୁନରୁତ୍ଥାନର ସେହି ସୁସମାଚାର ପ୍ରକାଶ, ବାକ୍ୟର ସେହି ନିଶ୍ଚିତକରଣ! ସେ ଖ୍ରୀଷ୍ଟ ବୋଲି ଆମେମାନେ କିପରି ଜାଣିଲୁ? କାରଣ ସେ ତାହା ପ୍ରମାଣ କରିଥିଲେ ଯାହା ବିଷୟରେ ସେ କହୁଥିଲେ । ମୁଁ ଏହି ସମୟର ବାର୍ତ୍ତାକୁ କିପରି ଜାଣିବି? ପରମେଶ୍ୱର ଯାହା ପ୍ରତିଜ୍ଞା କରିଥିଲେ ତାହା ପ୍ରମାଣ କରନ୍ତି, ଏବଂ ସେ ଏହା ବିଷୟରେ କଥାବାର୍ତ୍ତା କରନ୍ତି । ତାହା ହେଉଛି ପରିଚୟ, ଯେ ଆମେମାନେ ପୁନରୁତ୍ଥାନରେ ତାହାଙ୍କ ସହିତ ହିତାଧିକାରୀ ଅଟୁ । ସେ ତାହା ପ୍ରମାଣ କରନ୍ତି ଯାହା ବିଷୟରେ ସେ କହିଥାନ୍ତି ।

71 ସେ ଖ୍ରୀଷ୍ଟଙ୍କଠାରେ ଯାହା କରିବାକୁ ପ୍ରତିଜ୍ଞା କରିଥିଲେ, ସେ ତାହା ପୁନରୁତ୍ଥାନରେ ପ୍ରମାଣ କଲେ । ଯାହା ସେ ମୋଶାଙ୍କ ସମୟରେ କରିବାକୁ ପ୍ରତିଜ୍ଞା କରିଥିଲେ, ସେ ତାହା ପ୍ରମାଣ କଲେ । ଯାହା ସେ ହନୋକଙ୍କ ସମୟରେ ପ୍ରତିଜ୍ଞା କରିଥିଲେ, ସେ ତାହା ପ୍ରମାଣ କଲେ । ପ୍ରେରିତମାନଙ୍କ ସମସ୍ତ ଦିନରେ, ସେ ଏହା ପ୍ରମାଣ କଲେ ।

72 ତେବେ ଏହି ଦିନରେ, ସେ ଯାହା କହିଛନ୍ତି ତାହା ପ୍ରମାଣ କରନ୍ତି, କାରଣ ସେମାନେ ସେହି ବୀଜର ଏକ ଅଂଶ ଅଟନ୍ତି ଯାହାର ଜୀବନ ପୁସ୍ତକରେ ପ୍ରତିନିଧିତ୍ୱ କରା ହୋଇଥିଲା ଯେ ସେ ପୁନର୍ବାର ପରମେଶ୍ୱରଙ୍କ ନିକଟରେ ମୁକ୍ତ କରିବାକୁ ଆସିଥିଲେ । ଓଃ, କି ଏକ ବାର୍ତ୍ତା!

73 ଇଷ୍ଟର ସକାଳେ, ସେ ଯେ କେବଳ ଉତ୍ଥିତ ହେଲେ ତାହା ନୁହେଁ, ବରଂ ତାହାଙ୍କର ହିତାଧିକାରୀମାନେ ତାହାଙ୍କ ସହିତ ଉତ୍ଥିତ ହୋଇଥିଲେ । ସେ…ସେମାନେ କ୍ରୁଶାର୍ପଣରେ ଖ୍ରୀଷ୍ଟଠାରେ ଥିଲେ। ସେମାନେ ତାହାଙ୍କର ପୁନରୁତ୍ଥାନରେ ତାହାଙ୍କଠାରେ ଥିଲେ। ଆମେମାନେ ତାହାଙ୍କର ହିତାଧିକାରୀ ଅଟୁ, ଅନ୍ଧକାରରେ ମରି ଯାଇଥିବା ପରେ ସଂଜୀବିତ ହୋଇଅଛୁ ।

74 ଅବିଶ୍ୱାସର ଅନ୍ଧକାର ଜଗତ, ଯେଉଁଠାରେ ମଣ୍ଡଳୀ ଏବଂ ନାମଧାରୀ ସଂସ୍ଥାମାନ, ଓ ଇତ୍ୟାଦି ସବୁ, ଆମକୁ ବାହାର କରି ଦେଇଥିଲେ । ଏବଂ ଆମ ଭିତରେ କିଛି ଗୋଟାଏ ଅଛି ଯାହାକି ଡାକୁଅଛି, "ଓଃ, ଆମେ ପରମେଶ୍ୱରଙ୍କୁ ଚାହୁଁଅଛୁ! ଆମେ ପରମେଶ୍ୱରଙ୍କ ପାଇଁ କ୍ଷୁଧିତ ଓ ତୃଷାର୍ତ୍ତ ଅଟୁ ।" ଆମେମାନେ ମେଥୋଡିଷ୍ଟ, ବାପ୍‌ଟିଷ୍ଟ, ପେଣ୍ଟିକଷ୍ଟାଲ୍, ପ୍ରେସ୍‌ବିଟେରିଆନ୍ ଏବଂ ଯାହା-କିଛି ଅଧିକ ଅଛି ସେଥିରେ ଯୋଗ କରିଅଛୁ, ଏବଂ ତଥାପି ସେଠାରେ କିଛି ଗୋଟାଏ ଭୁଲ୍ ଥିଲା, ଆମେ ଏଯାଏଁ ତାହା ଖୋଜି ପାଇପାରୁ ନାହିଁ । ଏବଂ ହଠାତ୍ ହିଁ, ଯେତେବେଳେ ଆମେମାନେ ଅନ୍ଧକାରରେ ଦରାଣ୍ଡି ହେଉଥିଲୁ, ସେତେବେଳେ ସେହି ମହାନ ପୁନରୁତ୍ଥାନ ପରମେଶ୍ୱରଙ୍କ ପ୍ରତିଜ୍ଞାତ ବାକ୍ୟର ପ୍ରକଟୀକରଣରେ ଆମ ପାଖକୁ ଆସିଲା ।

75 ଯେପରିକି, ସେ ପରମେଶ୍ୱରଙ୍କ ପ୍ରତିଜ୍ଞାତ ବାକ୍ୟର ପ୍ରକଟୀକରଣ ଥିଲେ । "ମୁଁ ତାହାର ପ୍ରାଣକୁ ନରକରେ ଛାଡିବି ନାହିଁ, କିଅବା ମୋର ପବିତ୍ର ଜନକୁ ଭ୍ରଷ୍ଟତା ଦେଖିବାକୁ ଦେବି ନାହିଁ ।" ସେ ଏହାକୁ ପ୍ରକଟିତ କଲେ, ପରମେଶ୍ୱରଙ୍କ ପ୍ରତ୍ୟେକ ବାକ୍ୟ ଯାହା ତାହାଙ୍କଠାରେ ପ୍ରତିଜ୍ଞା କରାଯାଇଥିଲା । ସେ ଏହାକୁ ସେତେବେଳେ ପ୍ରମାଣ କଲେ ଯେତେବେଳେ ସେ ଇଷ୍ଟର ସକାଳେ ଉତ୍ଥିତ ହୋଇଥିଲେ ।

76 ତେବେ, ସେମାନେ ଯେଉଁମାନେକି ଏକଦା ଅନ୍ଧକାରରେ ଦରାଣ୍ଡି ହୋଇ ଚାରିଆଡ଼େ ଆଶ୍ଚର୍ଯ୍ୟ କରିଥିଲେ, ଯେ ସେମାନେ ଏହି ଦିନରେ ପାଦ ଧୋଇବ ଉଚିତ୍, ନା ଯଦି ସେମାନେ ଏକ ନିର୍ଦ୍ଦିଷ୍ଟ ଦିନ ପାଳନ କରିବା ଉଚିତ୍, ବା ଏକ ନିର୍ଦ୍ଦିଷ୍ଟ ନିୟମାବଳୀ ଆଚରଣ କରିବା ଉଚିତ୍, ସେସବୁ ବିଷୟଗୁଡିକ ତ ଲୋପ ପାଇଯାଇଛି । କାରଣ, ସେଠାରେ ଏକ ଗୌରବମୟ ପୁନରୁତ୍ଥାନ ଥିଲା ଯାହାକି ପ୍ରତ୍ୟେକ ମନୁଷ୍ୟ-କୃତ ବିଷୟକୁ, ପ୍ରତ୍ୟେକ ମନୁଷ୍ୟ-କୃତ କାରଣକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲା ଯାହା ମନୁଷ୍ୟ କଦାଚ କରିଥିଲା ।

77 ସେହି ସମୟ ପର୍ଯ୍ୟନ୍ତ, ସେଠାରେ କେବେବି, ଏପରି ଜଣେ ବ୍ୟକ୍ତି ନ ଥିଲେ ଯିଏକି ନିଜ ଜୀବନକୁ ଦେଇ ପୁନର୍ବାର ଏହାକୁ ଉତ୍ଥିତ କରି ପାରିଥିଲେ । ସେ ପୁନର୍ବାର ଉତ୍ଥିତ ହେବା ଦ୍ୱାରା, ସେମାନଙ୍କ ପାଖରେ ରହିଥିବା ସେହି ବୈଜ୍ଞାନିକ ପ୍ରମାଣକୁ ପ୍ରତ୍ୟାଖ୍ୟାନ କରିଥିଲେ ।

78 ଯେତେବେଳେ ସେମାନେ କୁହନ୍ତି, ଯେ, "ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରଦିନ ସମାନ ନୁହଁନ୍ତି," ଯେ, "ତାଙ୍କର ଶକ୍ତି ସମାନ ନୁହେଁ," ଯେ, "ତାହାଙ୍କର ସୁସମାଚାର ସମାନ ନୁହେଁ," ଯେତେବେଳେକି ବାଇବଲ ଏହା ସମାନ ଅଟେ ବୋଲି କୁହେ! ପରମେଶ୍ୱର ପ୍ରତ୍ୟେକ ନାମଧାରୀ ସଂସ୍ଥା, ପ୍ରତ୍ୟେକ ଧର୍ମମତକୁ ପ୍ରତ୍ୟାଖ୍ୟାନ କରିଥିଲେ, ଏବଂ ସେ ଆପଣା ପବିତ୍ରଆତ୍ମା ସହିତରେ ଗମନାଗମନ କରିଥିଲେ, ଯେପରି ସେ ପ୍ରତିଜ୍ଞା କରିଥିଲେ, ଏବଂ ଆମକୁ ପ୍ରମାଣ କଲେ, ଯେ ସେ ଜୀବନ୍ତ ଅଛନ୍ତି ।

79 ଆମେମାନେ ତାହାଙ୍କ ପୁନରୁତ୍ଥାନର ହିତାଧିକାରୀ ଅଟୁ, ଜଗତରେ ପାପ ଏବଂ ଅପରାଧରେ, ମୃତ୍ୟୁବରଣ କରିଥିବା ପରେ ସଂଜୀବିତ ହୋଇଅଛୁ । "ସେ ଆମକୁ ତାହାଙ୍କ ସହିତରେ ସଂଜୀବିତ କରାଇ, ଆପଣା ସହିତରେ ଉତ୍ଥାପିତ କରିଅଛନ୍ତି, ବର୍ତ୍ତମାନ ଖ୍ରୀଷ୍ଟ ଯୀଶୁଙ୍କଠାରେ ସ୍ୱର୍ଗୀୟ ସ୍ଥାନରେ ବସାଇ ଅଛନ୍ତି ।" ତାହାଙ୍କର ଆଣିବା...

80 ତାହାଙ୍କର ଆତ୍ମା ପୃଥିବୀ ପୃଷ୍ଠକୁ ଠିକ ସେହି ସମାନ ଜୀବନକୁ ପୁନର୍ବାର ଫେରାଇ ଆଣିଥାଏ । "ଯଦି ପରମେଶ୍ୱରଙ୍କ ଆତ୍ମା, ଯିଏକି ଖ୍ରୀଷ୍ଟଙ୍କୁ ପୁନରୁତ୍ଥିତ କରିଥିଲେ," ସେହି ଶରୀରକୁ, ସେହି ଅଭିଷିକ୍ତ ଶରୀରକୁ; ଯଦି ପରମେଶ୍ୱରଙ୍କ ଆତ୍ମା ସେହି ଶରୀରକୁ ଏପରି ଭାବରେ ଅଭିଷେକ କରିଥିଲେ ଯେ, ଯେତେବେଳେ ସେହି ବୀଜ ପୃଥିବୀ ପୃଷ୍ଠରେ ପଡିଲା, ସେ ତ କେବଳ ତାହାଙ୍କୁ ସେଠାରେ ବିଶ୍ରାମ କରିବାକୁ ଦେଇ ନ ଥିଲେ । ନା । ସେ ତ ତାହାଙ୍କୁ ସଂଜୀବିତ କରି ଉତ୍ଥିତ କରିଥିଲେ । "ସେହି ସମାନ ଆତ୍ମା," ସମାନ କାର୍ଯ୍ୟଗୁଡିକ ଦ୍ୱାରା, ସମାନ ଶକ୍ତି ଦ୍ୱାରା, ସମାନ ଚିହ୍ନମାନ ଦ୍ୱାରା, "ତୁମ ଭିତରେ ରୁହନ୍ତି, ଏହା ତୁମକୁ ମଧ୍ୟ

ପୁନରୁଜ୍ଜିତ କରିବ ।”

81 ମୁଁ ଏଠାରେ ଆପଣଙ୍କ ପାଇଁ ଅଳ୍ପ ଟିକିଏ ଶାସ୍ତ୍ର ପାଠ କରିବାକୁ ଚାହିଁବି । ମୁଁ ଚାହିଁବି ଯେ ଆପଣମାନେ ଅନ୍ୟ ଏକ ଶାସ୍ତ୍ରାଂଶକୁ ଯାଆନ୍ତୁ ଯାହା ମୁଁ ଏଠାରେ ଲେଖି ରଖିଛି । ଏହା ଆପଣଙ୍କୁ ଟିକିଏ ସାହାଯ୍ୟ କରିପାରେ । ଏହା ଲେବୀୟପୁସ୍ତକ, ତାର ୨୩ତମ ପର୍ବ, ୨ମ ରୁ ୧୧ତମ ପଦରେ ମିଳିଥାଏ । ଧ୍ୟାନ ଦେଇ ଶୁଣନ୍ତୁ । ବ୍ୟବସ୍ଥାରେ, ଲେବୀୟ ନିୟମରେ, ପରମେଶ୍ଵର ମୋଶାଙ୍କ ସହିତ କଥାବାର୍ତ୍ତା କରୁଛନ୍ତି । ଶୁଣନ୍ତୁ । ଏହି ସମସ୍ତ ଜିନିଷଗୁଡିକ ବର୍ତ୍ତମାନ ପ୍ରତିରୂପକ ଅଟେ, ଏବଂ ଆମେମାନେ ଏହି ପ୍ରତିରୂପକ ନିକଟକୁ ଯିବା ନିମନ୍ତେ ଏଠାରେ ଅଳ୍ପ କିଛି କ୍ଷଣ ପାଇଁ ଅଟକିଯିବା ।

*ଆହୁରି **ସଦାପ୍ରଭୁ** ମୋଶାଙ୍କୁ, କହିଲେ,*

*ତୁମ୍ଭେ ଇସ୍ରାଏଲ ସନ୍ତାନଗଣକୁ, କୁହ, ଆମ୍ଭେ ତୁମ୍ଭମାନଙ୍କୁ...ଯେଉଁ ଦେଶ ଦେବା, ସେହି ଦେଶରେ ପ୍ରବେଶ କରି ଯେତେବେଳେ ତୁମ୍ଭେମାନେ...*

82 “ସେହି ସ୍ଥାନ, ସେହି ସ୍ଥିତି, ଯାହା ଆମେ ତୁମମାନଙ୍କୁ ଦେଇଅଛୁ । ବର୍ତ୍ତମାନ ତୁମେ ଇସ୍ରାଏଲ ସନ୍ତାନଗଣଙ୍କୁ କୁହ, ଯେତେବେଳେ ତୁମେ ଏହି ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବ ଯାହା ମୁଁ ତୁମକୁ ପ୍ରତିଶୃତି ଦେଇଥିଲି ଯେ ମୁଁ ତୁମକୁ ନେବି ବୋଲି, ଯେତେବେଳେ ତୁମେ ଏହି ଦେଶରେ ପହଞ୍ଚିବ ।” ତେବେ ଏଠାରେ ଆତ୍ମିକ ବିଷୟର ନିଦର୍ଶନ ସ୍ୱରୂପେ, ପ୍ରାକୃତିକ ବିଷୟର କହୁଅଛନ୍ତି ।

*...ଯେତେବେଳେ ତୁମ୍ଭେମାନେ ଶସ୍ୟ କାଟିବ* (ତୁମେ ତାହା ପାଇଛ ଯାହା ମୁଁ କହିଥିଲି), *ସେତେବେଳେ ତୁମ୍ଭମାନଙ୍କର ପ୍ରଥମ କଟା ଶସ୍ୟର ଏକ ବିଡା ଯାଜକ ନିକଟକୁ ଆଣିବ:*

*ତହିଁରେ ତୁମ୍ଭମାନଙ୍କ ପକ୍ଷରେ ଗ୍ରାହ୍ୟ ହେବା ନିମନ୍ତେ, **ସଦାପ୍ରଭୁ**ଙ୍କ ସମ୍ମୁଖରେ ସେହି ବିଡାକୁ ଦୋଳାଇବ: ବିଶ୍ରାମବାର ପରଦିନ ଯାଜକ ତାହା ଦୋଳାଇବ ।*

83 ଯଦି ସେଠାରେ କୌଣସି ବି ପବିତ୍ର ରୀତିନୀତି ହେବ, ତେବେ ଏହାକୁ ବିଶ୍ରାମବାର ଦିନରେ ହେବା ଉଚିତ୍, ଯାହାକି ସପ୍ତାହର ସପ୍ତମ ଦିନ ଥିଲା, ଯାହାକି ଶନିବାର ଅଟେ । ମାତ୍ର କଅଣ ଆପଣମନେ ଲକ୍ଷ୍ୟ କଲେ ଯେ, ଏହି ସ୍ମୃତିରେ, ସପ୍ତାହର ପ୍ରଥମ ଦିନରେ ଏହାକୁ ଦୋଳାଇବାର ଥିଲା?

84 “ସେହି ବିଡା, ଯାହାକି ତୁମେ ରୋପଣ କରିଥିବା ତୁମମାନଙ୍କର ବୀଜ ମଧ୍ୟରୁ ପ୍ରଥମ କଟା ଶସ୍ୟ ଥିଲା, ଯେତେବେଳେ ଏହା ବୃଦ୍ଧି ସାଧନ କରି ପରିପକ୍ୱ ହେଲା, ତୁମେ ଏହି ବିଡାଟିକୁ କାଟି ତାକୁ ଯାଜକଙ୍କ ପାଖକୁ ନେଇଥାଅ । ଏବଂ ସେ ଏହାକୁ ନେଇ ତୁମର ଗ୍ରାହ୍ୟ ନିମନ୍ତେ, ପ୍ରଭୁଙ୍କ ସମ୍ମୁଖରେ ଦୋଳାଇଥାନ୍ତି, ଯେପରିକି ତୁମେ ଗ୍ରହଣୀୟ ହୁଅ । ତୁମେ ତୁମର ବିଡା ସହିତ ଆସିଥାଅ, ଏବଂ ତାଙ୍କୁ ଏହା ପ୍ରଭୁଙ୍କ ସମ୍ମୁଖରେ ଦୋଳାଇବାକୁ ଥାଏ, ଉପରେ...”

85 ବିଶ୍ରାମବାର ଦିନରେ, ସେହି ସପ୍ତମ ଦିନରେ ନୁହେଁ; ମାତ୍ର ପ୍ରଥମ ଦିନରେ, ଯାହାକୁ ଆମେ ରବିବାର, ର-ବି-ବା-ର ବୋଲି କହିଥାଉ ।

86 ଅବଶ୍ୟ, ତାହା ଏକ—ଏକ ରୋମାନ୍ ଶବ୍ଦ ଅଟେ, ଯାହାକୁ ସେମାନେ ସୂର୍ଯ୍ୟ ଦେବତା ପାଇଁ ସୂର୍ଯ୍ୟ ଦିନ ବୋଲି କହିଥିଲେ । ମାତ୍ର ଏହା କିପରି ବଦଳି ଯାଇଛି!

87 ଏହା ଆଉ ଅଧିକ ସୂ-ର୍ଯ୍ୟ ନୁହେଁ । ଏହା ତ ପୁ-ତ୍ର ଦି-ବ-ସ ଅଟେ, ସେହି ପୁତ୍ର ଦିବସ, ଯାହାକି ସେହି ଗହମର ଶସ୍ୟକୁ (ପରମେଶ୍ୱରଙ୍କ ପ୍ରଥମ ଯାହାକି ମୃତମାନଙ୍କ ମଧ୍ୟରୁ ଉତ୍ଥିତ ହୋଇଥିଲା) ମଣ୍ଡଳୀ ଉପରେ ଦୋଳା ଯିବାକୁ ଅଛି, ଯେ ଆମେ ତାହାଙ୍କର ବୀଜ ଅଟୁ; ଏବଂ ତାହା ହେଉଛି ସେହିମାନଙ୍କର ବୀଜ ମଧ୍ୟରୁ ପ୍ରଥମ ଯେଉଁମାନେକି ଶୋଇ ଯାଇଥିଲେ, ଯାହାକୁ ସପ୍ତାହର ପ୍ରଥମ ଦିନରେ ଦୋଳା ଯାଇଥିଲା । ରବିବାର ଦିନରେ, ସେ ଉତ୍ଥିତ ହୋଇଥିଲେ । ବିଦାୟ-ଆକାରରେ ଦୋଳା ଯାଇଥିଲେ, ଏବଂ ଲୋକମାନଙ୍କ ଉପସ୍ଥିତିରେ, ଉର୍ଦ୍ଧ୍ୱକୁ ଆରୋହଣ କରିଥିଲେ ।

88 ଧ୍ୟାନ ଦିଅନ୍ତୁ, ଏହା ପରମେଶ୍ୱରଙ୍କ ଗହମର ପ୍ରଥମ ଶସ୍ୟ ଥିଲା ଯାହାକି ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ ହୋଇଥିଲେ, ପରମେଶ୍ୱରଙ୍କ ଗହମର ପ୍ରଥମ ଶସ୍ୟ । ପରମେଶ୍ୱରଙ୍କ ସଂଜୀବିତ ଶକ୍ତି ଦ୍ୱାରା, ପରମେଶ୍ୱର ତାହାଙ୍କର ଜୀବନକୁ ସଂଜୀବିତ କରି, ତାହାଙ୍କୁ ମୃତ୍ୟୁରୁ ପୁନରୁତ୍‌ଥିତ କରିଥିଲେ, ଏବଂ ସେ ସେହି ଶୁପ୍ତ ଲୋକମାନଙ୍କ ମଧ୍ୟରୁ ପ୍ରଥମ ଫଳ ଥିଲେ, ସେହି ପ୍ରଥମ ଫଳ । ସେ ସେହି ବିଡା ଥିଲେ ।

89 ସେଇଥି ପାଇଁ ସେମାନଙ୍କୁ ସେହି ବିଡାକୁ ଦୋଳାଇବାକୁ ପଡିଥିଲା, କାରଣ ଏହା ସେହି ପ୍ରଥମ ଥିଲା ଯାହାକି ପରିପକ୍ୱତାକୁ ଆସିଥିଲା । ଏବଂ ଏହାକୁ ପରମେଶ୍ୱରଙ୍କୁ ଧନ୍ୟବାଦ ଦେବା ସ୍ୱରୂପେ ଏକ ସ୍ମୃତି ଭାବରେ ଦୋଳା ଯାଇଥିଲା, ଏହା ବିଶ୍ୱାସ କରି ଯେ ବାକି ସେମାନେ ମଧ୍ୟ ଆସିବେ । ଏହା ଏକ ଚିହ୍ନ ଥିଲା ।

90 ଏବଂ, ଆଜି, ଯେହେତୁ ସେ ପରମେଶ୍ୱରଙ୍କ ପ୍ରଥମ ପୁତ୍ର ଥିଲେ ଯିଏକି ପରମେଶ୍ୱରଙ୍କଠାରେ ରହିବା ହେତୁ, ସମ୍ପୂର୍ଣ୍ଣ ପରିପକ୍ୱତାକୁ ଆସିଥିଲେ, ତାଙ୍କୁ ପୃଥିବୀରୁ ତୋଳା ଯାଇଥିଲା ଏବଂ ଲୋକମାନଙ୍କ ଉପରେ ଦୋଳା ଯାଇଥିଲା । ଓଃ, କି ଏକ ଗୌରବମୟ ଶିକ୍ଷା! ସେହି ସଂଜୀବିତ କରୁଥିବା ଶକ୍ତି ଦ୍ୱାରା, ସେହି ପ୍ରଥମ ଜଣକ! ଯଦିଓ, ତାଙ୍କୁ କରା ଯାଇଥିଲା—ତାଙ୍କୁ ପ୍ରତିରୂପକ ଭାବେ ଦର୍ଶା ଯାଇଥିଲା; ଏବଂ ଅନେକ ଥର, ଯେପରିକି ଆମେମାନେ ପରେ ଦେଖିବା, ଯେ ସେ ପ୍ରତିରୂପକ ଭାବେ ଦର୍ଶା ଯାଇଥିଲେ । ମାତ୍ର ଏହା ପ୍ରକୃତରେ ସେମାନଙ୍କ ମଧ୍ୟରୁ ପ୍ରଥମ ଫଳ ଥିଲା ଯେଉଁମାନେକି ଶୋଇ ଯାଇଥିଲେ । ତାହାଙ୍କୁ ପ୍ରତିଜ୍ଞାତ ବୀଜମାନଙ୍କ ଉପରେ ଦୋଳା ଯାଇଥିଲା ଯେଉଁମାନଙ୍କ ପାଖରେ ଜୀବନର ପ୍ରତିଜ୍ଞା ରହିଥିଲା ।

91 ତାହାଙ୍କୁ ପେଣ୍ଟିକଷ୍ଟ ଦିନରେ ଦୋଳା ଯାଇଥିଲା, "ଯେତେବେଳେ ସେଠାରେ ସ୍ୱର୍ଗରୁ ଏକ ଦୋଳନ, ପ୍ରବଳ ବେଗରେ ପବନ ପରି ଶବ୍ଦ ଆସିଲା," ଏବଂ ପେଣ୍ଟିକଷ୍ଟରେ ଥିବା

ଲୋକମାନଙ୍କ ଉପରେ, ସେହି ପେଣ୍ଟିକଷ୍ଟାଲ୍ ଲୋକମାନଙ୍କ ଉପରେ ଦୋଳା ଯାଇଥିଲା, ଯେଉଁମାନେକି ଆଶୀର୍ବାଦର ଆସିବାକୁ ଅପେକ୍ଷା କରିଥିଲେ ।

92 ଏବଂ ଲୂକ 17:30 ଅନୁଯାୟୀ, ଆମେମାନେ ହୃଦୟଙ୍ଗମ କରୁ, ଯେ ଶେଷ ଦିନରେ, ପୁଣି ଥରେ ଦୋଳାଯିବାକୁ ଅଛି, ପୁନର୍ବାର ପୁତ୍ରଙ୍କ ଦିନରେ, "ଯେଉଁ ଦିନ ମନୁଷ୍ୟ ପୁ-ତ୍ର ପ୍ରକାଶିତ ହେବେ," କିଅବା ଲୋକମାନଙ୍କ ଉପରେ ପୁନର୍ବାର ଦୋଳାଯିବେ ।

93 ତେବେ, ମନୁଷ୍ୟପୁତ୍ର କିଏ? "ଆଦ୍ୟରେ ବାକ୍ୟ ଥିଲା, ଏବଂ ବାକ୍ୟ ପରମେଶ୍ୱରଙ୍କ ସହିତରେ ଥିଲା, ଏବଂ ବାକ୍ୟ ପରମେଶ୍ୱର ଥିଲେ । ଏବଂ ବାକ୍ୟ ଦେହବନ୍ତ ହେଲେ ଓ ଆମମାନଙ୍କ ମଧ୍ୟରେ ବାସ କଲେ ।" ଏବଂ ଯଦି ଆମ ପାଖରେ ଥିବା ସମସ୍ତ ଶିକ୍ଷା, ଏବଂ ପରମେଶ୍ୱରଙ୍କ ବାକ୍ୟର ସୁନିଶ୍ଚିତତା; ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା, ଚିହ୍ନମାନ ଦ୍ୱାରା, ଆଶ୍ଚର୍ଯ୍ୟକର୍ମ ଦ୍ୱାରା, ଆମେମାନେ ଆଜି ଦେଖୁ, ଯେ ଏଠାରେ ଲୂକର—ର ପୁସ୍ତକରେ, ଯାହାକୁ ଆମେ ବର୍ତ୍ତମାନହିଁ ଉଦ୍ଧୃତ କରିଅଛୁ, ଅବା ଲୂକର ସେହି—ସେହି 17ତମ ପର୍ବ ଏବଂ 30ତମ ପଦ; ଏବଂ ମଲାଖି 4, ଏବଂ ବିଭିନ୍ନ ଶାସ୍ତ୍ରାଂଶଗୁଡିକରେ ଯାହା ସହିତ ଆମେ ପରିଚିତ ଅଟୁ, ଯେ ସେହି ବାକ୍ୟକୁ ପୁଣିଥରେ ଲୋକମାନଙ୍କ ଉପରେ ଦୋଳାଯାଇଛି, ଯେପରିକି ମନୁଷ୍ୟର ମୃତ ପରମ୍ପରାଗୁଡିକ ମୃତ ଅଟେ, ଏବଂ ପରମେଶ୍ୱରଙ୍କ ପୁତ୍ର ପୁନର୍ବାର ଠିକ ଆମମାନଙ୍କ ମଧ୍ୟରେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ସହିତରେ ଜୀବିତ ଅଛନ୍ତି, ଏବଂ ଆମକୁ ଜୀବନ ପ୍ରଦାନ କରୁଅଛନ୍ତି ।

94 ଯେପରି ଭବିଷ୍ୟଦ୍‌ବକ୍ତାମାନଙ୍କଠାରୁ, ଏବଂ ଅନ୍ୟାନ୍ୟ ସବୁଠାରୁ, ଖ୍ରୀଷ୍ଟ ହିଁ ପ୍ରଥମରେ ପୁନରୁତ୍ଥିତ ହୋଇଥିଲେ; ଯଦିଓ ଅନେକ ସ୍ଥାନରେ ପ୍ରତିରୂପକ ଭାବରେ ଦର୍ଶାଯାଇଥିଲା, ଯେ ସେ ହିଁ ଶୋଇଥିବା ସେହି ଲୋକମାନଙ୍କର ପ୍ରଥମ ଫଳ ଥିଲେ । ଖ୍ରୀଷ୍ଟଙ୍କ ଆଗମନରେ, ମଣ୍ଡଳୀରୁ ବାହାରି ଆସିବାରେ, ସେହି କନ୍ୟା, ସେଠାରେ ଶେଷ ଦିନରେ ପୁନର୍ବାର ଏକ ବିଡା ଦୋଳାଯିବାକୁ ହେବ । ଓଃ, ମୋର ପ୍ରଭୁ!

95 ସେହି ବିଡାର ଦୋଳାଯିବା! ବିଡାଟି କଅଣ ଥିଲା? ସେହି ପ୍ରଥମଟି ଯାହା ପରିପକ୍ୱ ହୋଇଥିଲା, ସେହି ପ୍ରଥମଟି ଯାହାକି ଏହା ପ୍ରମାଣ କରିଥିଲା ଯେ ତାହା ଏକ ଗହମ ଅଟେ, ଯାହାକି ଏହା ପ୍ରମାଣ କରିଥିଲା ଯେ ଏହା ଏକ ବିଡା ଅଟେ ।

96 ହାଲ୍ଲେଲୁୟା! ମୁଁ ନିଶ୍ଚିତ ଯେ ଆପଣମାନେ ତାହା ଦେଖୁଛନ୍ତି ଯାହା ବିଷୟରେ ମୁଁ କହୁଅଛି । ଏହା ଲୋକମାନଙ୍କ ଉପରେ ଦୋଳା ଯାଇଥିଲା । ଏବଂ ପ୍ରଥମ ଥର ଯେତେବେଳେ ତାହା, ସେହି କନ୍ୟା ଯୁଗ ପାଇଁ, ଅନ୍ଧକାର ନାମଧାରୀ ସଂସ୍ଥାବାଦରୁ ଏକ ପୁନରୁତ୍ଥାନ ନିମନ୍ତେ ଆସିବ, ତାହା ଏକ ବାର୍ତ୍ତା ହେବ, ଯେ ବାକ୍ୟର ସମ୍ପୂର୍ଣ୍ଣ ପରିପକ୍ୱତା ପୁନର୍ବାର ତାର ନିଜର ପୂର୍ଣ୍ଣ ଶକ୍ତିରେ ଫେରି ଆସିଛି, ଏବଂ ସେହି ସମାନ ଚିହ୍ନ ଓ ଆଶ୍ଚର୍ଯ୍ୟକର୍ମ ଦ୍ୱାରା ଯାହା ସେ ପଶ୍ଚାତ୍ ସମୟରେ କରିଥିଲେ, ଲୋକମାନଙ୍କ ଉପରେ ଦୋଳାଯାଇଛି ।

97 "ଯେହେତୁ ମୁଁ ଜୀବିତ ଅଟେ, ତୁମେମାନେ ମଧ୍ୟ ଜୀବିତ," ତାହାଙ୍କ ଭାର୍ଯ୍ୟାକୁ କଥା

କହୁଛନ୍ତି। “ଯେହେତୁ ମୁଁ ଜୀବିତ ଅଟେ, ତୁମେମାନେ ମଧ୍ୟ ଜୀବିତ।” ତାହା କି ଏକ ପୁନରୁତ୍ଥାନ ଥିଲା! ଏବଂ ତାହା କି ଏକ ପୁନରୁତ୍ଥାନ ଅଟେ, ଯେ ମୃତମାନଙ୍କ ମଧ୍ୟରୁ ସଂଜୀବିତ ହେବା, ପରମେଶ୍ୱରଙ୍କ ସଂଜୀବିତ ଶକ୍ତି ଦ୍ୱାରା, “ଖ୍ରୀଷ୍ଟ ଯୀଶୁଙ୍କଠାରେ ଜୀବିତ କରାଯିବା!”

98 ସେ ସେମାନଙ୍କ ଉପରେ ଦୋଳା ଯାଇଥିଲେ। ସେହି ବାକ୍ୟ, ଯାହା ସେ ଥିଲେ, ପେଣ୍ଟିକଷ୍ଟ ଦିନରେ ସେମାନଙ୍କ ଉପରେ ଦୋଳା ଯାଇଥିଲେ, ସେହି ବାକ୍ୟ ପ୍ରକଟିତ ହୋଇଥିଲେ। ତେବେ, ଏବଂ ମୁଁ ଯେପରି କହୁଛି, ଏହାକୁ ଶେଷ ଦିନରେ ପୁଣିଥରେ ଦୋଳାଯିବାକୁ ଅଛି। ବର୍ତ୍ତମାନ, ଉଦାହରଣ ସ୍ୱରୂପେ…

99 ଆପଣ କୁହନ୍ତି, “ତେବେ, ବର୍ତ୍ତମାନ, ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ, ଭାଇ ବ୍ରାନହାମ୍। ମୁଁ ଏପରି ଏକ ମଣ୍ଡଳୀକୁ ଜାଣେ ଯିଏକି…” ତେବେ, ମୁଁ ମଧ୍ୟ ଜାଣେ। ବୁଝିଲେ?

100 ମାତ୍ର ବର୍ତ୍ତମାନ, ଉଦାହରଣ ସ୍ୱରୂପେ, କଅଣ ହେବ ଯଦି—କଅଣ ହେବ ଯଦି ଆମେ ଆଜି ଅପରାହ୍ନରେ ଟ୍ୟୁସାନ୍‌କୁ ଫେରିବାକୁ ଯାଉଅଛୁ, ତେବେ, ଏବଂ ଆମ ମଧ୍ୟରୁ ପ୍ରତ୍ୟେକ ପାଖରେ ଗୋଟିଏ ଗୋଟିଏ ରହିଛି…ଏକ—ଏକ ସମ୍ପୂର୍ଣ୍ଣ ନୂତନ, ବଡ କ୍ୟାଡିଲାକ୍ କାରରେ ଯିବାକୁ ଯାଉଅଛୁ? ଏବଂ ସମସ୍ତ ଆସନଗୁଡିକ ହରିଣ ଶାବକର—ର ଚର୍ମରେ ତିଆରି କରାଯାଇଥିଲା, ସବୁଠୁ କୋମଳ ଚର୍ମ, ନରମ ଏବଂ ବସିବାକୁ ଅତି ଆରାମଦାୟକ; ଏବଂ ଚଟାଣଗୁଡ଼ିକ ଅତି ସୂକ୍ଷ୍ମ ସୁସଜ୍ଜିତ ଥିଲା; ଷ୍ଟିଅରିଂ ଚକଟି ନିକେଲ୍ ଧାତୁର-ଆବରଣ ଥିଲା ଏବଂ ଏହାର ଚାରିପାଖରେ ହୀରାଗୁଡିକ ଜଡିତ ରହିଥିଲା; ଏବଂ ସେହି ଇଞ୍ଜିନ୍‌ଟି ଯାନ୍ତ୍ରିକ ଭାବରେ ପରୀକ୍ଷଣ କରାଯାଇ ଅବିକଳ ସଠିକ୍ ଇଞ୍ଜିନ୍ ବୋଲି ପ୍ରତିପାଦିତ କରାଯାଇଥିଲା; ଏବଂ ଚକଗୁଡ଼ିକ…ସବୁ ଭଲ ଭାବରେ ବିୟରିଂଗୁଡିକ ରହିଥିଲା ଏବଂ ତେଲଯୁକ୍ତ ରହିଥିଲା; ଏବଂ ଟାୟାରଗୁଡ଼ିକ ସବୁ ପଙ୍କଚର-ମୁକ୍ତ ଏବଂ ବିସ୍ଫୋଟ-ମୁକ୍ତ ଥିଲା, ଏବଂ ସମସ୍ତକିଛି ବିଷୟ ବୈଜ୍ଞାନିକ ଭାବରେ ପରୀକ୍ଷା କରାଯାଇଥିଲା।

101 ସେଗୁଡିକୁ ସମାୟୋଜିତ କାରଖାନାରୁ ବାହାର ହୋଇ ଆସିଥିଲା, ଉଭୟ ସେଗୁଡିକ, ଏବଂ ଦୁହେଁ ପେଟ୍ରୋଲରେ ଭର୍ତ୍ତି କରା ହୋଇଥିଲେ। ତାହାହିଁ ଗତୀୟମାନ ଶକ୍ତି ଅଟେ, ସେହି ପେଟ୍ରୋଲ, କାରଣ ଏଥିରେ ଅକ୍ଟେନ୍ ରସାୟନ ଅଛି। ମାତ୍ର ବର୍ତ୍ତମାନ ଯେତେବେଳେ ଆପଣ ସେଗୁଡିକ ଆରମ୍ଭ କରିବାକୁ ଯାଉଛନ୍ତି, ଯଦିଓ ସେଗୁଡିକ ଉଭୟ ଠିକ ସମାନ ଦେଖାଯାଏ, କିନ୍ତୁ ସେଥି ମଧ୍ୟରୁ ଗୋଟିଏରେ କୌଣସି ଅଗ୍ନିକଣା ସ୍ପାର୍କ ନାହିଁ, କୌଣସି ପ୍ରଜ୍ଜ୍ୱଳନ ଶକ୍ତି ନାହିଁ।

102 “ତେବେ,” ଆପଣ କୁହନ୍ତି, “ପେଟ୍ରୋଲରେ ଶକ୍ତି ଅଛି, ଭାଇ ବ୍ରାନହାମ୍।” ମାତ୍ର ମୋର ସେଥିରେ କିଛି ଫରକ୍ ପଡେ ନାହିଁ ଯେ ପେଟ୍ରୋଲରେ କେତେ ଶକ୍ତି ଅଛି; ଯେପର୍ଯ୍ୟନ୍ତକି ସେଠାରେ ସେହି ଶକ୍ତିକୁ ପ୍ରଦର୍ଶନ କରିବା ହେତୁ ସେଠାରେ ଏକ ଅଗ୍ନିକଣା ନାହିଁ, ’ଯେପର୍ଯ୍ୟନ୍ତକି ସେଠାରେ ଏହା ସୁନିଶ୍ଚିତ କରିବା ହେତୁ ଏକ ଶକ୍ତି ନାହିଁ ଯେ ତାହା ପେଟ୍ରୋଲ ଅଟେ, ଏହା ହୁଏତ ଜଳ ହୋଇ ଥାଇପାରେ। ଯେପର୍ଯ୍ୟନ୍ତକି…

103 ଯାଏ ଆସେ ନାହିଁ ଯେ ଧର୍ମଶାସ୍ତ୍ରୀମାନେ କେତେ ଅଧିକ ଦାବି କରନ୍ତି, ଆପଣ ନିଜର ମଣ୍ଡଳୀକୁ କେତେ ଅଧିକ ଭଲ ଭାବରେ ବ୍ୟବସ୍ଥିତ କରନ୍ତି, ଆପଣ କେତେ ଅଧିକ ଶିକ୍ଷା ପାଇଛନ୍ତି, କେତେ ଅଧିକ ବାଇବଲକୁ ପସନ୍ଦ କରନ୍ତି; ଯେପର୍ଯ୍ୟନ୍ତକି ସେହି ଦୋଳା ଯାଇଥିବା ବିଡା, ଯେପର୍ଯ୍ୟନ୍ତକି ପବିତ୍ରଆତ୍ମା ସେହି ବାକ୍ୟକୁ ସଂଜୀବିତ କରିବା ପାଇଁ ସେହି ବ୍ୟକ୍ତିଙ୍କ ଉପରେ ନ ଆସନ୍ତି! ପେଟ୍ରୋଲ ସେହି ବାକ୍ୟକୁ ନିଦର୍ଶିତ କରେ। ଏହା ସତ୍ୟ ଅଟେ; ମାତ୍ର, ଆତ୍ମା ବିନା, ଏହା ଗତାୟତ କରିବ ନାହିଁ।

104 ଆମେମାନେ ଯାନ୍ତ୍ରିକୀ ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇଅଛୁ ଏବଂ ଗତିକୀ ଉପରେ କିଛି ଦେଇ ନାହୁଁ। ଏହା ତ ପରମେଶ୍ୱରଙ୍କ ଗତିଶୀଳ ଶକ୍ତିକୁ, ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଶକ୍ତିକୁ ମଣ୍ଡଳୀ ଉପରେ ଆବଶ୍ୟକ କରେ, ଯେପରିକି *ଏହା* ପେଟ୍ରୋଲ ଅଟେ ବୋଲି ତାହା ପ୍ରକଟ କରେ ଏବଂ ସଂଘଟିତ କରେ। ଏହା ଏକ ପେଟ୍ରୋଲ ପାତ୍ରରେ ଥାଇପାରେ; ଏହା ତଥାପି ଜଳ ହୋଇପାରେ, ଦେଖନ୍ତୁ। ମାତ୍ର ଏହାର ଏକମାତ୍ର ପ୍ରମାଣ, ହେଉଛି, ଏହି ଜୀବନକୁ ଏହା ଉପରେ ରଖନ୍ତୁ, ଏବଂ ଏହା ପ୍ରମାଣ କରିବ ଯେ ତାହା ପେଟ୍ରୋଲ କି ନୁହେଁ।

105 ଏବଂ ଯେତେବେଳେ ଆପଣ ପବିତ୍ରଆତ୍ମାକୁ ଏକ ନାମଧାରୀ ସଂସ୍ଥାରେ ରଖିବାକୁ ଚେଷ୍ଟା କରନ୍ତି, ସେତେବେଳେ ଆପଣ ସେତିକି ଅଧିକ ଚେଷ୍ଟା କରୁଥାଆନ୍ତି…ଆପଣ ଏକ ପୁଟୁରୁ ପୁଟୁରୁ ଶବ୍ଦ ପାଇପାରନ୍ତି; ଆପଣ ତ ନିଜର ଇଞ୍ଜିନ୍‌କୁ କାର୍ବନରେ ପରିପୂର୍ଣ୍ଣ କରାଇବା ଦ୍ୱାରା, ଏହାକୁ ନଷ୍ଟ କରି ଦେବେ।

106 ମାତ୍ର, ଓଃ, ମୁଁ ବହୁତ ଖୁସି ଯେ ସେଠାରେ ଏକ ଦଶ ହଜାର ଅକ୍ଟେନ୍ ଶକ୍ତି ଅଛି, ପରମେଶ୍ୱରଙ୍କ ସେହି ବାକ୍ୟ, ଏବଂ ଏହାକୁ ପ୍ରଜ୍ୱଳିତ କରିବା ପାଇଁ ଏକ ପବିତ୍ରଆତ୍ମା ଅଛନ୍ତି, ଏବଂ ଜଣେ ପୁରୁଷଙ୍କ ଜୀବନରେ, କିମ୍ବା ଜଣେ ମହିଳାଙ୍କ ଜୀବନରେ, କିମ୍ବା ଏକ ମଣ୍ଡଳୀରେ ପୁନରୁତ୍ଥାନ କରିବା ପାଇଁ ପରମେଶ୍ୱରଙ୍କ ଶକ୍ତି ଅଛି। ତାହା ପବିତ୍ରଆତ୍ମାଙ୍କ ସେହି ଗତିଶୀଳ ଶକ୍ତି ଅଧୀନରେ ଯାହା ଫେରି ଆସିଥିଲା, ସେହି କ୍ୟାଡିଲାକ୍ କାରକୁ ରାସ୍ତାକୁ ଦୌଡାଇଲା ଏବଂ ପେଣ୍ଟିକଷ୍ଟର ଦିନରେ ଲୋକମାନଙ୍କ ଉପରେ ଦୋଳାଯାଇ, ତାହାଙ୍କୁ ଗତକାଲି, ଆଜି, ଏବଂ ଚିରଦିନ ସମାନ ବୋଲି ପ୍ରତିପାଦିତ କରିଥିଲା।

107 ସେଠାରେ ସମସ୍ତ ଭବିଷ୍ୟଦ୍‌ବକ୍ତାମାନଙ୍କ ମଧ୍ୟରୁ ସେହି ପ୍ରଥମ ବିଡା ଆସିଥିଲା, ଯାହାକି ପରମେଶ୍ୱରଙ୍କ ପୁତ୍ର, ସମସ୍ତ ଭବିଷ୍ୟଦ୍‌ବକ୍ତାମାନଙ୍କର ରାଜା ଥିଲେ।

108 ସେଠାରେ ମଣ୍ଡଳୀମାନ, ମଣ୍ଡଳୀଗୁଡିକ, କନ୍ୟାମାନ, କନ୍ୟାଗୁଡିକ, ମଣ୍ଡଳୀମାନ, କନ୍ୟାମାନ, କନ୍ୟାଗୁଡିକ ରହିଛନ୍ତି।

109 ମାତ୍ର ସେଠାରେ ଜଣକାକୁ ଆସିବାକୁ ଅଛି! ହାଲ୍ଲେଲୁୟା! ସେଠାରେ ଏକ ପ୍ରକୃତ କନ୍ୟାକୁ ଆସିବାକୁ ଅଛି! ସେଠାରେ ଏପରି ଜଣକାକୁ ନିଶ୍ଚୟ ଆସିବାକୁ ଅଛି ଯାହା ପାଖରେ କେବଳ ଯାନ୍ତ୍ରିକୀ ନୁହେଁ, ବରଂ ଏହାର ଗତିକୀ ଥିବ, ଯାହାକି ମଣ୍ଡଳୀକୁ ଜୀବନ୍ତ କରିବ, ତାହାଙ୍କ ପୁନରୁତ୍ଥାନର ଶକ୍ତିରେ ଗତିଶୀଳ କରିବ। ଯେପର୍ଯ୍ୟନ୍ତ ଆମେ ସେହି ସ୍ଥାନକୁ ଆସି ନ ଯାଉ,

ଯେପର୍ଯ୍ୟନ୍ତ ଆମେ ସେହି ସ୍ଥାନ ପାଇ ନ ଯାଉ, ତେବେ ସେହି ଚକର ହବ୍ସଗୁଡ଼ିକୁ ଚିକ୍କଣ କରିବା କି ଲାଭ ହେବ? ତାକୁ ଏକ ରୂପରଙ୍ଗର ପରିବର୍ତ୍ତନ କରିବା କିମ୍ବା ଏକ ଚକମକ କାର୍ଯ୍ୟ କରିବା କି ଲାଭ ହେବ, ଯେତେବେଳେ ଏଥିରେ କୌଣସି ଗତିକୀ ନ ଥିବ? ଏଥିରେ କିଛି ଯାଏ ଆସେ ନାହିଁ ଯେ ସେହି ଯାନ୍ତ୍ରିକୀ କେତେ ସଠିକ୍ ବୋଲି ପ୍ରମାଣିତ ହୋଇଥାଏ, ସେଠାରେ ତ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଏକ ଗତିକୀ ରହିବା ଆବଶ୍ୟକ।

110 ତାହାହିଁ ଅଟେ ଯାହାକି ସେ ପ୍ରମାଣ କରିଥିଲେ! ହାଲ୍ଲେଲୁୟା! ତାହାହିଁ ଅଟେ ଯାହାକି ଇଷ୍ଟର ପ୍ରମାଣିତ କରିଥିଲା। ସେ କେବଳ ବାକ୍ୟ ନ ଥିଲେ, ମାତ୍ର ସେ ପରମେଶ୍ୱର ନିଜେ, ସେହି ବାକ୍ୟରେ, ଗତିକୀ ଥିଲେ। ତାହା ଯୀଶୁ ଖ୍ରୀଷ୍ଟଙ୍କ ଶରୀରକୁ (ଯାହାକି କବରରେ, ଥଣ୍ଡା, କଠିନ, ଏବଂ ମୃତ ଥିଲା) ପୁନର୍ବାର ଜୀବନ ମଧ୍ୟକୁ ଦୋହଲାଇ ଦେଇ ଉତ୍ଥିତ କରିଥିଲା, ଏବଂ ପଥରକୁ ଗଡ଼େଇ ଦେଇଥିଲା। "ମୁଁ ଯିଏକି ମୃତ ଥିଲି," ଏତେ ମୃତ ଥିଲି ଯେ ଏପରିକି ସୂର୍ଯ୍ୟ କହିଲା ଯେ ସେ ମରି ଯାଇଛନ୍ତି, ଚନ୍ଦ୍ର କହିଲା ଯେ ସେ ମରି ଯାଇଛନ୍ତି, ତାରାମାନେ କହିଲେ ଯେ ସେ ମରି ଯାଇଛନ୍ତି। ସମସ୍ତ ପ୍ରକୃତି କହିଲା ଯେ ସେ ମରି ଯାଇଛନ୍ତି। ଏବଂ ବର୍ତ୍ତମାନ ସମଗ୍ର ବିଶ୍ୱକୁ ଏହା ସ୍ୱୀକାର କରିବାକୁ ଅଛି ଯେ ସେ ପୁନର୍ବାର ଜୀବିତ ହୋଇଛନ୍ତି। ସେ କେବଳ ସେହି ଯାନ୍ତ୍ରିକୀ, ପରମେଶ୍ୱରଙ୍କ ବାକ୍ୟ ନ ଥିଲେ, ମାତ୍ର ସେ ଏହାକୁ ପ୍ରମାଣ କରିବା ନିମନ୍ତେ ସେହି ଗତିକୀ ଥିଲେ।

111 ଏବଂ ସେ, ବର ହୋଇଥିବା ହେତୁରୁ, ସେହି କନ୍ୟାକୁ ଆସିବାକୁ ଅଛି, କାରଣ ଏହା ତାହାଙ୍କର ଅଂଶ ଅଟେ। ଏବଂ ଏହା କେବଳ ସେସମସ୍ତ ପ୍ରକାଶନଗୁଡ଼ିକର ସଫଳ ହେବାର ପ୍ରକଟୀକଟଣ ହୋଇପାରେ ଯାହାକି ଅନ୍ୟ କେହି ସେହି କନ୍ୟା ବିଷୟରେ କହିଅଛନ୍ତି; ଏହା କେବଳ ପ୍ରକଟ କରିପାରେ। ଯଦି ଏହା ବରଠାରୁ କିଛି ଭିନ୍ନ ବିଷୟ କରେ, ତେବେ ଏହା କନ୍ୟା ନୁହେଁ। କାରଣ, ସେ ତାହାଙ୍କ ମାଂସର ମାଂସ, ତାହାଙ୍କ ଅସ୍ଥିର ଅସ୍ଥି ଅଟେ; ତାହାଙ୍କ ଜୀବନର ଜୀବନ, ତାହାଙ୍କ ଶକ୍ତିର ଶକ୍ତି ଅଟେ! ସେହି କନ୍ୟା ହେଉଛି ସେ! ଯେପରି ପୁରୁଷ ଏବଂ ସ୍ତ୍ରୀ ଏକ ଅଟନ୍ତି, ଏବଂ ସ୍ତ୍ରୀକୁ ତାହାଙ୍କ ପାର୍ଶ୍ୱରୁ ନିଆଯାଇଥିଲା, ସେହି ସ୍ତ୍ରୀ ତାହାଙ୍କଠାରୁ ଏକ ଆତ୍ମା, ସେହି ନାରୀର ଆତ୍ମାକୁ ନେଇଥିଲା। ତାହାଙ୍କ ପାର୍ଶ୍ୱରୁ ନିଆଯାଇଥିବା ସେହି ମାଂସ, ଉଭୟ ଯାନ୍ତ୍ରିକୀ ଏବଂ ଗତିକୀ, ସେହି ପତ୍ନୀଙ୍କୁ ତିଆରି କରିଥିଲା। ତାହାଙ୍କର ଆତ୍ମା ଏବଂ ତାହାଙ୍କର ମାଂସ, ଏବଂ ଏହାକୁ ଏକାଠି ରଖିଲା, ଏବଂ ଯାନ୍ତ୍ରିକୀ ଓ ଗତିକୀକୁ ନିର୍ମାଣ କଲା। ଯେପର୍ଯ୍ୟନ୍ତକି ସେହି ମଣ୍ଡଳୀ କିମ୍ବା ସେହି ଲୋକମାନେ…

112 ଏହି ସମସ୍ତ ଇଷ୍ଟର ଠେକୁଆ, ଏବଂ ସମାରୋହମାନ, ଏବଂ ବଡ ବଡ଼ ଗୀର୍ଜାମାନ, ଏବଂ ସୌନ୍ଦର୍ଯ୍ୟତା, ବିଫଳ ହେବ ଏବଂ ଲୋପ ପାଇଯିବ।

113 ଯେପର୍ଯ୍ୟନ୍ତକି ସେହି ମଣ୍ଡଳୀ ଉଭୟ ଯାନ୍ତ୍ରିକୀ ଏବଂ ଗତିକୀ ନ ହୋଇଯାଏ; ଏବଂ ପରମେଶ୍ୱରଙ୍କ ସେହି ଆତ୍ମା, ଯାହାକି ତାହାଙ୍କୁ ସେସବୁ ବିଷୟ କାର୍ଯ୍ୟକାରୀ କରିବା ହେତୁ ଗତାୟତ କରିଥିଲା, ଯାହା ସେ କରିଥିଲେ! ଯଦି ସେ ଷୋହଳଟି ସିଲିଣ୍ଡର ଉର୍ଜାରେ

କାର୍ଯ୍ୟକାରୀ କରନ୍ତି, ତେବେ କନ୍ୟା ମଧ୍ୟ ସେହିପରି କରିବ । ଆମେନ୍! କାରଣ ସେ ଯୋହନ 14:12 ରେ, କହିଥିଲେ, "ଯିଏ ମୋ ଉପରେ ବିଶ୍ଵାସ କରେ, ମୁଁ କରୁଥିବା କାର୍ଯ୍ୟଗୁଡ଼ିକ ସେ ମଧ୍ୟ କରିବ । ମୁଁ ତାଙ୍କୁ, ତାଙ୍କର ଯାନ୍ତ୍ରିକୀରେ ମୋର ଗତିକୀର ଏକ ଚାର୍ଜ ଦେବି, ଯେପରିକି ଜଗତ ଏହାକୁ ସହ୍ୟ କରିବାକୁ ସମର୍ଥ ହେବ ନାହିଁ; ଏବଂ ମୁଁ ତାଙ୍କୁ ଶେଷ ଦିନରେ ପୁନର୍ବାର ଉଠାଇବି ।" ତାହାହିଁ ହେଉଛି ଇଷ୍ଟର ବାର୍ତ୍ତା, ସେହି ଯାନ୍ତ୍ରିକୀ ଏବଂ ଗତିକୀ, ଏକତ୍ର ଭାବେ! ଗତିକୀ ବିନା ସେହି ଯାନ୍ତ୍ରିକୀର, କୌଣସି ଲାଭ ନାହିଁ; କିଅବା ସେହି ଯାନ୍ତ୍ରିକୀ ବିନା, ସେହି ଗତିକୀର ମଧ୍ୟ କୌଣସି ଲାଭ ନୁହେଁ ।

114 ଆପଣ ଚିତ୍କାର କରି ପାଟିତୁଣ୍ଡ କରିପାରନ୍ତି, ଏବଂ ଉପର-ଓ-ତଳକୁ ଡେଇଁପାରନ୍ତି, ଆପଣ ଯାହା ସବୁ ଚାହାଁନ୍ତି କରିପାରନ୍ତି, ଏବଂ ଏହି ବାକ୍ୟକୁ ଅସ୍ଵୀକାର କରିପାରନ୍ତି, ତେବେ ଏହା କୌଣସି ଲାଭ କରିବ ନାହିଁ । ଆପଣ ତ କେବଳ ସେହି—ସେହି ପିଷ୍ଟନ୍‌ର ଚାରିପାଖରେ ଯନ୍ତ୍ରକୁ ଚଲାଇବା ହେତୁ କ୍ରାଙ୍କିଂ କରୁଛନ୍ତି...ସେଠାରେ ପ୍ରଜ୍ଵଳିତ ହେବା ନିମନ୍ତେ ସେହି ଅଗ୍ନିକଣା ସ୍ପାର୍କ ରହିଛି, କିନ୍ତୁ ନିଆଁ ଲଗାଇବା ପାଇଁ ପେଟ୍ରୋଲ ନାହିଁ ।

115 ଏହା କେବଳ ସେତେବେଳେ କାର୍ଯ୍ୟକାରୀ ହେବ ଯେତେବେଳେ ସେମାନେ ଏକାଠି ଆସିବେ । ଆମେନ୍! ତେଣୁ, ଜଣେ ସ୍ଥିର ହୋଇ ବସିଥିବ, ଏବଂ ଅନ୍ୟଟି ଉପରକୁ ଚାଲିଯିବ । ସେଠାରେ ତାହା ସହିତ ତାହାହିଁ ହେଉଛି ଏକମାତ୍ର ବିଷୟ । ତଥାପି, ସେ ଦୁହେଁ ସମାନ ଦେଖା ଯାଇପାରନ୍ତି, ଉଭୟ ମଣ୍ଡଳୀ ବୋଲି ଦାବି କରିପାରନ୍ତି, ଉଭୟ କନ୍ୟା ବୋଲି ଦାବି କରିପାରନ୍ତି । ମାତ୍ର ଯେଉଁ ଜଣଙ୍କ ପାଖରେ ଯାନ୍ତ୍ରିକୀ ଏବଂ ଗତିକୀ ଅଛି, ଏହାହିଁ ସେହି ବିଷୟକୁ ସଂଘଟିତ କରିବ, ଯାହା ସମ୍ବନ୍ଧରେ ସତ୍ୟ ଅଟେ ବୋଲି ସେ କହିଥିଲେ ।

116 ଗତିକୀ ନ ଆସିବା ପର୍ଯ୍ୟନ୍ତ, ଯାନ୍ତ୍ରିକୀ ଯେତେ ଭଲ ଥାଉ ନା କାହିଁକି, ଏହା ଗତିଶୀଳ ହେବ ହିଁ ନାହିଁ । ଯେତେବେଳେ ଗତିକୀ ଆସେ, ସେତେବେଳେ ପେଟ୍ରୋଲରେ ଥିବା ସେହି ଅକ୍ଟେନ ସହିତ ସେହି ଅଗ୍ନିକୁ ସଂଯୋଗ କରାଯାଏ । ଏବଂ ଯେତେବେଳେ ତାହା ବିସ୍ଫୋରଣ ହୁଏ, ଏହା ଏକ ଜାଳେଣି ସୃଷ୍ଟି କରେ, ଏବଂ ସେହି ଜାଳେଣି ପ୍ରତ୍ୟେକ ଗତିକୁ, ପ୍ରତ୍ୟେକ ଗତି କରିବା ବିଷୟକୁ ଗତିଶୀଳ କରାଏ, କାରଣ ସେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି । ତାହାହିଁ ହେଉଛି ପୁନରୁତ୍ଥାନ । ତାହାହିଁ ହେଉଛି ପରମେଶ୍ଵରଙ୍କ ପ୍ରକୃତ ଶକ୍ତି, ଯାନ୍ତ୍ରିକୀ ସହିତ ଗତିକୀ । ଧ୍ୟାନ ଦିଅନ୍ତୁ, "ଏହା ତ ସେହି ଆତ୍ମା ଯାହା ସଂଜୀବିତ କରେ ।" ଏହା ତ ସେହି—ଏହା ତ ସେହି ଅଗ୍ନିକଣା ଅଟେ ଯାହାକି ଦଗ୍ଧ ହୋଇଥାଏ । ଏହା ସେହି ଗ୍ୟାସ ନୁହେଁ ଯାହାକି ଦଗ୍ଧ ହୋଇଥାଏ; ଏହା ତ ସେହି ଅଗ୍ନିକଣା ଅଟେ ଯାହାକି ସେହି ଗ୍ୟାସ୍ ଇନ୍ଧନକୁ ଦଗ୍ଧ କରେ । ବୁଝିଲେ?

117 "ତୁମେ ମୋ ବିନା କିଛି କରି ନ ପାର; ମାତ୍ର ମୋ ସହିତ ତୁମେ ସବୁକିଛି କରିପାର ।" ଯେହେତୁ ସେ ହେଉଛନ୍ତି ବାକ୍ୟ, ଏହା ତ ସେହି ପିତା ଜୀବନ୍ତ ରହିଥାନ୍ତି । "ପିତା ମୋତେ ପଠାଇଲେ, ତେଣୁ ମୁଁ ତୁମକୁ ପଠାଉଅଛି । ଯେପରି ପିତା ମୋତେ ଅଗ୍ନିରେ ପ୍ରଜ୍ଵଳିତ

କରିଛନ୍ତି ଓ ମୋତେ ସବୁକିଛି ବିଷୟ ମଧ୍ୟରେ ରଖିଛନ୍ତି, ମୁଁ କେବଳ ସେହି ବିଷୟଗୁଡ଼ିକୁ କରିଥାଏ ଯାହା ପରମେଶ୍ୱରଙ୍କୁ ପ୍ରସନ୍ନ କରେ। ତେବେ, ଯେପରି ସେ ମୋତେ ପ୍ରେରଣ କରିଛନ୍ତି, ସେହିପରି ମୁଁ ତୁମକୁ ସେହି ସମାନ ଯାନ୍ତ୍ରିକୀ ସହିତ ପଠାଉଅଛି, ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ତାହା ସେହି ସମାନ ଗତିକୀ ଆବଶ୍ୟକ କରେ। ଏବଂ ଏହି ଚିହ୍ନଗୁଡିକ ସେମାନଙ୍କର ଅନୁକାରୀ ହେବ ଯେଉଁମାନେକି ଯାନ୍ତ୍ରିକୀ ରଖିଛନ୍ତି ବୋଲି ଦାବି କରନ୍ତି। ଗତିକୀ ଏହାର ସ୍ଥାନକୁ ଗ୍ରହଣ କରିବ।"

118 ପାଉଲ କହିଲେ, "ସୁସମାଚାର ଆମ ପାଖକୁ କେବଳ ବାକ୍ୟ ମାଧ୍ୟମରେ ଆସି ନାହିଁ," କେବଳ ପେଟ୍ରୋଲ ମାଧ୍ୟମରେ ନୁହେଁ, "ବରଂ ଅଗ୍ନିକଣା ମାଧ୍ୟମରେ ମଧ୍ୟ ଆସିଅଛି," ଯେପରିକି ଏହାକୁ ଗତିଶୀଳ କରାଏ। ଆପଣ ସେଠାରେ ଅଛନ୍ତି। ଏହା ସେହି ପ୍ରକାରେ ହିଁ ଆମ ପାଖକୁ ଆସିଅଛି।

119 ଏହା ସେହି ସମାନ ଆତ୍ମା ଅଟେ, ଯାହାକି ତାହାଙ୍କୁ ଉଠାଇଥିଲା, ଯାହା ସେହି ପ୍ରକୃତ ବିଶ୍ୱାସୀଙ୍କୁ ଅନନ୍ତ ଜୀବନକୁ ସଂଜୀବିତ କରିବ। ତେବେ ମନେରଖନ୍ତୁ, ସମ୍ଭାବ୍ୟ ଭାବେ... ତେବେ ଦେଖନ୍ତୁ, ଯେତେବେଳେକି ଆମେମାନେ ଆମର ସମୟରୁ ବାହାରି ଯାଉଅଛୁ। ଧ୍ୟାନ ଦିଅନ୍ତୁ, "ସେହି ସମାନ ଆତ୍ମା," ବର୍ତ୍ତମାନ, ରୋମୀୟ ୫:1। ତେବେ ଆସନ୍ତୁ ଆମେମାନେ ରୋମୀୟ ୫:1ରେ, ତାହା ପୁନର୍ବାର ପାଠ କରିବା, ଏବଂ ତାହା କଅଣ କୁହେ ଆମେ ଦେଖିବା। ଠିକ୍ ଅଛି। ଏବଂ ନୁହେଁ ରୋମୀୟ...ମୋର ଅର୍ଥ, ୫:11, ମୋତେ କ୍ଷମା କରିବେ।

120 ରୋମୀୟ ୫:11 ରେ, "କିନ୍ତୁ *ଯଦି*..." ସେଠାରେ ସେହି ସମସ୍ୟା ଅଛି। ସେଠାରେ ତାହାଙ୍କର ମୂଖ୍ୟ ବିଷୟ ଅଟେ।

> *ଆଉ ଯେ ମୃତମାନଙ୍କ ମଧ୍ୟରୁ ଯୀଶୁଙ୍କୁ ଉଠାଇଲେ, ତାହାଙ୍କର* (ପରମେଶ୍ୱର, ସେହି ପବିତ୍ରଆତ୍ମା) *ଆତ୍ମା ଯଦି ଯାହାକି ତୁମ୍ଭମାନଙ୍କଠାରେ ବାସ କରନ୍ତି...*

121 ତେବେ, ଆପଣ ସେଠାରେ ଅଛନ୍ତି, "ଯଦି ବରର ଆତ୍ମା କନ୍ୟାଠାରେ ବାସ କରେ!"

122 ଯେତେବେଳେ ପରମେଶ୍ୱର ନିଜର ପ୍ରଥମ ବରକୁ ତିଆରି କରିଥିଲେ, ସେ ପ୍ରଥମେ ବରକୁ ରଚନା କଲେ, ଏବଂ ସେ ଆତ୍ମାରେ, ଉଭୟ ପୁରୁଷ ଓ ସ୍ତ୍ରୀ ଥିଲେ; ତାଙ୍କୁ ପୃଥିବୀର ଧୂଳିରେ ନିର୍ମାଣ କଲେ, ଯେପରିକି ସେ ବସ୍ତୁତୁଲ୍ୟ ପାର୍ଥିବ ହୁଅନ୍ତି। ଏବଂ ଧ୍ୟାନ ଦିଅନ୍ତୁ ଯେତେବେଳେ ସେ ଆଦମଙ୍କଠାରୁ, ହବାକୁ ତିଆରି କଲେ, ସେ ଅନ୍ୟ ଏକ ମାଟି ଖଣ୍ଡ ନେଲେ ନାହିଁ, ସେ ତ ଠିକ ସେହି ସମାନ ମାଟି ଖଣ୍ଡରୁ ନେଇଥିଲେ; ସେହି ସମାନ ବାକ୍ୟ, ଯେହେତୁ ଆଦମ ଏକ କଥିତ ବାକ୍ୟ ଥିଲେ। ବୁଝିଲେ? ସେ ତାଙ୍କଠାରୁ ନେଇଥିଲେ, ଏବଂ ତାହାପରେ ନେଲେ...ତାଙ୍କଠାରେ ପୁରୁଷତ୍ୱ ଏବଂ ନାରୀତ୍ୱର ଆତ୍ମା ରହିଥିଲା। ଏବଂ ସେ ଆଦମଙ୍କଠାରୁ ସେହି ନାରୀତ୍ୱର ଆତ୍ମାକୁ କାଢିନେଇ, ହବା ମଧ୍ୟରେ ସ୍ଥାପନ କଲେ; ଅତଏବ ଏହା ଏପର୍ଯ୍ୟନ୍ତ ସୁଦ୍ଧା ଆଦମଙ୍କ ଆତ୍ମାର ଏକ ଅଂଶ ଅଟେ, ଏହା ଆଦମଙ୍କ ମାଂସ ଅଟେ।

ତେବେ, ଏହା ଆଦମଙ୍କ ଆତ୍ମା ଥିଲା, ସେହି ଗତିକୀ, ଯାହା ମକୀ ତାଙ୍କର ଶରୀରର ଯାନ୍ତ୍ରିକୀକୁ ସଂଜୀବିତ କରିଥିଲା ।

123 ତେଣୁ ସେହି କନ୍ୟାକୁ ମଧ୍ୟ ତାଙ୍କ ମାଂସର ମାଂସ, ଏବଂ ଅସ୍ଥିର ଅସ୍ଥି ହେବାକୁ ଅଛି । ତେବେ ଏହି ମର୍ତ୍ତ୍ୟ ଶରୀର କିପରି ତାହାଙ୍କ ଶରୀର ହେବାକୁ ଯାଉଅଛି? ଆମେ ଏହାକୁ ଗୋଟିଏ ମିନିଟରେ ଦେଖିବା, ଦେଖନ୍ତୁ । ଏହା କିପରି କରାଯାଏ? କିପରି? ଏହି ମହାନ ରୂପାନ୍ତରଣ କଅଣ ଅଟେ? ଧ୍ୟାନ ଦିଅନ୍ତୁ ।

> ବର୍ତ୍ତମାନ *ଆଉ ଯେ ମୃତମାନଙ୍କ ମଧ୍ୟରୁ ଯୀଶୁଙ୍କୁ ଉଠାଇଲେ, ତାହାଙ୍କର* (ପରମେଶ୍ୱର) *ଆତ୍ମା ଯଦି ଯାହାକି ତୁମ୍ଭମାନଙ୍କଠାରେ ବାସ କରନ୍ତି ତେବେ ସେ ମୃତମାନଙ୍କ ମଧ୍ୟରୁ ଖ୍ରୀଷ୍ଟଙ୍କୁ ଉଠାଇଲେ ସେ ତୁମ୍ଭମାନଙ୍କଠାରେ ବାସ କରୁଥିବା ଆପଣା ଆତ୍ମାଙ୍କ ଦ୍ୱାରା ତୁମ୍ଭମାନଙ୍କ ମର୍ତ୍ତ୍ୟ ଶରୀରକୁ ମଧ୍ୟ ଜୀବିତ କରିବେ ।*

124 ହେ, ମୋର ପ୍ରଭୁ! ସେହି ପୂର୍ବନିରୂପିତ ଜଣକ, ଅବଶ୍ୟ, ଯେପରିକି ପୃଥିବୀ ପୃଷ୍ଠରେ ପଡ଼ି ରହିଥିବା ସେହି ବୀଜ, ସେହି ଜଣକା ଯେଉଁମାନଙ୍କ ମଧ୍ୟରେ ଜୀବନ ରହିଥିଲା । ସେମାନଙ୍କ ମଧ୍ୟରୁ ଅନେକେ ମୃତ ଥିଲେ; ସେମାନେ କେବଳ କ୍ଷୟପ୍ରାପ୍ତ ବୀଜ ଥିଲେ; ଜଳ ଓ ଅନ୍ୟାନ୍ୟ ଜିନିଷସବୁ ସେମାନଙ୍କୁ ଜାଳି ପୋଡି ଦେଇଥିଲା । ମାତ୍ର, ଆପଣ ଜାଣନ୍ତି, ସେଠାରେ ଏକ ବୀଜ ଜୀବନ ନିମନ୍ତେ ପ୍ରସ୍ତୁତ ରହିଥିଲା । ପରମେଶ୍ୱର ଜାଣିଥିଲେ ଯେ ଏହା ସେଠାରେ ପଡ଼ି ରହିଛି ।

125 ତେବେ, ସେହି ପୂର୍ବନିରୂପିତମାନେ ହିଁ ପ୍ରଥମ ଅଟନ୍ତି ଯେଉଁମାନେକି ପବିତ୍ରଆତ୍ମାଙ୍କ ଦ୍ୱାରା ସଂଜୀବିତ କରାଯିବେ, କାରଣ ପବିତ୍ରଆତ୍ମା ତାହାଙ୍କର ନିଜର ଲୋକମାନଙ୍କୁ ଦାବି କରିବାକୁ ଆସନ୍ତି । ତେବେ, ଏହା ବର୍ତ୍ତମାନ ଗଭୀର ବିଷୟ ଅଟେ, ଏବଂ ଏହାକୁ ଭଲ ଭାବରେ ବୁଝିବା ନିମନ୍ତେ ନିଶ୍ଚିତ ହୁଅନ୍ତୁ ।

126 ତେବେ, ଯେପରି ସୂର୍ଯ୍ୟକୁ ପୃଥିବୀର ଚାରିପାଖକୁ ପଠା ଯାଇଥିଲା, ଯେ ପଥରଗୁଡ଼ିକୁ, ଯାହାକି ଧୂଳି ହିଁ ଅଟେ, ଜୀବନକୁ ଆଣିବା ପାଇଁ ନୁହେଁ, ଏହା ସମସ୍ତ ଧୂଳିକୁ ଜୀବନ୍ତ କରିବା ପାଇଁ ନୁହେଁ, ମାତ୍ର ସେହି ଧୂଳିର ସେହି ଅଂଶକୁ ଆଣିବା ପାଇଁ ଅଟେ ଯାହାକି ଏକ ଜୀବନ ଚାରିପାଖରେ ଆବଦ୍ଧ ହୋଇଥିଲା ।

127 ସମସ୍ତ ଲୋକମାନେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବେ ନାହିଁ । ଓଃ, ନା । ମାତ୍ର ସେମାନେ ଯାହାଙ୍କୁ ପରମେଶ୍ୱର ଜୀବନ ନିମନ୍ତେ ପୂର୍ବରୁ ନିର୍ଦ୍ଧାରଣ କରିଛନ୍ତି, ଯେଉଁମାନେ ପୃଥିବୀର କିଛି ଧୂଳି ଚାରିପାଖରେ ଆବଦ୍ଧ ରଖାଯାଇଛନ୍ତି, ସେମାନେ ହିଁ ଅଟନ୍ତି ଯାହାକୁ ସଂଜୀବିତ କରିବା ପାଇଁ ସେ ଆସନ୍ତି । ସେମାନେ ହିଁ ସେହି ଜଣକା ଅଟନ୍ତି ।

128 ତାହା, ବର୍ତ୍ତମାନ, ସେହି ଧୂଳି ସେଠାରେ ସୂର୍ଯ୍ୟକିରଣରେ ପଡ଼ି ରହିଥିବ, ଏବଂ କହିବ, "ଓଃ, ଏହି ପୁରୁଣା ସୂର୍ଯ୍ୟ ଏତେ ଗରମ ଅଟେ!" ସେହି ପଥର, କହିବ, "ଏହି ପୁରୁଣା ସୂର୍ଯ୍ୟଟି ଏତେ ଗରମ ଅଟେ!" ମାତ୍ର ସେହି ଛୋଟ ବୀଜ, କହିବ, "ତାହାହିଁ ତ ଅଟେ ଯାହାର ମୁଁ ଅପେକ୍ଷା କରୁଥିଲି," ଏବଂ ଏହା ଜୀବନ୍ତ ହେବାକୁ ଆରମ୍ଭ କରିବ । ଏହା ଧୂଳିର ସେହି ଅଂଶକୁ

ସଂଜୀବିତ କଲା । କାରଣ, ସୂର୍ଯ୍ୟକୁ ସେହି ପଥରକୁ ସଂଜୀବିତ କରିବା ପାଇଁ ପଠାଯାଇ ନ ଥିଲା, ସେହି ଧୂଳିକୁ ସଂଜୀବିତ କରିବା ପାଇଁ ପଠାଯାଇ ନ ଥିଲା, ବରଂ ବୀଜର ସେହି ଜୀବନକୁ ସଂଜୀବିତ କରିବା ପାଇଁ ପଠାଯାଇଥିଲା ।

129 ତେବେ, ବର୍ତ୍ତମାନ ପବିତ୍ରଆତ୍ମା ଆସନ୍ତି । ଅବଶ୍ୟ, ଏହା ପଠାଯାଇ ନ ଥିଲା...କାହିଁକି ସମସ୍ତ ଲୋକମାନେ ଏହାକୁ ଗ୍ରହଣ କରିବେ ନାହିଁ? ଏହା ସେମାନଙ୍କ ନିକଟକୁ ପଠାଯାଇ ନ ଥିଲା ।

130 ଜଣେ ଲୋକ ମୋତେ କହିଲା, "ମୁଁ ବିଶ୍ୱାସ କରେ ନାହିଁ । ଆପଣ ଯାହା କହୁଛନ୍ତି ସେଥିରେ ମୋର କିଛି ଯାଏ ଆସେ ନାହିଁ । ଯଦି ଆପଣ ମୃତ ଲୋକକୁ ପୁନରୁତ୍‌ଥିତ କରିପାରିବେ, କିମ୍ବା ଅନ୍ୟ କୌଣସି ଜିନିଷ କରିପାରିବେ, ଏବଂ ରୋଗୀକୁ ସୁସ୍ଥ କରିପାରିବେ, ଏବଂ ଏହାକୁ ଯେକୌଣସି ଉପାୟରେ ପ୍ରମାଣ କରିପାରିବେ, ତଥାପି ମୁଁ ଏହାକୁ ବିଶ୍ୱାସ କରେ ନାହିଁ ।"

131 ମୁଁ କହିଲି, "ନିଶ୍ଚିତରେ ନୁହେଁ । ଆପଣ ଜଣେ ଅବିଶ୍ୱାସୀ ଅଟନ୍ତି । ଆପଣଙ୍କ ପାଇଁ ଏହାର କୌଣସି ଅର୍ଥ ନାହିଁ । ଏପରିକି ଏହା ତ ଆପଣଙ୍କ ପାଖକୁ ପଠା ସୁଦ୍ଧା ଯାଇ ନ ଥିଲା । ଏହା ତ ସେମାନଙ୍କ ପାଖକୁ ପଠାଯାଇଛି ଯେଉଁମାନେ ବିଶ୍ୱାସ କରିବେ ।"

132 ବାର୍ତ୍ତାଟି ବିଶ୍ୱାସୀଙ୍କ ପାଇଁ ଅଟେ । ଯେଉଁମାନେ ବିନଷ୍ଟ ହୁଅନ୍ତି, ତାଙ୍କ ପାଇଁ ଏହା ମୂର୍ଖତା ଅଟେ; ମାତ୍ର ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ଅଛନ୍ତି, ଏବଂ ସେହି ବୀଜର ଅଂଶ ଅଟନ୍ତି, ଏହା ଜୀବନ ଅଟେ ।

133 ସେହି କୃଷକ ବିଷୟରେ ମୋର ଛୋଟ ଅପକ୍ୱ କାହାଣୀଟି ଯେଉଁଥିରେକି ସେ ଅଣ୍ଡା ତଳେ, କିମ୍ବା ଉତ୍କ୍ରୋଶ ପକ୍ଷୀର ଅଣ୍ଡାକୁ କୁକୁଡ଼ା ତଳେ ରଖି ଦେଇଥିଲା । ବୁଝିଲେ? ସେହି ଛୋଟ ଉତ୍କ୍ରୋଶଟି, ସଂପୂର୍ଣ୍ଣ ଭାବରେ, ସେ ଏକ ପ୍ରକାରେ—ସେ ଏକ ପ୍ରକାରେ ବିଚିତ୍ର-ଦିଶୁଥିବା, ଛୋଟ ପ୍ରାଣୀଟିଏ ଥିଲା । ଯେତେବେଳେ ଏହି କୃଷକ ସେହି କାର୍ଯ୍ୟକୁ କରିଥିଲା ଯାହାକି, ସେ ଏହି ଉତ୍କ୍ରୋଶ ପକ୍ଷୀର ଅଣ୍ଡାକୁ ଏହି ପୁରୁଣା କୁକୁଡ଼ା ତଳେ ରଖି ଦେଇଥିଲା । ଏବଂ ସେହି କୁକୁଡାଟି ଅଣ୍ଡା ଫୁଟାଇ ଏକ କୌତୁକୀଆ-ଦିଶୁଥିବା ଚିଆଁକୁ ବାହାର କଲା, ଏବଂ ଏହା ଏକ—ଏହା ଏକ ବିଚିତ୍ର, ଛୋଟ ପ୍ରାଣୀ ଥିଲା । ସେ ସେମାନଙ୍କ ପରି ଦେଖାଯାଉ ନ ଥିଲା । ତାର ପକ୍ଷଗୁଡ଼ିକ ସେହି ଅନ୍ୟମାନଙ୍କ ପରି ନ ଥିଲା, ଏବଂ ସେ—ସେ କେବଳ...ସେ ଏକ ବିଚିତ୍ର, ଛୋଟ ପ୍ରାଣୀ ଥିଲା । ଏବଂ ବାକି ସମସ୍ତ କୁକୁଡ଼ା ଚିଆଁମାନେ ତାକୁ ଏକ ବିଚିତ୍ର ପ୍ରାଣୀ ଭାବରେ ଚିହ୍ନିଥିଲେ । ଏବଂ ସେହି କୁକୁଡ଼ା ଚାରିଆଡ଼େ ବୁଲୁଥିଲା...

134 ସେ ତ ଏପରିକି ସେହି ଭୋଜନକୁ ସୁଦ୍ଧା ପସନ୍ଦ କରୁ ନ ଥିଲା ଯାହା ସେହି ମାଆ କୁକୁଡା ତାକୁ ଖାଇବାକୁ ଦେଉଥିଲା । ସେ ତ ସେହି ଖଳାରେ ଅଳିଆ ଆବର୍ଜନା ମଧ୍ୟରେ ଖାଦ୍ୟ ଖୋଜିବାକୁ ପସନ୍ଦ କରୁ ନ ଥିଲା । ତାର, ତାର ଏହା ସହିତ କିଛି ହେଲେ କରିବାର ନ ଥିଲା । ତେଣୁ ସେ ଆଶ୍ଚର୍ଯ୍ୟ କଲା ଯେ ଯାହା ବି ହେଉ, କାହିଁକି ତାକୁ ହିଁ ସେଠାରେ ଚାରିଆଡ଼େ ବିଚିତ୍ର

ହେବାକୁ ଥିଲା । ବୁଝିଲେ? ଏବଂ ସେ କେବେବି ଏପରି କୌଣସି ଜିନିଷର ସ୍ୱାଦ ଚାଖି ନ ଥିଲା ଯାହାକି…ସେ କେବଳ ନିଜକୁ ବଞ୍ଚାଇ ରଖିବା ପାଇଁ ଯେତିକି ଯଥେଷ୍ଟ ସେତିକି ଖାଉଥିଲା, କାରଣ ସେ ଏହାର ସ୍ୱାଦ ପସନ୍ଦ କରୁ ନ ଥିଲା, ଦେଖନ୍ତୁ । କାରଣ, ସେ ଆରମ୍ଭରୁ ହିଁ, ଜଣେ କୁକୁଡ଼ା ଚିଆଁ ନ ଥିଲା । ବୁଝିଲେ?

135 ଏବଂ ସେହି—ସେହି କୁକୁଡ଼ାଟି କ୍ଲକ୍ କ୍ଲକ୍ ଶବ୍ଦ କରିଥାଏ, ଏବଂ, ଆପଣମାନେ ଜାଣନ୍ତି, "ଆଶ୍ଚର୍ଯ୍ୟକର୍ମର ଦିନଗୁଡ଼ିକ ଅତୀତ ହୋଇଯାଇଛି । ସେହିପରି କୌଣସି ବିଷୟ ନାହିଁ। ମଣ୍ଡଳୀରେ ଯୋଗ ଦିଅ ।" ଏହା ସେହି ଛୋଟ ପ୍ରାଣୀକୁ, ସଠିକ୍ ଲାଗିଲା ନାହିଁ । ତେଣୁ ସେ ସେହି କୁକୁଡ଼ାର ଚାରିପାଖରେ ପଛରେ ପଛରେ ବୁଲି ରହିଲା ଯେପର୍ଯ୍ୟନ୍ତକି ଦିନେ ତାର ମାଆ…

136 ସେହି ପୁରୁଣା ଉତ୍କ୍ରୋଶ ଜାଣିଥିଲା ଯେ ସେ ଏତେ ଗୋଟି ଅଣ୍ଡା ଦେଇଅଛି, ଏବଂ ସେଠାରେ ଗୋଟିଏ ନିଖୋଜ ଅଛି । ସେ ଜାଣିଥିଲା ଯେ ସେହି ଉତ୍କ୍ରୋଶଟି କୌଣସି ସ୍ଥାନରେ ଅଛି, ତେଣୁ ସେ ତାକୁ ଖୋଜିବାର ଅଭିଯାନ ଆରମ୍ଭ କରେ । ଏବଂ ସେ ପର୍ବତ ଶିଖର ଉପରେ, ଏବଂ ତଳେ ଉପତ୍ୟକାରେ, ଏବଂ ସେହି ଛୁଆର ଯେଉଁଠାରେ ବି ରହିବାର ସମ୍ଭାବନା ଥିଲା ସେହି ସମସ୍ତ ସ୍ଥାନରେ ଘୁରିବାକୁ ଲାଗିଲା । ଏହି ସମୟ ପର୍ଯ୍ୟନ୍ତ, ସେ, ଏହା ତାର ଜନ୍ମ ହେବାର ସମୟ ହୋଇଯାଇଥିଲା । ଏହା ତାର ଅଣ୍ଡା ଫୁଟି ବାହାରି ଆସିବାର ସମୟ ହୋଇଯାଇଥିଲା । କହିଲା, "ବୋଧହୁଏ ଏକ କାଉ ଆସି ମୋ ଅଣ୍ଡାକୁ ଉଠାଇ ନେଇଛି; ବୋଧହୁଏ ଏକ ଶାଗୁଣା ହୋଇଥିବ । ମୁଁ ଜାଣେ ନାହିଁ। କିଛି ଗୋଟାଏ ମୋର ଅଣ୍ଡାକୁ ଉଠାଇ ନେଇଛି । ମାତ୍ର ମୁଁ ଜାଣେ…ସେହି ଅଣ୍ଡା ମୋ ମନରେ ଅଛି । କୌଣସି ସ୍ଥାନରେ ମୋର ଏକ ପୁତ୍ର ଅଛି । ମୋତେ ତାକୁ ଖୋଜିବାକୁ ଅଛି ।"

137 ସେହିପରି ପରମେଶ୍ୱର ମଧ୍ୟ କରନ୍ତି । ସେ ସେହି ମହାନ ଉତ୍କ୍ରୋଶ ପକ୍ଷୀ ଅଟନ୍ତି। ତାହାଙ୍କ ଚିନ୍ତାଧାରାରେ ସେ ଜାଣିଥିଲେ ଯେ ତାହାଙ୍କର ଏକ ମଣ୍ଡଳୀ ରହିବ । ସେ ଜାଣିଥିଲେ ଯେ ତାହାଙ୍କର ଏକ ଲୋକ ରହିବେ । ଏଥିରେ କିଛି ଫରକ୍ ପଡେ ନାହିଁ ଯେ ସେମାନଙ୍କୁ କଅଣ ପ୍ରେମାଳାପ କରିଥିଲା, ଫରକ୍ ପଡେ ନାହିଁ ଯେ ସେମାନେ କାହା ତଳେ ଅଣ୍ଡା ଫୁଟି ବାହାରିଥିଲେ, ସେ ତ ଖୋଜୁଛନ୍ତି । ସେ ତାହାଙ୍କର ନିଜର ଲୋକମାନଙ୍କୁ ଖୋଜୁଅଛନ୍ତି ।

138 ଏବଂ ଦିନେ, ଯେପରି ସେହି କାହାଣୀ ଆଗକୁ ଯାଏ, ଏହି ପୁରୁଣା ଉତ୍କ୍ରୋଶ ପକ୍ଷୀଟି ସେହି ଖଳା ଉପର ଦେଇ ଉଡୁଥିଲା । ସେ ସବୁଆଡେ ଅନାଉଥିଲା, ଏବଂ ସେ ତାକୁ ପାଇଗଲା । ଓଃ, ସେହି ପୁନରୁତ୍ଥାନ ପାଇଁ, ଏହା ଚିହ୍ନିବା ଯେ ସେ ତ ପ୍ରକୃତରେ, ଆଦୌ ଏକ କୁକୁଡ଼ା ଚିଆଁ ନ ଥିଲା । ସେ ଏକ ଉତ୍କ୍ରୋଶ ପକ୍ଷୀ ଥିଲା! ଏବଂ ତାକୁ ତ ସର୍ବଦା ତଳକୁ ଦେଖିବାର, ଗୋଟିଏ ପୋକ କିମ୍ବା ଖଳାରେ କିଛି ଗୋଟାଏ ବିଷୟକୁ ଖୋଜିବାର ଶିକ୍ଷା ଦିଆଯାଇଥିଲା । ମାତ୍ର ସେ ଏକ ଚିତ୍କାର ଶୁଣିଲା, ଯାହାକି କହୁଥିଲା, "*ଏଆଡେ* ଉପରକୁ ଅନାଅ!" ଏବଂ ସେ ନିଜ ଉପରକୁ ଅନାଇଲା, ଏବଂ ସେଠାରେ ଚଉଦ-ଫୁଟ ଡେଣା ବିଶିଷ୍ଟ ଏକ ପ୍ରାଣୀ ଥିଲା,

ସେଠାରେ ସେହି ଖଳାରେ ଥିବା ସମସ୍ତ କୁକୁଡ଼ା ଅପେକ୍ଷା ଅଧିକ-ଶକ୍ତିଶାଳୀ ଥିଲା, ଏବଂ ତାକୁ ନିଜର ପୁତ୍ର ବୋଲି ଦାବି କରୁଥିଲା ।

ସେ କହିଲା, "ମାଆ, ମୁଁ ତୁମ ପାଖକୁ କିପରି ପହଞ୍ଚିପାରେ?"

139 କହିଲା, "କେବଳ ଡିଆଁ ମାର, ନିଜର ଡେଣାଗୁଡିକୁ ଆହୁଲା ଦେବା ଆରମ୍ଭ କର, କାରଣ ତୁ ଏକ ଉତ୍କ୍ରୋଶ ପକ୍ଷୀ ଅଟୁ ।"

140 ଦେଖନ୍ତୁ, ସେ ଜାଣିଥିଲା ଯେ ତାର କୌଣସି ସ୍ଥାନରେ ଜଣେ ପୁତ୍ର ଅଛି । ଯାଏ ଆସେ ନାହିଁ ଯେ ସେ କେଉଁଠାରେ ପ୍ରତିପାଳନ ହୋଇଅଛି, କୌଣସି ସ୍ଥାନରେ ତ ତାର ଏକ ପୁତ୍ର ରହିଛି ।

141 ଏବଂ ପରମେଶ୍ୱର ଜାଣନ୍ତି! ହାଲ୍ଲେଲୁୟା! ତାହାଙ୍କର ଏକ ପୂର୍ବନିରୂପିତ, ପୂର୍ବନିର୍ଦ୍ଧାରିତ ମଣ୍ଡଳୀ ରହିଛି! ସେ ଜାଣିଛନ୍ତି ଯେ ତାହାଙ୍କର ପୁତ୍ର ଏବଂ କନ୍ୟାଗଣ ଅଛନ୍ତି, ଏବଂ କୌଣସି ସ୍ଥାନରେ, ଏକ କନ୍ୟା ଅପେକ୍ଷା କରୁଅଛି; ଯେତେବେଳେ ପବିତ୍ରଆତ୍ମା ଏହା ଉପର ଦେଇ ଉଡ଼ିବା ଆରମ୍ଭ କରନ୍ତି, ସେହି ଦୋଳା ଯାଇଥିବା ବିଡା । ଓଃ, ମୋର ପ୍ରଭୁ! ସେ ତ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି । କୌଣସି ପୌରାଣିକ କାହାଣୀ ନୁହେଁ, ମାତ୍ର ଏକ ବାସ୍ତବିକତା!

142 ଫରକ୍ ପଡେ ନାହିଁ ଯେ କେତେ ଜଣ ତାକୁ କହିବାକୁ ଚେଷ୍ଟା କଲେ, "ଏକ ଉତ୍କ୍ରୋଶ ପକ୍ଷୀ," ସେ ଜାଣି ନ ଥିଲା ଯେ ଗୋଟିଏ ଉତ୍କ୍ରୋଶ ପକ୍ଷୀ କଅଣ ଅଟେ । ତଥାପି, ସେ ଏକ ଉତ୍କ୍ରୋଶ ପକ୍ଷୀ ଥିଲା । ସେ ଏହା ସେପର୍ଯ୍ୟନ୍ତ ବୁଝିବ ନାହିଁ ଯେପର୍ଯ୍ୟନ୍ତକି ସେ ଏପରି କିଛି ବିଷୟକୁ ନ ଦେଖେ ଯାହାକି ତାକୁ ପ୍ରତିଫଳିତ କରୁଥାଏ, ବରଂ, ଯାହାକୁ ସେ ପ୍ରତିଫଳିତ କରୁଥାଏ ।

143 ଏବଂ ଯେତେବେଳେ ଆମେମାନେ ଦେଖୁ, ଏକ ନାମଧାରୀ ସଂସ୍ଥା ନୁହେଁ, ଏକ ପିଏଚ୍.ଡି. ନୁହେଁ, ଏକ ଏଲ୍.ଏଲ୍.ଡି. ନୁହେଁ, ଜଣେ ଭଲ ପଡ଼ୋଶୀ ନୁହେଁ; ମାତ୍ର ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଗଢା ହୋଇଥିବା ପରମେଶ୍ୱରଙ୍କ ଜଣେ ପୁତ୍ରଙ୍କୁ, ପରମେଶ୍ୱରଙ୍କ ଗତିଶୀଳ ଶକ୍ତି ସହିତ ଯେ ଏହି ଦିନର ସେହି ପ୍ରୟୋଜନକୁ ଉତ୍ତର ଦିଆ ଯାଏ, ଯେ ସେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି, ତେବେ ସେଠାରେ କୌଣସି କୁକୁଡ଼ା ଆପଣଙ୍କୁ ଧରି ରହିବାକୁ ଯାଉ ନାହିଁ । ସେ ତାର ମାଆକୁ ଖୋଜୁଅଛି । ସେ ତ ଆରମ୍ଭରୁ ହିଁ, ଏକ ଉତ୍କ୍ରୋଶ ପକ୍ଷୀ ଅଟେ । ସେ ଚିହ୍ନିଥାଏ । ଏହି ପ୍ରକୃତ ଉତ୍କ୍ରୋଶ ପକ୍ଷୀ ପରମେଶ୍ୱରଙ୍କ ବାକ୍ୟର ଆହ୍ୱାନକୁ ଚିହ୍ନିଥାଏ । କାହିଁକି? ସେ ଏକ ଉତ୍କ୍ରୋଶ ପକ୍ଷୀ ଅଟେ । ଏକ ଉତ୍କ୍ରୋଶ ପକ୍ଷୀରୁ ଅନ୍ୟ ଏକ ଉତ୍କ୍ରୋଶ ପକ୍ଷୀକୁ! ଜଗତର ମୂଳଦୁଆ ସ୍ଥାପନ କରାଯିବା ପୂର୍ବରୁ ସେହି ବାକ୍ୟ, ବାକ୍ୟରୁ ବାକ୍ୟକୁ! ସେହି ବାକ୍ୟ, ସେହି ଘଟିକା ପାଇଁ ଲିଖିତ ବାକ୍ୟକୁ, ପୂର୍ବନିରୂପିତ ଅଟେ । ଆପଣ ନିଜର ସ୍ଥିତିକୁ ହୃଦୟଙ୍ଗମ କରନ୍ତୁ । ସେ ଏହାକୁ ଖୋଜନ୍ତି ।

144 ତେବେ ଏହି, ଏହି ପାର୍ଥିବ ଶରୀର, ସଂଜୀବିତ କରା ହୁଏ ଏବଂ ପରମେଶ୍ୱରଙ୍କ ବାକ୍ୟ ପ୍ରତି ଆଜ୍ଞାବହ କରିବା ହେତୁ ପରମେଶ୍ୱରଙ୍କ ସଂଜୀବିତ ଆତ୍ମା ଦ୍ୱାରା କାର୍ଯ୍ୟକାରୀ କରାଯାଏ ।

145 ଶୀଘ୍ର କରିବା । ଯେତେବେଳେ ସେ ଜାଣିବାକୁ ଚାହିଁଲା ଯେ ସେ କିପରି ତାହା ସହିତ ସେଠାରେ ପହଞ୍ଚି ପାରିବ, ତାକୁ ତ ଶିକ୍ଷା ଦିଆଯାଇଥିଲା ଯେ ସେ ତାହା କରିପାରିବ ନାହିଁ । "ତୁମେ ଯେତିକି ଡେଇଁଥାଅ ତାହାଠାରୁ ଅଧିକ ଉଚ୍ଚ ଯାଇପାର ନାହିଁ । " ସେ ତ ଏକ କୁକୁଡ଼ା ଚିଆଁ ଅଟେ । ବୁଝିଲେ?

ମାତ୍ର ଏହି ଉତ୍କ୍ରୋଶ ପକ୍ଷୀ କହିଲା, "ତାହା ସେପରି ନୁହେଁ ।"

"ତେବେ, କୁକୁଡ଼ା ଚିଆଁମାନଙ୍କୁ ଦେଖ!"

146 "କୁକୁଡ଼ାମାନେ କଅଣ ଅଟନ୍ତି ସେଥିରେ କିଛି ଯାଏ ଆସେ ନାହିଁ, ତୁ ଏକ ଉତ୍କ୍ରୋଶ ପକ୍ଷୀ ଅଟୁ । କେବଳ ସେହି ଡେଣାଗୁଡିକୁ ବିସ୍ତାର କରିବା ଆରମ୍ଭ କର, ଏବଂ ସେଥିରେ ଟିକିଏ ଫୁର୍ତ୍ତି ଆଣ । ଉପରକୁ ଯିବା ଆରମ୍ଭ କର!"

147 ବାକ୍ୟରୁ ବାକ୍ୟକୁ! "ଯେଉଁ କାର୍ଯ୍ୟଗୁଡ଼ିକୁ ମୁଁ କରେ ତୁମେମାନେ ମଧ୍ୟ କରିବ । ଯିଏ ମୋ ଉପରେ ବିଶ୍ୱାସ କରେ, ମୁଁ ଯେଉଁ କାର୍ଯ୍ୟଗୁଡିକୁ କରେ, ସେ ମଧ୍ୟ ତାହା କରିବ ।" ବୁଝିଲେ? "ଯେହେତୁ ମୁଁ ଜୀବିତ, ସେ ମଧ୍ୟ ଜୀବିତ ଅଟେ ।" "ଏବଂ ଯଦି ସେହି ଆତ୍ମା ଯାହାକି ତାହାଙ୍କୁ ମୃତ୍ୟୁରୁ ପୁନରୁତ୍‌ଥିତ କରିଥିଲା ତୁମଠାରେ ବାସ କରନ୍ତି, ଏହା ତୁମର ମର୍ତ୍ତ୍ୟ ଶରୀରକୁ ସଂଜୀବିତ କରିବ ।" ବୁଝିଲେ?

148 ଏହା କଅଣ କରେ? ତେବେ ଶୁଣନ୍ତୁ, ଯେପରିକି ଆପଣ ଜାଣିବେ । ଏବଂ ଏହି ଇଷ୍ଟର, ମୁଁ ଚାହେଁ ଯେ ଏହା ଆପଣଙ୍କ ପାଇଁ ତାହାଠାରୁ ଅଧିକ ମହତ୍ତ୍ୱ ରଖୁ ଯାହାକି ଅନ୍ୟ କୌଣସି ଇଷ୍ଟର କଦାଚ ରଖିଥିଲା । ବୁଝିଲେ? ମୁଁ ଚାହେଁ ଯେ ଆପଣ ଏହା ଦେଖନ୍ତୁ । ଆମେମାନେ ଜାଣୁ ଯେ ଏହା ତାହାଙ୍କ ପାଇଁ କଅଣ କରିଥିଲା; ମାତ୍ର ମୁଁ ଚାହେଁ ଯେ ଆପଣ ଏହାକୁ ଦେଖନ୍ତୁ, ଦେଖିବେ ନାହିଁ, ଏହା ଆପଣଙ୍କ ପାଇଁ ସେହି ସମାନ କାର୍ଯ୍ୟ କରିଅଛି । ବୁଝିଲେ? ଏହା କଅଣ କରେ? ଏହା ମର୍ତ୍ତ୍ୟ ଶରୀରକୁ ସଂଜୀବିତ କରେ । ଏହି ମର୍ତ୍ତ୍ୟ ଶରୀର ଯେଉଁଥିରେ ଆମେମାନେ ବାସ କରୁଅଛୁ, ଏହା ତାହାକୁ ସଂଜୀବିତ କରେ, ଅନ୍ୟ ଶବ୍ଦରେ କହିବାକୁ ଗଲେ, ଏହାକୁ ଜୀବନ୍ତ କରେ ।

149 ତେବେ, ଆପଣ ଯିଏକି ଥରେ ନିଜ ପାଟିରେ ଏକ ବହୁତ ବଡ ସିଗାରେଟ୍ ରଖି, ଏବଂ ସବୁକିଛି, କିମ୍ବା ଏକ ମେଞ୍ଚେ ସିଗାରେଟ୍ ସହିତ ଚାଲିଥିଲେ; ଏବଂ ଆପଣ ମହିଳାମାନେ ଯେଉଁମାନେକି ଏକଦା ଛୋଟ କେଶ ରଖୁଥିଲ, ରଙ୍ଗ ପ୍ରସାଧନ ଲଗାଉଥିଲ, ଏବଂ ସେହିପରି କାର୍ଯ୍ୟକଳାପ କରୁଥିଲ, ଓ ଛୋଟ ଛୋଟ ଜାମା ପିନ୍ଧୁଥିଲ, ଏବଂ ସେହିପରି ଜିନିଷ କରୁଥିଲ; ହଠାତ ଏକା ଥରକେ, କିଛି ଗୋଟାଏ ଚିତ୍କାର କଲା, ଏବଂ ଆପଣ ଏଠାରେ ତଳକୁ ଅନାଇଲେ ଏବଂ ଏହା ସେହି ବାକ୍ୟ ଥିଲା । ଦେଖନ୍ତୁ, ଏହା ଆପଣଙ୍କୁ ସଂଜୀବିତ କରିଥିଲା…ଆପଣ

କହିଲେ, "ମୋ ପାଇଁ ଆଉ ଅଧିକ ସେହି ଛୋଟ ଜାମା ସର୍ଟସ୍ ନୁହେଁ, ମୋ ପାଇଁ ଆଉ ଅଧିକ ମଦ୍ୟପାନ ନୁହେଁ, ଆଉ ଅଧିକ ମିଛ କହିବା ନୁହେଁ, ଆୟୁ ଅଧିକ ଚୋରି କରିବା ନୁହେଁ, ଆଉ ଅଧିକ *ଏହା, ତାହା* ନୁହେଁ।" ବୁଝିଲେ? ସେହି ଆତ୍ମା ଯାହାକି ତାହାଙ୍କୁ ମୃତ୍ୟୁରୁ ପୁନରୁତ୍ଥିତ କରିଥିଲା, ଯଦି ତୁମଠାରେ ବାସ କରେ, ତାହା ତୁମର ମର୍ତ୍ତ୍ୟ ଶରୀରକୁ, ପୃଥିବୀର ସେହି ଧୂଳିକୁ, ମଧ୍ୟ ଅଧୀନତାରେ ନେଇ ଆସିବ। କଅଣ ଆପଣ ଦେଖୁଛନ୍ତି? ଏହା କଅଣ ଅଟେ? କେଉଁ ବିଷୟ ପ୍ରତି ଅଧୀନତାରେ? ଖ୍ରୀଷ୍ଟ। ଖ୍ରୀଷ୍ଟ କିଏ ଅଟନ୍ତି? ବାକ୍ୟ। ଧର୍ମଶାସ୍ତ୍ର ଜ୍ଞାନ ନୁହେଁ, ମାତ୍ର ବାକ୍ୟ!

150 ତେବେ ଆପଣ କୁହନ୍ତି, ଯେ, "ଏହି ଜିନିଷଗୁଡ଼ିକ, ଓଃ, ମୁଁ ଭାବୁଛି ଯେ ଏହା ସ୍ତ୍ରୀଲୋକମାନଙ୍କ ପାଇଁ ଚିପା ପାଇଜାମା ପିନ୍ଧିବା ଠିକ୍ ଅଟେ।"

151 ଯେତେବେଳେକି, ବାକ୍ୟ କୁହେ, "ନା।" ଦେଖନ୍ତୁ, ଏହା ଆପଣଙ୍କୁ ତାହା ପ୍ରତି ସଂଜୀବିତ କରେ। ବୁଝିଲେ? ଆପଣ ଏହା ପ୍ରତି ଆକର୍ଷିତ କରାଯାନ୍ତି। ଦେଖନ୍ତୁ, ତେବେ, ଏହା ଆପଣ ଅଟନ୍ତି। ଏହା ହୋଇଯାଏ...ଆପଣ ସେହି ବାକ୍ୟର ଏକ ଅଂଶ ହୋଇଯାଆନ୍ତି। ଏହା ଆପଣଙ୍କ ଶରୀରକୁ ଆଣିଥାଏ, ନୁହେଁ...

152 ତେବେ, ଆପଣ କୁହନ୍ତି, "ତେବେ, ବର୍ତ୍ତମାନ, ମୋତେ ଆପଣଙ୍କୁ କିଛି କହିବାକୁ ଦିଅନ୍ତୁ। ମୋର ପାଳକ..." ମୋର କିଛି ଫରକ୍ ପଡେ ନାହିଁ ଯେ ଆପଣଙ୍କର ପାଳକ କଅଣ କହିଥିଲେ; ଏହା ତ ତାହା ଅଟେ ଯାହାକି ସେହି ବାକ୍ୟ କୁହେ! ଯଦି ଆପଣ ଏକ କୁକୁଡ଼ା ଚିଆଁ ହେବାକୁ ଚାହାଁନ୍ତି, ତେବେ ତାହା ସହିତ ଯାଆନ୍ତୁ। ମାତ୍ର ଯଦି ସେହି ପାଳକ ଏହି ବାକ୍ୟଠାରୁ ଭିନ୍ନ ଅନ୍ୟ କିଛି କଥା କୁହନ୍ତି, ତେବେ ସେ ଉତ୍କ୍ରୋଶ ପକ୍ଷୀମାନଙ୍କର ପ୍ରତିପୋଷଣକାରୀ ନୁହଁନ୍ତି; ଉଃ-ହୁଃ, ସେ କୁକୁଡ଼ାମାନଙ୍କର ଏକ ପ୍ରତିପୋଷଣକାରୀ ଅଟନ୍ତି, ଦେଖନ୍ତୁ, ଉତ୍କ୍ରୋଶ ପକ୍ଷୀମାନଙ୍କର ନୁହେଁ। ବୁଝିଲେ? ସେହି ଉତ୍କ୍ରୋଶ ପକ୍ଷୀ ଉତ୍କ୍ରୋଶର ଖାଦ୍ୟରେ ପରିପୋଷିତ ହୁଏ। ବୁଝିଲେ? ଏହା ସଂଜୀବିତ କରେ!

153 ବାଇବଲ କୁହେ ଯେ ତାହା କରିବା ଭୁଲ୍ ଅଟେ, ଏବଂ ସେହି ବ୍ୟକ୍ତି ଓ ଇତ୍ୟାଦି ଏବଂ ଆପଣ ଯାହାକିଛି ସବୁ କରନ୍ତି, ତାହା ଭୁଲ୍ ଅଟେ। କୁହନ୍ତି, "ଆଶ୍ଚର୍ଯ୍ୟକର୍ମର ଦିନଗୁଡିକ ବିତି ଯାଇଛି।" ଏହି ବାଇବଲ କୁହେ ଯେ ସେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି। ଯଦି ସେମାନେ କୁହନ୍ତି, "ତାହା ମାନସିକ ଟେଲିପ୍ୟାଥୀ ଅଟେ। ଏବଂ ଏହା ଏକ ପ୍ରକାର ମନକୁ ପାଠ-କରିବା ଅଟେ, ଏହି ହୃଦୟର ବିଷୟଗୁଡିକୁ ଜାଣିବା। ଏବଂ ଏହି ସମସ୍ତ ଦର୍ଶନଗୁଡିକ ଏବଂ ଜିନିଷଗୁଡ଼ିକ, ନିର୍ବୋଧତା ଅଟେ," ଦେଖନ୍ତୁ, ସେମାନେ କୁକୁଡ଼ା ଚିଆଁ ଅଟନ୍ତି। ସେମାନେ ଜାଣନ୍ତି ନାହିଁ ଯେ ଉତ୍କ୍ରୋଶ ପକ୍ଷୀର ଖାଦ୍ୟ କଅଣ ଅଟେ।

154 କିନ୍ତୁ, ଭାଇ, ଯେତେବେଳେ ଆପଣ ସେହି ଚିତ୍କାର ଶୁଣନ୍ତି, ଆପଣଙ୍କ ଭିତରେ କିଛି ଗୋଟାଏ ବିଷୟ ହୁଏ! ଆପଣ ତ ଆରମ୍ଭରୁ ହିଁ, ଏକ ଉତ୍କ୍ରୋଶ ପକ୍ଷୀ ଅଟନ୍ତି। କାହିଁକି? ଆପଣ ତ ସେହି ବୀଜ ଅଟନ୍ତି, ଯେ ପୁ-ତ୍ର-ର ପୁନରୁତ୍ଥାନ ଉଦିତ ହୋଇଅଛି, ଏବଂ ପୃଥିବୀ ଉପରେ

ସେହି ଦୋଳା ଯାଇଥିବା ବିଡା ଅଛି, ଯେପରିକି ଆପଣଙ୍କୁ ଏକ ଚିହ୍ନଟ କରାଏ ଯେ ଆପଣ ଏକ ଉତ୍କ୍ରୋଶ ପକ୍ଷୀ ଅଟନ୍ତି ଏବଂ ଏକ ନାମଧାରୀ କୁକୁଡା ଚିଆଁ ନୁହେଁ । କଅଣ ଆପଣ ଏହା ଦେଖୁଛନ୍ତି? ହାଃ!

155 "ଆଉ ସେହି ଆତ୍ମା ଯାହାକି ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଲା," ସେହି ବାକ୍ୟ, ବାକ୍ୟର ସେହି ଗତିକୀ, "ତୁମ୍ଭମାନଙ୍କଠାରେ ବାସ କରନ୍ତି, ଏହା ତୁମର ମର୍ତ୍ତ୍ୟ ଶରୀରକୁ ମଧ୍ୟ ସଂଜୀବିତ କରିବ ।" ତେବେ ଆମେମାନେ ଯେଉଁମାନେକି ତାହାଙ୍କର ମାଂସର ମାଂସ ଏବଂ ତାହାଙ୍କର ଅସ୍ଥିର ଅସ୍ଥି ଅଟୁ ଏହା ସହିତରେ କିପରି ହେବ? କାରଣ, ଶୀଘ୍ର ହିଁ, ଯେତେବେଳେକି ଆମେମାନେ ଏବେ ସୁଦ୍ଧା ମର୍ତ୍ତ୍ୟ ପାପୀ ହିଁ ଅଟୁ, ମର୍ତ୍ତ୍ୟ, ମରିବା ନିମନ୍ତେ ପ୍ରସ୍ତୁତ ଅଟୁ, ଏହି ଶରୀରଗୁଡିକ, ଏହା ସେହି ଶରୀରକୁ ସଂଜୀବିତ କରିବ । *ସଂଜୀବିତ* କରିବା କଅଣ ଅଟେ? "ଜୀବନକୁ ଆଣିବା ।" ସେହି ଆତ୍ମା ଯିଏକି ଥରେ ମଦ ପିଇବାକୁ, ସବୁଆଡେ ଦୌଡିବାକୁ, ବ୍ୟଭିଚାର କରିବାକୁ, ଏବଂ ଏହି ସବୁ ବିଷୟ କରିବାକୁ ପସନ୍ଦ କରୁଥିଲା, ଏହାକୁ ସଂଜୀବିତ କରାଗଲା; କାହିଁକି, ସେହି ଜିନିଷଟି ମରିଗଲା, ଏବଂ ଆପଣ ପୁନରୁତ୍ଥିତ କରା ଗଲେ । ଏହା ଆପଣଙ୍କର ମର୍ତ୍ତ୍ୟ ଶରୀରକୁ ସଂଜୀବିତ କରେ ।

156 ତେଣୁକରି, ଆପଣଙ୍କର ଶରୀର ହେଉଛି ଗତିକୀର ମନ୍ଦିର, କାରଣ (କାହିଁକି?) ଆରମ୍ଭରୁ ହିଁ ଆପଣ ସେହି ଯାନ୍ତ୍ରିକୀର ଅଂଶ ଅଟନ୍ତି । ଓଃ! ସେଠାରେ ଆପଣଙ୍କର ପୁନରୁତ୍ଥାନ ଅଟେ । ସେଠାରେ ତାହାଙ୍କ ସହିତରେ, ପୁନରୁତ୍ଥାନରେ ମଣ୍ଡଳୀ ଅଟେ । ଏହି ଶରୀରଗୁଡିକ ଠିକ ବର୍ତ୍ତମାନ ହିଁ ସଂଜୀବିତ କରା ହୋଇଛି । ଦେଖନ୍ତୁ, ଆପଣମାନେ ଶୁଣିଛନ୍ତି; ଆପଣ ବିଶ୍ୱାସ କରନ୍ତି । ଏହା ଆପଣଙ୍କୁ ଏକ ନାମଧାରୀ ସଂସ୍ଥାରୁ ବାକ୍ୟକୁ ପରିବର୍ତ୍ତନ କରିଥିଲା । ବୁଝିଲେ?

157 ସେହି ଗତିକୀ, ଯଦି ଏହା ଜଳ ଉପରେ ଆସେ, ଏହା କେବଳ ପାଣି ଫୋଟକାଗୁଡିକୁ ସୃଷ୍ଟି କରିବ, "ଆଶ୍ଚର୍ଯ୍ୟକର୍ମର ଦିନଗୁଡ଼ିକ ବିତି ଯାଇଛି ।" ପମ୍ପ-ପମ୍ପ-ପମ୍ପ, "ଓଃ, ମୁଁ ବାଇବଲକୁ ବିଶ୍ୱାସ କରେ," ପମ୍ପ-ପମ୍ପ-ପମ୍ପ, "ମାତ୍ର ସେଠାରେ—ସେଠାରେ କିଛି ନାହିଁ…" ପମ୍ପ-ପମ୍ପ-ପମ୍ପ! ବୁଝିଲେ?

158 ମାତ୍ର ଯେତେବେଳେ ସେ ସେହି ଏକ ହଜାର ଅକ୍ଟେନକୁ ପ୍ରଜ୍ୱଳିତ କରନ୍ତି, "ୱର୍ରର୍ର୍," ଆଉ ତାହାପରେ ସେ ଚାଲିଯାଏ, ଆପଣ ଦେଖନ୍ତୁ । କିପରି, ମୋର ପ୍ରଭୁ, ସେହି ଗତିକୀ ଆଘାତ କରେ! ମାତ୍ର ଯଦି ଏହା ଏକ କୁକୁଡ଼ା ଚିଆଁକୁ ଆଘାତ କରିବ, ଏହା କିଛି ଲାଭ ଦେବ ନାହିଁ । ମାତ୍ର ଯେତେବେଳେ ଏହା ଉତ୍କ୍ରୋଶ ପକ୍ଷୀକୁ ଆଘାତ କରିବ, ସେ ବାହାରି ଯିବ । ଆମେନ୍! ଯାନ୍ତ୍ରିକୀ ସହିତ ଗତିକୀ! ଦେଖନ୍ତୁ ଯେ ମୋର କହିବାର ଅର୍ଥ କଅଣ? ତାହା ହେଉଛି, ଯଦି ସେ ବର୍ତ୍ତମାନ ଏକ ପ୍ରକୃତ ଉତ୍କ୍ରୋଶ ପକ୍ଷୀ ଅଟେ, ତାହାହେଲେ ସେ "ବୁଝି ଯିବ ।"

159 ତେବେ ମୋତେ ଏଠାରେ ଆପଣଙ୍କ ପାଇଁ ଅଳ୍ପ ଟିକିଏ ଶାସ୍ତ୍ରାଂଶକୁ ସଳଖ କରିବାକୁ ଦିଅନ୍ତୁ । ମୁଁ ଭାବୁଛି ଯେ ଆମେମାନେ ଫୋନ ସଂଯୋଗରୁ ବିଚ୍ୟୁତ ହୋଇଯାଇଛୁ, ମାତ୍ର

ଆମେମାନେ ତ ଏପର୍ଯ୍ୟନ୍ତ ଏଠାରେ ଅଛୁ । ସାଧୁ ଯୋହନ 5:24, ଯୀଶୁ କହିଲେ, "ଯିଏ ମୋହର ବାକ୍ୟ ଶୁଣେ, ଏବଂ ମୋହର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି ।" ତେବେ ଦେଖନ୍ତୁ, ମୁଁ ରାସ୍ତାରେ ଯାଏ ଏବଂ ଏହାକୁ ବିନା କୌଣସି ଆତ୍ମିକ ବୁଝାମଣାରେ, କେବଳ ଆକ୍ଷରିକ ଭାବରେ ନେଇଥାଏ, ଯେ ଏହା କଅଣ ଅଟେ...ଏହାକୁ ଅନ୍ୟ କିଛି କହୁଥିବା ଭଳି କରେ ନାହିଁ, ମାତ୍ର କେବଳ ତାହା କୁହେ ଯାହାକି ଏହା କହୁଅଛି, ଦେଖନ୍ତୁ, ସେଠାରେ ମୂଳ, ଗ୍ରୀକ୍ ଭାଷାରେ, ସଠିକ୍ ଶବ୍ଦ, ଏହା କୁହେ, "ଯିଏ ମୋହର ବାକ୍ୟ ବୁଝେ ।"

160 ତେବେ, ଏହା ପ୍ରମାଣ କରିବାକୁ ଯେ ତାହା ଠିକ ଅଟେ । ମୁଁ ଏଠାରେ ତଳକୁ ଯାଏ, ଏବଂ ଏଠାରେ ଜଣେ ମଦ୍ୟପ ରାସ୍ତାରେ ଚାଲି ଆସୁଅଛି, ଏବଂ ଅନ୍ୟ ଜଣେ ପୁରୁଷଙ୍କ ପତ୍ନୀର ହାତକୁ ନିଜ ହାତରେ ଧରିଛି, ଏବଂ ଅପଶବ୍ଦ କହୁଛି, ଏବଂ ପରମେଶ୍ୱରଙ୍କ ନାମ ବୃଥାରେ ଗ୍ରହଣ କରୁଛି, ଏବଂ ସେହିପରି ଅନ୍ୟାନ୍ୟ ସମସ୍ତକିଛି କରୁଛି । "କୁହ, ସେହି ପ୍ରଚାରକ କଅଣ କହିଲେ ତୁମେ ଶୁଣିଲ କି? ତୁମେ ଶୁଣିଲ କି?" "ହଁ, ମୁଁ ଏହା ଶୁଣିଲି!" ଏହାର ଅର୍ଥ ନୁହେଁ ଯେ ସେ ଅନନ୍ତ ଜୀବନ ପାଇଗଲେ । ବୁଝିଲେ? ବୁଝିଲେ?

"ଯିଏ ମୋର ବାକ୍ୟ ବୁଝେ," ସେ ଯିଏକି ଏକ ଉତ୍କ୍ରୋଶ ପକ୍ଷୀ ଅଟେ!

161 "ତେବେ, ଭାଇ ବ୍ରାନହାମ୍, ମୁଁ ଏହାଠାରୁ ଅଧିକ ଶାସ୍ତ୍ରାଂଶ ଚାହେଁ ।"

162 ଠିକ ଅଛି, "ମୋର ମେଷ ମୋର ସ୍ୱର ଶୁଣନ୍ତି । ଜଣେ ଅପରିଚିତ ବ୍ୟକ୍ତିଙ୍କୁ ସେମାନେ ଅନୁସରଣ କରିବେ ନାହିଁ ।"

163 ଯେପରିକି ଅନ୍ୟ ଦିନେ, ସେହି *ବିବାହ ଏବଂ ଛାଡପତ୍ର* ମାମଲାରେ । ଯେତେବେଳେକି ପବିତ୍ରଆତ୍ମା ମୋତେ ଏହା କହିଥିଲେ, ମୁଁ ଆସିଲି ଓ ତାକୁ ଠିକ ସେହିପରି ଭାବରେ କହିଲି ଯେପରି ସେ ମୋତେ କହିଥିଲେ ।

164 କୌଣସି ମହିଳା ସେବକ ଜଣେ ମୋତେ ଏକ ସୀଧାସଳଖ ତୀକ୍ଷ୍ଣ, ଟିକିଏ ପାଟି ତୁଣ୍ଡ କଲେ । ସେ କହିଲେ, "ମୁଁ ଭାବୁଛି ଆପଣ ବୋଧହୁଏ ପରମେଶ୍ୱରଙ୍କ ସ୍ଥାନ ଗ୍ରହଣ କରି ନେଇଛନ୍ତି?"

ମୁଁ କହିଲି, "ନା, ମହୋଦୟା ।"

165 କହିଲେ, "ତେବେ, ଆପଣ ସେମାନଙ୍କୁ କହିଲେ ଯେ ସେମାନଙ୍କର ପାପ କ୍ଷମା କରାଯାଇଛି" କହିଲେ, "କେଉଁଠାରେ?" କହିଲେ, "କେବଳ ପରମେଶ୍ୱରଙ୍କଠାରେ ଶକ୍ତି ଅଛି । ଦେଖନ୍ତୁ, ଆଉ ଏକ ଫାରୂଶୀ । ବୁଝିଲେ?...?...

166 ମୁଁ କହିଲି, "ଆପଣ ଦେଖନ୍ତୁ, ଯେପରିକି ଆପଣ ଜାଣିପାରନ୍ତି, ଯେ, ଯୀଶୁ ପିତର ଏବଂ ପ୍ରେରିତମାନଙ୍କୁ କହିଲେ, ଯେତେବେଳେ ପିତରଙ୍କ ପାଖରେ ଏହି ପ୍ରକାଶନ ରହିସାରିଥିଲା ଯେ ଯୀଶୁ କିଏ ଥିଲେ ।"

ସେ ତାହାଙ୍କୁ କହିଲେ, "ତୁମେ ପରମେଶ୍ୱରଙ୍କ ପୁତ୍ର, ଖ୍ରୀଷ୍ଟ ।"

167 ଯୀଶୁ କହିଲେ, "ତୁମେ ଧନ୍ୟ," ଦେଖନ୍ତୁ, "ଯୁନସର ପୁତ୍ର; ମାଂସ ଓ ରକ୍ତ କେବେବି ଏହାକୁ ତୁମଠାରେ ପ୍ରକାଶ କରି ନାହାଁନ୍ତି, ବରଂ ମୋହର ସ୍ୱର୍ଗସ୍ଥ ପିତା ଏହା ପ୍ରକାଶ କରିଅଛନ୍ତି । ଏହି ପଥର ଉପରେ ମୁଁ ମୋର ମଣ୍ଡଳୀକୁ ତୋଳିବି; ନରକର ଫାଟକ ଏହା ବିରୁଦ୍ଧରେ ପ୍ରବଳ ହୋଇପାରିବ ନାହିଁ । ଏବଂ ମୁଁ ତୁମକୁ ଚାବିଗୁଡିକ ଦେଉଛି; ତୁମେ ପୃଥିବୀରେ ଯାହା ବାନ୍ଧିବ, ମୁଁ ତାହା ସ୍ୱର୍ଗରେ ବାନ୍ଧିବି; ତୁମେ ପୃଥିବୀରେ ଯାହା ମୁକ୍ତ କରିବ..."

168 ତାହାହିଁ ହେଉଛି ସେହି ବାକ୍ୟ ଶରୀର ଧାରଣ କରିବାର ଈଶ୍ୱରୀୟ ପ୍ରକାଶନ । ଯଦି ଏହା ସେଦିନ ସେହି ପୁତ୍ର, ସେହି ବର ଦ୍ୱାରା ଦେହବନ୍ତ କରା ହୋଇଥିଲା, ତାହାହେଲେ ଆଜି ଏହା କନ୍ୟା ଦ୍ୱାରା ଦେହବନ୍ତ ଅଟେ । ବୁଝିଲେ? "ଯାହାର ପାପ ତୁମେ ମୋଚନ କରିବ, ସେମାନଙ୍କ ପ୍ରତି ତାହା ମୋଚନ କରାଯିବ; ଯାହାର ପାପ ତୁମେ ରଖିବ, ସେମାନଙ୍କ ପ୍ରତି ତାହା ରଖାଯିବ ।"

169 ତେବେ, ସେହି କ୍ୟାଥୋଲିକ୍ ମଣ୍ଡଳୀ ଏହାକୁ ନେଇଥିଲା ଏବଂ ଏହାକୁ ସେମାନଙ୍କର ପୁରୋହିତମାନଙ୍କ ନିକଟକୁ ନେଇ ଯାଇଥିଲା, ମାତ୍ର ତାହା ଶାରୀରିକ ଅଟେ ।

170 ଦେଖନ୍ତୁ, ଏହା ତ ସେହି ଆତ୍ମିକ, ପ୍ରକାଶିତ ବାକ୍ୟ ଥିଲା ଯାହାକି ଏହାକୁ କରିଥିଲା!

171 ସେହି କାରଣରୁ ସେ ସେମାନଙ୍କୁ ପିତା, ପୁତ୍ର, ପବିତ୍ରଆତ୍ମାଙ୍କ "ନାମ" ରେ ବାପ୍ତିଜିତ କରିବା ପାଇଁ କହିଥିଲେ । ସେ ଜାଣିଥିଲେ ଯେ ସେମାନେ ଜାଣନ୍ତି ଯେ ସେ କିଏ ଅଟନ୍ତି ।

172 ଅନ୍ୟ ଦିନ ଜଣେ ସାନ ପ୍ରଚାରକ ସହିତ କଥାବାର୍ତ୍ତା କରୁଥିଲି, ସେ ମୋତେ କହିଲେ, ସେ କହିଲେ, "ତେବେ, ଭାଇ ବ୍ରାନହାମ୍, ମୁଁ ବାହାରି ଆସିଛି ଏବଂ, ଏକ ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ ମଣ୍ଡଳୀ, ଏକ ପେଣ୍ଟିକଷ୍ଟାଲ୍ ମଣ୍ଡଳୀରେ ଯାଇ ଯୋଗ ଦେଇଛି ।"

173 ଯେଉଁଠାରେକି, ସେହି ପେଣ୍ଟିକଷ୍ଟାଲ୍ ବର୍ତ୍ତମାନ ସେହି ଗୋଲାକାର ୱେଫର୍ ବିସ୍କୁଟ ନେବା ଆରମ୍ଭ କରିଛନ୍ତି, ଆପଣମାନେ ଜାଣନ୍ତି । ଆପଣ ସେହି ବିଷୟରେ ଶୁଣିଛନ୍ତି, ମୁଁ ଅନୁମାନ କରେ; ସେହି କୋଶର, ସେହି ଚନ୍ଦ୍ର-ଦେବତା, ଆପଣମାନେ ଜାଣନ୍ତି । ଏବଂ ସେମାନେ ସମସ୍ତେ ଏହାକୁ ଗ୍ରହଣ କରିଛନ୍ତି ଏବଂ ଏହାକୁ ନେଉଛନ୍ତି । ଏହି ବ୍ୟକ୍ତି କହିଲେ... ତାଙ୍କର—ତାଙ୍କର ମଣ୍ଡଳୀ ତାଙ୍କ ନିକଟକୁ ଗଲେ; ସେ କହିଲେ, "ମୁଁ ଯାହା ଆଶୀର୍ବାଦ କରିବି ତାହା ଆଶୀଷିତ ଅଟେ ।" ତେବେ, କଅଣ ଏହା ତାହା ନୁହେଁ କି ଯାହା ପୁରୋହିତ କୁହନ୍ତି, ଯେ ତାଙ୍କ ପାଖରେ "ଏହାକୁ ଖ୍ରୀଷ୍ଟଙ୍କ ଶରୀରରେ ବଦଳାଇବାର ଶକ୍ତି ଅଛି"? ଦେଖନ୍ତୁ, ଏହା ତ କେବଳ ଜଣକର ଛଅ ଏବଂ ଅନ୍ୟ ଜଣକର ଅଧା ଡଜନ, ସବୁ ସମାନ ହିଁ ଅଟେ ।

174 ଏବଂ ସେ କହିଲେ, "ମୁଁ ଆପଣଙ୍କୁ କିଛି ପଚାରିବାକୁ ଚାହେଁ ।" ସେ ଯୀଶୁଙ୍କ ନାମରେ ବାପ୍ତିସ୍ମର ସେହି ପ୍ରସଙ୍ଗରୁ ବଞ୍ଚିବାକୁ ଚେଷ୍ଟା କରୁଥିଲେ, କାରଣ ଏହା ହିଁ ସେହି ବ୍ୟକ୍ତି ଥିଲେ ଯିଏକି କହିଥିଲେ ଯେ ଏହା—ଏହା ଖ୍ରୀଷ୍ଟବିରୋଧୀ ଥିଲେ ଯିଏକି ତାହା କରିଥିଲେ । ସେ

କହିଲେ, "କଅଣ ଆପଣ ଭାବୁଛନ୍ତି ଯେ ଏହା ଅତ୍ୟନ୍ତ ଜରୁରୀ ଅଟେ ଯେ ଜଣେ ବ୍ୟକ୍ତି ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେବା ଉଚିତ୍?"

ମୁଁ କହିଲି, "ହଁ, ଆଜ୍ଞା।"

175 ସେ କହିଲେ, "ଜଣେ ବ୍ୟକ୍ତି 'ପିତା, ପୁତ୍ର, ଏବଂ ପବିତ୍ରଆତ୍ମା' ଙ୍କ ନାମରେ ବାପ୍ତିଜିତ ହେବା ପରେ ମଧ୍ୟ?"

176 ମୁଁ କହିଲି, "ହଁ, ମହାଶୟ। ସେ ତ ଆଦୌ, ବାପ୍ତିଜିତ ହୋଇନାହାଁନ୍ତି। ବୁଝିଲେ? ସେ ଆଦୌ, ବାପ୍ତିଜିତ ହୋଇନାହାଁନ୍ତି; କୌଣସି ନାମ ହିଁ ନାହିଁ। ତାହା ତ ଏକ ଉପାଧି ଅଟେ।" ମୁଁ କହିଲି, "ଏହା ଚିହ୍ନିତ କରାଯାଏ ନାହିଁ।" ମୁଁ କହିଲି, "ତେବେ ପିତର କାହିଁକି—କାହିଁକି କଲେ..."

177 ସେ କହିଲେ, "ତେବେ, ବର୍ତ୍ତମାନ, ମୋତେ ଆପଣଙ୍କୁ କିଛି କହିବାକୁ ଦିଅନ୍ତୁ।" ସେ କହିଲେ, "ତେବେ, ପ୍ରେରିତ 10:49 ରେ ସେ କହିଲେ, 'ଏତେବେଳେ ପିତର ଏହି କଥା କହୁ ହିଁ ଥିଲେ, ସେତେବେଳେ ପବିତ୍ରଆତ୍ମା ସେମାନଙ୍କ ଉପରେ ଓହ୍ଲାଇ ଆସିଲେ।'"

178 "କିନ୍ତୁ," ମୁଁ କହିଲି, "ସେ ଠିକ୍ ବୁଲି ପଡିଲେ ଓ କହିଲେ, 'ଏମାନେ ଯେପରି ବାପ୍ତିଜିତ ନ ହୁଅନ୍ତି କଅଣ କେହି ଜଳ ନାସ୍ତି କରିପାରେ କି?'"

179 ସେ କହିଲେ, "ତେବେ, ଆପଣ ତ ସେଠାରେ, କିଛି ସମୟ ପୂର୍ବରୁ, ପ୍ରେରିତ 19 ବିଷୟରେ କହୁଥିଲେ, ଯେଉଁଠାରେ ପାଉଲ ଏଫିସର ଉପରିସ୍ଥ ଉପକୂଳବର୍ତ୍ତୀ ଅଞ୍ଚଳ ଦେଇ ଯାଉଥିବା ସମୟରେ, ସେହି ଶିଷ୍ୟମାନଙ୍କୁ ପାଇଲେ।" ଏବଂ କହିଲେ, "କାହିଁକି," କହିଲେ, "ସେମାନେ ପିତା, ପୁତ୍ର, ଏବଂ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିଜିତ ହୋଇ ନ ଥିଲେ।"

180 ମୁଁ କହିଲି, "ନା, ସେମାନେ 'ମନଫେରଣ' ନିମନ୍ତେ ବାପ୍ତିଜିତ ହୋଇଥିଲେ, ପାପ ମୋଚନ ନିମନ୍ତେ ନୁହେଁ। 'ମନଫେରଣ ନିମନ୍ତେ,' କାରଣ ଯୀଶୁଙ୍କୁ ଏପର୍ଯ୍ୟନ୍ତ ଚିହ୍ନା ଯାଇ ନ ଥିଲା। ସେହି ବଳିଦାନ ହତ ହୋଇ ନ ଥିଲେ।"

ସେ କହିଲେ, "ତେବେ, ସେମାନଙ୍କୁ ପୁନର୍ବାର କାହିଁକି ବାପ୍ତିଜିତ ହେବାକୁ ପଡ଼ିଲା?"

181 ମୁଁ କହିଲି, "ଯେଉଁ ବ୍ୟକ୍ତିଙ୍କ ପାଖରେ ଚାବିଗୁଡିକ ରହିଥିଲା, ସେ ଏହା କହିଥିଲେ, 'କାରଣ ତୁମମାନଙ୍କ ନିକଟରେ ଏହା ଜଣାଯାଉ ଯେ ମନୁଷ୍ୟମାନଙ୍କ ମଧ୍ୟରେ ସ୍ୱର୍ଗ ତଳେ ଅନ୍ୟ କୌଣସି ନାମ ଦିଆଯାଇ ନାହିଁ, ଯାହା ଦ୍ୱାରା ତୁମେମାନେ ପରିତ୍ରାଣ ପାଇବ।'"

182 ପରିତ୍ରାଣ କେବଳ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ହିଁ ସାଧନ କରାଯାଏ। "ତୁମେମାନେ ଯାହାକିଛି ବାକ୍ୟ ବା କାର୍ଯ୍ୟରେ କର, ତାହାସବୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ କର।" ସେଠାରେ ଅନ୍ୟ କୌଣସି ନାମ ହିଁ ନାହିଁ, କୌଣସି ମଣ୍ଡଳୀ ନାହିଁ, କୌଣସି ଉତ୍ତରାଧିକାର ବ୍ୟବସ୍ଥା ନାହିଁ, କୌଣସି ଉପାଧି ନାହିଁ, କିମ୍ବା ଅନ୍ୟ କିଛି ନାହିଁ! ତଥାପି, ସେ ହେଉଛନ୍ତି ଶାରୋଣର ଗୋଲାପ, ଉପତ୍ୟକାର ଶୋଶନ ଫୁଲ, ପ୍ରଭାତି ତାରା, ଆଲ୍ଫା, ଓମେଗା, ଆରମ୍ଭ ଏବଂ

ଶେଷ, ଯିହୋବା-ଯିରୀ, -ରାଫା, -ମନଃସୀ, ଏହି ସବୁ । ସେ ଏହିସବୁ ଜିନିଷ ଅଟନ୍ତି, ମାତ୍ର ତଥାପି ସେ…ସେଠାରେ ସେହି ଉପାଧିଗୁଡ଼ିକ ମଧ୍ୟରୁ ଗୋଟିଏରେ ବି କୌଣସି ପରିତ୍ରାଣ ନାହିଁ; *ଯିହୋବା,* କୌଣସି ପରିତ୍ରାଣ ନାହିଁ; *ଶାରୋଣର ଗୋଲାପ,* ତଥାପି ସେ, କୌଣସି ପରିତ୍ରାଣ ନାହିଁ; *ପିତା, ପୁତ୍ର,* କିମ୍ବା *ପବିତ୍ରଆତ୍ମା,* କୌଣସି ପରିତ୍ରାଣ ନାହିଁ । କେବଳ "ଯୀଶୁ ଖ୍ରୀଷ୍ଟ" ଙ୍କର ସେହି ନାମ! ଏବଂ ତାହାପରେ ବାଇବଲ କହିଲା, ଯେ, "ମନଫେରଣ ଏବଂ ପାପମୋଚନ ତାହାଙ୍କ ନାମରେ ଶିକ୍ଷା ଦିଆଯିବା ଆବଶ୍ୟକ, ଯିରୁଶାଲମରୁ ଆରମ୍ଭ କରି, ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ।"

ସେ କହିଲେ, "କଅଣ ଆପଣ ଭାବୁଛନ୍ତି ଯେ ଏଥିରେ କୌଣସି ପାର୍ଥକ୍ୟ ହେବ କି?"

183 ମୁଁ କହିଲି, "ମହାଶୟ, ମୁଁ ଆପଣଙ୍କୁ କିଛି ପଚାରିବାକୁ ଚାହେଁ ।" ସେ ଏବଂ ମୁଁ, ଏବଂ ମୋର ପତ୍ନୀ, ମେଜରେ ବସିଥିଲୁ । ସେ କେବଳ ବୁଲି ପଡ଼ିଲେ । ମୋତେ ଦେଖିଲେ, ଗଲେ… ମୁଁ କହିଲି, "ଆମେ ଦୁହେଁ ଆରିଜୋନାରୁ ଅଟୁ; ଆମେମାନେ ଏଠାରେ ରହୁଅଛୁ । ଏବଂ ମୁଁ, ଏବଂ ଆମେ ଆମର ପରିଷଦକୁ, ଏବଂ ଆମର ୱାର୍ଡକୁ, ଏବଂ ସମସ୍ତକିଛିକୁ, ଏବଂ ଆମର ନଗରରାଧ୍ୟକ୍ଷ, ରାଜ୍ୟପାଳ, ସବୁକିଛିକୁ ଜାଣୁ ।"

ସେ କହିଲେ, "ହଁ ।"

184 ମୁଁ କହିଲି, "ତେବେ, ଭାଇ, ଯଦି ମୁଁ ଆପଣଙ୍କୁ, କୁହେ 'ଏଠାକୁ ଯାଅ ଏବଂ ଆମର ରାତ୍ରୀ ଭୋଜନ ପାଇଁ, ଆରିଜୋନାର ରାଜ୍ୟପାଳଙ୍କ ନାମରେ ଦସ୍ତଖତ କର,' କଅଣ ଆପଣ ଯାଇ ସେପରି ଦସ୍ତଖତ କରିବେ କି? କଅଣ ଆପଣ ଭାବୁଛନ୍ତି ଯେ ସେମାନେ ଏହାକୁ ମେଜରେ ଗ୍ରହଣ କରିବେ?"

185 "କାହିଁକି," ସେ କହିଲେ, "ମୁଁ ଅନୁମାନ କରୁଛି ଯେ ନା ।" ସେ କହିଲେ, "ଯୀଶୁ ତାହା କାହିଁକି କହିଲେ?"

186 ମୁଁ କହିଲି, "ଏହା ତ ତାହା ଅଟେ, ଦେଖନ୍ତୁ । କାହିଁକି? ଯଦି ମୁଁ ଆପଣଙ୍କୁ କୁହେ ଯେ 'ଯାଇ ଆରିଜୋନାର ରାଜ୍ୟପାଳଙ୍କ ନାମରେ, ଏହି ରାତ୍ରୀ ଭୋଜନ ପାଇଁ ଦସ୍ତଖତ କର,' ଏବଂ ଆମେ ଆରିଜୋନାର ନାଗରିକ ହୋଇଥିବା ହେତୁ, ଏବଂ ଏହା ଜାଣି ଯେ ରାଜ୍ୟପାଳ କିଏ ଅଟନ୍ତି, କାହିଁକି, ଆପଣ ତ ଏହାକୁ 'ସାମ୍ ଗୋଡାର୍ଡ,' ଙ୍କ ନାମରେ ଦସ୍ତଖତ କରିବାକୁ ଜାଣନ୍ତି, ଦେଖନ୍ତୁ ।" ମୁଁ କହିଲି, "ଯେହେତୁ, ସେ ସେହି ରାଜ୍ୟର ରାଜ୍ୟପାଳ ଅଟନ୍ତି । ମୋତେ ଆପଣଙ୍କୁ ପ୍ରଶ୍ନ କରିବାକୁ ପଡ଼େ ନାହିଁ। ଆପଣ ଜାଣନ୍ତି ଯେ ରାଜ୍ୟପାଳ କିଏ ଅଟନ୍ତି। ଏବଂ, ଯେତେବେଳେ ସେ କହିଲେ, 'ପିତା, ପୁତ୍ର, ଏବଂ ପବିତ୍ରଆତ୍ମା,' ସେ ଜାଣିଥିଲେ ଯେ ସେମାନେ କିପରି ବାପ୍ତିଜିତ ହେବାକୁ ଯାଉଛନ୍ତି । ସେମାନେ ଜାଣିଥିଲେ ଯେ ସେ କିଏ ଅଟନ୍ତି । 'ମୋର ମେଷମାନେ ମୋର ସ୍ୱର ଶୁଣନ୍ତି ।' ବୁଝିଲେ? ବୁଝିଲେ?"

ସେ କହିଲେ, "ଓଃ, ମୁଁ ଦେଖୁଛି ।"

187 ମାତ୍ର ବର୍ତ୍ତମାନ, ପରବର୍ତ୍ତୀ ବିଷୟ, କଅଣ ଆପଣ ବିଶ୍ୱାସ କରିବେ କି? ବୁଝିଲେ? "ଯିଏ ମୋର ବାକ୍ୟ ଶୁଣେ, ଏବଂ ମୋହର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି।" ଏବଂ ଯେତେବେଳେ ଏହି ନୂତନ ଅନନ୍ତ ଜୀବନ ଆପଣଙ୍କଠାରେ ବାସ କରେ, ଏହା ସେହି ସମ୍ଭାବନା ଅଟେ।

188 ଯେତେବେଳେ ଆପଣ ବର୍ତ୍ତମାନ ଏହି ପବିତ୍ରଆତ୍ମାଙ୍କୁ ଗ୍ରହଣ କରିଥାନ୍ତି, ଯାହା ସେମାନେ ପେଣ୍ଟିକଷ୍ଟରେ କରିଥିଲେ; ସେମାନେ ଯାନ୍ତ୍ରିକୀ ଥିଲେ, ତେବେ ସେହି ଗତିକୀ ଆସିବାକୁ ଥିଲା। ସେମାନେ ବିଶ୍ୱାସ କରିଥିଲେ। ଆପଣମାନେ ଜାଣନ୍ତି, ଆମର ଉତ୍ତମ ବାପ୍‌ଟିଷ୍ଟ ବନ୍ଧୁମାନେ ଆମକୁ କୁହନ୍ତି, "ଯେତେବେଳେ ଆମେ ବିଶ୍ୱାସ କରୁ, ଆମେ ତାହା ପାଇଥାଉ।" ମାତ୍ର, ସେମାନଙ୍କର ପାଖରେ ତାହା ନ ଥିଲା, ତଥାପି ସେମାନେ ବିଶ୍ୱାସ କରୁଥିଲେ।

189 ପ୍ରେରିତ ୧୨, ସେମାନେ ବିଶ୍ୱାସ କରିଥିଲେ, ମାତ୍ର ସେମାନଙ୍କ ପାଖରେ ତାହା ନ ଥିଲା। "କଅଣ ତୁମେ ବିଶ୍ୱାସ କରିବା ପରଠାରୁ ପବିତ୍ରଆତ୍ମା ଗ୍ରହଣ କରିଛ କି?" ବୁଝିଲେ? ସେମାନଙ୍କ ପାଖରେ ଯାନ୍ତ୍ରିକୀ ଥିଲା, ଠିକ ଅଛି, କାରଣ ସେହି ପ୍ରେରିତମାନେ ଥିଲେ,... କିଅବା, ମୋର କହିବାର ଅର୍ଥ, ଆପଲ୍ଲ ସେମାନଙ୍କୁ ଶିକ୍ଷା ଦେଉଥିଲେ ଏବଂ ବାଇବଲ, ସେହି ଯାନ୍ତ୍ରିକୀ ଦ୍ୱାରା ପ୍ରମାଣ କରୁଥିଲେ, ଯେ ଯୀଶୁ ହିଁ ଖ୍ରୀଷ୍ଟ ଥିଲେ, ମାତ୍ର ସେମାନଙ୍କ ପାଖରେ ଏଯାଏଁ ଗତିକୀ ନ ଥିଲା। ବୁଝିଲେ? ତାହାହିଁ ହେଉଛି ଏହା। ଠିକ୍ ଅଛି।

190 [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।]...-ନ୍ତ୍ରିକୀ, ଆପଣଙ୍କ ପାଖରେ ସମ୍ଭାବ୍ୟ ଭାବରେ ସେହି ବଇନା ରହିଛି, ସେହି ଅପେକ୍ଷା ରହିଛି।

191 ତେବେ, ଯେତେବେଳେ ଆପଣ ସେହି ଗତିକୀ ପାଆନ୍ତି, ସେତେବେଳେ ଆପଣ ମର୍ତ୍ତ୍ୟରୁ ଅମରତାକୁ ସଂଜୀବିତ କରା ଯାଇଥାନ୍ତି। ଏହା ସମଗ୍ର ଶରୀରକୁ ସେହି ବାକ୍ୟର ଅଧୀନତାକୁ ନେଇ ଆସେ। ଏହା ଆପଣଙ୍କୁ ଭିନ୍ନ ଭାବରେ କାର୍ଯ୍ୟ କରାଇବ, ଭିନ୍ନ ଭାବରେ ଦେଖାଇବ, ଭିନ୍ନ ଭାବରେ ଜୀବନ ଯାପନ କରାଇବ। ଏହା ତ ଠିକ ଆପଣଙ୍କୁ ଭିନ୍ନ କରି ଦେବ।

192 ତେବେ ଦେଖନ୍ତୁ...[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।]...ସଂଜୀବିତ କରା ହୋଇଛି। "ତୁମେମାନେ ଯେଉଁମାନେକି ଏକଦା ପାପ ଓ ଅପରାଧ, ଏବଂ ଅନ୍ଧକାରରେ ମୃତ ଥିଲ, ସେ ସଂଜୀବିତ କରିଛନ୍ତି।" କଅଣ ଦ୍ୱାରା? "ତାହାଙ୍କର ଆତ୍ମା ଦ୍ୱାରା ଯାହାକି ଯୀଶୁଙ୍କୁ," ଇଷ୍ଟର ସକାଳେ, "ମୃତମାନଙ୍କ ମଧ୍ୟରୁ ଉଠାଇଥିଲା। ଏବଂ ଯଦି ଏହା ତୁମର ମର୍ତ୍ତ୍ୟ ଶରୀରରେ ବାସ କରେ," ତେବେ ଦେଖନ୍ତୁ, "ଏହା ମଧ୍ୟ ଜୀବନ୍ତ କରିବ, ଜୀବନକୁ ଆଣିବ, ଏହାକୁ ବାକ୍ୟର ଅଧୀନତାରେ ଆଣିବ।"

193 ତେବେ, ଆପଣ କିପରି ସେହି ଆତ୍ମା ପାଇଛନ୍ତି ବୋଲି ଦାବି କରିପାରନ୍ତି, ଏବଂ ନିଜକୁ ବାକ୍ୟଠାରୁ ଦୂରେଇ ରଖିପାରନ୍ତି? ଆପଣ ଅନ୍ୟ କିଛି ବିଷୟ ଦ୍ୱାରା ସଂଜୀବିତ କରା

ଯାଇଛନ୍ତି। କାରଣ, ଏହା ଆପଣଙ୍କର ମର୍ତ୍ତ୍ୟ ଶରୀରକୁ ବାକ୍ୟ ପ୍ରତି ସଂଜୀବିତ କରିବ। ନିଶ୍ଚିତରେ, ଏହା କରିବ।

194 ଆପଣ ଏହା ବିନା ଯାଇପାରନ୍ତି ନାହିଁ। ଆପଣ କେବଳ ପାଣି ଫୋଟକା ପରି ପୁଟୁର୍ ପୁଟୁର୍ କରିବେ, ଯଦି ଆପଣ ଏଥିର ସବୁକୁ ବିଶ୍ୱାସ ନ କରନ୍ତି। ଯଦି ଆପଣଙ୍କ ପାଖରେ ଆଂଶିକ ପେଟ୍ରୋଲ ଏବଂ ଆଂଶିକ ପାଣି ଅଛି, ତେବେ ଆପଣ କୌଣସି ସ୍ଥାନକୁ ପହଞ୍ଚିବାକୁ ଯାଉ ନାହାଁନ୍ତି। ବୁଝିଲେ? ଆପଣଙ୍କୁ ତ ଏହାକୁ ଶତ ପ୍ରତିଶତ, ପେଟ୍ରୋଲ ନେବାକୁ ଅଛି। ଯଦି ଆପଣ ତାହା ନ ନିଅନ୍ତି, ତେବେ ଆପଣ ବିଫଳ ହୋଇଯିବେ, ଏବଂ ଆପଣଙ୍କ ପାଖରେ କୌଣସି ଶକ୍ତି ରହିବ ନାହିଁ। ବୁଝିଲେ? "ମାତ୍ର ମୁଁ—ମୁଁ *ଏହା* ବିଶ୍ୱାସ କରେ, କିନ୍ତୁ ମୁଁ *ତାହା* ବିଶ୍ୱାସ କରେ ନାହିଁ," ପମ୍ପ-ପମ୍ପ-ପମ୍ପ-ପମ୍ପ। ଆପଣ କୌଣସି ସ୍ଥାନକୁ ପହଞ୍ଚୁ ନାହାଁନ୍ତି।

195 ମାତ୍ର, ଓଃ, ଯେତେବେଳେ ଆପଣ ପୂର୍ଣ୍ଣତାକୁ ନିଅନ୍ତି! ଏହାକୁ ତାହା ଉପରେ ଆଲୋକିତ ହେବାକୁ ଦିଅନ୍ତୁ, ପ୍ରତ୍ୟେକ ବାକ୍ୟ ସତ୍ୟ ଅଟେ!

196 ତେବେ ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, ଯେତେବେଳେ ଆମେମାନେ ବନ୍ଦ କରୁଛୁ, ଏହାକୁ ଲକ୍ଷ୍ୟ କରନ୍ତୁ। ଧ୍ୟାନ ଦିଅନ୍ତୁ, ଏହା ତ ଠିକ ସେହି ଭୂମିରେ ପଡ଼ି ରହିଥିବା ଗୋଟିଏ ଛୋଟ ବୀଜ ପରି—ଗୋଟିଏ ଛୋଟ ବୀଜ ପରି ଅଟେ।

197 ତେବେ, ସମ୍ଭାବ୍ୟ ଭାବରେ, ଆପଣ ପୁନରୁତ୍ଥିତ ହୋଇଛନ୍ତି। ଆପଣ ସେତେବେଳେ ପୁନରୁତ୍ଥିତ ହୋଇଥାଆନ୍ତି ଯେତେବେଳେ ଆପଣ ନିଜ ଭିତରେ ପବିତ୍ରଆତ୍ମା ଗ୍ରହଣ କରନ୍ତି। ଆପଣ ଠିକ ସେତେବେଳେ ପୁନରୁତ୍ଥିତ ହୋଇଥାନ୍ତି। ଆପଣଙ୍କର ଶରୀର ସମ୍ଭାବ୍ୟ ଭାବରେ ପୁନରୁତ୍ଥିତ ହୋଇଥାଏ।

198 ଗୋଟିଏ ଛୋଟ ବୀଜକୁ ଦେଖନ୍ତୁ। ଏହାକୁ ଭୂମିରେ ରୋପଣ କରନ୍ତୁ। ଏହାକୁ ତ ତାହାଙ୍କର ଝରଣା, ପ୍ରବାହିତ ହେଉଥିବା ଜଳରୁ ପାନ କରିବାକୁ ଅଛି। ଏବଂ ଯେତେବେଳେ ଏହା ପାନ କରେ, ଏହା ତାହାଙ୍କ ଆଡକୁ ବଢିଥାଏ, ସେହି ବୀଜର ଅଧିକ ସାଦୃଶ୍ୟତାରେ ହୋଇ ଆସିଥାଏ ଯେଉଁ ବୀଜ ସେହି ଭୂମି ଭିତରକୁ ଯାଇଥିଲା। ବୁଝିଲେ?

199 ମଣ୍ଡଳୀ ସେହି ପ୍ରକାରେ ଆସିଥାଏ, ଧାର୍ମିକତା, ପବିତ୍ରୀକରଣ, ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଦେଇ, ବର୍ତ୍ତମାନ ସେହି ପ୍ରସ୍ଫୁଟିତ ଅବସ୍ଥାରେ ଅଟେ। ବୁଝିଲେ? ପରମେଶ୍ୱରଙ୍କ ଆତ୍ମା ତାହା ଦେଇ ଆସନ୍ତି।

200 ଏବଂ ଜଗତର ଆତ୍ମା ଠିକ ସେହି ପ୍ରକାରେ, ଖ୍ରୀଷ୍ଟବିରୋଧୀଙ୍କ ଦେଇ ଆସିଅଛି, ଏବଂ ବର୍ତ୍ତମାନ ମଣ୍ଡଳୀର ଏକ ବୃହତ୍ ସଂଘରେ ପ୍ରସ୍ଫୁଟିତ ହେଉଅଛି, ଦେଖନ୍ତୁ, ସମଗ୍ର ବିଷୟଟି।

201 ଏବଂ ବ୍ୟକ୍ତିଗତ ମନୁଷ୍ୟ ସେହି ଉପାୟରେ ଆସିଥାଏ। ସବୁକିଛି ବିଷୟ ଠିକ ସେହି ସମାନ ଭାବରେ, ପରମେଶ୍ୱରଙ୍କ ସମାନ ମାପରେ କାମ କରିଥାଏ, ଯେହେତୁ ସେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି। ଧ୍ୟାନ ଦିଅନ୍ତୁ, ଆପଣଙ୍କ ପଥରେ, ଆତ୍ମାଙ୍କ ଦ୍ୱାରା ପରିଚାଳିତ ହୋଇ, ପୁନରୁତ୍ଥାନର ପରିପୂର୍ଣ୍ଣତାକୁ ବୃଦ୍ଧି ପାଉଅଛି!

202 ଯେପରିକି ସେହି ସୂର୍ଯ୍ୟ, ସୂ-ର୍ଯ୍ୟ, ସେହି ଛୋଟ ଉଭିଦକୁ ଟାଣିଥାଏ ଯାହାକି ପରମେଶ୍ୱରଙ୍କ ନିର୍ଝରରୁ ପାନ କରୁଅଛି, କେବଳ ରଖିଥାଏ...ଦେଖନ୍ତୁ, ଏହା କେବଳ ଗୋଟିଏ ଜିନିଷରୁ ପାନ କରିପାରେ। ଆପଣ ଗୋଟିଏ ଥର ସେହି ଛୋଟ ବୀଜ ଉପରେ ତେଲ ଢାଳନ୍ତୁ; ଏହା ତାକୁ ମାରି ପକାଇବ। ତାହା ଠିକ୍ ଅଟେ। ଆପଣ ସ୍ଥିର ଜଳ ଢାଳନ୍ତୁ, ପୁରୁଣା ଜଳ ଯାହାକି ଭଲ ନୁହେଁ, ଏହା ଦୂଷିତ ଥାଏ, ଏହା ସେହି ଅଭିବୃଦ୍ଧିକୁ କ୍ଷାନ୍ତ କରି ଦେବ। ଏହା ଫଳ ଧାରଣ କରିବ ନାହିଁ। କଅଣ ତାହା ଠିକ୍ କି? ମାତ୍ର ଆପଣ ପ୍ରକୃତ ଭଲ ନରମ ବର୍ଷା ଜଳ ଢାଳନ୍ତୁ, ଆମେନ୍, ଏଥିରେ କୌଣସି ମନୁଷ୍ୟ-କୃତ ରାସାୟନିକ ପଦାର୍ଥ ନୁହେଁ, ଏହାକୁ କେବଳ ଊର୍ଦ୍ଧ୍ୱସ୍ଥ ଆକାଶରୁ ଆସିବାକୁ ଦିଅନ୍ତୁ, ଏବଂ ସେହି ଛୋଟ ଉଭିଦକୁ ଦେଖନ୍ତୁ। ସେହି ବର୍ଷା ଜଳ ପରି ଅନ୍ୟ କୌଣସି ଜଳ ତାହାକୁ ବଢାଇବ ନାହିଁ। ଆପଣ ଏଥିରେ କ୍ଲୋରିନ୍ ଏବଂ ଅନ୍ୟାନ୍ୟ ବସ୍ତୁ ପକାନ୍ତୁ, ଯେପରିକି ଆପଣ ଆମମାନଙ୍କୁ ଔଷଧ ଟୋପା ଦେବାକୁ ଚେଷ୍ଟା କରିଥାନ୍ତି, ଏବଂ, ପ୍ରଥମ ବିଷୟ ଆପଣ ଜାଣନ୍ତି, ଏହା ସେହି ଉଭିଦକୁ ମାରିଦିଏ।

203 ଆଜି ତାହା ହିଁ ତ ମାମଲା ଅଟେ। ସେମାନେ ନାମଧାରୀ ଝରଣାରୁ ସେମାନଙ୍କୁ ଜଳ ଦେବାକୁ ଚେଷ୍ଟା କରନ୍ତି, ଏବଂ ଏହା ଅଭିବୃଦ୍ଧିକୁ ଅଟକାଇ ଦିଏ। ବୁଝିଲେ? କିନ୍ତୁ ତାକୁ ଏହା ନେବାକୁ ଦିଅନ୍ତୁ:

> ଦୟାର ଶିଶିର ଟୋପା ଯେଉଁଠାରେ ଉଜ୍ଜ୍ୱଳ ସେଠାକୁ ଆସ;
> ଦିନରାତି ମୋ ଚାରିପାଖରେ ଉଜ୍ଜ୍ୱଳ ହୁଅ,
> ଯୀଶୁ, ଜଗତର ଜ୍ୟୋତି।

ତେବେ ଯାଇ, ଆପଣ ଏହାକୁ ପାଆନ୍ତି।

> ଆମେ ସେହି ଆଲୋକରେ ଚାଲିବା, ସେହି ସୁନ୍ଦର ଆଲୋକରେ,
> ଦୟା ଶିଶିର ଟୋପା ଯେଉଁଠାରେ ଉଜ୍ଜ୍ୱଳ ସେଠାକୁ ଆସ;
> ଠିକ ମୋ ଚାରିପାଖରେ ଉଜ୍ଜ୍ୱଳ ହୁଅ!

204 ଏହି ମନୁଷ୍ୟ-କୃତ ଝରଣାଗୁଡ଼ିକୁ ମୋ ଠାରୁ ଦୂରେଇ ନିଅ! "ଯୀଶୁଙ୍କ ରକ୍ତ ଛଡା, ମୁଁ ଅନ୍ୟ କୌଣସି ଝରଣା ଜାଣେ ନାହିଁ!" ତାହାହିଁ ହେଉଛି ସମସ୍ତ ଝରଣା ଯାହାକି ମୁଁ ଜାଣିବାକୁ ଚାହେଁ। ହେ ପ୍ରଭୁ, ମୋ ଭିତରେ ବାକ୍ୟ ବାସ କରୁ; ଏହାକୁ ତୁମର ଆତ୍ମାର ଜଳ ସେଚିତ କର।

205 ଧ୍ୟାନ ଦିଅନ୍ତୁ, ତେବେ, ଯଦି ସେହି ଆତ୍ମା ଯିଏକି ଯୀଶୁଙ୍କୁ କବରରୁ ଉଠାଇଥିଲା, ଆପଣଙ୍କ ଭିତରେ ବାସ କରେ, ତାହାହେଲେ ଆପଣଙ୍କଠାରେ ସମ୍ଭାବ୍ୟ ଭାବେ ଜୀବନ ରହିଛି; ଆତ୍ମାଙ୍କ ଦ୍ୱାରା ପରିଚାଳିତ ହୋଇ, ଯେପରିକି ଆପଣଙ୍କଠାରେ ବାକ୍ୟକୁ ସଂଜୀବିତ କରେ, ଯେଣୁ ଏହାକୁ ବିଶ୍ୱାସ କରନ୍ତି। ସେହି ଛୋଟ ଜିନିଷଟି ବୃଦ୍ଧି ପାଇବା ସହିତ ଉପରକୁ ବଢି ଚାଲିଥାଏ।

206 ଧ୍ୟାନ ଦିଅନ୍ତୁ, ପେଣ୍ଟିକଷ୍ଟଠାରେ, ସେମାନଙ୍କର ଶରୀରଗୁଡିକ ଏକ ନୂତନ ଜୀବନରେ ସଂଜୀବିତ କରାଗଲା। ଦଳେ ଛୋଟ ଛୋଟ ଭୀରୁ ଲୋକମାନଙ୍କୁ ଦେଖନ୍ତୁ।

207 କଅଣ ମୁଁ ଆପଣମାନଙ୍କୁ ବହୁତ ଲମ୍ବା ସମୟ ଧରି ରଖୁଛି କି? [ମଣ୍ଡଳୀ କୁହନ୍ତି, "ନା।"—ସମ୍ପା।] ଦେଖନ୍ତୁ, ମୁଁ ତ ବର୍ତ୍ତମାନ ହିଁ ଉତ୍ତପ୍ତ ହେଲି, ତାହାହିଁ ଏହା, ଭଲ ଅନୁଭବ କରୁଛି। ଓଃ, ମୋର ପ୍ରଭୁ!

208 ଧ୍ୟାନ ଦିଅନ୍ତୁ, ସେମାନେ ଭୀରୁ ଥିଲେ। ଧ୍ୟାନ ଦିଅନ୍ତୁ। ମାତ୍ର, ସେମାନଙ୍କ ପାଖରେ ଯାନ୍ତ୍ରିକୀ ଥିଲା। ବୁଝିଲେ? ମାତ୍ର ସେମାନେ ସମସ୍ତେ ସେଠାରେ ପଛରେ ବସି, ଏହା କହୁଥିଲେ, "ଓଃ, ମୋତେ ସେମାନଙ୍କୁ ଭୟ ଲାଗୁଛି। ଓଃ, ମୁଁ ବାହାରକୁ ଯାଇ ଏକ ଦାବି କରିବାକୁ ଭୟ କରେ, କାରଣ, ଓଃ, ସେମାନେ ସମସ୍ତେ ମହାନ ବଡ ବଡ଼ ବିଶପ୍ ଏବଂ ସେଠାରେ ସେହି ବିଷୟମାନ ଅଟନ୍ତି। ଓଃ, ମୁଁ ଭୟ କରୁଛି। ସେହି ପୁରୋହିତଗଣ ଏବଂ ଜିନିଷସବୁ, ମୁଁ ସେହି ଦାବି କରିବାକୁ ଭୟ କରୁଛି, ଏହା କହିବାକୁ ଭୟ କରୁଛି ଯେ ମୁଁ ତାହାଙ୍କଠାରେ ବିଶ୍ୱାସ କରେ। ଓଃ, ମୁଁ ତ ତାହା କରିପାରେ ନାହିଁ, ଆପଣମାନେ ଦେଖନ୍ତୁ।"

209 ମାତ୍ର, ହଠାତ୍ ହିଁ, ସେହି ଗତିକୀ ଆସିଲା। ହଁ। ଏବଂ ଏହା କଅଣ କଲା? ଏହା କେବଳ ସେମାନଙ୍କର ଆତ୍ମାକୁ ଭିତରୁ ପରିପୂର୍ଣ୍ଣ କଲା, ତାହା ନୁହେଁ, ବରଂ ଏହା ସେମାନଙ୍କ ଯାନ୍ତ୍ରୀକକୁ ସଂଜୀବିତ କଲା। ସେମାନଙ୍କର ଶରୀରଗୁଡିକ ସଂଜୀବିତ କରାଗଲା। ସେମାନେ ଆଉ ଅଧିକ ଭୀରୁ ନ ଥିଲେ। ସେମାନେ ଲୋକମାନଙ୍କର ଠିକ ସମ୍ମୁଖକୁ ଗଲେ। ହଁ, ମହାଶୟ। "ହେ ଯିହୁଦାର ଲୋକମାନେ, ଓ ଯିରୁଶାଲମ ନିବାସୀ ଲୋକମାନେ!" ଯେଉଁଠାରେକି, ସେହି ଗତିକୀ ଆସିବା ପୂର୍ବରୁ, ସେମାନେ କେବଳ ଯାନ୍ତ୍ରିକୀ ଥିଲେ। ବୁଝିଲେ? "ହେ ଯିରୁଶାଲମ ନିବାସୀ ଲୋକମାନେ, ଏହା ଆପଣମାନେ ଜାଣନ୍ତୁ, ଏବଂ ମୋର ବାକ୍ୟ ଶୁଣନ୍ତୁ! ଏମାନେ ମାତାଲ୍ ନୁହଁନ୍ତି, ଯେପରି ଆପଣମାନେ ମନେ କରୁଛନ୍ତି।"

210 ମୁଁ ସେମାନଙ୍କ ମଧ୍ୟରୁ ଜଣେ। *ଏହା*ହିଁ ତାହା ଅଟେ! ମୁଁ ଆପଣଙ୍କୁ ଦେଖାଇବି ଯେ ଏହା କଅଣ ଅଟେ। ଏହା ଶାସ୍ତ୍ରାଂଶ ଅଟେ। *ଏହା*ହିଁ ହେଉଛି ତାହା! ଏବଂ ମୁଁ ସର୍ବଦା କହିଅଛି, "ଯଦି *ଏହା* ତାହା ନୁହେଁ, ତେବେ ମୋତେ ଆସିବା ପର୍ଯ୍ୟନ୍ତ *ଏହା*କୁ ରଖିବାକୁ ଦିଅନ୍ତୁ।"

211 "ନା, ଏହା ତ ତାହା ଅଟେ ଯାହାକି ଯୋୟେଲ ଭବିଷ୍ୟଦ୍‌ବକ୍ତାଙ୍କ ଦ୍ୱାରା କୁହାଯାଇଥିଲା, 'ଏବଂ ଏହା ଶେଷ ଦିନରେ ଘଟିବ, ପରମେଶ୍ୱର କୁହନ୍ତି, ମୁଁ ଆପଣା ଆତ୍ମାକୁ ସମସ୍ତ ମର୍ତ୍ତ୍ୟ ଉପରେ ଢାଳିବି।'" ଦେଖନ୍ତୁ, ସେହି ଗତିକୀ ସେହି ଯାନ୍ତ୍ରିକୀ ମଧ୍ୟକୁ ଆସୁଅଛି। ସେମାନେ ଆଉ ଅଧିକ ଭୟ କରୁ ନ ଥିଲେ।

212 ଆପଣମାନଙ୍କ ମଧ୍ୟରୁ କେତେକ ଲୋକ ଭୟ କରନ୍ତି ଯେ କୌଣସି ସ୍ତ୍ରୀଲୋକ ଆପଣଙ୍କ ଉପରେ ଲମ୍ବା କେଶ ଥିବାରୁ, କିମ୍ବା ରଙ୍ଗ ପ୍ରସାଧନ ଲଗାଇବା ଛାଡି ଦେଇଥିବାରୁ ହସିବେ; ଆପଣମାନଙ୍କ ମଧ୍ୟରୁ କେତେକ ଲୋକମାନେ ଭୟ କରନ୍ତି ଯେ ଆପଣଙ୍କର ସଂସ୍ଥା ଆପଣଙ୍କୁ ବାହାର କରି ଦେବ ଯେତେବେଳେ ଆପଣ ନିଜର ମଣ୍ଡଳୀକୁ ଶାସ୍ତ୍ରସଙ୍ଗତ ବାପ୍ତିସ୍ମରେ ବାପ୍ତିଜିତ କରିବେ; ତାହାହେଲେ ଆପଣଙ୍କୁ ସେହି ଉପର କୋଠରୀରେ ନିଜକୁ ସେପର୍ଯ୍ୟନ୍ତ ବନ୍ଦ କରି ଦେବା ଉଚିତ୍ ଯେପର୍ଯ୍ୟନ୍ତକି ସେହି ଗତିକୀ ତଳକୁ ନ ଆସିଯାଏ। ତାହା

ଠିକ୍।

213 ଏହା ସେମାନଙ୍କୁ ବଦଳାଇ ଦେଇଥିଲା। ଏହା ସେମାନଙ୍କୁ ସଂଜୀବିତ କରିଥିଲା। ଏହା ସେମାନଙ୍କୁ ଭିନ୍ନ କରିଥିଲା। ସେବେଠାରୁ, ସେମାନେ ଏକ ପରିବର୍ତ୍ତିତ ଲୋକ ଥିଲେ। ଏହା ସେମାନଙ୍କୁ ଏକ ଭୀରୁ ରହିଥିବା ସେହି ପୁରୁଣା ଜୀବନରୁ, ଯିହୁଦା ବଂଶଜାତ ସିଂହକୁ, ସଂଜୀବିତ କରିଥିଲା। ସେମାନେ ସଂପୂର୍ଣ୍ଣ ଭାବରେ ଶହୀଦତାର ସମ୍ମୁଖୀନ ହୋଇଥିଲେ, କ୍ରୁଶରେ କଣ୍ଟା ବିଦ୍ଧ କରା ଯାଇଥିଲେ, ଉପର-ତଳ ଓଲଟା କରି କୃଶବିଦ୍ଧ କରା ଯାଇଥିଲେ, ପୋଡି ଦିଆ ଯାଇଥିଲେ, ସିଂହ ଗୁମ୍ଫାରେ ନିକ୍ଷେପ କରା ଯାଇଥିଲେ। ସେମାନଙ୍କ ବିଷୟରେ, ଆଉ ଅଧିକ ଭୀରୂ ନ ଥିଲେ। ସେମାନଙ୍କ ଉପରେ ମୃତ୍ୟୁର ଆଦୌ, ବିଜୟ ରହି ନ ଥିଲା। ସେହି ଯାନ୍ତ୍ରିକୀ ଭିତରେ ଗତିକୀ ଥିଲା। ହଁ, ମହାଶୟ। ଏହା ସେମାନଙ୍କର ମର୍ତ୍ତ୍ୟ ଶରୀରକୁ ସଂଜୀବିତ କରିଥିଲା।

214 ତେବେ ଶୁଣନ୍ତୁ। ପ୍ରମାଣ ପାଇଁ, ଏଠାରେ ଆଉ ଏକ ବିଷୟ ଅଛି। ଏହା ସେମାନଙ୍କୁ ଏପରି ଭାବରେ ଏତେ ଅଧିକ ସଂଜୀବିତ କରିଥିଲା ଯେ ଏପରିକି (କଅଣ ଆପଣ ଜାଣିଛନ୍ତି କି?) ସେମାନେ ସ୍ୱର୍ଗୀୟ ସ୍ଥାନକୁ ଉଠାଇ ନିଆ ଯାଇଥିଲେ, ଏବଂ ସେମାନଙ୍କର ମର୍ତ୍ତ୍ୟ ଶରୀରଗୁଡ଼ିକ ଏତେ ଅଧିକ ସଂଜୀବିତ କରା ଯାଇଥିଲା ଯେ ସେମାନଙ୍କର ଭାଷା ପରିବର୍ତ୍ତନ ହୋଇଯାଇଥିଲା। ଏହା କେବଳ...ଏହା ସେମାନଙ୍କର ଭାଷାକୁ ସଂଜୀବିତ କରିଥିଲା। ତାହାହିଁ ଅଟେ ଯାହାକି ବାଇବଲ କୁହେ। ଏବଂ, ସେମାନଙ୍କର ମର୍ତ୍ତ୍ୟ ଶରୀରଗୁଡ଼ିକ ସଂଜୀବିତ କରା ଯାଇ, ସେମାନଙ୍କର ଭାଷା ସଂଜୀବିତ କରା ହୋଇଥିଲା। ସେମାନଙ୍କର ଚିନ୍ତାଧାରାଗୁଡିକ ସଂଜୀବିତ ହୋଇଥିଲା। ସେମାନଙ୍କର ଆତ୍ମାଗୁଡିକ ସଂଜୀବିତ ହୋଇଥିଲା। ସେମାନଙ୍କର ଜୀବନ ସଂଜୀବିତ ହୋଇଥିଲା। ସେମାନେ ସଂପୂର୍ଣ୍ଣ ଭାବରେ, ସଂଜୀବିତ ହୋଇଥିଲେ! ସେମାନେ କଥାବାର୍ତ୍ତା କରିବାକୁ ଚେଷ୍ଟା କରିଥିଲେ, ଏବଂ ଆଉ ଅଧିକ କୌଣସି ମାନବୀୟ ଭାଷାରେ କଥାବାର୍ତ୍ତା କରିପାରି ନ ଥିଲେ। ସେମାନେ ପରମେଶ୍ୱରଙ୍କ ଉପସ୍ଥିତିରେ ଏତେ ଅଧିକ ସଂଜୀବିତ ହୋଇଥିଲେ ଯେ ଏପରିକି ସେମାନେ ନୂତନ ଭାଷାରେ, ଏକ ସ୍ୱର୍ଗୀୟ ଭାଷାରେ କଥା କହିଥିଲେ। ହ୍ୱ୍ୟା! କି ଏକ ସଂଜୀବିତ ଶକ୍ତି!

215 "ଯଦି ସେହି ଆତ୍ମା ଯିଏକି ଯୀଶୁଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଥିଲା," ଓଃ, ହାଲ୍ଲେଲୁୟା, "ଏହା ତୁମର ମର୍ତ୍ତ୍ୟ ଶରୀରକୁ ସଂଜୀବିତ କରିବ।" ଏହା ଆପଣଙ୍କୁ ଏପରି କାର୍ଯ୍ୟଗୁଡିକ କରାଇବ ଯାହା ଆପଣ ପୂର୍ବରୁ କେବେ କରି ନାହାଁନ୍ତି। ସେମାନେ ସେତେବେଳେ ସଂଜୀବିତ ଶକ୍ତିରେ ପରିପୂର୍ଣ୍ଣ ଥିଲେ। ବୁଝିଲେ?

216 ଆପଣଙ୍କର ଶରୀର ଆଉ ଅଧିକ ପାପର ଅଧୀନରେ ରୁହେ ନାହିଁ; ଆପଣ, ଆପଣଙ୍କର ଇଚ୍ଛାଗୁଡିକ।

ସେ କୁହନ୍ତି, "ଏଠାକୁ ଆସ!"

ଆପଣ କୁହନ୍ତି, "ପାଟି ବନ୍ଦ କର।"

"ଓଃ, ଆମର ସବୁଠୁ ବଡ ରହିଛି…"

"ପାଟି ବନ୍ଦ କର ।" ମୋର ପ୍ରଭୁ, ଆପଣ ଜଣେ ଉତ୍କ୍ରୋଶ ପକ୍ଷୀ ଅଟନ୍ତି!

217 କଅଣ ଆପଣ କେବେ ଦେଖିଛନ୍ତି ଯେ ଏକ ପୁରୁଣା ଉତ୍କ୍ରୋଶ ପକ୍ଷୀ କେତେ ଉନ୍ମୁକ୍ତ ଭାବରେ ଚାଲିଥାଏ? ସେ ଏକ ଶାଗୁଣା ପରି ଡିଆଁ ମାରେ ନାହିଁ, ଦେଖନ୍ତୁ, ପ୍ରତ୍ୟେକ ମୃତ ଜୀବ ପ୍ରତି, ଏବଂ ଭୂମିରେ ପଡ଼ି ରହିଥିବା ସମସ୍ତ ଶବ ପ୍ରତି । ନା, ମହାଶୟ । ସେ ଗର୍ବ ସହକାରେ ଚାଲେ ।

"ପାଟି ବନ୍ଦ କର ।"

"ଓ, ଏଠାରେ ଏକ ଭଲ ରାତ୍ରୀ ଭୋଜନ *ଏଠାରେ* ଅଛି ।"

218 "ମୋ ପାଇଁ ନୁହେଁ । ଦେଖନ୍ତୁ, ମୋର ଇଚ୍ଛାଗୁଡ଼ିକ ବଦଳି ଯାଇଛି । ମୋର ଖାଦ୍ୟ ଅଲଗା ଅଟେ । 'କାରଣ ମନୁଷ୍ୟ ଜଗତରେ କେବଳ ଏକ ଶବ ଉପରେ ବଞ୍ଚିବ ନାହିଁ, ବରଂ ପରମେଶ୍ୱରଙ୍କ ମୁଖ ନିସୃତ ପ୍ରତ୍ୟେକ ବାକ୍ୟ ଦ୍ୱାରା ବଞ୍ଚିବ ।'" ଏକ ପ୍ରକୃତ ଉତ୍କ୍ରୋଶ ପକ୍ଷୀ ତାହା ଦ୍ୱାରା ବଞ୍ଚେ । ଆମେନ୍!

219 ଓଃ, ଏବଂ ସେ ଖ୍ରୀଷ୍ଟଙ୍କୁ କବରରୁ ପୁନରୁତ୍ଥିତ କଲେ, ପୁଣି ଆପଣଙ୍କଠାରେ ବାସ କରି, ଆପଣଙ୍କର ମର୍ତ୍ତ୍ୟ ଶରୀରକୁ ତାହାଙ୍କ ଉପସ୍ଥିତିରେ ସଂଜୀବିତ କରିଅଛନ୍ତି । ଆପଣ ଏହାକୁ ଚିହ୍ନନ୍ତୁ । ଆପଣ ଆଉ ଅଧିକ ଜଣେ ମୃତପରଭକ୍ଷୀ ନୁହଁନ୍ତି । ଆପଣ ଏକ ଉତ୍କ୍ରୋଶ ପକ୍ଷୀ ଅଟନ୍ତି । ଆପଣ ଜଗତର ବିଷୟ ବସ୍ତୁ ଚାହାଁନ୍ତି ନାହିଁ । ଆପଣ ତ ପରମେଶ୍ୱରଙ୍କ ଜଣେ ପୁତ୍ର ଏବଂ କନ୍ୟା ଅଟନ୍ତି । ଆପଣ ତ ଏପରି ଏକ ଝରଣାରେ ଭୋଜନ କରୁଛନ୍ତି ଯାହା ବିଷୟରେ ଜଗତ କିଛି ଜାଣେ ନାହିଁ । ଆପଣ ଏହାକୁ ପାନ କରୁଛନ୍ତି । କେହି ଜାଣନ୍ତି…ଜଗତ ତାହା ବିଷୟରେ କିଛି ଜାଣେ ନାହିଁ । ଆପଣ ସେହି ଗୁପ୍ତ ମାନ୍ନା ଖାଉଅଛନ୍ତି ଯାହା ବିଷୟରେ ଜଗତ କଦାଚ କେବେ ବି ଜାଣି ନ ଥିଲା, ଯେହେତୁ ଆପଣ ଏକ ଉତ୍କ୍ରୋଶ ପକ୍ଷୀ ଅଟନ୍ତି । ଆପଣଙ୍କୁ ସେହି ସ୍ଥାନକୁ ସଂଜୀବିତ କରା ଯାଇଅଛି ଯେଉଁଠାରେ ଆପଣ ଏହାକୁ ଏହା ପାଇପାରନ୍ତି । ଆପଣ *ଏଠାରେ* ତଳେ ଏଠାକୁ ଯାଇପାରନ୍ତି ନାହିଁ, ଆପଣଙ୍କୁ ତ *ଏଠାରେ* ଉପରକୁ ଉଠିବାକୁ ଅଛି । ଆପଣଙ୍କୁ ତ ସେଠାରେ ଉପରକୁ ଉଠାଯାଇ, ସଂଜୀବିତ କରାଯିବାକୁ ଅଛି, ଯେଣୁ ଏହା ସଂଜୀବିତ ହେବ ।

220 ସେମାନେ କଅଣ କଲେ? ସେମାନେ ଏକ ଭିନ୍ନ ଭାଷାରେ କଥା କହିଲେ । ବାଇବଲ କୁହେ ଯେ ସେମାନେ ତାହା କଲେ । "ସେମାନେ ସ୍ୱର୍ଗ ତଳେ ଥିବା ପ୍ରତ୍ୟେକ ଭାଷାରେ କଥା କହିଲେ ।"

221 କଅଣ ଆପଣ କଳ୍ପନା କରିପାରିବେ ଯେ, ସେଠାରେ ପଡ଼ି ରହିଥିବା ସେହି ପୁରୁଣା ମର୍ତ୍ତ୍ୟ ଶରୀରଗୁଡ଼ିକ, କହିବେ, "ତେବେ, ମୁଁ ଜାଣେ ନାହିଁ, ବର୍ତ୍ତମାନ, ଯେ ମୁଁ ଏହା ବିଶ୍ୱାସ କରିପାରେ କି ନାହିଁ"?

222 ହଠାତ୍ ଏକା ସଙ୍ଗରେ, ସେମାନେ ଏତେ ଅଧିକ ସଂଜୀବିତ ହେଲେ ଯେ ଏପରିକି ଯିହୁଦା ବଂଶଜାତ ସିଂହର ସାହସିକତା ସେମାନଙ୍କ ଉପରେ, ସେହି ଦୋଳା ଯାଇଥିବା ବିଡା ଉପରେ ଓହ୍ଲାଇ ଆସିଲା । ଓଃ, ସେହି ଉତ୍କ୍ରୋଶ ପକ୍ଷୀ ତାର ନିଜସ୍ୱ ଲୋକମାନଙ୍କୁ ଡାକିବାକୁ ଆସିଲା! "ଏବଂ ସେମାନେ ନିଜର ଜୀବନକୁ ମୃତ୍ୟୁ ପର୍ଯ୍ୟନ୍ତ ସୁଦ୍ଧା ପ୍ରିୟ ମଣିଲେ ନାହିଁ ।" ଆମେନ୍ ।

ଏବଂ ସେଠାରେ ଆହୁରି ଅଧିକ ଲୋକ ହେବାକୁ ଯାଉଅଛନ୍ତି
ଯେଉଁମାନେକି ସେମାନଙ୍କର ଜୀବନର ରକ୍ତ ଦେବେ
ଏହି ପବିତ୍ରଆତ୍ମା ସୁସମାଚାର ଏବଂ ଏହାର ଲାଲ ବର୍ଣ୍ଣ ବନ୍ୟା ପାଇଁ ।

223 ଏବଂ ସେହି ପୁତ୍ରକୁ ଶେଷ ଦିନରେ ସେହି କନ୍ୟାରେ, ପୁନର୍ବାର ପ୍ରକଟିତ ହେବାକୁ—କୁ ଅଛି; ସେହି ସଂଜୀବିତ ଶକ୍ତିକୁ ଆସିବାକୁ ଅଛି, ସେମାନଙ୍କୁ ଏହି ମୃତ ନାମଧାରୀ ସଂସ୍ଥା ଏବଂ ଧର୍ମମତରୁ, ଜୀବିତ ପରମେଶ୍ୱରଙ୍କ ଏକ ଜୀବିତ ବାକ୍ୟ ମଧ୍ୟକୁ ଜୀବନ୍ତ କରିବାକୁ ଅଛି । ଓଃ!

224 ନା, ଏହା ସେମାନଙ୍କୁ ନୂତନ ଜୀବନ ମଧ୍ୟକୁ ସଂଜୀବିତ କଲା । ଏହା ବର୍ତ୍ତମାନ ଆମ ପାଇଁ ସେହି ସମାନ କାର୍ଯ୍ୟକୁ ସାଧନ କରେ । ଧ୍ୟାନ ଦିଅନ୍ତୁ, ତେବେ, ସେମାନେ ସେହି ସଂଜୀବିତ ଶକ୍ତିରେ ଏତେ ଅଧିକ ଜୀବନ୍ତ ହୋଇଥିଲେ! ତେବେ ମୁଁ...

ବର୍ତ୍ତମାନ ଧ୍ୟାନ ଦେଇ ଶୁଣନ୍ତୁ । ମୁଁ ଆପଣମାନଙ୍କୁ ଦେଖାଇବାକୁ ଚେଷ୍ଟା କରୁଛି ।

225 ସେହି ସଂଜୀବିତ ଶକ୍ତି କେବଳ ସେମାନଙ୍କ ପ୍ରାଣରେ ନ ଥିଲା, ମାତ୍ର ଏହା ତ ସେମାନଙ୍କ ସର୍ବସ୍ୱ ଉପରେ ରହିଥିଲା । ଏହା...କେବଳ ଯେ ସେହି ଗତିକୀ, ସଂଜୀବିତ କରିବାକୁ ଆସିଥିଲା ତାହା ନୁହେଁ, ମାତ୍ର ଏହା ସେହି ଯାନ୍ତ୍ରିକୀକୁ ଜୀବନ୍ତ କରିଥିଲା । ଆପଣ ଦେଖୁଛନ୍ତି ଯେ ମୋର କହିବାର ଅର୍ଥ କଅଣ? ସେମାନେ ଏତେ ଅଧିକ ସଂଜୀବିତ ହୋଇଥିଲେ ଯେ ଏପରିକି ସେମାନଙ୍କର ଜିହ୍ୱାଗୁଡିକ ଅନ୍ୟ ଭାଷାରେ କଥା କହିବାକୁ ଆରମ୍ଭ କରି ଦେଇଥିଲା । ସେମାନେ ଏତେ ଅଧିକ ଖ୍ରୀଷ୍ଟଙ୍କ ପୁନରୁତ୍ଥାନର ଶକ୍ତି ଦ୍ୱାରା ସଂଜୀବିତ ହୋଇଥିଲେ, ଯେ ଏପରିକି ସେମାନେ ନିଜର ହାତ ରଖିଲେ...ସେମାନେ ସେହି ସଂଜୀବିତ ଶକ୍ତି ଦ୍ୱାରା ଏତେ ଅଧିକ ଜୀବନ୍ତ ହୋଇଥିଲେ, ଯେ ଏପରିକି, ଯେତେବେଳେ ସେମାନେ ରୋଗୀମାନଙ୍କ ଉପରେ ହାତ ରଖିଲେ, ସେମାନେ ସୁସ୍ଥ ହୋଇଥିଲେ । "ଏହା ଆପଣଙ୍କର ମର୍ତ୍ତ୍ୟ ଶରୀରକୁ ସଂଜୀବିତ କରିଥିଲା ।" ସେମାନଙ୍କର ହାତ ରଖାଯିବା ଦ୍ୱାରା, ସେମାନେ ସୁସ୍ଥ ହୋଇଥିଲେ ।

226 ଏବଂ ସେହି ଆତ୍ମା ପରମେଶ୍ୱରଙ୍କ ସହିତ ସେମାନଙ୍କର ସହଭାଗିତାକୁ ସଂଜୀବିତ କରିଥିଲେ, ଯେ ଏପରିକି ସେମାନେ ମଧ୍ୟ ପରମେଶ୍ୱରଙ୍କ ଉପସ୍ଥିତିରେ ଏତେ ଅଧିକ ଜୀବନ୍ତ କରାଗଲେ, ଯେ ଜଣେ ବ୍ୟକ୍ତି ଯେତେବେଳେ ମୃତ୍ୟୁବରଣ କଲା ଏବଂ ତାର ପ୍ରାଣ ଚାଲି ଯାଇଥିଲା, ଏହା ତାକୁ ପୁନର୍ବାର ଜୀବନ ମଧ୍ୟକୁ ଡାକି ଆଣିଲା । ଆମେନ୍! ମହିମା ହେଉ! ବର୍ତ୍ତମାନ ମୁଁ ଧାର୍ମିକ ଅନୁଭବ କରୁଛି ।

227 ତାହା ଠିକ୍, ଜୀବନ୍ତ କରାଯିବା! ତାହାଙ୍କର ପୁନରୁତ୍ଥାନ ଯେ କେବଳ ତାହାଙ୍କ ନିଜ ପାଇଁ ଥିଲା ଏହା ନୁହେଁ, ବରଂ ସେଠାରେ ରଖାଯାଇଥିବା ଏହି ପୂର୍ବନିରୂପିତ ବୀଜ ପାଇଁ, ଯେକେହି

ଇଚ୍ଛା କରେ ତାହା ପାଇଁ ଅଟେ । ଜୀବନ୍ତ, ମର୍ତ୍ତ୍ୟ ଶରୀରକୁ ସଂଜୀବିତ କରେ!

228 ସେମାନେ ରୋଗୀମାନଙ୍କ ଉପରେ ହାତ ରଖିଲେ; ସେମାନେ ସୁସ୍ଥ ହେଲେ । ସେମାନେ ପ୍ରାର୍ଥନା କଲେ; ଆତ୍ମାରେ ସେମାନେ ଦର୍ଶନ ଦେଖିଲେ, ମୃତମାନଙ୍କୁ ଜୀବନକୁ ପୁନରୁତ୍ଥିତ କଲେ । ତାହା ଠିକ୍ । "ସେମାନଙ୍କର ମର୍ତ୍ତ୍ୟ ଶରୀରକୁ ସଂଜୀବିତ କଲେ ।"

229 ଯଦି ଏହା ଆପଣଙ୍କ ଭିତରକୁ ଆସେ; ଯଦି ଏହା ସେପରି ହୁଏ...ବର୍ତ୍ତମାନ, ଆପଣ କହିପାରନ୍ତି ଯେ ଏହା ସେହିପରି ଅଟେ; ମାତ୍ର ଯଦି ଏହା ସେହିପରି ଅଟେ, ତେବେ ଏହି ଚିହ୍ନଗୁଡ଼ିକ ତାର ଅନୁଗାମୀ ହେବ, ଆପଣ ଦେଖନ୍ତୁ । "ଏହା ଆପଣଙ୍କର ମର୍ତ୍ତ୍ୟ ଶରୀରକୁ ସଂଜୀବିତ କରେ ।" ଏହା ଆପଣଙ୍କୁ ଜୀବନ୍ତ କରିବ ।

230 ତେବେ, ଧ୍ୟାନ ଦିଅନ୍ତୁ, ପରମେଶ୍ୱରଙ୍କ ଉପସ୍ଥିତିରେ ଜୀବନ୍ତ ହେବା । କାହିଁକି? ଏହା ତ ପରମେଶ୍ୱରଙ୍କ ଆତ୍ମା ଥିଲା ଯାହାକି ଯୀଶୁଙ୍କୁ କବରରୁ ଉଠାଇ ଥିଲା । ଏବଂ, ପରମେଶ୍ୱରଙ୍କ ଆତ୍ମା, "ମୁଁ ସେମାନଙ୍କୁ ଅନନ୍ତ ଜୀବନ ଦିଏ," ଗ୍ରୀକ୍ ଶବ୍ଦରୁ ଆସିଅଛି, ଯଦି ଆପଣ ଏହାକୁ ଦେଖିବେ, ଜୋ/ଇ, ଯାହାକି ଏହାକୁ ଆପଣ ଦେଇ ଗତି କରାଏ ଏବଂ ତାହାପରେ ଏପରିକି (ସେମାନଙ୍କର) ମନକୁ ମଧ୍ୟ ସଂଜୀବିତ କରେ ।

231 ତେବେ ଦେଖନ୍ତୁ । ଆପଣ କିପରି କହିପାରନ୍ତି ଯେ ସେହି ଆତ୍ମା ଆପଣଙ୍କ ଭିତରେ ବାସ କରୁଅଛି? ଯଦିଓ ଆପଣ ତାହା ସବୁକିଛି କରିଛନ୍ତି ଯାହା ଆପଣ ଠିକ୍ ବୋଲି ଭାବୁଥିଲେ, ଏଠାରେ ଆପଣଙ୍କର ପ୍ରମାଣ ଅଛି ଯେ ଆପଣ ତାହା ଆପଣ ପାଇଛନ୍ତି କି ନାହିଁ । ଯଦି ଖ୍ରୀଷ୍ଟଙ୍କଠାରେ ଥିବା ସେହି ଆତ୍ମା ଆପଣଙ୍କଠାରେ ଅଛନ୍ତି, ତେବେ ଏହା ଆପଣଙ୍କୁ ମଧ୍ୟ ବାକ୍ୟ ପ୍ରତି ସଂଜୀବିତ କରିବ, କାରଣ ସେ ହେଉଛନ୍ତି ବାକ୍ୟ । ଏବଂ ଯଦି ଏହା, ବିପରୀତରେ, ଆପଣଙ୍କୁ ବାକ୍ୟଠାରୁ ଅନ୍ୟତ୍ର ସଂଜୀବିତ କରେ, ତାହାହେଲେ ଏହା ଖ୍ରୀଷ୍ଟଙ୍କ ଆତ୍ମା ନୁହେଁ!... ଫରକ୍ ପଡେ ନାହିଁ ଯେ ଆପଣ କଅଣ କରିଛନ୍ତି, ଯେପର୍ଯ୍ୟନ୍ତକି ତାହା ଆପଣଙ୍କୁ ବାକ୍ୟ ମଧ୍ୟରେ ଗମନ ନ କରାଏ । "ମୋର ମେଷମାନେ ମୋର ସ୍ୱର ଶୁଣନ୍ତି, ଏବଂ ସେମାନେ ପ୍ରତ୍ୟେକ ବାକ୍ୟ ଦ୍ୱାରା ବଞ୍ଚିବେ," ପ୍ରତ୍ୟେକ ବାକ୍ୟ! ମୁଁ ଅନ୍ୟ ଦିନ ତାହା ଉପରେ କଥା କହୁଥିଲି ।

232 ମୋର ନିଜର ମାଆ, ସେ ବର୍ତ୍ତମାନ ଚାଲି ଯାଇଛନ୍ତି, ଏବଂ ସେ ଜଣେ ବିଚିତ୍ର ମହିଳା ଥିଲେ । ଏବଂ ଆପଣମାନେ ଜାଣନ୍ତି, ସେ ପ୍ରାୟଃ ଅଧା, ଭାରତୀୟ ଥିଲେ, ଏବଂ ସେ ବିଚିତ୍ର ଥିଲେ । ମାତ୍ର ସେଥିରେ ସେ ଏପରି ଜଣେ ବ୍ୟକ୍ତି ଥିଲେ ଯିଏକି ସ୍ୱପ୍ନ ଦେଖୁ ନ ଥିଲେ । ମାତ୍ର ମୁଁ ଭାବୁନାହିଁ...ସେ ତାଙ୍କ ଜୀବନ ସାରା, କେବଳ ଚାରି କିମ୍ବା ପାଞ୍ଚଟି ସ୍ୱପ୍ନ ଦେଖିଥିଲେ । ମାତ୍ର ପ୍ରତ୍ୟେକ ଥର ଯେତେବେଳେ ସେ ଏକ ସ୍ୱପ୍ନ ଦେଖୁଥିଲେ, ଏହା ସତ୍ୟ ହେଉଥିଲା । ତାଙ୍କର ଏକ ସ୍ୱପ୍ନ ହେଉଥିଲା, ଏହା ସତ୍ୟ ହେଉଥିଲା ।

233 ମୋର ମନେ ଅଛି, ଯେତେବେଳେ ଅନେକ ବର୍ଷ ପୂର୍ବେ, ମୁଁ ପ୍ରଥମେ ପ୍ରଚାର ଆରମ୍ଭ କରୁଥିଲି । ଆମେମାନେ ଠିକ ଏଠାରେ ରାସ୍ତା ଉପରେ, ଠିକ୍ ଏଠାରେ ଉପରେ ରହୁଥିଲୁ ।

ମୁଁ ଠିକ ଏଠାରେ ଏହି ମଣ୍ଡଳୀରେ ପ୍ରଚାର କରୁଥିଲି । ଏବଂ ସେ ଏକ ସ୍ୱପ୍ନ ଦେଖିଲେ, ଯେ ମୁଁ ଏଠାରେ ତିନୋଟି ପାହାଚ ପାଖରେ ଛିଡା ହୋଇଅଛି । ଏବଂ ମୁଁ ଛିଡା ହୋଇ, ସମସ୍ତଙ୍କୁ ପ୍ରଚାର କରୁଥିଲି, ଯେ ସେମାନଙ୍କୁ ନିଶ୍ଚିତ ଭାବରେ ଏହି ତିନୋଟି ପାହାଚ ଚଢିବାକୁ ହେବ ଏହା ପୂର୍ବେକି ସେମାନେ ରାଜପଥକୁ ଯାଆନ୍ତି । ଏବଂ ରାଜପଥରେ ସେଠାରେ ମୋତି-ସଦୃଶ ଏକ ଛୋଟ ଧଳା ଧାଡି ରହିଥିଲା, ଯାହାକି ଠିକ୍ ସ୍ୱର୍ଗର ସେହି—ସେହି—ସେହି ଦ୍ୱାର, ସେହି ମୋତି ଜଡିତ ଦ୍ୱାର ପର୍ଯ୍ୟନ୍ତ ଯାଇଥିଲା । ଏବଂ ସେହି ମୋତିକୁ ଏହି ପାହାଚଗୁଡିକର ଶୀର୍ଷ ପର୍ଯ୍ୟନ୍ତ ବିସ୍ତାର କରାଯାଇଥିଲା । ଯଦି ତାହା ଆଜି ଅବିକଳ ଭାବେ ମୋର ବାର୍ତ୍ତା ନୁହେଁ: ଯଥାର୍ଥତା, ପବିତ୍ରୀକ୍ରଣ, ପବିତ୍ରଆତ୍ମାଙ୍କ ବାପ୍ତିସ୍ମ! ଏବଂ ମୁଁ କହୁଥିଲି ଯେ ଜଣେ ବ୍ୟକ୍ତିଙ୍କୁ ସେହି ରାଜପଥରେ ଚାଲିବାକୁ ଯୋଗ୍ୟ ହେବା ପାଇଁ, ଏହି ତିନୋଟି ପାହାଚ ଦେଇ ଆସିବାକୁ ହେବ । ଏବଂ କହିଲେ ଯେ…

234 ସେଠାରେ ଜଣେ ମହିଳା ଆସିଲେ । ତେବେ, ଆପଣମାନେ ଜାଣନ୍ତି ଯେ ପଇଁ-ତିରିଶ ବର୍ଷ ପୂର୍ବେ ଲୋକମାନେ କେଉଁ ପ୍ରକାରର ଜୋତା ପିନ୍ଧୁଥିଲେ । ସେଠାରେ ଜଣେ ମହିଳା ଆସିଲେ, ଏକ ବଡ଼ ଆକାର ହଳେ ଜୋତା ପିନ୍ଧିଥିଲେ ଯେପରିକି ସେମାନେ ଆଜି ପରିଧାନ କରନ୍ତି, କଣ୍ଟକ-ଉଚ୍ଚ ପାଦଥିବା ଜୋତା । ଏବଂ ସେ ଆସିଲେ । ଏବଂ ମୁଁ କହିଲି, "ଭଉଣୀ, ଗୋଟିଏ ମିନିଟ୍ ରୁହନ୍ତୁ । ଆପଣ ତାହା ସହିତ ସେହି ରାଜପଥକୁ ଚାଲିପାରନ୍ତି ନାହିଁ ।" ଏବଂ ମୁଁ କହିଲି, "ଆପଣ—ଆପଣ, ଆପଣ ତାହା କରିପାରନ୍ତି ନାହିଁ ।"

235 ଏବଂ ସେ କହିଲେ, "ଆଃ!" ସେ କହିଲେ, ବାକି ମହିଳାମାନଙ୍କ ଆଡକୁ ଚାହିଁ, କହିଲେ, "ତାଙ୍କୁ ବିଶ୍ୱାସ କର ନାହିଁ । ସେ ଜଣେ ପାଗଳ ଲୋକ ଅଟେ । ବୁଝିଲେ? ତାଙ୍କୁ ବିଶ୍ୱାସ କର ନାହିଁ । ମୁଁ ଆପଣଙ୍କୁ ଦେଖାଇବି ଯେ ମୁଁ ଧାର୍ମିକ, ପବିତ୍ରୀକୃତ, ଏବଂ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହୋଇପାରେ, ଏବଂ ତଥାପି ସେଥିରେ ଚାଲିପାରେ ।" ଏବଂ ସେ…ମୁଁ ତାଙ୍କୁ ଯିବାକୁ ଦେଲି । ଏହା ବିଷୟରେ ଆଉ କିଛି କରିପାରିଲି ନାହିଁ, ତାଙ୍କୁ ଅଟକାଇ ପାରିଲି ନାହିଁ । ଏବଂ ସେ ରାଜପଥ ଉପରକୁ ଡେଇଁ ପଡ଼ିଲେ । ଏବଂ ସେ ଭଉଣୀ ଆଡକୁ ଚାହିଁ, କହିଲେ, "ଦେଖ, ମୁଁ ଆପଣଙ୍କୁ କହିଥିଲି!" ସେ ଦୌଡ଼ିବାକୁ ଆରମ୍ଭ କଲେ, ଏବଂ ସେ…

236 ଆପଣ ଜାଣନ୍ତି, ଯେପରିକି ବାଇବଲ କୁହେ, ଯିଶାଇୟ, 5ମ ପର୍ବରେ, ଯେ ସେମାନଙ୍କର "ବିସ୍ତାରିତ ବେକଗୁଡିକ" ରହିବ । ସେମାନଙ୍କର ରହିବାକୁ ଅଛି; ସେମାନେ ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି, ଦେଖନ୍ତୁ । "ଅଣ୍ଟା ହଲାଉଥିବା ପରି…" ସେମାନଙ୍କୁ କରିବାକୁ ଅଛି, ମୋଡ଼ିବାକୁ ଅଛି, "ସେମାନେ ଚାଲି ଯାଉଥିବା ସମୟରେ ଅଣ୍ଟା ହଲାଇଥାନ୍ତି, ସେମାନଙ୍କ ଗୋଇଠିରେ ଏକ ଶବ୍ଦ କରନ୍ତି; ଦେଖନ୍ତୁ, ଶେଷ ଦିନରେ ସିୟୋନର ସେହି କନ୍ୟାଗଣଙ୍କୁ ।"

237 ଏବଂ ସେ ସେହି ରାଜପଥ ଦେଇ ଯିବାକୁ ଆରମ୍ଭ କଲେ, ଯେତିକି ଶୀଘ୍ର ଭାବରେ ପାରିଥିଲେ ସେତିକି ଶୀଘ୍ର ଦୌଡିଲେ । ଏବଂ, କିଛି ସମୟ ପରେ, ରାସ୍ତାଟି ସଂକୀର୍ଣ୍ଣ ଓ ଆହୁରି

ସଂକୀର୍ଣ୍ଣ ହୋଇ ଚାଲିଲା । ସେ ସେହିପରି ଭାବରେ ନଖରା କରି, ଅଣ୍ଟା ହଲାଇବାକୁ ଲାଗିଲେ, ଏବଂ ସେ ଚାଲିଗଲେ ।

238 ଏବଂ ମାଆ କହିଲେ, "ମୁଁ ମୋ ଜୀବନରେ କଦାଚ ଶୁଣିଥିବା ସବୁଠାରୁ ଭୟଙ୍କର ଚିତ୍କାର ଶୁଣିଲି, ଯାହାକି ସେହି ସ୍ତ୍ରୀଲୋକର ଥିଲା ଯିଏକି ସେହି ନିଆଁରେ ଓ ଧୂଆଁରେ ପଡ଼ି ଯାଇଥିଲେ, ସେହିପରି ଭାବରେ, ତଳକୁ ଯାଇଥିଲେ ।" କହିଲେ, ମୁଁ "ବୁଲିପଡି କହିଲି, 'ବୁଝିଲେ?'"

239 ସେ କେବଳ ଗୋଟିଏ ବାକ୍ୟ ବ୍ୟତୀତ ସବୁକିଛି ପାଳନ କରିଥିଲେ, ଦେଖନ୍ତୁ, ଗୋଟିଏ ବାକ୍ୟ ବ୍ୟତୀତ ସବୁକିଛି । ନିଶ୍ଚିତରେ, ପେଣ୍ଟିକଷ୍ଟାଲ୍ ମହିଳାମାନେ ଉଦ୍ଧାର କରା ଯାଇ, ପବିତ୍ରୀକୃତ, ଏବଂ ପବିତ୍ରଆତ୍ମା ଦ୍ୱାରା ପରିପୂର୍ଣ୍ଣ ହୋଇପାରନ୍ତି, ଏବଂ ତାହାପରେ ବିଫଳ ହୋଇପାରନ୍ତି । ନିଶ୍ଚିତରେ । "ମନୁଷ୍ୟ କେବଳ ରୁଟି ଦ୍ୱାରା ବଞ୍ଚିବ ନାହିଁ, ବରଂ ନିସୃତ ପ୍ରତ୍ୟେକ ବାକ୍ୟ ଦ୍ୱାରା ବଞ୍ଚିବ ।" ବୁଝିଲେ? ବୁଝିଲେ? ଏବଂ ସେ ଏହାକୁ ବିଫଳ କରି ଦେଲେ । ଏବଂ ଯେପରି ମୁଁ କହିଲି, ଦେଖନ୍ତୁ, ସେ ଆଗକୁ ଯାଇ ଠିକ୍ ଭାବରେ, ଭିତରକୁ ପ୍ରବେଶ କରିଯାଇଥାନ୍ତେ, ମାତ୍ର, ଦେଖନ୍ତୁ, ସେ ଶୁଣିବାରେ ବିଫଳ ହେଲେ; ଯାହା ତାଙ୍କୁ କହୁଥିଲି ଯେ ଆଗରେ କଅଣ ଅଛି । ଏବଂ ସେ ଶିଷ୍ୟ, ପ୍ରେରିତମାନଙ୍କ ଦ୍ୱାରା ସୁସମାଚାର ଲେଖିଛନ୍ତି, ଏବଂ ପ୍ରେରିତ ଓ ଭବିଷ୍ୟଦ୍‌ବକ୍ତାମାନଙ୍କର ଶିକ୍ଷା, ଏବଂ ପ୍ରଭୃତି ସବୁ, ଏବଂ ସେମାନେ ଶୁଣନ୍ତି ନାହିଁ ।

240 ତେବେ ଏହି ସଂଜୀବିତ ଶକ୍ତି, ଜୋଇକୁ ଧ୍ୟାନ ଦିଅନ୍ତୁ, ଯିଏକି ବାକ୍ୟକୁ ନେଇ କରି ଆସେ, ତେବେ ଖ୍ରୀଷ୍ଟଙ୍କଠାରେ ଥିବା ମନ ଆପଣଙ୍କ ଭିତରେ ରହିବ । ମୁଁ ଆପଣଙ୍କୁ ଦେଖାଇବାକୁ ଚେଷ୍ଟା କରୁଛି, ଯେ, ଆପଣ, ଯେତେବେଳେ ଆପଣ ଉତ୍ଥିତ ହେଲେ । ଯେତେବେଳେ ପରମେଶ୍ୱର ଯୀଶୁଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଲେ, ସେ ଆପଣଙ୍କୁ ମଧ୍ୟ, ଉଠାଇଥିଲେ । ଏବଂ ତାହାଙ୍କ ସହିତ, ଜୀବନ ପାଇଁ ମଧ୍ୟ ସଂଜୀବିତ କରିଥିଲେ, ଆପଣ ବର୍ତ୍ତମାନ ଜୀବନକୁ ସଂଜୀବିତ ହୋଇଅଛନ୍ତି, ଯଦିଓ ସେତେବେଳେ ଆପଣ ତାହାଙ୍କ ଚିନ୍ତାଧାରାରେ କେବଳ ଏକ ଗୁଣସକଳ ଥିଲେ, ମାତ୍ର ପରମେଶ୍ୱର ଶେଷରେ, ତାହାଙ୍କ ଭିତରେ ସମସ୍ତଙ୍କୁ ଦେଖିଥିଲେ, ଦେଖନ୍ତୁ । ଯେତେବେଳେ ପରମେଶ୍ୱର ତଳେ ଶରୀରକୁ ଚାହିଁଲେ…

241 ଗେଥସିମନୀ ବଗିଚାରେ, ଆତ୍ମା ତାହାଙ୍କୁ ଛାଡି ଚାଲି ଯାଇଥିଲା । ତାହାଙ୍କୁ ଜଣେ ମନୁଷ୍ୟ ଭାବରେ, ମୃତ୍ୟୁବରଣ କରିବାକୁ ପଡିଲା । ମନେରଖନ୍ତୁ, ବନ୍ଧୁଗଣ, ତାହାଙ୍କୁ ତାହା କରିବାର କୌଣସି ପ୍ରୟୋଜନ ନ ଥିଲା । ତାହା ପରମେଶ୍ୱର ଥିଲେ । ପରମେଶ୍ୱର ସେହି ଦେହକୁ ଅଭିଷେକ କରିଥିଲେ, ଯାହାକି ମନୁଷ୍ୟର ଶରୀର ଥିଲା । ଏବଂ ସେ କରି ନ ଥିଲେ… ଯଦି ସେ ସେଠାରେ ଉପରକୁ, ପରମେଶ୍ୱରଙ୍କ ଭାବରେ ଯାଇଥାନ୍ତେ, ତାହାହେଲେ ସେ କେବେହେଲେ ସେପରି ମୃତ୍ୟୁ ମରି ନ ଥାଆନ୍ତେ; ପରମେଶ୍ୱରଙ୍କୁ ହତ୍ୟା କରା ଯାଇପାରେ ନାହିଁ । ମାତ୍ର ତାହାଙ୍କୁ ଏହା କରିବାକୁ ପଡ଼ି ନ ଥିଲା ।

242 କିନ୍ତୁ, ମନେରଖନ୍ତୁ, ସେ ଆପଣଙ୍କୁ ତାହାଙ୍କ ଭିତରେ ରଖି ସେଠାକୁ ଯାଇଥିଲେ ।

ଦେଖନ୍ତୁ, ପରମେଶ୍ୱର ଏଯାଏଁ, କନ୍ୟାକୁ ସେହି ବରଙ୍କଠାରୁ କେବେବି ଅଲଗା କରି ନ ଥିଲେ । ତେଣୁକରି ଯେତେବେଳେ ପରମେଶ୍ୱର ଖ୍ରୀଷ୍ଟଙ୍କ ଶରୀର ଉପରେ ଦୃଷ୍ଟି ପକାଇଲେ, ସେ ଉଭୟ ପୁରୁଷ ଓ ସ୍ତ୍ରୀଙ୍କୁ ଦେଖିଲେ । ଏହା ସବୁ ସେହି ଗୋଟିଏ ଶରୀରରେ ମୁକ୍ତ କରା ଯାଇଥିଲା । ବୁଝିଲେ? ସେଗୁଡ଼ିକ ସବୁ ଏକ, ସମାନ, ସମାନ ବାକ୍ୟ ଅଟେ । ସେହି ସମାନ ବାକ୍ୟ, ଯାହା ବର ବିଷୟରେ କହିଥିଲା, କନ୍ୟା ବିଷୟରେ କହିଥାଏ ।

243 ତେବେ, ସେହି କନ୍ୟା କିପରି ଭାବରେ ଆସି, ତାହାଙ୍କ ବିଷୟରେ ପ୍ରତିଜ୍ଞା କରାଯାଇଥିବା ସମସ୍ତ କିଛି ବିଷୟକୁ ପ୍ରକାଶ କରିବାରେ ବିଫଳ ହୋଇପାରେ; ଏବଂ ବର ଆସନ୍ତି, ଓ ସେ କନ୍ୟା ନୋହିବେ? ମାତ୍ର ଯେତେବେଳେ ସେ ସବୁକିଛି କଲେ, ଏପରିକି ମୃତ୍ୟୁରୁ ପରେ ମଧ୍ୟ, ନିଜକୁ ପୁନରୁତ୍‌ଥିତ କରି ପ୍ରମାଣ କଲେ, ତେବେ କଅଣ ସେହି—ସେହି କନ୍ୟାକୁ ଠିକ ସେହି ସମାନ କାମ କରିବାକୁ ପଡିବ ନାହିଁ କି, ଅବିକଳ ଠିକ୍ ସେହିପରି ହେବାକୁ ପଡିବ ନାହିଁ କି ଯେପରିକି ସେ ଏହି ଶେଷ ଦିନରେ ରହିବେ ବୋଲି ବାକ୍ୟ କହିଥିଲା? କଅଣ ତାଙ୍କୁ ମଲାଖି 4 ଦେଇ ଫେରିବାକୁ ପଡିବ ନାହିଁ କି? କଅଣ ତାଙ୍କୁ ସେହିପରି ପ୍ରକଟିତ ହେବାକୁ ପଡିବ ନାହିଁ କି ଯେପରିକି ତାହା ସଦୋମଙ୍କ ସମୟରେ ରହିଥିଲା? କଅଣ ଜଗତକୁ ଅବିକଳ ଠିକ ସେହିପରି ହେବାକୁ ପଡିବ ନାହିଁ କି ଯେପରିକି ତାହା ଅଛି? କଅଣ ଏହି ବିଷୟଗୁଡ଼ିକ ତାହାର ଏକ ସିଦ୍ଧ ପ୍ରକଟୀକରଣ ନୁହେଁ କି ଯେ ପରମେଶ୍ୱରଙ୍କ ବାକ୍ୟ ଆମକୁ ଜଣା ଯାଇଅଛି?

244 ତେବେ, ବନ୍ଧୁଗଣ, ମୁଁ ଜାଣେ ଯେ ମୁଁ ଆପଣମାନଙ୍କୁ ଏକ ଦୀର୍ଘ ସମୟ ଧରି, ରାତ୍ରୀ ଭୋଜନକୁ ପନ୍ଦର ମିନିଟ୍ ପର୍ଯ୍ୟନ୍ତ ରଖୁଅଛି, କିନ୍ତୁ ବୋଧହୁଏ ମୁଁ ସେତେବେଳକୁ ସାରି ଦେବି । ମାତ୍ର ଧ୍ୟାନ ଦିଅନ୍ତୁ, ଏଠାରେ ଦେଖନ୍ତୁ, ଏହା କେତେ ଏକ ସିଦ୍ଧ ବିଷୟ ଅଟେ । ମୁଁ ଜାଣେ ନାହିଁ ଯେ ମୁଁ ଆଉ ପୁନର୍ବାର ଆପଣମାନଙ୍କୁ କେବେ ଦେଖିବି । ବୁଝିଲେ?

245 ଦେଖନ୍ତୁ, ଏହାକୁ ଧ୍ୟାନ ଦିଅନ୍ତୁ । ମାତ୍ର ପରମେଶ୍ୱର ପୂର୍ବରୁ ବରଙ୍କଠାରେ କନ୍ୟାକୁ ଦେଖିଥିଲେ । ହାଲ୍ଲେଲୁୟା! ଦେଖନ୍ତୁ, ତାହାଙ୍କ ପତ୍ନୀଙ୍କୁ ବଞ୍ଚାଇବା ପାଇଁ, ଯେପରିକି ଆଦମଙ୍କ କରିଥିଲେ, ତାହାଙ୍କ ନିଜର ପତ୍ନୀଙ୍କ ସହିତ ଯିବାକୁ ପଡିଥିଲା । ଆଦମ ଜାଣିଥିଲେ ଯେ ସେ କଅଣ କରୁଛନ୍ତି; ହବା ଜାଣି ନ ଥିଲା ସେ କଅଣ କରୁଛି, ମାତ୍ର ଆଦମ ନିଜର ପତ୍ନୀଙ୍କ ସହିତ ବାହାରି ଗଲେ । ବୁଝିଲେ? ଏବଂ ଯୀଶୁ ନିଜର ପତ୍ନୀଙ୍କ ସ୍ଥାନକୁ ଗ୍ରହଣ କଲେ ଓ ତାହା ପାଇଁ ପାପ ହୋଇଗଲେ । ମନେରଖନ୍ତୁ, ସେ ଆପଣ ହୋଇଗଲେ, ସେ ଆପଣଙ୍କର ଦଣ୍ଡକୁ ନେଇ ନେଲେ, ଯେପରି ଆପଣ ତାହାଙ୍କ ସ୍ଥାନରେ ଛିଡା ହୋଇପାରନ୍ତି । ସେ ଆପଣଙ୍କ ସ୍ଥାନରେ ଛିଡା ହୋଇଗଲେ, ଯେପରିକି ଆପଣ ତାହାଙ୍କ ସ୍ଥାନରେ ଛିଡା ହୁଅନ୍ତି । କି ଏକ ପ୍ରେମ! କି ଏକ ସହଭାଗୀତା! ଆମେ ଏହାକୁ କିପରି ଅସ୍ୱୀକାର କରିପାରୁ? ବନ୍ଧୁ, ଆମେ ତାହାଙ୍କୁ ପ୍ରେମ କରିବା ବ୍ୟତୀତ ଆଉ କିଛି କିପରି ବା କରିପାରୁ? ମୁଁ ଏହା ଉପରେ ଘଣ୍ଟା ଘଣ୍ଟା ଧରି ରହିପାରିବି, ମାତ୍ର ଆସନ୍ତୁ ଆମେମାନେ ଆଉ ଟିକିଏ ଆଗକୁ ଯିବା ।

246 ଯେପରିକି ଆଜି ପେଣ୍ଟିକଷ୍ଟାଲ୍ ଅନୁଭୂତି ଅଟେ, ଏବଂ ଏହି ଶେଷ ଦିନରେ ପବିତ୍ରଆତ୍ମାଙ୍କ

ଆଗମନ ଅଟେ, ଯେପରି ପ୍ରତିଜ୍ଞା କରାଯାଇଥିଲା, ତାହା ଏକ ସମ୍ପତ୍ତି ଦସ୍ତାବେଜର ମାଲିକାନା ସାରପତ୍ର ପରି ଅଟେ । ବୁଝିଲେ?

247 ତେବେ, ଆପଣ ଏକ ସମ୍ପତ୍ତି ଦସ୍ତାବେଜ ପାଇପାରନ୍ତି । ନିଶ୍ଚିତ ଭାବରେ । ବୁଝିଲେ? ଆପଣ ଗୋଟିଏ ସ୍ଥାନର ଏକ ସମ୍ପତ୍ତି ଦସ୍ତାବେଜ ପାଇପାରନ୍ତି, କିନ୍ତୁ ତାହା ଏବେ ସୁଦ୍ଧା କୁହେ ନାହିଁ ଯେ ତାହା ଆପଣଙ୍କର ଅଟେ । ନା, ଆଜ୍ଞା । କେହି ଜଣେ ପଛରୁ ଆସି ଏହା ଉପରେ ଏକ ଦାବି ରଖିପାରିବ । ମାତ୍ର ଯେତେବେଳେ ଆପଣଙ୍କ ପାଖରେ ଏକ ମାଲିକାନା ସାରପତ୍ର ଥାଏ, ତାହା ଏହା ଦର୍ଶାଏ ଯେ ଏହା ବିରୁଦ୍ଧରେ ସୃଷ୍ଟି ପୂର୍ବରୁ ଯାହାକିଛି ବି କଦାଚ ଅଛି, ତାହା ସବୁକିଛି ସୀଧାସଳଖ ରଦ୍ଦ କରାଯାଏ । କଅଣ ତାହା ଠିକ୍ କି?

248 ଏବଂ ଯେତେବେଳେ ଜଣେ ଲୋକ କହିଥାଏ ଯେ ସେ ବାକ୍ୟକୁ ବିଶ୍ୱାସ କରନ୍ତି, ଏବଂ ତାହାପରେ ଯେତେବେଳେ ପବିତ୍ରଆତ୍ମା ଆସନ୍ତି, ଏହା ସେହି ସମ୍ପତ୍ତି ଦସ୍ତାବେଜର ମାଲିକାନା ସାରପତ୍ର ଅଟେ । ଏବଂ ତାହା ଆପଣଙ୍କୁ ଅନୁମତି ଦିଏ, ଯେତେବେଳେ ଆପଣଙ୍କ ପାଖରେ ସେହି ମାଲିକାନା ସାରପତ୍ର ଥାଏ, ଯେ ଏହାର ପ୍ରତ୍ୟେକ ବିଷୟ ଆପଣଙ୍କର ଅଟେ, ଏବଂ ଏହା ଉପରେ ଥିବା ସମସ୍ତ କିଛି ବିଷୟ ଆପଣଙ୍କର ଅଟେ । ଆମେନ୍! ଏବଂ ତାହା ଆମକୁ ମାଲିକାନା ସାରପତ୍ର ପ୍ରଦାନ କରେ, ଯେତେବେଳେ ପବିତ୍ରଆତ୍ମା ଏହି ସମ୍ପତ୍ତି ଦସ୍ତାବେଜ ଉପରେ ଆସନ୍ତି ଯାହାକୁ ପରମେଶ୍ୱର ପଶ୍ଚାତ ସମୟରେ ଦେଖିଥିଲେ ଜଗତର ମୂଳଦୁଆ ସ୍ଥାପନ କରିବା ପୂର୍ବରୁ, ଏବଂ ଏହାକୁ ଜୀବନ ପୁସ୍ତକରେ ରଖିଥିଲେ; ମାତ୍ର ଜଣେ ପୁରୁଷ ଏବଂ ସ୍ତ୍ରୀ ମାଧ୍ୟମରେ ଜନ୍ମ ହୋଇଥିଲେ, ଏବଂ ପାପର ଅଧୀନରେ ରହିଥିଲେ, ଏବଂ ପାପର ଦୋଷୀ ହୋଇଥିଲେ । ମାତ୍ର ଯେତେବେଳେ ମୁଁ ଏହା ଉପରେ ବିଶ୍ୱାସ କଲି, ମୁଁ ସେହି ସମ୍ପତ୍ତି ଦସ୍ତାବେଜକୁ ପ୍ରାପ୍ତ କଲି; କିନ୍ତୁ ଯେତେବେଳେ ପବିତ୍ରଆତ୍ମା ଆସିଲେ, ଏହା ତ ସେହି ମାଲିକାନା ସାରପତ୍ର ଥିଲା ଯେ ମୋ ବିରୁଦ୍ଧରେ ଥିବା ସବୁକିଛି ବିଷୟକୁ, ହୁଏତ ଯାହା ମୋ ମାଆ କରିଥିଲେ, କିମ୍ବା ମୋ ବାପା କରିଥିଲେ, ଅବା ମୋ ଜେଜେମା କରିଥିଲେ…

249 ଯେପରିକି ସେହି ଛୋଟ, ଅପସ୍ମାର ଶିଶୁ ଯାହା ପାଇଁ, ମୁଁ କିଛି ମିନିଟ୍ ପୂର୍ବରୁ ପ୍ରାର୍ଥନା କରିଥିଲି, ସେହି ରୋଗ ତାର ଜେଜେବାପା ମାଆଠାରୁ ଆସିଥିଲା । ସେହି ଅପସ୍ମାର ଆସିଲା, ଏବଂ ସେହି ଶିଶୁକୁ ଆକ୍ରାନ୍ତ କରିଥିଲା, ମୁଁ କହିଲି ।

250 କିନ୍ତୁ ଯେତେବେଳେ ସେହି ମାଲିକାନା ସାରପତ୍ର ଆସିଲା, ଏହା ସବୁକିଛି ବିଷୟକୁ କାଟି ଦେଲା, ସବୁକିଛିକୁ ରଦ୍ଦ କରିଦେଲା । ସେତେବେଳେ ମୁଁ ଏକ ମାଲିକାନା ସାରପତ୍ର ଧାରକ ଅଟେ । ଆମେନ୍! ଏବଂ ଯେତିକି ସୁନିଶ୍ଚିତ ସେହି ଆତ୍ମା ଯାହାକି ଖ୍ରୀଷ୍ଟଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଥିଲା, ସେତିକି ସୁନିଶ୍ଚିତ ମୋ ପାଖରେ ଏକ ମାଲିକାନା ସାରପତ୍ର ଅଛି ଯେ ମୁଁ ସେହି ଶରୀରର ଏକ ଅଂଶ ଅଟେ, ପୁଣି ସେହି ପବିତ୍ରଆତ୍ମାଙ୍କର ମାଲିକାନା ସାରପତ୍ର ସହିତ ଯାହାକି ସେହି ବାକ୍ୟର ଶରୀରକୁ ଅବିକଳ ଠିକ୍ ସେହିପରି ଭାବରେ ଆଚରଣ କରାଇଥାଏ ଯେପରିକି ଏହା ତାହାଙ୍କଠାରେ କରିଥିଲା, ଯାହା ସେ ଶେଷ ଦିନ ନିମନ୍ତେ ପ୍ରତିଜ୍ଞା କରିଥିଲେ ।

ସେହି ମାଲିକାନା ସାରପତ୍ର! ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା, ମୋର ସମସ୍ତ ପାପଗୁଡିକୁ ରଦ୍ଦ କରାଯାଇଛି, ଆପଣଙ୍କର ସମସ୍ତ ପାପକୁ ରଦ୍ଦ କରାଯାଇଛି, ଏବଂ ପବିତ୍ରଆତ୍ମା ସେହି ସମ୍ପତ୍ତି ଦସ୍ତାବେଜ ଉପରେ ଏକ ମାଲିକାନା ସାରପତ୍ର ଭାବରେ ଆସିଥାନ୍ତି ଯାହା ପରମେଶ୍ୱରଙ୍କ ଅନୁଗ୍ରହ ଦ୍ୱାରା, ପୂର୍ବଜ୍ଞାନ ଦ୍ୱାରା ମୋତେ ପ୍ରଦାନ କରିଥାନ୍ତି । ଓଃ, ମୋର ପ୍ରଭୁ!

251 ଆପଣ କେଉଁ ବିଷୟରେ ଭୟଭୀତ ଅଟନ୍ତି? ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସେ କହିଲେ, "ଭୟ କର ନାହିଁ; ମୁଁ ସେ ଯିଏକି ମୃତ ଥିଲି ଓ ପୁନର୍ବାର ଜୀବିତ ଅଟେ; ଏବଂ ମୁଁ ଚିରଦିନ ପାଇଁ ଜୀବିତ; ଏବଂ ମୃତ୍ୟୁ ଏବଂ ପାତାଳର କଞ୍ଚି ମୋ ପାଖରେ ଅଛି ।" କୌଣସି ବିଷୟରେ ଚିନ୍ତା କରନ୍ତୁ ନାହିଁ । ଏପରିକି ମୃତ୍ୟୁ ମଧ୍ୟ ଆପଣଙ୍କର କିଛି କ୍ଷତି କରିବାକୁ ଯାଉ ନାହିଁ । ଧ୍ୟାନ ଦିଅନ୍ତୁ । ସୁନ୍ଦର!

ତେବେ ଆସନ୍ତୁ ଆମେମାନେ ଶୀଘ୍ର ଯିବା ।

252 ସେହି ମାଲିକାନା ସାରପତ୍ର! ଋଣ ବିଷୟ ସମାଧାନ କରାଯାଇଛି । ଏହା ବିରୁଦ୍ଧରେ ସମସ୍ତକିଛି ରଦ୍ଦ କରାଯାଇଛି । ହା-ହା-ହା! ମହିମା ହେଉ! ମୁଁ ମୂର୍ଖ ଭଳି ଆଚରଣ କରୁଥାଇପାରେ, ମାତ୍ର ମୁଁ ଭଲ ଅନୁଭବ କରୁଛି । ଧ୍ୟାନ ଦିଅନ୍ତୁ । ବୁଝିଲେ? ଓଃ, ଏକ ମାଲିକାନା ସାରପତ୍ର, କଅଣ ଆପଣ ବୁଝୁଛନ୍ତି ଯେ ଏହାର ଅର୍ଥ କଅଣ? ଭାଇ, କଅଣ ଆପଣ ବୁଝୁଛନ୍ତି ଯେ ଏହାର ଅର୍ଥ କଅଣ ଅଟେ? ଏପରି କିଛି ନାହିଁ ଯାହାକି ଏହାକୁ ଆପଣଙ୍କଠାରୁ ନେଇ ନିଆ ଯାଇପାରେ । ଆମେନ୍ । ମୁଁ ଜଣେ ଧାରକ ଅଟେ । ଆମେନ୍ । କି ଏକ...

253 କେଉଁ ଦସ୍ତାବେଜ? ମୁଁ ବର୍ତ୍ତମାନ ତାହାଙ୍କର ମୃତ୍ୟୁ, ସମାଧି, ଏବଂ ପୁନରୁତ୍ଥାନର, ମୋର ହିତାଧିକାରୀ ଉପରେ ଲାଭ ଉଠାଇଅଛି । ସେ ମୁଁ ହୋଇଗଲେ, ଯେପରିକି ମୁଁ ସେ ହୋଇପାରେ । ତେବେ, ସେ ଜଣେ ପାପୀ ହୋଇଗଲେ, ଯେପରି ମୁଁ ଏକ ପୁତ୍ର ହୋଇପାରେ, ଆମେନ୍, ଏବଂ ସେହି ମାଲିକାନା ସାରପତ୍ରକୁ ଧାରଣ କରିପାରେ । "କାରଣ ଯେଉଁମାନେ ବିଶ୍ୱାସ କରନ୍ତି ଏହି ଚିହ୍ନଗୁଡ଼ିକ ସେମାନଙ୍କର ଅନୁଗାମୀ ହେବ," ଦେଖନ୍ତୁ, ସେହି ମାଲିକାନା ସାରପତ୍ର!

ତେବେ ଶୀଘ୍ର, ଏହା ପୂର୍ବେକି...ଆମ ପାଖରେ ଆଉ ପ୍ରାୟଃ ଦଶ ମିନିଟ୍ କିଛି ଅଛି ।

254 ତେବେ ଆସନ୍ତୁ ଆମେମାନେ ଶୀଘ୍ର, ଆତ୍ମାର ସଂଜୀବିତ କରିବା ବିଷୟକୁ, ଧ୍ୟାନ କରିବା । ମୁଁ ଆପଣଙ୍କୁ କେତୋଟି ଚିହ୍ନମାନ ଦେଖାଇବାକୁ ଯାଉଅଛି ଯେପରିକି ଆପଣ ବୁଝିଯିବେ । ଦେଖନ୍ତୁ, ତେବେ ଲକ୍ଷ୍ୟ କରନ୍ତୁ ଯେ, ଏହି "ସଂଜୀବିତ ଶକ୍ତି" ମୋର ବିଷୟ ଥିଲା । ପୁତ୍ର ପୁନରୁତ୍‌ଥିତ ହୋଇସାରିବା ପରେ, ଦେଖନ୍ତୁ ଯେ ଏହା କିପରି ପେଣ୍ଟିକଷ୍ଟଠାରେ ସେମାନଙ୍କ ଉପରେ କରା ଯାଇଥିଲା, ଏହା ସେମାନଙ୍କ ପ୍ରତି କଅଣ କରିଥିଲା, ସେହି ସଂଜୀବିତ ଶକ୍ତି ସେମାନଙ୍କ ପ୍ରତି କଅଣ କରିଥିଲା । ଏହା ସେମାନଙ୍କୁ ସଂଜୀବିତ କରିଥିଲା ।

255 ତେବେ ଆସନ୍ତୁ ଦେଖିବା ଯେ ଏହା ସ୍ତିଫାନ ଉପରେ କଅଣ କରିଥିଲା । ସ୍ତିଫାନ ସଂଜୀବିତ ଶକ୍ତିରେ ପରିପୂର୍ଣ୍ଣ ହୋଇଥିଲେ । କଅଣ ତାହା ଠିକ୍ ନୁହେଁ କି? ଦେଖନ୍ତୁ, ସେ

ସଂଜୀବିତ ଶକ୍ତିରେ ପରିପୂର୍ଣ୍ଣ ହୋଇଥିଲେ । ଏହା ତାଙ୍କୁ ଭୟଭୀତ କରାଇ ନ ଥିଲା । ସେ କହିଲେ, "ତୁମେ ଶକ୍ତ-ଗ୍ରୀବ ଏବଂ କର୍ଣ୍ଣ ଓ ହୃଦୟର ଅସୁନ୍ନତ, ତୁମେମାନେ ସର୍ବଦା ପବିତ୍ରଆତ୍ମାକୁ ପ୍ରତିରୋଧ କରିଥାଅ; ଯେପରିକି ତୁମର ପିତୃପୁରୁଷମାନେ କରିଥିଲେ, ସେହିପରି ତୁମେମାନେ ମଧ୍ୟ କରିଥାଅ । ଭବିଷ୍ୟଦ୍‌ବକ୍ତାମାନଙ୍କ ମଧ୍ୟରୁ କେଉଁ ଜଣକ ଯିଏକି ସେହି ଧାର୍ମିକ ଜଣର ଆଗମନ ବିଷୟକୁ ଦେଖାଇଥିଲେ, ତୁମର ପିତୃପୁରୁଷମାନେ ପ୍ରସ୍ତରାଘାତ କଲେ ନାହିଁ?" ଓଃ, ମୋର ପ୍ରଭୁ! ତାଙ୍କୁ କିଛି ଗୋଟାଏ କରିଥିଲା । ନିଶ୍ଚିତରେ, ସେ ସଂଜୀବିତ ଶକ୍ତିରେ ପରିପୂର୍ଣ୍ଣ ଥିଲେ ।

ଏବଂ ସେମାନେ କହିଲେ, "ଆମେମାନେ ସେହି ଲୋକରୁ ମୁକ୍ତି ପାଇବା!"

256 ଏବଂ ଯେତେବେଳେ ସେ ମୃତ୍ୟୁବରଣ କରିଥିଲେ, ସେମାନେ ତାଙ୍କୁ ପ୍ରସ୍ତରାଘାତ କରିଥିଲେ; ଏବଂ ତାଙ୍କର ବେଚାରା ଛୋଟ ମୁଣ୍ଡଟି, ସେହି ପଥରଗୁଡ଼ିକ ତାକୁ ସେପରି ଭାବରେ ଆଘାତ କରିଥିଲା । ସେ ଉପରକୁ ଚାହିଁ କହିଥିଲେ, "ମୁଁ ସ୍ୱର୍ଗକୁ ଉନ୍ମୁକ୍ତ ଦେଖୁଛି ।" ସଂଜୀବିତ ଶକ୍ତି କାର୍ଯ୍ୟକାରୀ କରୁଥିଲା । "ମୁଁ ସ୍ୱର୍ଗକୁ ଉନ୍ମୁକ୍ତ ଦେଖୁଛି, ଏବଂ ଯୀଶୁ ପରମେଶ୍ୱରଙ୍କ ଡାହାଣ ପଟେ ଛିଡା ହୋଇଥିବାର ଦେଖୁଛି ।" ତାହାହିଁ ଅଟେ ଯାହାକି ସଂଜୀବିତ ଶକ୍ତି ସ୍ତିଫାନଙ୍କ ପାଇଁ କରିଥିଲା ।

257 ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରନ୍ତୁ, ତାଙ୍କଠାରେ ଏହି ସଂଜୀବିତ ଶକ୍ତି ରହିଥିଲା, ତାଙ୍କ ନାମ ଫିଲିପ୍ପ ଥିଲା । ସେ ସଂଜୀବିତ ଶକ୍ତିରେ ଅତ୍ୟଧିକ ଭାବେ ପରିପୂର୍ଣ୍ଣ ଥିଲେ । ତାଙ୍କର ଶମିରୋଣଠାରେ ଏକ ବହୁତ ବଡ ସଭା ଚାଲିଥିଲା । ଦୁଷ୍ଟାତ୍ମାମାନଙ୍କୁ ବାହାର କରାଯାଉଥିଲା । ଲୋକମାନେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉଥିଲେ । ସେମାନଙ୍କର ଏକ ପ୍ରକୃତ ସଭା ଚାଲିଥିଲା । ଏବଂ ଆତ୍ମା ତାଙ୍କୁ କହିଲେ, ଓଃ, ସେହି—ସେହି ଗତିକୀ ତଳକୁ ଓହ୍ଲାଇ ଆସିଥିଲେ, ଏବଂ ଏହା କହିଲେ, "ଏହି ଉଦ୍ଦୀପନା ସଭାକୁ ଛାଡି ଦେ ।" ମାତ୍ର ସେବକଗଣ କଅଣ କହିବେ? ସେଥିରେ କିଛି ଫରକ୍ ପଡେ ନାହିଁ ଯେ ସେମାନେ କଅଣ କହିବେ । ବୁଝିଲେ? ସେ ସଂଜୀବିତ ଶକ୍ତିରେ ପରିପୂର୍ଣ୍ଣ ଥିଲେ । ତାଙ୍କ ପାଖରେ ପେଟ୍ରୋଲ ଥିଲା, ଏବଂ ସେହି—ସେହି ଗତିକୀ ତାଙ୍କ ଉପରେ ପତିତ ହେଉଥିଲା । କହିଲେ, "ମରୁଭୂମିକୁ ଚାଲି ଯା ।"

258 ଏବଂ ସେ ସେଠାରେ ଜଣେ ନପୁଂସକକୁ ପାଇଲେ, ଏବଂ ତାଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ କଲେ; ଜଣେ ବ୍ୟକ୍ତି, ଯିଏକି ସେହି ବାର୍ତ୍ତାକୁ ଇଥିଓପିଆକୁ ନେଇଗଲା । କଅଣ ତାହା ଠିକ୍ ଅଟେ? ଏବଂ ସେ ପରମେଶ୍ୱରଙ୍କ ଆଜ୍ଞାବହ ହେଲେ ।

259 ପରମେଶ୍ୱରଙ୍କ ଆଜ୍ଞାବହତାରେ, ଯଦି ଆପଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ କଦାପି ବାପ୍ତିଜିତ ହୋଇ ନାହାଁନ୍ତି, ତେବେ ତାହା କରନ୍ତୁ, ଏବଂ ତାହାପରେ ସେହି ସଂଜୀବିତ ଶକ୍ତିକୁ ଆପଣଙ୍କୁ ଉପରକୁ ଉଠାଇ ନେବାର ଦେଖନ୍ତୁ । ବୁଝିଲେ?

260 ଯେତେବେଳେ ସ୍ତିଫାନ ଏହି ମହତ୍ କାର୍ଯ୍ୟକୁ କରିଥିଲେ…କିମ୍ବା, ସ୍ତିଫାନ ନୁହେଁ ।

ମାତ୍ର ଫିଲିପ୍ପ ଏହି ମହତ୍ କାର୍ଯ୍ୟକୁ କରିଥିଲେ, ଯେ ସେହି ମହାନ ଉଦ୍ଦୀପନା ସଭାକୁ ଛାଡି ପରମେଶ୍ୱରଙ୍କ ଆଦେଶକୁ ପାଳନ କରିଥିଲେ, ଯେତେବେଳେ ସେ ପୂର୍ଣ୍ଣ କରିବା ଦ୍ୱାରା, ସଫଳ କଲେ...ପରମେଶ୍ୱରଙ୍କ ଆଜ୍ଞାବହ ହୋଇ, ଏହି ନପୁଂସକକୁ ବାପ୍ତିଜିତ କରିବା ଦ୍ୱାରା, ସେ ସେହି ସଂଜୀବିତ ଶକ୍ତିରେ ଏତେ ଅଧିକ ପରିପୂର୍ଣ୍ଣ ହୋଇଥିଲେ ଯେ ଏପରିକି ଏହା ତାଙ୍କୁ ଉଠାଇ ଅନ୍ୟତ୍ର ନେଇ ଯାଇଥିଲା। "ଏହା ଆପଣଙ୍କର ମର୍ତ୍ତ୍ୟ ଶରୀରକୁ ସଂଜୀବିତ କରିବ, ଯଦି ଏହି ଆତ୍ମା ଯାହାକି ଯୀଶୁଙ୍କୁ ମୃତମାନଙ୍କୁ ମଧ୍ୟରୁ ଉଠାଇଥିଲା।" ଏହା ଫିଲିପ୍ପଙ୍କୁ ସଂଜୀବିତ କରିଥିଲା ଏପରିକି ଯେ ସେ ପ୍ରାୟଃ ଶହେ ପଚାଶ ମାଇଲ ଦୂର ପର୍ଯ୍ୟନ୍ତ ହୋଇପାରେ ଆଉ ଦେଖା ଦେଲେ ନାହିଁ, ଅନ୍ୟ କୌଣସି ସ୍ଥାନକୁ, ଅନ୍ୟ ଦେଶକୁ ଚାଲି ଯାଇଥିଲେ। ଏହା ତାଙ୍କ ମର୍ତ୍ତ୍ୟ ଶରୀରକୁ ସଂଜୀବିତ କରିଥିଲା। ସେ ଏହା କିପରି କରିଥିଲେ? ସେ ସେହି ସଂଜୀବିତ ଶକ୍ତିରେ ଏତେ ଅଧିକ ପରିପୂର୍ଣ୍ଣ ହୋଇଥିଲେ।

261 ଓଃ, ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀ, ଆମେମାନେ ଏଠାରେ ଏହି ଛୋଟ ଛୋଟ ଚିନି-ଖଣ୍ଡ ଉପରେ ରହିପାରିବା ନାହିଁ ଯାହାକୁ ଆଜି ଆମେମାନେ ଏଠାରେ ପ୍ରତିପୋଷଣ କରାଉଅଛୁ। ଆମମାନଙ୍କୁ ତ ସଂଜୀବିତ ଶକ୍ତିରେ ପରିପୂର୍ଣ୍ଣ ହୋଇ ପ୍ରାର୍ଥନା କରାଯିବାକୁ ଅଛି, ଯେପର୍ଯ୍ୟନ୍ତକି ପବିତ୍ରଆତ୍ମାଙ୍କର ଜୀବନ୍ତ ହେବା ବିଷୟ ନ ଆସିଯାଏ! ଆମମାନଙ୍କୁ ତ କୌଣସି ଦିନେ, ସେହି ଉର୍ଦ୍ଧାନ୍ତିକରଣରେ ଧରାଯାଇ, ଆରପାରିକୁ ଚାଲିଯିବାକୁ ଅଛି। ହଁ, ମହାଶୟ। ଆମେନ୍! ଓଃ, ମୋର ପ୍ରଭୁ!

262 ସେହି ଅଭିବ୍ୟକ୍ତିକୁ କ୍ଷମା କରନ୍ତୁ। ମୁଁ ଜଣେ ମାଆ ବିଷୟରେ ଚିନ୍ତା କରୁଥିଲି ଯିଏକି ସେହି ଛୋଟ ଅଖାମୁଣାଗୁଡିକୁ ତିଆରି କରନ୍ତି, ଯାହାକି ଆମେମାନେ ଶିଶୁ ପାଇଁ, ବ୍ୟବହାର କରିଥାଉ। ଆପଣମାନଙ୍କ ମଧ୍ୟରୁ କେତେକ ବୃଦ୍ଧା ମାଆମାନେ ଏହାକୁ ମନେ ରଖିଥିବେ। ସେହି ଛୋଟ ଶିଶୁଟି ଛଟପଟ ହୋଇ କ୍ରନ୍ଦନ କରିଥାଏ; ଆପଣ ଅଳ୍ପ ଟିକିଏ କିଛି କଫି ଗୁଣ୍ଡ ଏବଂ କିଛି ଚିନି ନିଅନ୍ତି, ଏହାକୁ ଏକ ଅଖା ଭିତରେ ଗୁଡ଼ାଇ ଦିଅନ୍ତି ଏବଂ ତାକୁ ଚୁଷିବାକୁ ଦେଇ ଦିଅନ୍ତି, ଯେପରିକି ସେ କେବଳ ଶାନ୍ତ ହୋଇଯାଏ। ସେଥିରେ କୌଣସି ଶକ୍ତି ନ ଥାଏ। ଏହା ତ ତାକୁ ମାରି ପକାଇବ। ବୁଝିଲେ? ସେଥିରେ ଥିବା ସେହି ପୁରୁଣା କେଫିନ୍, ଏବଂ ସାମଗ୍ରୀ ସବୁ, ଏହାକୁ ଗିଳି ପାରିବା ପାଇଁ ଟିକେ ମିଠା କରି ଦିଆଯାଏ, ଏହା ତ ତାହା ଭିତରକୁ କେଫିନ୍ ନେଉଅଛି।

263 ଆମେମାନେ ସେହିପରି ଜିନିଷରୁ କ୍ଳାନ୍ତ ହୋଇଯାଇଛୁ। ଫେରି ଯାଆନ୍ତୁ! ଆପଣମାନେ ଉତ୍କ୍ରୋଶ ପକ୍ଷୀ ଅଟନ୍ତି; ପରମେଶ୍ୱରଙ୍କ ବାକ୍ୟ ନିକଟକୁ ଫେରି ଯାଆନ୍ତୁ! ମଜବୁତ ହୁଅନ୍ତୁ; କୌଣସି ଜିନିଷ ଆପଣଙ୍କର ଭାବନାଗୁଡିକୁ ଆଘାତ କରିପାରେ ନାହିଁ, ତେଣୁ ଆପଣମାନେ ମନୁଷ୍ୟର ସମସ୍ତ ଦୁର୍ନୀତିରୁ ମୁକ୍ତ ଅଟନ୍ତି। ଆପଣଙ୍କ ବିରୁଦ୍ଧରେ ଯେକେହି ବି ଯାହାକିଛି କୁହନ୍ତି, ତାହା କେବଳ ଅଧିକ ପ୍ରେମକୁ ଆଣିଥାଏ। ଆମେନ୍। ଏବଂ, ସଂଜୀବିତ ଶକ୍ତି, ସ୍ୱର୍ଗ ମଧ୍ୟକୁ ଧରି ନେଇଯାଏ, ଏକ ଉତ୍କ୍ରୋଶ ପକ୍ଷୀ ଯାହାକି ସେହି କୁକୁଡ଼ା ଚିଆଁମାନଙ୍କ ଉର୍ଦ୍ଧ୍ୱରେ ଉଡି

ଯାଇଥାଏ, ଆରପାରିରେ ଖ୍ରୀଷ୍ଟ ଯୀଶୁଙ୍କଠାରେ ସ୍ୱର୍ଗୀୟ ସ୍ଥାନଗୁଡ଼ିକୁ ଚାଲିଯାଏ! ଓଃ!

ଏହା ଫିଲିପ୍ପଙ୍କ ଉପରେ ଥିଲା । ତାହା ତାଙ୍କୁ ସଂଜୀବିତ କରିଥିଲା, ତାଙ୍କୁ ଧରି ନେଇ ଯାଇଥିଲା ।

264 ଆସନ୍ତୁ ଆମେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ନେବା । ସେଠାରେ ହନୋକ ନାମରେ ଜଣେ ବ୍ୟକ୍ତି ଥିଲେ । ତେବେ, ସେ ପ୍ରାୟଃ ପାଞ୍ଚ ଶହ ବର୍ଷ ପର୍ଯ୍ୟନ୍ତ, ପରମେଶ୍ୱରଙ୍କ ପ୍ରତ୍ୟେକ ବାକ୍ୟ ସହିତ ଗମନାଗମନ କରିଥିଲେ । ତାଙ୍କ ପାଖରେ ଏକ ସାକ୍ଷ୍ୟ ଥିଲା, ଯେ, "ମୁଁ ତାହାଙ୍କର ବାକ୍ୟକୁ ଥରେ ବି ବିଫଳ କରି ନାହିଁ ।" ସେ ସେହି ସଂଜୀବିତ ଶକ୍ତିରେ ଏତେ ପରିପୂର୍ଣ୍ଣ ହୋଇଥିଲେ ଯେତେବେଳେ ସେହି ଗତିକୀ ତାଙ୍କୁ, ସେହି ଯାନ୍ତ୍ରିକୀ ଉପରେ ଆଘାତ କରିଥିଲା, ଏପରିକି ତାଙ୍କୁ ମରିବାକୁ ସୁଦ୍ଧା ପଡିଲା ନାହିଁ; ସେ କେବଳ ତାଙ୍କୁ ଉର୍ଦ୍ଧ୍ୱରେ ଘରକୁ ନେଇଗଲେ । କେବଳ ଚାଲିବାକୁ ଲାଗିଲେ । ସେ ଏତେ ଅଧିକ...ଯେପରିକି ଫିଲିପ୍ପ ଥିଲେ, ସେ ସଂଜୀବିତ ଶକ୍ତିରେ ଏତେ ଅଧିକ ପରିପୂର୍ଣ୍ଣ ହୋଇଗଲେ, ଗାଜାକୁ ଏବଂ ଅନ୍ୟ ଏକ ସ୍ଥାନକୁ ଯିବା ପରିବର୍ତ୍ତେ, ଯେଉଁଠାରେକି, ସେମାନେ ତାଙ୍କୁ ସେଠାରେ ଉପରିସ୍ଥ ଉପକୂଳବର୍ତ୍ତୀ ଅଞ୍ଚଳରେ ପାଇଥିଲେ । ସେହି ମାର୍ଗ ପରିବର୍ତ୍ତେ, ସେ କେବଳ ଚାଲିଲେ, ଓଃ, କହିଲେ, "ମୁଁ ତ ଯେକୌଣସି ପ୍ରକାରେ ବି, ଜଣେ ବୃଦ୍ଧ ଲୋକ ଅଟେ । ମୁଁ ତ କେବଳ ଏତେ ଅଧିକ ସଂଜୀବିତ ଶକ୍ତି ପାଇଅଛି, ମୁଁ ଠିକ ପୃଥିବୀରୁ ହିଁ ଚାଲିଯିବି ।"

265 ତାହା ସେହି ସମାନ ସଂଜୀବିତ ଶକ୍ତି ଅଟେ ଯାହାକି ଠିକ ଆମ ପାଖରେ ବର୍ତ୍ତମାନ ଅଛି । ଦେଖନ୍ତୁ, ଏହା ଆପଣଙ୍କର ମର୍ତ୍ତ୍ୟ ଶରୀରକୁ ସଂଜୀବିତ କରିବ । କଅଣ ତାହା ଠିକ୍ ନୁହେଁ କି? ଏହା ସଂଜୀବିତ ଶକ୍ତିମାନ ଅଟେ ।

266 ହନୋକ, ସେହି ସିଦ୍ଧ ସାକ୍ଷ୍ୟ ସହିତ, ଯେ, "ପରମେଶ୍ୱର ମୋତେ ଯାହା କରିବାକୁ କହିଲେ, ମୁଁ ତାହା କରିଅଛି । ପ୍ରତ୍ୟେକ ବିଷୟ ଯାହା ମୁଁ ଦେଖିଲି ଯେ ମୁଁ କରେ ବୋଲି ସେ ମୋତେ କହିଥିଲେ, ମୁଁ ତାହା କରିଅଛି ।" ଏବଂ ସେ ଏତେ ଅଧିକ ଗତିକୀରେ—ରେ ପରିପୂର୍ଣ୍ଣ ହୋଇଗଲେ, କିମ୍ବା—କିମ୍ବା ଯାନ୍ତ୍ରିକୀରେ, ଏପରିକି, ଯେତେବେଳେ ସେହି ସଂଜୀବିତ ଶକ୍ତି ତାଙ୍କୁ ଆଘାତ କଲା, ସେହି ଯାନ୍ତ୍ରିକୀ, ଏହା ଠିକ୍ ତାଙ୍କୁ ଉପରକୁ ଉଠାଇ ନେଲା । ସେ ପୃଥିବୀରୁ, ସ୍ୱର୍ଗ ମଧ୍ୟକୁ ଚାଲିଗଲେ ।

267 ତେବେ, ବର୍ତ୍ତମାନ, ଏଲିୟ ଉପରେ ଧ୍ୟାନ ଦିଅନ୍ତୁ । ଏହା ପରେ...ଦେଖନ୍ତୁ, ଏଲିୟ, ତାଙ୍କ ସମୟରେ ସେହି ମହାନ ଭବିଷ୍ୟଦ୍‌ବକ୍ତା, ମନୁଷ୍ୟ । ମୋତେ କ୍ଷମା କରନ୍ତୁ । ଭାଇ, ଭଉଣୀ, ସେଦିନ ସେ ସେହି ମୁଖ-ଚିତ୍ରିତ ସ୍ତ୍ରୀଲୋକମାନଙ୍କୁ ଭଣ୍ଡାଫୋଡ଼ କରିଥିଲେ, ସେହି ଇଷେବଲମାନଙ୍କୁ ଏବଂ ଆହାବମାନଙ୍କୁ । ଏବଂ ଦୃଢ଼ ଭାବେ ଛିଡା ହୋଇଥିଲେ...ଏବଂ କେହି ବି, ତାଙ୍କ ସହିତ, ଛିଡା ହୋଇଥିବା ପରି ଦେଖା ଯାଉ ନ ଥିଲା । ଏବଂ ସେ ଭର୍ତ୍ସନା କଲେ, ଏବଂ କଡା କଥା କହିଲେ, ଏବଂ ସେଠାରେ ଛିଡା ହୋଇ ରହିଲେ, ଏବଂ ପରମେଶ୍ୱର ତାଙ୍କର ଯତ୍ନ ନେଲେ ଓ ତାଙ୍କୁ ପ୍ରତ୍ୟେକ ସ୍ଥାନରେ ସାହାଯ୍ୟ କଲେ । ଆପଣ ଜାଣନ୍ତି, ସେହି ବୃଦ୍ଧ ବ୍ୟକ୍ତି ଜଣକ

ଦିନେ ଥକି ଯାଇଥିଲେ । ସେ କହିଲେ, "ମୁଁ ବୃଦ୍ଧ ହେଉଅଛି, ତେଣୁ ମୁଁ ଆଉ ଆଗକୁ ଯାଇପାରେ ନାହିଁ ।" ସେ ବଢି ଚାଲିଥିଲେ, ମୁଁ ଅନୁମାନ କରେ, ନବେ ବର୍ଷ ବୟସ; ପ୍ରକୃତରେ ବୃଦ୍ଧ, ଏବଂ ସେଠାରେ ଆଖପାଖରେ ବୁଲୁଥିଲେ, ଏବଂ ସେ ସଂଜୀବିତ ଶକ୍ତିରେ ଅତ୍ୟଧିକ ଭାବରେ ପରିପୂର୍ଣ୍ଣ ହୋଇଥିଲେ । ଆପଣ ଜାଣନ୍ତି କଅଣ? ସେ ଯର୍ଦ୍ଦନ ଆରପାରିକୁ ଅନାଇଲେ ।

ହେ ପରମେଶ୍ୱର! ମୁଁ ପ୍ରାୟଃ ଅନ୍ୟ ପାର୍ଶ୍ୱକୁ ଦେଖିପାରେ । କଅଣ ଆପଣ ପାରନ୍ତି ନାହିଁ କି?

268 ସଂଜୀବିତ ଶକ୍ତିରେ ଏତେ ଅଧିକ ପରିପୂର୍ଣ୍ଣ ହୋଇଥିଲେ, ଯେ ଏପରିକି, ସେ ସେଠାରେ ଏକ ରଥ ବନ୍ଧା ହୋଇଥିବାର ଦେଖିଲେ, କେତୋଟି ଅଗ୍ନିମୟ ଘୋଡା ଏବଂ ଅଗ୍ନିମୟ ରଥ, ସେଠାରେ ଥିବା କୌଣସି ଗଛରେ ବନ୍ଧା ହୋଇଥିଲା । ସେ କେବଳ ନଦୀ ଆରପାରିକୁ ଗଲେ ଓ ଏପରିକି ନ ମରି ସୁଦ୍ଧା, ଘରକୁ ଚାଲିଗଲେ । ସେହି ସଂଜୀବିତ ଶକ୍ତି ପ୍ରେରଣ କଲା, ଏକ ରଥକୁ ସ୍ୱର୍ଗରୁ ତଳକୁ ଓହ୍ଲାଇ ଆଣିଲା ଓ ତାଙ୍କୁ ଉଠାଇ ନେଲା । ଏପରିକି ତାଙ୍କ ଅଙ୍ଗରଖାଟିକୁ ନେଲା ଓ ଏଲିୟଙ୍କ ପାଇଁ ଫୋପାଡି ଦେଲା । ତାହା ଠିକ୍ ଅଟେ ।

269 ତେବେ, ତାହାପରେ ସେହି ବ୍ୟକ୍ତି ସେହି ବସ୍ତ୍ରଟିକୁ ଉଠାଇଲେ, ପୁନର୍ବାର ଏକ ମଣ୍ଡଳୀର ପ୍ରତିରୂପକ ଭାବେ, ଦେଖନ୍ତୁ, ସେହି ବସ୍ତ୍ରଟିକୁ ଉଠାଇଲେ । ତେବେ, ସେ ଦୁଇଗୁଣ ଅଧିକ ଚମତ୍କାର କଲେ, ଯାହାକି ଖ୍ରୀଷ୍ଟ ଏବଂ ମଣ୍ଡଳୀର ଏକ ପ୍ରତିରୂପ ଅଟେ । ବୁଝିଲେ? ଏଲିୟ ଚାରିଟି କରିଥିଲେ; ସେ ଆଠଟି କଲେ । ଦେଖନ୍ତୁ, ବର୍ତ୍ତମାନ, ସେ ଥିଲେ—ସେ ଦୁଇଗୁଣ ଶକ୍ତିରେ ପରିପୂର୍ଣ୍ଣ ଥିଲେ, କାରଣ ସେ ଏହାକୁ ମାଗିଥିଲେ । "ମୁଁ ଯେଉଁ ବିଷୟଗୁଡିକ କରେ ତୁମେ ଏହାଠାରୁ ଅଧିକ ମହତ୍ତର ବିଷୟଗୁଡିକ କରିବ ।" ବୁଝିଲେ? ମାତ୍ର ସେ ସଂଜୀବିତ ଶକ୍ତିରେ, ଏବଂ ସବୁକିଛିରେ ଏତେ ଅଧିକ ପରିପୂର୍ଣ୍ଣ ଥିଲେ, ଏପରିକି ସେ ଏହିସବୁ, ଦୁଇଗୁଣ ଅଧିକ କାର୍ଯ୍ୟଗୁଡିକ କଲେ, ଇଲୀଶାୟ ଯାହା କରିଥିଲେ, ତାହାଠୁ ଅଧିକ ସେ କରିଥିଲେ । ଏବଂ ଧ୍ୟାନ ଦିଅନ୍ତୁ, ସେ ପ୍ରାୟଃ ଅଶୀ କିମ୍ବା ନବେ ବର୍ଷ ବୟସ ପର୍ଯ୍ୟନ୍ତ ଜୀବନ ଅତିବାହିତ କରିଥିଲେ, ସେ ବୃଦ୍ଧ ହେଲେ ଏବଂ ସେ—ସେ ମୃତ୍ୟୁବରଣ କଲେ । ସେ ମୃତ୍ୟୁବରଣ କଲେ, ଏବଂ ସେମାନେ—ସେମାନେ ତାଙ୍କୁ ନେଇ ସମାଧି ଦେଲେ ।

270 ଆପଣ ଜାଣନ୍ତି, ତେବେ, ସେହି ସଂଜୀବିତ ଶକ୍ତି ତାଙ୍କୁ ଛାଡି ନ ଥିଲା । ତାହାର ଅନେକ, ଅନେକ ବର୍ଷ ପରେ, ଯେତେବେଳେ ସେହି ମାଂସ ପଚି ସଢି ତାଙ୍କ ହାଡ଼ରୁ ଅଲଗା ହୋଇ ଯାଇଥିଲା, ସେ ଏକ କବରରେ ପଡ଼ି ରହିଥିଲେ । ଏବଂ ଦିନେ ସେମାନେ ଜଣେ ମୃତ ବ୍ୟକ୍ତିଙ୍କୁ ନେଇକରି ଯାଉଥିଲେ, ଏବଂ ସେମାନେ ଶତ୍ରୁକୁ ଦେଖିଲେ, ଏବଂ ସେମାନେ ଏହି ଲୋକଟିକୁ କେବଳ ଇଲୀଶାୟଙ୍କ ଅସ୍ଥି ଉପରେ ପକାଇ ଦେଲେ । ସେହି ହାଡଗୁଡ଼ିକ ଉପରେ ଏତେ ସଂଜୀବିତ ଶକ୍ତି ଥିଲା ଏପରିକି ସେହି ବ୍ୟକ୍ତିଟି ପୁନର୍ବାର ଜୀବନକୁ ଡେଇଁ ପଡ଼ିଲେ । ଓଃ!

271 "ଏହା ଆପଣଙ୍କର ମର୍ତ୍ତ୍ୟ ଶରୀରକୁ ସଂଜୀବିତ କରିବ ।" ଯଦିଓ କବରରେ ମୃତ ଏବଂ କ୍ଷୟପ୍ରାପ୍ତ ହୋଇ ପଡ଼ି ରହିଥିଲା, ଏବଂ ତଥାପି ସେହି ସଂଜୀବିତ ଶକ୍ତି ସେହି ଧୂଳି ଉପରେ

ରହିଥିଲା । ହାଲ୍ଲେଲୁୟା! ଓଃ! "ଯିଏ ଖ୍ରୀଷ୍ଟଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଥିଲେ ଆପଣଙ୍କର ମର୍ତ୍ତ୍ୟ ଶରୀରକୁ ମଧ୍ୟ ସଂଜୀବିତ କରିବେ ।" ଏଲିୟ ସେଠାରେ ପଶ୍ଚାତ୍ ସମୟରେ, ଇଲୀଶାୟ ଏବଂ ଏଲିୟ…

272 ମନେରଖନ୍ତୁ, ସେହି ମୃତ ବ୍ୟକ୍ତି, ସେହି ଭବିଷ୍ୟଦ୍‌ବକ୍ତା, ସେହି ସଂଜୀବିତ ଶକ୍ତିରେ ପରିପୂର୍ଣ୍ଣ ଥାଇ, କବରରେ ପଡ଼ି ରହି କ୍ଷୟପ୍ରାପ୍ତ ହୋଇ ଯାଇଥିଲେ; ସେଠାରେ ଏତେ ଅଧିକ ସଂଜୀବିତ ଶକ୍ତି ଥିଲା, ଏପରିକି, ସେମାନେ ଜଣେ ମୃତ ବ୍ୟକ୍ତିଙ୍କୁ ତାଙ୍କ ଉପରେ ଫୋପାଡି ଦେଲେ, ସେ ଜୀବନ୍ତ ହୋଇ ଯାଇଥିଲା । ସେ ଏବେ ମଧ୍ୟ ରୋଗୀମାନଙ୍କ ଉପରେ ହାତ ରଖିପାରିବେ, ସେ ପାରିବେ ନାହିଁ କି? ଆମେନ୍ । ଆପଣ ସେଠାରେ ଅଛନ୍ତି ।

273 ଏବଂ ମନେରଖନ୍ତୁ, ଆମେ ତାହାଙ୍କ ମାଂସର ମାଂସ ଅଟୁ, ଯୀଶୁ ଖ୍ରୀଷ୍ଟ । "ଆମେମାନେ ତାହାଙ୍କ ମାଂସର ମାଂସ, ଏବଂ ତାହାଙ୍କ ଅସ୍ଥିର ଅସ୍ଥି ଅଟୁ ।" ଓଃ, ଏଥିରୁ ଅନ୍ୟତ୍ର କୌଣସି ଉପାୟ ନାହିଁ । ଆମେମାନେ ଉଠିବାକୁ ଯାଉଅଛୁ, ଏବଂ ତାହାହିଁ ସବୁକିଛି ଅଟେ । ଆପଣ ଉଠିବାକୁ ଯାଉଛନ୍ତି, ତାହାହିଁ ସବୁକିଛି ।

274 ଇଷ୍ଟରର ଅର୍ଥ କେବଳ ଏକ ପରମ୍ପରାଠାରୁ କହିଁ ଅଧିକ ଅଟେ । ଏହା ମଧ୍ୟ ବର୍ତ୍ତମାନ ଅଟେ, ଯେହେତୁ ଆମର ଶରୀରଗୁଡିକ ତାହାଙ୍କ ସହିତ ଜୀବନ୍ତ ହୋଇଅଛି ଏବଂ ଆମେ ସ୍ୱର୍ଗୀୟ ସ୍ଥାନରେ ବସିଅଛୁ ।

275 ଏବଂ ଏହି ଶରୀରଟି ସମୁଦ୍ରରେ କ୍ଷୟ ହୋଇଯାଇପାରେ; ଏହା ଭୂମିରେ କ୍ଷୟ ହୋଇଯାଇପାରେ; ସେଠାରେ ଗୋଟିଏ ଚାମଚ ପାଉଁଶ ସୁଦ୍ଧା ନ ଥାଇପାରେ; ମାତ୍ର ସେ ଆସୁଅଛି । କାରଣ, ସେହି ଆତ୍ମା ଅଜହକୀ ମୋର ପ୍ରଭୁଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଅଛି ଏହି ମର୍ତ୍ତ୍ୟ ଶରୀରକୁ ସଂଜୀବିତ କରିଅଛି । ଏହା ଆପଣଙ୍କର ମର୍ତ୍ତ୍ୟ ଶରୀରକୁ ଜୀବନ୍ତ କରିଅଛି । ଏବଂ ଆମେମାନେ ତାହାଙ୍କ ପୁନରୁତ୍ଥାନର, ଅନନ୍ତ ଜୀବନ ସମ୍ବନ୍ଧରେ ତାହାଙ୍କ ବୀମାପତ୍ରର ତାହାଙ୍କର ହିତାଧିକାରୀ ଅଟୁ ଯାହା ବିଷୟରେ ମୁଁ ବହୁତ ଅଧିକ କହିଥାଏ, ଆପଣମାନେ ଜାଣନ୍ତି । ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସେ କହିଲେ, "ଭୟ କର ନାହିଁ ।" ସେ ଜାଣନ୍ତି ।

276 ପାଉଲ ଯେପରି କହିଲେ, "ରେ ମୃତ୍ୟୁ, କାହିଁ ତୋର ନାହୂଡ? କବର, କାହିଁ ତୋର ଜୟ? ମୁଁ ସଂଜୀବିତ ଶକ୍ତିରେ ପରିପୂର୍ଣ୍ଣ ଅଟେ । ପରମେଶ୍ୱରଙ୍କ ଧନ୍ୟବାଦ ହେଉ, ଯିଏକି ଆମକୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ବିଜୟ ପ୍ରଦାନ କରନ୍ତି ।" ହଁ, ମହାଶୟ! ସଂଜୀବିତ ଶକ୍ତି । ଓଃ, ମୋର ପ୍ରଭୁ!

277 ସେ ଚିରଦିନ ପାଇଁ ଜୀବିତ, "ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି ।" ଏବ୍ରୀ 13:8 । ଧ୍ୟାନ ଦିଅନ୍ତୁ, ମଶୀହ, ସେହି ଅଭିଷିକ୍ତ ଜଣ; ସେହିପରି ତାହାଙ୍କର କନ୍ୟା ମଧ୍ୟ ଅଟେ, ସେହି ମଶୀହ ବିଶ୍ୱାସୀମାନେ, ଦେଖନ୍ତୁ, ଅଭିଷିକ୍ତ ଜଣ ।

278 ଧ୍ୟାନ ଦିଅନ୍ତୁ, ମୃତ୍ୟୁ ପରମେଶ୍ୱରଙ୍କ ସଂଜୀବିତ ଶକ୍ତିକୁ କ୍ଷାନ୍ତ କରେ ନାହିଁ। ମୃତ୍ୟୁ ଏହାକୁ କ୍ଷାନ୍ତ କରିପାରେ ନାହିଁ। ଯେତେବେଳେ ଆପଣଙ୍କ ପାଖରେ ଏହା ରହିଥାଏ, ଏହା ଅନନ୍ତ ଅଟେ। ଏହାକୁ କ୍ଷାନ୍ତ କରିବା ଭଳି କୌଣସି ବିଷୟ ନାହିଁ। ଆପଣ ଏହାକୁ ବ୍ୟବହାର କରିପାରନ୍ତି ନାହିଁ; ଆପଣ ଏହାକୁ କିଛି ହେଲେ କରିପାରନ୍ତି—କରିପାରନ୍ତି ନାହିଁ। ଆପଣ ନିଜର ଜୀବନକୁ ଅତିବାହିତ କରନ୍ତି, ତାହା ସୁଦ୍ଧା ଏହାକୁ କ୍ଷାନ୍ତ କରେ ନାହିଁ; ସେତିକି ଉତ୍ତମ ଭାବେ ରହିଥାଏ ଯେତିକି ଏହା ଥିଲା।

279 ଧ୍ୟାନ ଦିଅନ୍ତୁ, ମୋଶା ସେହି ସଂଜୀବିତ ଶକ୍ତିରେ ପରିପୂର୍ଣ୍ଣ ଥିଲେ। କଅଣ ସେ ଥିଲେ କି? ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ ଯାହାଙ୍କ ନିକଟକୁ ବାକ୍ୟକୁ ଆସିଥିଲା। ସେ ବାକ୍ୟର ଏକ ଅଂଶ ଥିଲେ। ସେ ସେହି ଦିନର ବାକ୍ୟ ଥିଲେ। କଅଣ ତାହା ଠିକ୍ କି? ଏବଂ ତାଙ୍କର ମୃତ୍ୟୁର, ଆଠ ଶହ ବର୍ଷ ପରେ, ରୂପାନ୍ତରଣ ପର୍ବତ ଉପରେ, ସେଠାରେ ଏଲିୟଙ୍କ ସହିତ, ସେ ଛିଡା ହୋଇଥିଲେ। କଅଣ ତାହା ଠିକ୍ କି? ସେହି ସଂଜୀବିତ ଶକ୍ତି, ମୃତ୍ୟୁ ଏହାକୁ କେବେ ବି ନେଇଯାଏ ନାହିଁ। ନା, ନା। "ମୁଁ ଏହାକୁ ପୁନର୍ବାର ଉଠାଇବି।" ସ୍ୱର୍ଗଦୂତମାନେ ଆସିଲେ; ସେଠାରେ ତାଙ୍କୁ ଏକ ଉପତ୍ୟକାରେ କବର ଦେଲେ। ସେ କ୍ଷୟପ୍ରାପ୍ତ ହୋଇ ଶେଷ ହୋଇଯାଇଥିଲେ, ତାଙ୍କର ଅସ୍ଥିଗୁଡିକ ନଷ୍ଟ ହୋଇଯାଇଥିଲା, ଏବଂ ଅନ୍ୟ ସବୁ କିଛି ହୋଇଥିଲା, ମାତ୍ର ସେହି ସଂଜୀବିତ ଶକ୍ତି ଏବେ ମଧ୍ୟ ସେଠାରେ ରହିଥିଲା। ଏହା ତାଙ୍କୁ ସଂଜୀବିତ କରି ଉଠାଇ ଆଣିଥିଲା। ଏବଂ ସେ ସେଠାରେ, ଛିଡା ହୋଇଥିଲେ। ଧ୍ୟାନ ଦିଅନ୍ତୁ।

280 ଆପଣ କୁହନ୍ତି, "କଅଣ ତାହା ଠିକ୍ କି, ଭାଇ ବ୍ରାନହାମ୍, ଆଠ ଶହ ବର୍ଷ ପରେ?" ଓଃ, ମୋର ପ୍ରଭୁ!

281 ଯଦି ଆପଣ ମାଥିଉରେ ପାଠ କରିବେ, ମୋ ପାଖରେ ଏକ ଶାସ୍ତ୍ରାଂଶ ଅଛି, ମାଥିଉ 27:51। ଆପଣ ଏହାକୁ, ସେଠାରେ ଲେଖି ରଖିପାରନ୍ତି। ଯେତେବେଳେ ସେଠାରେ ଥିବା ସେମାନେ ସମସ୍ତେ, ଯେଉଁମାନେକି ବିଶ୍ୱାସ କରିଥିଲେ ଯେ ସେ ଆସିବେ...ବାଇବଲ ଏଠାରେ କୁହେ, ସେ ଆସିବା ପରେ, ସେମାନେ ଭୂମିରେ ଶୋଇ ରହିଥିଲେ। ସଂଜୀବିତ ଶକ୍ତି ସେମାନଙ୍କ ଉପରେ ରହିଥିଲା, ଏବଂ ସେମାନେ, ସେହି ସାଧୁଗଣ ତାହାଙ୍କର ଏକ ଅଂଶ ଥିଲେ। ସେମାନେ ତାହାଙ୍କର ଏକ ଅଂଶ ଥିଲେ, କାରଣ ସେମାନେ ତାହାଙ୍କ ଉପରେ ବିଶ୍ୱାସ କରିଥିଲେ।

282 ସମ୍ଭାବ୍ୟ ଭାବରେ ସେମାନଙ୍କ ପାଖରେ ଏକ ମେଷର ବଳିଦାନ, ଏକ ପ୍ରାୟଶ୍ଚିତ, ମାଧ୍ୟମରେ ସେହି ଜୀବନ ରହିଥିଲା, ଯାହାକି ଏକ ମେଷର ଆତ୍ମାକୁ ମନୁଷ୍ୟ ଉପରକୁ କଦାପି ଫେରାଇ ଆଣିପାରି ନ ଥିଲା। ତେବେ ମନୁଷ୍ୟର ଆତ୍ମା ସହିତ କିପରି ଭାବରେ, ଯେ ପରମେଶ୍ୱର ନିଜେ, ଆପଣଙ୍କ ଉପରେ ରହି, ଦେଖନ୍ତୁ, ତେବେ ଆମ ପାଖରେ କେତେ ଅଧିକ ସଂଜୀବିତ ଶକ୍ତି ରହିଅଛି! ମାତ୍ର ପାପ ନିମନ୍ତେ ସେହି ପ୍ରାୟଶ୍ଚିତ୍ତ ମାଧ୍ୟମରେ ଏକ ପ୍ରତିରୂପରେ, ଗୋଟିଏ ମେଷଶାବକର ବଳିଦାନ ଦିଆଗଲା। ଆମ ପାଖରେ ଯାହା ଅଛି

ତାହା ପ୍ରତିରୂପ ନୁହେଁ; ଏହା ତ ହେଉଛି ମୂଳରୂପ । ଆମେ କେଉଁ ବିଷୟ ନେଇ ଭୟଭୀତ ଅଟୁ? ଏବଂ ସେହି ଲୋକମାନେ ଯେଉଁମାନଙ୍କ ପାଖରେ କେବଳ ଏକ ପ୍ରତିରୂପ ଥିଲା, ସେମାନେ ତାହାଙ୍କ ପୁନରୁତ୍ଥାନକୁ ଇଙ୍ଗିତ କରି, ଏହା ସହିତ କବରକୁ ଚାଲିଗଲେ ।

283 ଯେପରିକି ଆୟୁବ ସେଠାରେ ତାଙ୍କର ଅତ୍ୟଧିକ କଷ୍ଟରେ, ମୋର ପ୍ରଭୁ, ସବୁକିଛି ତାଙ୍କଠାରୁ ନେଇ ନିଆ ଯାଇଥିଲା! ଶୟତାନ କହିଲା, "ମୋତେ ତାକୁ ଦେଇ ଦିଅ । ମୁଁ ତାକୁ ତୁମ ମୁହଁରେ ତୁମକୁ ଅଭିଶାପ ଦିଆ କରାଇବି ।" ଏବଂ ତାହାପରେ ଶୟତାନକୁ ହୁଗୁଳା ଛାଡ଼ି ଦିଆଗଲା ।

284 କହିଲେ, "କେବଳ ତୁମେ ତାର ଜୀବନ ନେବ ନାହିଁ ।" ଏବଂ ଶୟତାନ (ସେ) ସମସ୍ତ କାର୍ଯ୍ୟ କଲା କେବଳ ତାର ଜୀବନ ନେଲା ନାହିଁ ।

285 ଏପରିକି ତାଙ୍କ ପତ୍ନୀ ସୁଦ୍ଧା ତାଙ୍କ ବିରୁଦ୍ଧରେ ହୋଇଗଲା । ଆୟୁବ କହିଲେ ତାଙ୍କ ପତ୍ନୀର ନିଶ୍ୱାସ ତାଙ୍କ ପାଇଁ ଅଜଣା ହୋଇଗଲା । ଅନ୍ୟ ଅର୍ଥରେ, ତାଙ୍କ—ତାଙ୍କ ପତ୍ନୀର ତାଙ୍କ ସହିତ କୌଣସି କିଛି ସମ୍ପର୍କ ନାହିଁ । ସେ ଆୟୁବଙ୍କୁ ଆଉ ଅଧିକ ଭଲ ପାଇବା ପରି ମନେ ହେଉ ନ ଥିଲା, ଆୟୁବଙ୍କୁ କେବଳ ପରିତ୍ୟାଗ କରି ଦେଲା । "ଆୟୁବ, ତୁମେ ଦୁର୍ଭାଗା ଅଟ! କାହିଁକି ତୁମେ କେବଳ ପରମେଶ୍ୱରଙ୍କୁ ଅଭିଶାପ ଦେଇ, ମରି ଯାଉ ନାହଁ?"

କହିଲେ, "ତୁମେ ଏକ ମୂଢ଼ା ସ୍ତ୍ରୀ ପରି କଥା କହୁଅଛ ।" ଓଃ, ମୋର ପ୍ରଭୁ!

286 ଦେଖନ୍ତୁ, ଆୟୁବ ପାଖରେ ଯାହା ରହିଥିଲା ସେ ଠିକ୍ ତାକୁ ଧରି ରହିଥିଲେ । ତେବେ, ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ । ସେ କହିଲେ, "ମୁଁ ଜଣେ ପାପୀ ନୁହେଁ । ମୁଁ ଉପଯୁକ୍ତ ପ୍ରୟୋଜନୀୟ ବଳି ଉତ୍ସର୍ଗ କରିଛି ।" ଆମେନ୍ । ସେ ଜାଣିଥିଲେ ଯେ ସେ କେଉଁଠାରେ ଛିଡ଼ା ହୋଇଛନ୍ତି । ସେ ବାକ୍ୟରେ ରହିଥିଲେ । ଅନ୍ୟମାନେ ଯାହାକିଛି କୁହନ୍ତୁ ନା କାହିଁକି, ସେ ତ ଠିକ ସେଠାରେ ବାକ୍ୟ ଉପରେ ହିଁ ଥିଲେ । ତାହାପରେ ସେହି ମହାନ ଜବରଦସ୍ତ ଘଟିକାରେ...କହିଲେ, "ତୁମେ ଏକ ମୂଢ଼ା ସ୍ତ୍ରୀ ପରି କଥା କହୁଅଛ ।" ସେ କହିଲେ, "ସଦାପ୍ରଭୁ ଦେଇଥିଲେ, ସଦାପ୍ରଭୁ ନେଲେ; କାହିଁକି, ସଦାପ୍ରଭୁଙ୍କ ନାମ ଧନ୍ୟ ହେଉ!" କହିଲେ, "ମୁଁ ଏହି ଜଗତକୁ କିଛି ନେଇକରି ଆସି ନାହିଁ । ମୁଁ ଏଠାରେ ଉଲଙ୍ଗ, ଆସିଛି, ସେହି ସମାନ ଭାବରେ ହିଁ ମୁଁ ଚାଲିଯିବି । ପ୍ରଭୁଙ୍କର ନାମ ଧନ୍ୟ ହେଉ ।" ସେଠାରେ ବସି, ଦେହ ସାରା ଫୋଟକା ହୋଇଯାଇଥିଲା, ତାଙ୍କର ପିଲାମାନେ ମରି ଯାଇଥିଲେ, ସେ ଦାରିଦ୍ର୍ୟର-ଶିକାର ହୋଇଥିଲେ, ଏବଂ ତାଙ୍କର ବନ୍ଧୁମାନେ ସବୁ ତାଙ୍କ ବିରୁଦ୍ଧରେ ହୋଇଯାଇଥିଲେ, ତାଙ୍କ ମଣ୍ଡଳୀର ସଦସ୍ୟଗଣ, ଅନ୍ୟ ସମସ୍ତେ, ନିଜକୁ ଗୋଟିଏରେ ରାମ୍ପି ହେଉଥିଲେ...ଏବଂ କି ଏକ ଦୁଃଖଦ ଦୁର୍ଭାଗା! ଆପଣମାନଙ୍କ ମଧ୍ୟରୁ କେହି ହେଲେ ଏପର୍ଯ୍ୟନ୍ତ ତାହା ଦେଇ ଗତି କରି ନ ଥିବେ । ତଥାପି, ସେ ସେହି ବାକ୍ୟକୁ ଧରି ରହିଥିଲେ ।

287 ସେ ଏକ ଉତ୍କ୍ରୋଶ ପକ୍ଷୀ ଥିଲେ । ଓଃ, ମୋର ପ୍ରଭୁ! ଆପଣ ସବୁ ସମୟରେ ତାର ଆଖି ଉପରେ ସେହି ପର୍ଦ୍ଦାକୁ ପକାଇ ପାରନ୍ତି ନାହିଁ । ନା, ନା । ହଠାତ୍ ହିଁ, ସେହି ବାକ୍ୟ ଉପରେ

ଛିଡା ହୋଇ, କଅଣ ଘଟିଲା? ଆକାଶ ପଛକୁ ଘୁଞ୍ଚିଗଲା, ଘଡଘଡି ଗର୍ଜନ କରିବାକୁ ଲାଗିଲା, ବଜ୍ରପାତ ଆରମ୍ଭ ହେଲା, ଏବଂ ଆୟୁବ ଉପରକୁ ଚାହିଁ ସେହି ଦର୍ଶନ ଦେଖିଲେ, କହିଲେ, "ମୁଁ ଜାଣେ ମୋର ମୁକ୍ତିଦାତା ଜୀବିତ। ଶେଷ ଦିନରେ ସେ ଏହି ପୃଥିବୀ ଉପରେ ଛିଡା ହେବେ। ଏବଂ ଯଦିଓ ସେହି ଚର୍ମ ପୋକ ଏହି ଶରୀର, ହାଡ ଏବଂ ସମସ୍ତ କିଛିକୁ ନଷ୍ଟ କରି ଦେଇଥିବ, ତଥାପି ସୁଦ୍ଧା ସେହି ସଂଜୀବିତ ଶକ୍ତି ସେଠାରେ ରହିଥିବ। ମୁଁ ନିଜ ଆଖିରେ ପରମେଶ୍ୱରଙ୍କୁ ଦର୍ଶନ କରିବି, ଯାହାଙ୍କୁ ମୁଁ ନିଜ ପାଇଁ ଦେଖିବି। ମୋର ନିଜର ଆଖି ହିଁ ଦେଖିବ ପୁଣି ଅନ୍ୟ କାହାରିର ନୁହେଁ।" କଅଣ ତାହା ଠିକ୍ କି? "ଯଦିଓ ମୋର ସର୍ବସ୍ୱ ମୋ ଭିତରେ ନଷ୍ଟ ହୋଇ ଯାଇଥିବ, ଯଦିଓ ବର୍ତ୍ତମାନ ମୋ ଶରୀରରେ ରହିଥିବା ସେହି ଚର୍ମ ପୋକମାନେ, ପରେ ଏହାକୁ ନଷ୍ଟ କରି ଦେଇଥିବେ।"

288 ଆପଣ ଜାଣନ୍ତି, ଚର୍ମ ପୋକମାନେ ଆପଣଙ୍କ ପାଖକୁ ଆସନ୍ତି ନାହିଁ। ସେହି ପୋକଟି ତ ଆଗରୁ ଆପଣଙ୍କ ଭିତରେ ଅଛି, ଆପଣଙ୍କର ନିଜର ଚର୍ମ ପୋକମାନେ। କଅଣ ଆପଣ ତାହା କେବେ ଲକ୍ଷ୍ୟ କରିଛନ୍ତି କି? ଆପଣଙ୍କୁ ଏକ କଫିନ୍ ବାକ୍ସରେ ରଖାଯାଏ, ଏବଂ ଏହାକୁ ବାୟୁମୁକ୍ତ କରାଯାଏ; ସେହି ପୋକମାନେ ଆପଣଙ୍କୁ ଠିକ୍ ସେହିପରି ଭାବରେ, କ୍ଷୟ କରିବା ଆରମ୍ଭ କରି ଦେବେ, କାରଣ ସେମାନେ ଆପଣଙ୍କ ଭିତରେ ଅଛନ୍ତି। ଆପଣ ତ ଆରମ୍ଭରୁ ହିଁ, ଭିତରେ, ପୋକମାନଙ୍କର ଏକ ସମୂହ କେବଳ ଅଟନ୍ତି।

289 "ଯଦିଓ ଚର୍ମ ପୋକମାନେ, ମୋର ଚର୍ମ ପୋକମାନେ ମୋତେ, ମୋର ଶରୀରକୁ ନଷ୍ଟ କରି ଦିଅନ୍ତି, ତଥାପି ନିଜ ଶରୀରରେ ମୁଁ ପରମେଶ୍ୱରଙ୍କର ଦର୍ଶନ କରିବି।"

290 ଏବଂ ସେହି ପୁନରୁତ୍ଥାନ ସକାଳରେ! ମହିମା ହେଉ! ହାଲ୍ଲେଲୁୟା! ମାଥିଉ, ଏହି ମହାନ ଲେଖକ, 27:51, କହିଲେ, "ସେ ମୃତ୍ୟୁରୁ ପୁନରୁତ୍ଥିତ ହେବା ପରେ, ଯେ ସେହି ପୁରାତନ ନିୟମର ସାଧୁମାନେ, ଅନେକେ ଯେଉଁମାନେ ପୃଥିବୀର ଧୂଳିରେ ଶୋଇ ରହିଥିଲେ, କବରରୁ ବାହାରି ଆସିଲେ, ଏବଂ ନଗରରେ ପ୍ରବେଶ କରି ଅନେକଙ୍କୁ ଦେଖା ଦେଲେ।" ସେହି ସଂଜୀବିତ ଶକ୍ତି, ଏବେ ସୁଦ୍ଧା ଏଲିୟଙ୍କ ଅସ୍ଥି ଉପରେ ରହିଥିଲା ଯେତେବେଳେକି ସେଠାରେ ଆଉ କୌଣସି ଅସ୍ଥିଗୁଡିକ ସୁଦ୍ଧା ନ ଥିଲା, ଏବେ ମଧ୍ୟ ଆୟୁବ ଉପରେ ରହିଥିଲା ଯେତେବେଳେକି ତାଙ୍କ ଶରୀରର ଏକ ଚାମଚ ଧୂଳି ସୁଦ୍ଧା ବାକି ରହି ନ ଥିଲା। ମାତ୍ର ତଥାପି ସେହି ସଂଜୀବିତ ଶକ୍ତି ସେଠାରେ ରହିଥିଲା।

291 "ଯଦି ଏହି ଆତ୍ମା ଯିଏକି ଯୀଶୁଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଥିଲା ଆପଣଙ୍କଠାରେ ବାସ କରେ, ସେ ଆପଣଙ୍କର ମର୍ତ୍ତ୍ୟ ଶରୀରକୁ ମଧ୍ୟ ଜୀବନ୍ତ କରିବ।" ଧ୍ୟାନ ଦିଅନ୍ତୁ, ବର୍ତ୍ତମାନ, ଶୀଘ୍ର।

292 ଆପଣ କୁହନ୍ତି, "ଓଃ, ମୁଁ ଇଚ୍ଛା କରେ ଯେ ମୁଁ ସେହି ପଶ୍ଚାତ୍ ସମୟରେ ରହୁଥାନ୍ତି..." ଆପଣ ଏକ ଅଧିକ ଉତ୍ତମ ସମୟରେ ବାସ କରୁଛନ୍ତି। ତେବେ ଯଦି ଆପଣମାନେ ସମସ୍ତେ...

293 ମୁଁ ଦେଖୁଛି ଯେ ଆପଣମାନେ କିଛି ଶାସ୍ତ୍ରାଂଶଗୁଡିକୁ ଲେଖୁଛନ୍ତି। ଠିକ ଅଛି, ପ୍ରଥମ

ଥେସଲନୀକୀୟ 4:16 ଲେଖନ୍ତୁ । ଧ୍ୟାନ ଦିଅନ୍ତୁ ଯେ କେତେ ସୁନ୍ଦର ଅଟେ, ଦେଖନ୍ତୁ । ସେଥିରେ..."ସେହି ସାଧୁମାନେ, ଯେଉଁମାନେକି ଖ୍ରୀଷ୍ଟଙ୍କଠାରେ ନିଦ୍ରାପ୍ରାପ୍ତ ଅଟନ୍ତି, ପରମେଶ୍ୱର ସେମାନଙ୍କୁ ଆପଣା ସହିତ ନେଇକରି ଆସିବେ," ଦେଖନ୍ତୁ, କବରରେ ସାଧୁମାନେ, ବିଶ୍ରାମ ନେଉଛନ୍ତି । ଯେପରିକି ଏଲିୟ ଥିଲେ; କେତେକ ଯେପରି ଇଲୀଶାୟ ଥିଲେ; ଦେଖନ୍ତୁ, ସେମାନଙ୍କ ମଧ୍ୟରୁ କେତେକ ସଂଜୀବିତ ହେବେ, କେତେକଙ୍କୁ ନେଇ ନିଆଯିବ, କେତେକ କବରରେ ରହିଥିବେ । ସେମାନେ ତାହାଙ୍କ ସହିତରେ ଯିବେ । "ପରମେଶ୍ୱରଙ୍କ ତୂରୀ ଶବ୍ଦ ହେବ, ଏବଂ ଖ୍ରୀଷ୍ଟଙ୍କଠାରେ ମୃତମାନେ ପ୍ରଥମେ ଉଠିବେ । ଏବଂ ପରେ ଆମେମାନେ ଯେଉଁମାନେକି ଜୀବିତ ଓ ଅବଶିଷ୍ଟ ରହିଥିବୁ, ମଧ୍ୟ ଆକାଶରେ ପ୍ରଭୁଙ୍କୁ ଭେଟିବା ପାଇଁ ସେମାନଙ୍କ ସହିତରେ ଉଠାଇ ନିଆଯିବୁ ।" ଜୀବିତ ଲୋକମାନଙ୍କ ଉପରେ ସେହି ସଂଜୀବିତ ଶକ୍ତି; ମୃତମାନଙ୍କ ଉପରେ ସେହି ସଂଜୀବିତ ଶକ୍ତି । ବୁଝିଲେ?

294 ପରମେଶ୍ୱରଙ୍କ ସେହି ସମାନ ସଂଜୀବିତ ଶକ୍ତି ଏହି ଦୁଇ ଭବିଷ୍ୟଦ୍‌ବକ୍ତାଙ୍କଠାରେ ଉପସ୍ଥାପିତ କରା ହୋଇଥିଲା । ସେମାନଙ୍କର ନାମଗୁଡିକୁ ଦେଖନ୍ତୁ, ପ୍ରାୟଃ ପ୍ରାୟଃ ସମାନ ଅଟେ, ଇଲୀଶାୟ, ଏଲିୟ । ସେହି ବର ଏବଂ କନ୍ୟାକୁ ଦେଖନ୍ତୁ? ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଶ୍ରୀମାନ ଯୀଶୁ; ଅନ୍ୟଟି ହେଉଛି ଶ୍ରୀମତୀ ଯୀଶୁ । ଆପଣ ଦେଖନ୍ତୁ, ପ୍ରାୟଃ ସମାନ ଅଟନ୍ତି, କେବଳ—କେବଳ ତାହା ସେହି—ସେହି ନର ଏବଂ ନାରୀ ମଧ୍ୟରେ । ବୁଝିଲେ?

295 ଏଲିୟ, ଏବଂ ଦେଖନ୍ତୁ ଯେ ତାହା କିପରି ଭାବରେ ଏଠାରେ ପ୍ରତିନିଧିତ୍ୱ କରା ହୋଇଅଛି । ତେବେ, ଇଲୀଶାୟ...ଉର୍ଦ୍ଧାନ୍ତିକରଣରେ ଉପରକୁ ନିଆଯାଇଥିଲେ, ମଣ୍ଡଳୀକୁ ପ୍ରତିନିଧିତ୍ୱ କରେ, ଠିକ୍ ଅଛି, ଏଲିୟ; ଏବଂ ଇଲୀଶାୟ ପୁନରୁତ୍ଥାନ ପର୍ଯ୍ୟନ୍ତ ବିଶ୍ରାମ କରିଥିଲେ । ବୁଝିଲେ? ଏହା ଠିକ ଏକ ପକ୍ଷୀ ପରି, ନିଜକୁ ସନ୍ତୁଳିତ କରିବା ପାଇଁ ଦୁଇଟି ଡେଣାର ଆବଶ୍ୟକ କରେ । ବୁଝିଲେ? ମଣ୍ଡଳୀ ସେଠାରେ ସେହି ଦୁଇଟି ଭବିଷ୍ୟଦ୍‌ବକ୍ତାଙ୍କଠାରେ ପ୍ରତିନିଧିତ୍ୱ କରା ହୋଇଥିଲା । "କାରଣ ଆମେମାନେ ଯେତେ ଲୋକ ଜୀବିତ ଥିବୁ ଏବଂ ପ୍ରଭୁଙ୍କ ଆଗମନ ପର୍ଯ୍ୟନ୍ତ ଅବଶିଷ୍ଟ ରହିବୁ, କୌଣସି ପ୍ରକାରେ ନିଦ୍ରାପ୍ରାପ୍ତ ଲୋକମାନଙ୍କୁ ବାଧା ଦେବୁ ନାହିଁ; କାରଣ ପରମେଶ୍ୱରଙ୍କ ତୂରୀ ଶବ୍ଦ ହେବ," ଉଭୟ ଡେଣାଗୁଡିକ ଏକତ୍ର ଆସିବ, ଏବଂ ଆମେମାନେ ଉଡ଼ିଯିବା, ହାଲ୍ଲେଲୁୟା, ଉଡ଼ି ଯିବା । କାରଣ, (କଅଣ?) ଜୀବନ୍ତ, କିମ୍ବା ମୃତରେ, ସେହି ସଂଜୀବିତ ଶକ୍ତି ଏବେ ମଧ୍ୟ ଜୀବିତ ରହିଅଛି ।

296 ଧ୍ୟାନ ଦିଅନ୍ତୁ । ମନେରଖନ୍ତୁ, ବର୍ତ୍ତମାନ ମନେରଖନ୍ତୁ, ଏହି ଜିନିଷଗୁଡ଼ିକ କଅଣ ତାହା ଦେଖିବା ପାଇଁ ସଂଜୀବିତ କରାଯାଇଛୁ । ଏହି ଦିନର ସଂଜୀବିତ ଶକ୍ତିକୁ ଦେଖନ୍ତୁ । ମନେରଖନ୍ତୁ, ଆମେମାନେ ସଂଜୀବିତ କରାଯାଇଛୁ । କିଛି ଦିନ ପୂର୍ବରୁ, ସାହାଯ୍ୟ ପାଇଁ...

297 ଏବଂ ମୁଁ—ମୁଁ ଭାବୁଛି ଯେ ଆମର ପ୍ରଭୁ କହିଥିଲେ, ଏବଂ ପାଉଲ ମଧ୍ୟ ଠିକ ତାହାହିଁ କହିଲେ, "ପିତା ମୋତେ ଯାହା ଦେଖାଇ ଅଛନ୍ତି, ମୁଁ କିଛି ବି ନିଜ ପାଖରେ ରଖି ନାହିଁ । ମୁଁ ତୁମକୁ

କହିଅଛି।" ଏବଂ ଏହି ଶେଷ ଦିନମାନଙ୍କରେ ଯେତେବେଳେ ଆମେ ତାହାଙ୍କ ସଂଜୀବିତ ଶକ୍ତିକୁ ଆମ ଉପରେ ଆସୁଥିବାର ଦେଖୁ, ଏପରିକି ରୋଗୀମାନଙ୍କୁ ସୁସ୍ଥ ହେଉଥିବାର ଦେଖିବା ପାଇଁ ମଧ୍ୟ, ସେ ଆମକୁ ସଂଜୀବିତ ଶକ୍ତି ଦେଇଅଛନ୍ତି। ଆମେମାନେ ସେହି ସଂଜୀବିତ ଶକ୍ତିକୁ ଆମମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ହେଉଥିବାର ଦେଖିଅଛୁ, ଯେପରିକି ଏହା ପ୍ରାରମ୍ଭିକ ଦିନରେ ସେମାନଙ୍କ ଉପରେ ରହିଥିଲା, ଦେଖନ୍ତୁ, ଏହାକୁ ଦର୍ଶନ ଦ୍ୱାରା ଆଣି ମୃତମାନଙ୍କୁ ଉଠାଇବାର ଦେଖିବା, ଦେଖନ୍ତୁ, ଏହା ରୋଗୀଙ୍କୁ ସୁସ୍ଥ କରିଥାଏ।

298 ଅନ୍ୟ ଦିନ ମୁଁ କାହାରିକୁ କହୁଥିଲି, ଏଠାରେ ଛୋଟ ଡୋନାଭନ୍ ୱିର୍ଟସ୍‌କୁ, ମୁଁ ଭାବୁଛି ଆପଣମାନେ ସମସ୍ତେ ତାଙ୍କୁ ଜାଣିଛନ୍ତି। ମୁଁ ତାଙ୍କ ସହିତ ଉପରେ ଶିକାର କରୁଥିଲି। ବେଚାରା ଛୋଟ ବ୍ୟକ୍ତି...ସେ ଜଣେ ଅତି ସୁନ୍ଦର ଛୋଟ ବ୍ୟକ୍ତିଟିଏ। ସେ ଏଠାରେ ମଣ୍ଡଳୀକୁ ଆସନ୍ତି। ସେ ହେବେ...ମୋର ଜଣେ ଅତି ଉତ୍ତମ ବନ୍ଧୁ ଅଟନ୍ତି। ଏବଂ ସେ କେବଳ...ସେ କହିଲେ, "ଆପଣଙ୍କୁ ହଇରାଣ କରିବାକୁ ଚାହୁଁ ନ ଥିଲି।"

299 ମୁଁ ଅନାଇଲି, ଏବଂ ତାଙ୍କର କାନ, ସବୁ ଭିତର ବାହାର, ଘୁରି ଯାଇଥିଲା। ଏବଂ ମୁଁ କହିଲି, "ତୁମେ କେମିତି ଅଛ, ଡୋନାଭନ୍?" ତାଙ୍କୁ ଠିକ ସେହିପରି ଭାବରେ, ହାତରେ ଧରିଲି, ଏବଂ ଏକ କର୍କଟ ରୋଗ ଥିଲା। ମୁଁ କହିଲି, "ଡୋନାଭନ୍, ତୁମର କାନରେ କଅଣ ହୋଇଛି?"

300 ସେ କହିଲେ, "ଜାଣେ ନାହିଁ, ଭାଇ ବ୍ରାନହାମ୍। ପ୍ରାୟଃ ଛଅ, ସାତ ମାସ ହେବ, ଏବଂ କେବଳ ହେଉଅଛି..."

ମୁଁ କହିଲି, "ତୁମେ ଏହା ବିଷୟରେ କାହିଁକି କିଛି କହିଲ ନାହିଁ?"

301 କହିଲେ, "ଭାଇ ବ୍ରାନହାମ୍, ମୁଁ—ମୁଁ ଆପଣଙ୍କୁ ହଇରାଣ କରିବାକୁ ଚାହୁଁ ନ ଥିଲି।"

ମୁଁ କହିଲି, "କଅଣ ତୁମେ ଜାଣିଛ ଯେ ଏହା କଅଣ ଅଟେ?"

କହିଲେ, "ମୋର ଏକ ଧାରଣା ଅଛି।"

302 ମୁଁ କେବଳ ତାଙ୍କ ଉପରେ ମୋର ହାତକୁ ରଖିଲି, କେବେବି ଶବ୍ଦଟିଏ ସୁଦ୍ଧା କହିଲି ନାହିଁ। ତାହାର ଦୁଇ ଦିନ ପରେ, ସେଠାରେ ଏକ ଦାଗଟିଏ ସୁଦ୍ଧା ନ ଥିଲା। ଏହା କଅଣ ଅଟେ? ସେହି ସଂଜୀବିତ ଶକ୍ତି, ଦେଖନ୍ତୁ, ଏହା ଆପଣଙ୍କର ମର୍ତ୍ତ୍ୟ ଶରୀରକୁ ସଂଜୀବିତ କରିବ। ତାଙ୍କର କାନ କ୍ଷୟ ପାଇ ଯାଇଥାନ୍ତା, ତାଙ୍କର ମସ୍ତିଷ୍କ ମଧ୍ୟ ଚାଲି ଯାଇଥାନ୍ତା, ଦେଖନ୍ତୁ, ସେ ମରି ଯାଇଥାନ୍ତେ। ମାତ୍ର, ସେହି ସଂଜୀବିତ ଶକ୍ତି! ବୁଝିଲେ?

303 ଏବଂ ଆଉ ଦିନେ ଯେତେବେଳେ ମୁଁ ନିଜେ କ୍ଲାନ୍ତ ହୋଇ ଯାଇଥିଲି, ପ୍ରାୟଃ...ମୁଁ କହିଲି, "ଯଦି ତୁମେ...ପୁଅ, ଉତ୍ତମ ହେବ ଯେ ତୁମେ ବଢି ଚାଲ, ତୁମେ ପଚାଶ ବର୍ଷ ବୟସର ହେଲଣି। ତୁମେ, ଯଦି ତୁମେ ପ୍ରଭୁଙ୍କ ପାଇଁ କିଛି କରିବାକୁ ଯାଉଛ, ତେବେ ଉତ୍ତମ ହେବ ଯେ ତୁମେ ଶୀଘ୍ର କର ଏବଂ ତାହା କର। ତୁମେ ବୃଦ୍ଧ ହେଉଅଛ।" ବୁଝିଲେ? ଏବଂ ସେଠାରେ ସେଦିନ ସକାଳେ, ସେହି ସଂଜୀବିତ ଶକ୍ତି ଆସିଲା, ଏବଂ ସେ ମୋତେ ପର୍ଦ୍ଦା ଆରପାରିକୁ

ଦେଖିବା ପାଇଁ ଦେଲେ, ଏବଂ ମୁଁ ଆପଣ ସମସ୍ତଙ୍କୁ ସେଠାରେ ଦେଖିଲି । ଉଃ-ହୁଃ । ବୁଝିଲେ? ସେ କହିଲେ, "ଯାହାସବୁକୁ ତୁମେ କେବେ ପ୍ରେମ କରିଛ, ଏବଂ ଯେଉଁମାନେ ସମସ୍ତେ ତୁମକୁ ପ୍ରେମ କରିଛନ୍ତି, ସେସମସ୍ତଙ୍କୁ ତୁମକୁ ଦିଆ ଯାଇଅଛି ।" ବୁଝିଲେ? ମୁଁ ସେମାନଙ୍କୁ ସମସ୍ତଙ୍କୁ ସେଠାରେ ସେହିପରି ଭାବରେ ଦେଖିଛି । ଏହା କଅଣ ଥିଲା? ସଂଜୀବିତ ଶକ୍ତି ।

304 ଯୋହନ ପ୍ରକାଶକ ଏତେ ଅଧିକ ସଂଜୀବିତ ଶକ୍ତିରେ ପରିପୂର୍ଣ୍ଣ ହୋଇଥିଲେ, ଯିଏକି ଛିଡା ହେଲେ ଏବଂ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦର୍ଶନ କଲେ ।

305 ଯିଶାଇୟ ସେହି ସଂଜୀବିତ ଶକ୍ତିରେ ପରିପୂର୍ଣ୍ଣ ଥିଲେ, ଏବଂ ଛିଡା ହେଲେ ଓ ସହସ୍ରାବ୍ଦୀ ଏବଂ ସବୁ କିଛି ଦେଖିଲେ ।

306 ସଂଜୀବିତ ଶକ୍ତି! "ଏବଂ ଯଦି ସେହି ଆତ୍ମା ଯାହାକି ଖ୍ରୀଷ୍ଟଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଥିଲା, ଆପଣଙ୍କଠାରେ ବାସ କରେ, ଏହା ଆପଣଙ୍କର ମୃତ ଶରୀରକୁ ସଂଜୀବିତ କରିବ…ମର୍ତ୍ତ୍ୟ ଶରୀରକୁ" ମନେରଖନ୍ତୁ, ସେହି ସଂଜୀବିତ ଶକ୍ତି!

307 ଦେଖନ୍ତୁ ଯେ ଆମେମାନେ ଏହି ଦିନରେ କଅଣ ଦେଖିଅଛୁ । ସେହି ସଂଜୀବିତ ଶକ୍ତି ଆମ ପାଖକୁ ଆସିଅଛି, ଯେପରିକି ସେହି ସପ୍ତ ମୁଦ୍ରାକୁ ଫିଟାଏ । ତାହା କଅଣ ଥିଲା, ଜଣେ ବ୍ୟକ୍ତିଙ୍କ ବୁଦ୍ଧିମତ୍ତା? ନା, ପରମେଶ୍ୱରଙ୍କ ସେହି ସଂଜୀବିତ ଶକ୍ତି । ଦେଖନ୍ତୁ, ପରମେଶ୍ୱରଙ୍କ ସେହି ସଂଜୀବିତ ଶକ୍ତି ଏହା ଘଟିବ ବୋଲି ଭବିଷ୍ୟଦ୍‌ବାଣୀ କରିଥିଲା । ଦେଖନ୍ତୁ, ପରମେଶ୍ୱରଙ୍କ ସେହି ସଂଜୀବିତ ଶକ୍ତି ଜଗତକୁ ଏହାର ସାକ୍ଷ୍ୟ ଦେବା ନିମନ୍ତେ ବାଧ୍ୟ କଲା, ଯେ ଏହା ସତ୍ୟ ଅଟେ । ପ୍ରଭୁଙ୍କର ସ୍ୱର୍ଗଦୂତ, ମୁଁ ଆପଣମାନଙ୍କୁ କହିଅଛି, ଏକ ଅଗ୍ନିସ୍ତମ୍ଭରେ, ଚତୁର୍ପାର୍ଶ୍ୱରେ ରହିଥିଲେ; ସେହି ସଂଜୀବିତ ଶକ୍ତି ଜଗତକୁ ଏହା ସାକ୍ଷ୍ୟ ଦେବା ନିମନ୍ତେ ପ୍ରବର୍ତ୍ତାଇଲା ଯେ ଏହା ହେଉଛି ସତ୍ୟ । ଏବଂ, ସେଥିରେ, ସେମାନେ ଜାଣି ନ ଥିଲେ ଯେ ଏହା କଅଣ ଥିଲା; ଏବଂ ଆମେମାନେ ଜାଣିଥିଲୁ, ଏହାକୁ କେବଳ ଏହି ପ୍ରକାରେ ଦେଖ, ଏବଂ ଏହା ସେଠାରେ ଉପରେ ଆମର ପ୍ରଭୁ ଅଟନ୍ତି, ଆପଣ ଦେଖନ୍ତୁ ।

308 ସେ ହିଁ ସେହି ଜଣକା ଯିଏକି ମୁଦ୍ରାଗୁଡିକୁ ଫିଟାଇଥିଲେ । ସେ ହେଉଛନ୍ତି ସେହି ମୁଦ୍ରା, କାରଣ ପରମେଶ୍ୱରଙ୍କ ସମଗ୍ର ବାକ୍ୟ ହେଉଛନ୍ତି ଖ୍ରୀଷ୍ଟ, ଏବଂ ଖ୍ରୀଷ୍ଟ ସେହି ମୁଦ୍ରା ଅଟନ୍ତି ଯାହାକି ଫିଟା ଯାଇଥିଲା । ତେବେ ମୁଦ୍ରାଗୁଡିକର ଫିଟାଯିବା କଅଣ ଅଟେ? ଖ୍ରୀଷ୍ଟଙ୍କୁ ପ୍ରକାଶ କରିବା ।

309 ଏବଂ ଠିକ ସେହି ସପ୍ତ ଦୂତମାନେ, ଯାହାକି ସପ୍ତ ମଣ୍ଡଳୀର ସମସ୍ତ ପରିପୂର୍ଣ୍ଣତାକୁ ଦର୍ଶାଉଥିଲା, ଏବଂ ଆମେ ତ ଏପରିକି ଏହା ଦେଖି ସୁଦ୍ଧା ପାରିଲୁ ନାହିଁ। ସେମାନେ କରିଥିଲେ, ସେମାନେ ଛବି ତୋଳିଲେ, ଆମେ ନୁହଁ। ଏବଂ ସେଠାରେ ସେ, ସର୍ବୋଚ୍ଚ ବିଚାରପତି, ଭାବରେ ଛିଡା ହୋଇଛନ୍ତି; ଏହା ଦର୍ଶାଉଛନ୍ତି ଯେ ସେ ଆଲ୍‌ଫା ଏବଂ ଓମେଗା, ଆରମ୍ଭ ଏବଂ ଶେଷ ଅଟନ୍ତି । କି ପରିଚୟ କରାଯିବା! ସଂଜୀବିତ ଶକ୍ତି ତାହା ଆମ ପାଇଁ କରିଥିଲା ।

310 ସଂଜୀବିତ ଶକ୍ତି ଆମକୁ ତାହାଙ୍କ ଆଗମନ ବିଷୟ ଦେଖିବାକୁ ଦେଲା । ସଂଜୀବିତ ଶକ୍ତି ଆମକୁ ମୃତ୍ୟୁରୁ ଛଡ଼ାଇ ଜୀବନ ଆଡ଼କୁ ନେଇଗଲା । ସଂଜୀବିତ ଶକ୍ତି ଗୁପ୍ତ ବିଷୟକୁ ଜାଣିବାର କ୍ଷମତା ପ୍ରଦାନ କରନ୍ତି; ଏହା ଜାଣିବା ହେତୁ ଯେ ଆପଣଙ୍କ ସହିତ କଅଣ ଭୁଲ୍ ଅଛି, ଏବଂ କଅଣ କରାଯିବା କଥା; ଆପଣ କଅଣ କରିଛନ୍ତି, ଏବଂ ଆପଣଙ୍କୁ କଅଣ କରିବାର ଉଚିତ୍ ନ ଥିଲା; ଏବଂ ଆପଣଙ୍କୁ କଅଣ କରିବାର ଉଚିତ୍ ଥିଲା, ଏବଂ ଆପଣ କଅଣ ହେବେ । ସଂଜୀବିତ ଶକ୍ତି, ଏହି ସମସ୍ତ ବିଷୟ!

311 ଆମର ପ୍ରଭୁ ଯୀଶୁ ଏତେ ଅଧିକ ସଂଜୀବିତ ଶକ୍ତିରେ ପରିପୂର୍ଣ୍ଣ ଅଟନ୍ତି, ଯେ ସେ ଏକାଠି, ଏହାର ସବୁ କିଛି ଥିଲେ । ସେ ଏତେ ଅଧିକ ସଂଜୀବିତ ଶକ୍ତିରେ ପରିପୂର୍ଣ୍ଣ ଥିଲେ, ଯେ ସେ ଏହା କହିଲେ, "ତୁମେ ଏହି ଶରୀରକୁ ନଷ୍ଟ କରି ଦିଅ, ଏବଂ ମୁଁ ଏହାକୁ ତିନି ଦିନ ମଧ୍ୟରେ ଉତ୍ଥିତ କରିବି ।" ସଂଜୀବିତ ଶକ୍ତିରେ ଆତ୍ମବିଶ୍ୱାସ ଥିବା ବିଷୟରେ କହୁଛନ୍ତି! "ଏହି ଶରୀରକୁ ନଷ୍ଟ କରି ଦିଅ, ଏବଂ ମୁଁ କରିବି…ଏହି ମନ୍ଦିରକୁ, ଏବଂ ମୁଁ ଏହାକୁ ତିନି ଦିନ ମଧ୍ୟରେ ଉତ୍ଥିତ କରିବି ।"

312 କାହିଁକି, ସେ ତାହା କାହିଁକି କହିଲେ? ସେ ଜାଣିଥିଲେ ଯେ ଏହା ତାହାଙ୍କ ବିଷୟରେ ଲେଖା ଅଛି, ଦେଖନ୍ତୁ, ଯେ ଏହା ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା, ତାହାଙ୍କ ବିଷୟରେ ଲେଖା ଅଛି ଯାହାକି ବିଫଳ ହୋଇପାରିବ ନାହିଁ । ବାକ୍ୟ କୁହେ, "ମୁଁ ମୋର ପବିତ୍ର ଜନକୁ କ୍ଷୟପ୍ରାପ୍ତ ହେବାକୁ ଦେବି ନାହିଁ, କିମ୍ବା ମୁଁ ତାର ପ୍ରାଣକୁ ନରକରେ ପରିତ୍ୟାଗ କରିବି ନାହିଁ ।" ଏବଂ ସେ ଜାଣିଥିଲେ ଯେ ସଂଜୀବିତ ଶକ୍ତି ତାହାଙ୍କୁ ଉଠାଇ ନେବ, ଯେ ସେଠାରେ ଗୋଟିଏ ହେଲେ କୋଷ କ୍ଷୟ ପାଇବ ନାହିଁ ।

313 ସେ କହିଲେ, "ତୁମେ ଏହି ମନ୍ଦିରକୁ ନଷ୍ଟ କରି ଦିଅ, ଏବଂ ମୁଁ ଏହାକୁ ତିନି ଦିନ ମଧ୍ୟରେ ପୁନର୍ବାର ଫେରାଇ ଆଣିବି ।"

314 କାହିଁକି? ଏହା ତ ପରମେଶ୍ୱରଙ୍କ ବାକ୍ୟ, ଭବିଷ୍ୟତ୍‌ବାଣୀ ଥିଲା । ଏବଂ ଭବିଷ୍ୟତ୍‌ବାଣୀ, ଯଦି ଏହା ପରମେଶ୍ୱରଙ୍କ ସତ୍ୟ ବାକ୍ୟ ଅଟେ, ତେବେ ବିଫଳ ହୋଇପାରେ ନାହିଁ । ଏବଂ ସେହି ସମାନ ଭବିଷ୍ୟତ୍‌ବାଣୀ ଏବଂ ପରମେଶ୍ୱରଙ୍କ ବାକ୍ୟ ଯାହାକି ଏହା କହିଥିଲା ଯେ ସେ ତାହାଙ୍କୁ ପୁନରୁତ୍ଥିତ କରିବେ, ଏହା କୁହେ ଯେ ଆମେ ତ ତାହାଙ୍କ ସହିତ ଆଗରୁ ପୁନରୁତ୍ଥିତ ହୋଇ ସାରିଛୁ । ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସେ କହିଲେ, "ଭୟ କର ନାହିଁ ।" ଏବଂ ଏହା ଲେଖା ଅଛି, ଯେ, "ସେହି ଆତ୍ମା ଯାହାକି ବର୍ତ୍ତମାନ ଅଛି, ତାହାଙ୍କଠାରେ ଥିଲା, ବର୍ତ୍ତମାନ ଆମ ଭିତରେ ଅଛି, ଆମର ମର୍ତ୍ତ୍ୟ ଶରୀରକୁ ମଧ୍ୟ ସଂଜୀବିତ କରିବ ।" ଭୟ କର ନାହିଁ, ବନ୍ଧୁ, ସେହି ପୁ-ତ୍ର ଉଠି ଅଛନ୍ତି । ପୁତ୍ର ଉଠି ଅଛନ୍ତି । ନା…

315 ତେବେ ରୂପାନ୍ତରଣକୁ ଦେଖନ୍ତୁ । ଆମେମାନେ, ସମସ୍ତେ ସେଠାରେ, ପ୍ରତିନିଧିତ୍ୱ କରା ଯାଇଥିଲୁ । ସେଠାରେ ଜୀବନ୍ତ ସାଧୁମାନେ ଥିଲେ ଯେଉଁମାନେକି ଊର୍ଦ୍ଧାନ୍ତିକରଣରେ ଯାଇଥିଲେ, ସେଠାରେ ଏଲିୟ ଛିଡା ହୋଇଥିଲେ; ଏବନ ସେଠାରେ ମୋଶା ଛିଡା

ହୋଇଥିଲେ, ମୃତ ସାଧୁମାନଙ୍କର ପ୍ରତିନି-...ଆହୁରି ମଧ୍ୟ, ଉଭୟଙ୍କଠାରେ ସଂଜୀବିତ ଶକ୍ତି ରହିଥିଲା । ଯାଏ ଆସେ ନାହିଁ ଯେ ଜଣେ ମରିଥିଲେ, ଏବଂ ଅନ୍ୟଟି ମରି ନ ଥିଲେ, ସେମାନେ ସମସ୍ତେ ସେଠାରେ ଅଛନ୍ତି ।

316 ଧ୍ୟାନ ଦିଅନ୍ତୁ, ଓଃ, ଦେଖନ୍ତୁ ଯେ ଆମେମାନେ ଏହି ଶେଷ ଦିନରେ କଅଣ ଦେଖୁଅଛୁ । ସେହି ସମାନ ବିଷୟ ଯାହା ସେ ପ୍ରତିଜ୍ଞା କରିଥିଲେ, ଯୋହନ 14:12 । ତେବେ ଦେଖନ୍ତୁ... [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।] ନିଶ୍ଚିତରେ ।

ଲୋକମାନେ କୁହନ୍ତି, "କଅଣ ତୁମଠାରେ ଶକ୍ତି ଅଛି ବୋଲି ଦାବି କର?" ନା, ନା, ନା ।

317 ଆମେମାନେ ତ ଠିକ ସେହି ରୂପାନ୍ତରଣ ପର୍ବତରେ ଥିବା ସେମାନଙ୍କ ପରି ଅଟୁ, ଦେଖନ୍ତୁ । ନିଶ୍ଚିତ ଭାବରେ, ଆମଠାରେ ଶକ୍ତି ଅଛି ବୋଲି ଆମେ ଦାବି କରୁ ନାହୁଁ । ମାତ୍ର, ଆମେମାନେ, ଯେପରିକି—ଯେପରିକି ସେମାନେ ଥିଲେ...ରୂପାନ୍ତରଣ ପର୍ବତ ଉପରେ, ସେମାନେ କହୁ ନ ଥିଲେ, ଧରନ୍ତୁ, ଯଥା ମୋଶା, "ଦେଖ କିଏ, ଦେଖ ମୁଁ କିଏ," ଯଥା ସେହି ଶିଷ୍ୟମାନେ କହୁ ନ ଥିଲେ, "ଦେଖନ୍ତୁ ମୁଁ କିଏ ଅଟେ, ଦେଖନ୍ତୁ ମୁଁ କିଏ ଅଟେ ।" ଆପଣ ଜାଣିଛନ୍ତି ଯେ କଅଣ ଘଟିଲା? ଧ୍ୟାନ ଦିଅନ୍ତୁ, ସେମାନେ ଯୀଶୁଙ୍କୁ ମହିମାନ୍ୱିତ ହୋଇଥିବାର ଦେଖିଲେ । ତାହାହିଁ ସବୁ କିଛି ଯାହା ସେମାନେ ପ୍ରତିନିଧିତ୍ୱ ହେଉଥିବାର ଦେଖିବାକୁ ଚାହୁଁଥିଲେ, ଯୀଶୁଙ୍କୁ ମହିମାନ୍ୱିତ ହେଉଥିବାର ।

318 ଏବଂ ଆଜି ମଧ୍ୟ ଠିକ ସେହିପରି ଅଟେ, ଆମେମାନେ କୌଣସି କିଛି ବଡ ବ୍ୟକ୍ତି ହେବାକୁ ଚେଷ୍ଟା କରୁନାହୁଁ । ଲୋକମାନେ ଆମ ବିଷୟରେ କଅଣ କୁହନ୍ତି ଆମେ ସେଥିପ୍ରତି ଧ୍ୟାନ ଦେଉ ନାହିଁ । ଆମର ନାମ କିଛି ନୁହେଁ; ଏହା ତ ତାହାଙ୍କର ନାମ ଅଟେ । ଆମର ଜୀବନ, ଏହା କିଛି ନୁହେଁ; ଏହା ତ ତାହାଙ୍କର ଜୀବନ ଅଟେ । ଏହା ତ ତାହାଙ୍କର ଶକ୍ତି ଅଟେ, ଆମର ଶକ୍ତି ନୁହେଁ । ଏବଂ କେବଳ ଗୋଟିଏ ଜିନିଷ ଅଛି ଯାହା ଆମେ କରିବାକୁ ଭଲ ପାଉ, ଯେ ତାହାଙ୍କୁ ମହିମାନ୍ୱିତ ହେଉଥିବାର ଦେଖିବା । ଏବଂ ଏହା କିପରି ହୋଇପାରେ? ଯେତେବେଳେ ସେ ଆମ ଭିତରେ ଥିବା ତାହାଙ୍କ ପୁନରୁତ୍ଥାନ ଦ୍ୱାରା, ଆମ ଭିତରେ ମହିମାନ୍ୱିତ ହୁଅନ୍ତି । ଆଜି, ଆମେମାନେ ତାହାଙ୍କୁ ପୁନର୍ବାର ପ୍ରତିନିଧିତ୍ୱ ହେଉଥିବାର ଦେଖୁ ଯେପରିକି ସେ ଥିଲେ ।

319 କଅଣ ଆପଣମାନେ ତାହା ବୁଝିଲେ? ଦେଖନ୍ତୁ, ଆମର ଇଚ୍ଛା ମହିମାନ୍ୱିତ ହେବାର ନୁହେଁ । ଆମର ଇଚ୍ଛା କୌଣସି କିଛି ବଡ ନାମ ନୁହେଁ । ଆମର ଇଚ୍ଛା କୌଣସି ମଣ୍ଡଳୀକୁ ବୃଦ୍ଧି କରିବା ନୁହେଁ, କିମ୍ବା ରବିବାର ଶିକ୍ଷା ଶ୍ରେଣୀରେ ଅଧିକ ସଂଖ୍ୟା କରିବା ନୁହେଁ, କିମ୍ବା କିଛି ଆଣିବାକୁ ଚେଷ୍ଟା କରିବା ନୁହେଁ, ଗୋଡ-ହାତ ବାନ୍ଧି, ଭିତରକୁ ଠେଲିବା ନୁହେଁ, ପିକନିକ୍ ଭୋଜ ଦେବା ନୁହେଁ, କିମ୍ବା ତାରକାମାନଙ୍କୁ, ବଟନ୍‌ଗୁଡିକୁ, କିମ୍ବା ସେପରି କିଛି ବିଷୟ ଆଣିବା ନୁହେଁ । ତାହା ଆମର ଇଚ୍ଛା ନୁହେଁ । ଆମର ଇଚ୍ଛା ତ ହେଉଛି ତାହାଙ୍କୁ ମହିମାନ୍ୱିତ ହେଉଥିବାର ଦେଖିବା । ମହିମାନ୍ୱିତ, (କଅଣ?) ଆତ୍ମ-ଗର୍ବରେ ନୁହେଁ; ମାତ୍ର ଆମ ଭିତରେ, ଆମ

ଜୀବନରେ, ଏହା ପ୍ରମାଣ କରିବା ଯେ ସେ ଆମ ଭିତରେ ଜୀବିତ ଅଟନ୍ତି ଓ ବାସ କରୁଅଛନ୍ତି ।

320 ଯଦି ମୁଁ ନିଜକୁ ସେହି ମାର୍ଗରୁ ହଟାଇ ଦେଇପାରେ, ତେଣୁକରି ଯେତେବେଳେକି ୱିଲିୟମ୍ ବ୍ରାନହାମ୍ ବିଷୟରେ ଏପରିକି ଚିନ୍ତା ସୁଦ୍ଧା କରାଯାଏ ନାହିଁ, ଏବଂ ଏପରିକି ଆପଣଙ୍କ ବିଷୟରେ ସୁଦ୍ଧା ଚିନ୍ତା କରାଯାଏ ନାହିଁ, ଯେପର୍ଯ୍ୟନ୍ତକି ଆମେ ଯୀଶୁଙ୍କୁ ଆମ ମଧ୍ୟରେ ମହିମାନ୍ୱିତ ହେବାର ନ ଦେଖୁ । ତାହାଙ୍କୁ ଦେଖିବା, ତାହାହିଁ ଆମର ଇଚ୍ଛା ଅଟେ । ତାହା ସେହି ସଂଜୀବି-…ଆମକୁ ସେହି ସଂଜୀବିତ ଶକ୍ତି ପ୍ରଦାନ କରେ । ଏବଂ ତାହା ଆମକୁ ଏହି ବିଷୟ ଜାଣିବା ହେତୁ, ଆନନ୍ଦ ପ୍ରଦାନ କରେ ଯେ ଆମେ ତାହାଙ୍କ ସହିତରେ ଅଛୁ, ତାହାଙ୍କର କନ୍ୟା ହୋଇଥିବା ହେତୁ, ଉଭୟ ତାହାଙ୍କର ମାଂସ ଏବଂ ଅସ୍ଥି ଅଟୁ; ଏବଂ ତାହାଙ୍କର ସମାନ ସୁପ୍ରମାଣିତ ପଦ୍ଧତିଗୁଡିକୁ ଦେଖୁଅଛୁ, ଯାହା ଆମ ଭିତରେ ଏହା ପ୍ରମାଣ କରୁଅଛି ଯେ ସେ ବର୍ତ୍ତମାନ ମୃତମାନଙ୍କ ମଧ୍ୟରୁ ପୁନରୁତ୍‌ଥିତ ହୋଇଅଛନ୍ତି । ବୁଝିଲେ?

321 କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସେ କହିଲେ, "ଭୟ କର ନାହିଁ", କାରଣ ବର୍ତ୍ତମାନ, ଧ୍ୟାନ ଦିଅନ୍ତୁ, ଆମେ ତାହାଙ୍କ ଦ୍ୱାରା ମୁକ୍ତ କରା ଯାଇଅଛୁ, ଏବଂ ବର୍ତ୍ତମାନ ତାହାଙ୍କ ସହିତ ପୁନରୁତ୍ଥିତ ଅଟୁ । ତାହାହିଁ ଅଟେ ଯାହାକି ଲୋକମାନଙ୍କ ପାଇଁ ଇଷ୍ଟରର ଅର୍ଥ ଅଟେ, "ତାହାଙ୍କ ସହିତ ଉଠିବା"! ଧ୍ୟାନ ଦିଅନ୍ତୁ । ବର୍ତ୍ତମାନ ଆମ ଭିତରେ ଆମେମାନେ ତାହାଙ୍କର ଆତ୍ମା ପାଇଅଛୁ, ସେହି ମାଲିକାନା ସାର ସମ୍ପୂର୍ଣ୍ଣ ରୂପେ ମୂଲ୍ୟ ପ୍ରଦାନ କରାଯାଇଛି ।

322 ନା, ଆପଣ କୁହନ୍ତି ନାହିଁ, "ତେବେ, ମୁଁ ଆଶା କରେ ଯେ ମୁଁ ଏହାକୁ ପାଇଯିବି ।" ଆପଣ ତ ଏହା ପାଇସାରିଛନ୍ତି । ଏହା ନୁହେଁ ଯେ, "ମୁଁ ଏହାକୁ *ପାଇବି* ।" ମୁଁ ତ ଏହା ପାଇସାରିଛି । ମୁଁ ଏହାକୁ କଦାପି ପାଇ ନାହିଁ; ସେ ଦେହାକୁ ମୋ ପାଇଁ ପ୍ରାପ୍ତ କଲେ । ବୁଝିଲେ? ମୁଁ ନୁହେଁ; ସେ! "ତେବେ, ଭାଇ ବ୍ରାନହାମ୍, ସେମାନେ କୁହନ୍ତି…" ମୋର ସେଥିରେ କିଛି ଯାଏ ଆସେ ନାହିଁ ଯେ ସେମାନେ କଅଣ କୁହନ୍ତି । ସେଠାରେ ସେ ଏହାକୁ, ମୋ ପାଇଁ ପ୍ରାପ୍ତ କଲେ । ତାହାହିଁ ସବୁକିଛି ଯାହା ମୁଁ ଚାହେଁ, ଯାହା ବିଷୟରେ ମୁଁ ଯତ୍ନ କରେ ।

323 ମୁଁ ତ କେବଳ—ମୁଁ ତ କେବଳ ତାହାଙ୍କୁ ପ୍ରକଟିତ ହେଉଥିବାର ଦେଖିବାକୁ ଚାହେଁ । ଆପଣ ଏହା କିପରି କରିପାରନ୍ତି, ତାହାଙ୍କୁ ତଳକୁ ଡାକିପାରନ୍ତି? ନା । ସେ ତ ଆପଣଙ୍କ ଭିତରେ ଅଛନ୍ତି । ଦେଖନ୍ତୁ, ସେ ଆପଣଙ୍କ ଭିତରେ ଅଛନ୍ତି । "ତେବେ, ତାହାହେଲେ, ପ୍ରଭୁ, ଯଦି ମୁଁ ନିଜକୁ ମାର୍ଗରୁ ଓହରାଇ ଦେଇପାରେ, ତୁମେ ପ୍ରକଟ ହୋଇପାର । ମୁଁ ନିଜକୁ…ତୁମେ ଏହା କିପରି କରିପାର? କାରଣ ତୁମେ ହିଁ ଏହାକୁ ନିଯୁକ୍ତ କରିଅଛ । 'ଯେସମସ୍ତଙ୍କୁ ପିତା ମୋତେ ଦେଇଛନ୍ତି ସେମାନେ ଆସିବେ ।'" ଧ୍ୟାନ ଦିଅନ୍ତୁ । ମହିମା ହେଉ!

324 ତେବେ ଆଜି ସକାଳେ ଆମ ପାଖରେ, ସେହି ସମସ୍ତ ସଂଗୃହିତ ପ୍ରମାଣ ସହିତ, ଓଃ, ମୁଁ ସେହି ଗୀତ ବିଷୟରେ ଚିନ୍ତା କରେ:

> ସେହି ପୁନରୁତ୍ଥାନ ସକାଳରେ,
> ଯେତେବେଳେ ମୃତ୍ୟୁର ରଜ୍ଜୁଗୁଡିକ ଭଙ୍ଗାଯିବ,

ଆମେମାନେ ଉଠିବା, (ହାଲ୍ଲେଲୁୟା!) ଆମେମାନେ ଉଠିବା ।

325 କଅଣ ଆପଣମାନେ ତାହା ବିଶ୍ୱାସ କରନ୍ତି କି? ଆମେମାନେ ଉଠିବା! ତାହାଙ୍କଠାରେ ଆମେମାନେ ତାହାଙ୍କର ଅଂଶ, ସେହି ଇଷ୍ଟର, ପରମେଶ୍ୱରଙ୍କ ପ୍ରକଟିତ ରହସ୍ୟ ହୋଇଯାଉ ଯେପରିକି ତାହା ସେତେବେଳେ ଥିଲା, ମୃତ୍ୟୁ ପରେ ଜୀବନର ରହିଥିଲା । ଆମେମାନେ ବର୍ତ୍ତମାନ ଜୀବିତ ଅଟୁ, ଯେଉଁମାନେକି ଏକଦା ପାପ ଏବଂ ଅପରାଧରେ ମୃତ ଥିଲୁ । ସେହି ପ୍ରକୃତ ଇଷ୍ଟର ମୁଦ୍ରା ମୋ ଚତୁର୍ପାର୍ଶ୍ୱରୁ ମୃତ୍ୟୁକୁ ଭାଙ୍ଗି ଦେଇଛି, ଏବଂ ମୁଁ ଜୀବିତ ଅଟେ । ସେହି ଇଷ୍ଟର ମୁଦ୍ରା, ଆରମ୍ଭରେ, ସେହି ରୋମାନ୍ ମୁଦ୍ରାକୁ ଭାଙ୍ଗି ଦେଇଥିଲା, ସେହି ଇଷ୍ଟର ମୁଦ୍ରା, ଯେଉଁଥିରେ ସେ ମୁଦ୍ରାଙ୍କିତ ହୋଇଥିଲେ । ଏବଂ ମନୁଷ୍ୟମାନେ, ଯେତେବେଳେ ସେମାନେ ମରିଥିଲେ, ବିନଷ୍ଟ ହୋଇ ଯାଉଥିଲେ; ମାତ୍ର ସେ ଏହି ମୁଦ୍ରାକୁ ଭାଙ୍ଗି ନିଗୂଢ଼ ଭେଦକୁ ପ୍ରକାଶ କରିଥିଲେ । ଏବଂ ବର୍ତ୍ତମାନ ପରମେଶ୍ୱର, ତାହାଙ୍କର ପବିତ୍ରଆତ୍ମା ଦ୍ୱାରା, ଆମ ଜୀବନର ଚତୁର୍ପାର୍ଶ୍ୱରୁ ସେହି ମୁଦ୍ରାଟିକୁ ଭାଙ୍ଗି ଦେଇଛନ୍ତି, ଏବଂ ଖ୍ରୀଷ୍ଟ ଆମ ଭିତରେ ବାସ କରି ପ୍ରକଟିତ ହୋଇଅଛନ୍ତି, ଯେହେତୁ ଆମେମାନେ ତାହାଙ୍କ ସହିତ ସଂଜୀବିତ କରା ହୋଇଅଛୁ । ଓଃ, ପୃଷ୍ଠା ପରେ ପୃଷ୍ଠା!

ଆମେମାନେ ଉଠିବା, (ହାଲ୍ଲେଲୁୟା!)
ଆମେମାନେ ଉଠିବା! (ଆମେନ୍!)
ସେହି ପୁନରୁତ୍ଥାନ ସକାଳରେ,
ଯେତେବେଳେ ମୃତ୍ୟୁର ଦଣ୍ଡଗୁଡିକ ଭଙ୍ଗାଯାଏ,
ଆମେମାନେ ଉଠିବା, (ହାଲ୍ଲେଲୁୟା!) ଆମେମାନେ ଉଠିବା ।

326 ଓଃ, ଆପଣ ଖୁସି ନୁହଁନ୍ତି କି! ମୁଁ ତ ବହୁତ ଖୁସି! ସେଠାରେ ପଶ୍ଚାତ ସମୟରେ, ଏକ ସକାଳେ ଗୋଟିଏ ଛୋଟ ପୁରୁଣା କୋଇଲା ଗୋଦାମରେ, ସେହି ମୁଦ୍ରାଗୁଡିକ ଭଙ୍ଗା ଯାଇଥିଲା, ଏବଂ ମୁଁ ତାହାଙ୍କ ସହିତ, ଏକ ନୂତନ ସୃଷ୍ଟି ଭାବରେ ଉଠିଥିଲି । ତାହାଙ୍କର ସଂଜୀବିତ ଶକ୍ତି; ପୁତ୍ର ଉଠି ଅଛନ୍ତି ।

327 କିଛି ସମୟ ପୂର୍ବରୁ, ମୋତେ ଜଣେ—ଜଣେ ମତ୍ସ୍ୟଜୀବୀ ବିଷୟରେ ଏକ ଛୋଟ କାହାଣୀ କୁହାଯାଇଥିଲା । ଜଣେ ବ୍ୟକ୍ତି ଆସିଲେ ଏବଂ ଜଣେ ମତ୍ସ୍ୟଜୀବୀଙ୍କୁ ନିଯୁକ୍ତି ଦେଲେ ଯେ ସେ ତାଙ୍କୁ ପଶ୍ଚିମ ତଟରେ ମାଛ ଧରିବା ପାଇଁ ନେଇଯିବେ । ସେମାନେ ସେଦିନ ସକାଳେ ବାହାରିଲେ ।

328 ଯଦି ଆପଣମାନଙ୍କ ମଧ୍ୟରୁ କେହି ସେଠାରେ ସାଲ୍ମନ୍ ମାଛ ଧରିଛନ୍ତି, କାହିଁକି, ଆପଣ ଜାଣନ୍ତି ଯେ କଅଣ ଘଟିଥାଏ, ଏହା ସେଠାରେ ଭୟଙ୍କର କୁହୁଡି ହୋଇଥାଏ । ମୁଁ ମୋର ଛୋଟ ଭାଇ, ଏଡି ବିସ୍କାଲଙ୍କୁ, ସେଠାରେ ଥିବାର ଦେଖେ, ସେଠାରେ ରହିଥିବା ଭାରତୀୟମାନଙ୍କ ପାଇଁ ଜଣେ ମିଶନାରୀ ଭାବରେ । ଏବଂ ଆମେମାନେ ନିଜେ, ସେହି ଉପକୂଳରେ, ମାଛ ଧରିଛୁ ।

329 ତେଣୁ ଏହି ମତ୍ସ୍ୟଜୀବୀ ଏକ ପ୍ରକାର ନୂଆ କରି ମାଛ ଧରୁଥିଲେ, ଆପଣ ଜାଣନ୍ତି । ସେ ମାଛ ଧରିବାକୁ ଗଲେ, ଏବଂ ସେମାନେ ନଦୀ ଧାରାରେ ବହିଯିବାକୁ ଲାଗିଲେ । ଦିବାଲୋକ ଆସିବାର ଅପେକ୍ଷାରେ ରହିଥିଲେ, ଆପଣ ଜାଣନ୍ତି । ଏବଂ ସେମାନେ—ଏବଂ ସେମାନେ ଆଉ ଅଧିକ କୁହୁଡ଼ି ତୂରୀଶବ୍ଦକୁ ଶୁଣି ପାରି ନ ଥିଲେ, ଏବଂ ଏହି ମତ୍ସ୍ୟଜୀବୀ ସମସ୍ତ ପ୍ରକାରେ ଉତ୍ସାହିତ ହୋଇ ପଡ଼ିଲେ, କହିଲେ, "କୁହନ୍ତୁ, ଆମେ ସମୁଦ୍ର ଆଡକୁ ବହି ଯାଉଛୁ! ହେ!" ସମସ୍ତ ପ୍ରକାରେ ଉତ୍ସାହିତ ହୋଇ ପଡ଼ିଲେ ।

330 ସେ କହିଲେ, "ପୁଅ, ବସି ପଡ । ବସି ଯାଅ ।" ସେହି ପୁରୁଣା ମତ୍ସ୍ୟଜୀବୀ, ଶାନ୍ତ ଥିଲେ, ଆପଣ ଜାଣନ୍ତି । ସେ ଜାଣିଥିଲେ ସେ କହ ବିଷୟରେ କହୁଅଛନ୍ତି । କହିଲେ, "ସୂର୍ଯ୍ୟ ଉଦୟ ହେବା ପର୍ଯ୍ୟନ୍ତ କେବଳ ଅପେକ୍ଷା କର, ତାହାପରେ ଆମେମାନେ ଦେଖିପାରୁ ଯେ ଆମେମାନେ କେଉଁଠାରେ ଅଛୁ ।"

ଆପଣ କୁହନ୍ତି, "କଅଣ ମୁଁ ମେଥୋଡିଷ୍ଟ ହେବା ଜରୁରୀ କି? ବାପ୍‌ଟିଷ୍ଟ? ପେଣ୍ଟିକଷ୍ଟାଲ୍?"

331 କେବଳ ଅପେକ୍ଷା କରନ୍ତୁ । ସେହି ପୁତ୍ର ଆସନ୍ତୁ, ତାହାପରେ ଆମେ ଦେଖିବା ଯେ ଆମେମାନେ କେଉଁଠାରେ ଅଛୁ । ସେ ହେଉଛନ୍ତି ବାକ୍ୟ । ସେହି ବାକ୍ୟ ପ୍ରକଟିତ ହେବା ପର୍ଯ୍ୟନ୍ତ, ସେହି ବୀଜ୍ ଉପରେ ଉଜ୍ଜ୍ୱଳ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ, ସେହି ଦୋଳା ଯାଇଥିବା ବିଡା, ତାହାପରେ ଆମେମାନେ ଦେଖିବା ଯେ ଆମେ କେଉଁଠାରେ ଅଛୁ । କଅଣ ଆପଣ ତାହାଙ୍କୁ ପ୍ରେମ କରନ୍ତି କି?

332 ମୁଁ ଦୁଃଖିତ ଯେ ମୁଁ ଆପଣମାନଙ୍କୁ ଏତେ ସମୟ ଧରି ଅଟକାଇ ରଖିଲି । ଆପଣମାନଙ୍କ ମଧ୍ୟରୁ କେତେଜଣ ଆଜି ରାତି ପାଇଁ ରହିବାକୁ ଯାଉଛନ୍ତି? ଓଃ, ପୁନର୍ବାର ଆଜି ସନ୍ଧ୍ୟାରେ, ଫେରି ଆସନ୍ତୁ, ଦେଖନ୍ତୁ । ପ୍ରାୟଃ ସାତ ଘଟିକାରେ? କଅଣ ଆପଣଙ୍କ ସହିତରେ ଆଉ କେହି ଅଛନ୍ତି କି? [ଭାଇ ନେଭିଲ୍ କୁହନ୍ତି, "ନା ।"—ସମ୍ପା ।]

ଆସନ୍ତୁ ଆମେମାନେ ନିଜର ମସ୍ତକଗୁଡିକୁ ନତ କରିବା ।

333 କଅଣ ଏଠାରେ ଏପରି କେହି ଜଣେ ଅଛନ୍ତି କି, କିମ୍ବା ଅନେକେ, ଯେଉଁମାନେକି ନିଜ ଭିତରେ ଏହି ସଂଜୀବିତ ଶକ୍ତିକୁ ପାଇ ନାହାଁନ୍ତି? ପୁତ୍ର ସବୁଆଡେ ଉଜ୍ଜ୍ୱଳ ହୋଇଛନ୍ତି, ଏବଂ ଆପଣ ଏହି ଆରାଧନାଳୟରେ ବସି ରହିଛନ୍ତି, ଆପଣ ଟେପ୍‌ଗୁଡିକୁ ଶୁଣିଛନ୍ତି, ଏବଂ ତଥାପି ଆତ୍ମା ଆପଣଙ୍କୁ ସେପର୍ଯ୍ୟନ୍ତ କଦାପି ସଂଜୀବିତ କରି ନାହାଁନ୍ତି ଯେପର୍ଯ୍ୟନ୍ତକି ଆପଣ ପରମେଶ୍ୱରଙ୍କ ବାକ୍ୟକୁ ଅନୁସରଣ କରି ନ ପାରନ୍ତି, ଯେ ଆପଣ ସ୍ତ୍ରୀମାନେ ଓ ଆପଣ ପୁରୁଷମାନେ ପ୍ରତ୍ୟେକ ସେହି ବାକ୍ୟକୁ ମାନି ପାରିବେ ଯାହା ସେ ଲେଖିଅଛନ୍ତି! ଓଃ, ତାହା ଏକ ବିପଜ୍ଜନକ ବିଷୟ ଅଟେ । କଅଣ ହୁଏ ଯଦି ଆପଣ ଏକ ମୃତ ବୀଜ ହେବେ, ଆପଣଙ୍କ ଭିତରେ କୌଣସି ଜୀବନ ନ ଥାଏ? ମାତ୍ର ଆପଣଙ୍କ ଭିତରେ କିଛି ଗୋଟାଏ ବିଷୟ ଅଛି, ଯାହାକି ଆପଣଙ୍କୁ କୁହେ, "ମୁଁ—ମୁଁ ଆଜି ସକାଳେ, ଉଠିବାକୁ ଚାହେଁ । ମୁଁ ଯେଉଁ ଅବସ୍ଥାରେ

ଅଛି ସେଥିରୁ ମୁଁ ଉଠିବାକୁ ଚାହେଁ। ମୁଁ କେବଳ ଏକ ମୃତ ବୀଜ ହୋଇ ରହିବାକୁ ଚାହେଁ ନାହିଁ, ଧୂଳି ଏବଂ ଶୁଖିଲା କାଠରେ ପଡ଼ି ରହିବାକୁ ଚାହେଁ ନାହିଁ। ମୁଁ ଉଠିବାକୁ ଚାହେଁ।"

334 କଅଣ ଆପଣ ନିଜର ହାତକୁ ଉଠାଇ ଏହା, କହିବେ କି, "ଭାଇ, ମୋ ପାଇଁ ପ୍ରାର୍ଥନା କରିବେ"? ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ମୋର ପ୍ରଭୁ, ସେହି ହାତଗୁଡ଼ିକୁ ଦେଖ; ବେଦୀର ଏକ ଡାକରା ଦେବା ପାଇଁ ଅଦୌ କୌଣସି ଉପାୟ ନାହିଁ। ଯାହାକୁ ଆମେ ଏକ ବେଦୀର ଡାକରା ବୋଲି କହିଥାଉ, ଲୋକମାନେ ବେଦୀ ଚାରିପାଖରେ ଆସି ଏକତ୍ର ହୁଅନ୍ତି, ଯାହା ବି ହେଉ, ମୁଁ ତାହାର ସପକ୍ଷରେ ସେତିକି ନୁହେଁ। ତାହା ତ କେବଳ ମେଥୋଡିଷ୍ଟ ଉଦ୍ଦୀପନାର ଦିନଗୁଡ଼ିକରେ ମଣ୍ଡଳୀ ସହିତରେ ଯୋଗ କରି ଦିଆଯାଇଥିଲା। ବୁଝିଲେ?

335 ବାଇବଲ କୁହେ, "ଯେତେ ଲୋକ ବିଶ୍ୱାସ କଲେ," ଦେଖନ୍ତୁ, "ବାପ୍ତିଜିତ ହେଲେ।" ଏଠାରେ ଜଳରେ ପରିପୂର୍ଣ୍ଣ, ଏକ ପୁଷ୍କରିଣୀ ଅଛି, ଯାହାକି ଯେକୌଣସି ପ୍ରାର୍ଥୀ ନିମନ୍ତେ ଅପେକ୍ଷା କରୁଅଛି ଯିଏକି ନିଜ ପ୍ରତି ମରିବା ପାଇଁ ପ୍ରସ୍ତୁତ ଅଟନ୍ତି।

336 ତେବେ, ଆପଣ ପ୍ରଭୁ ଯୀଶୁଙ୍କ ନାମରେ, ଅନେକ ଥର, ସମାଧିପ୍ରାପ୍ତ ହୋଇ ଥାଇପାରନ୍ତି; ମାତ୍ର ଯେପର୍ଯ୍ୟନ୍ତ ସେହି ବୀଜଟି ଜୀବନ ନ ହୁଏ, ଦେଖନ୍ତୁ, ଏହା ତାକୁ ସଂଜୀବିତ କରିବ ନାହିଁ। ନା, ନା, ନା। ଜଳର ବାପ୍ତିସ୍ମ ସ୍ୱର୍ଗରୁ ପଡୁଥିବା ଶିଶିର ପରି ଅଟେ; ଏହା ବୀଜ ଉପରେ ପଡିପାରେ, ମାତ୍ର, ଯଦି ସେଠାରେ କୌଣସି ଜୀବନ ନାହିଁ, ଏହା ବଞ୍ଚିପାରେ ନାହିଁ।

337 ମାତ୍ର ଯଦି ତାହା ନିଜ ପ୍ରତି ମୃତ ହେବାର, ଜଳର ପ୍ରକୃତ ବାପ୍ତିସ୍ମ ଅଟେ, ଏବଂ ଆପଣ ସେହିସବୁ ବିଷୟ ପ୍ରତି ମରିବାକୁ ପ୍ରସ୍ତୁତ ଅଟନ୍ତି ଯେଉଁଥିରେକି ଆପଣ କଦାଚ ବିଶ୍ୱାସମତ ଏବଂ ନାମଧାରୀ ସଂସ୍ଥାଗୁଡିକରେ ଧରା ହୋଇ ରହିଛନ୍ତି, ଯାହାକି ବାକ୍ୟର ବିରୋଧରେ ଅଟେ, ଏବଂ ଆପଣ ଜଣେ ପରମେଶ୍ୱରଙ୍କ ପୁତ୍ର କିମ୍ବା କନ୍ୟା ପରି ଗମନ କରିବେ, ଏବଂ ଆପଣ ନିଜ ହୃଦୟରେ ଏହାର ଅଭିପ୍ରାୟ ରଖିବେ, ଦେଖନ୍ତୁ ଯେ ଆଜି ସକାଳେ ସେହି ଜଳର ବାପ୍ତିସ୍ମ ଆପଣଙ୍କ ପାଇଁ କଅଣ କରିବ। "ତୁମେମାନେ, ପ୍ରତ୍ୟେକ ଜଣ ମନଫେରଣ କର, ଏବଂ ନିଜ ନିଜର ଭୁଲଗୁଡିକ ପାଇଁ, ନିଜର ପାପ ମୋଚନ ପାଇଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ, ଏବଂ ତୁମେ ସେହି ବିଡା, ସେହି ଦୋଳନୀୟ-ନୈବେଦ୍ୟ ପ୍ରାପ୍ତ ହେବ। ତୁମେ ସେହି ଗତିକୀ, ପବିତ୍ରଆତ୍ମା ପ୍ରାପ୍ତ ହେବ। କାରଣ ସେହି ପ୍ରତିଜ୍ଞା ତୁମ ପାଇଁ, ଏବଂ ସେମାନଙ୍କ ସମସ୍ତଙ୍କ ପାଇଁ ଅଟେ। ସମସ୍ତ ପୀଢୀ ପାଇଁ, ଏହା ହେବ।"

338 ପିତା ପରମେଶ୍ୱର, ମୁଁ—ମୁଁ ଅତି ବିସ୍ତୃତ ଭାବରେ କହିଅଛି, ଏବଂ ଲୋକମାନଙ୍କର ବହୁତ ସମୟ ନେଇଅଛି, ମାତ୍ର, ପ୍ରଭୁ ପରମେଶ୍ୱର, ଏଥିରେ କୌଣସି ଅଟକି ଯିବାର ନାହିଁ। ଏହା ତ କେବଳ ଏହିପରି ଲାଗେ ଯେପରି ଆପଣଙ୍କୁ ସବୁ ବିଷୟ ଛାଡି ଚାଲିଯିବାକୁ ହେବ, ଏବଂ ବିଶ୍ରାମ ନେଇ, ପୁଣି ଫେରିବାକୁ ହେବ। ଆମେମାନେ ଏକ ମୃତପ୍ରାୟଃ ଜଗତରେ, ମୃତପ୍ରାୟଃ ଲୋକମାନଙ୍କ ମଧ୍ୟରେ ବାସ କରୁଅଛୁ; ଜୀବନର ଏକ ବାର୍ତ୍ତା ସହିତ, ଏବଂ

ପୁନରୁତ୍ଥାନର ଏକ ପ୍ରମାଣ ସହିତ ରହିଅଛୁ । ପ୍ରିୟ ପରମେଶ୍ୱର, ଆମେମାନେ କେବଳ ଥରେ ମର୍ତ୍ତ୍ୟ ହେବାକୁ ଯାଉଅଛୁ, ଏବଂ ଏହା କଅଣ ହେବ ଯଦି ଆମେ ଏହି ସୁଯୋଗକୁ ଆମଠାରୁ ହାତଛଡା କରିବାକୁ ଦେଉ?

339 ଆମର ହୃଦୟଗୁଡିକ ଦଗ୍ଧ ହେଉଅଛି; ଆମର ପ୍ରାଣଗୁଡିକ ଉତ୍ସାହିତ ହେଉଅଛି; ଏମାନେ ଯେଉଁମାନେକି ଭିତରକୁ ଆସିଛନ୍ତି । ଏବଂ ଏଠାରେ ଅନେକ ଲୋକମାନେ ଆଜି ସକାଳେ ଏହି ବାର୍ତ୍ତା ଶୁଣୁଅଛନ୍ତି । ହଁ, ଦୁଇ କିମ୍ୱା ତିନି ଶହଜଣ ସେମାନଙ୍କର ହାତଗୁଡିକୁ ଉଠାଇ ଅଛନ୍ତି । ପ୍ରଭୁ, ସେମାନେ ବିଶ୍ୱାସ କରିବାକୁ ଚାହାଁନ୍ତି । ଓଃ, ନିଶ୍ଚିତରେ ସେହି ବୀଜଟି ମୃତ ନୁହେଁ, ପ୍ରଭୁ । କିପରି ଭାବରେ ସେମାନେ ନିଜର ହାତକୁ ଏପରି ଉଠାଇ ପାରିବେ? କିଛି ଗୋଟାଏ ତ ଅଛି । ହେ ପରମେଶ୍ୱର, ଏହା ତ ସେହି ପୁରୁଣା ଆତ୍ମ ବିଷୟ ଅଟେ, ଏହା ତ ଆୟୁବର ସେହି ସ୍ତ୍ରୀ ସେଠାରେ ଛିଡା ହୋଇ, କହୁଅଛି, "ଓଃ!" ମାତ୍ର, ପ୍ରଭୁ, ଏହା ହେଉ ଯେ ସେହି ଆୟୁବ, ସେହି ବିଶ୍ୱାସୀ, ଆଜି ସକାଳେ, ଭିତରକୁ ଆସନ୍ତୁ, ସଂପୂର୍ଣ୍ଣ ଭାବରେ ମରି ଯାଉନ୍ତୁ, ଏବଂ ଏଠାରେ ଜଳର ଏହି ବାପ୍ତିସ୍ମରେ କବରପ୍ରାପ୍ତ ହେଉନ୍ତୁ ।

340 ସ୍ୱର୍ଗରୁ ଆସୁଥିବା ସେହି ଶିଶିର ଟୋପାଗୁଡିକ, ପରମେଶ୍ୱରଙ୍କ ସେହି ବାକ୍ୟ ଯାହାକି କହିଥାଏ ଯେ ଏହା ପ୍ରତ୍ୟେକ ପାପକୁ ଧୋଇ ଦେବ ଏବଂ ଏହାକୁ ମୋଚନ କରିବ! ଆପଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୋଇଛନ୍ତି, କଅଣ ପାଇଁ? ନିଜର ପାପ ମୋଚନ ନିମନ୍ତେ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପାପ ମୋଚନ କରାଯାଏ ।

341 ତେବେ, ଏହା ହେଉ ଯେ, ପିତା, ହେଉ…ଯଦି ସେମାନେ ଅସୁସ୍ଥ ଅଛନ୍ତି, ସେମାନେ ସୁସ୍ଥ ହୋଇ ବାହାରକୁ ଯାଆନ୍ତୁ । ତେବେ, ଯଦି ସେମାନେ ଅପଙ୍ଗ ଅଟନ୍ତି, ଏହା ହେଉ ଯେ ସେମାନେ ପବିତ୍ରଆତ୍ମାଙ୍କ ଶକ୍ତି ଅଧୀନରେ ଗମନ କରନ୍ତୁ । ଯଦି ସେମାନେ ପାପୀ ରହି ଆସିଛନ୍ତି, ଏହା ହେଉ ଯେ ସେମାନେ ଧୌତ ହୋଇ ପରିଷ୍କୃତ କରାଯାଇ ବାହାରକୁ ଯାଆନ୍ତୁ । ଏବଂ ସେହି ଯାନ୍ତ୍ରିକୀ, ଭିତରକୁ ଯିବା ଦ୍ୱାରା; ସେହି ଗତିକୀ ଉର୍ଦ୍ଧ୍ୱରୁ ଆସୁ, ସେହି ପବିତ୍ରଆତ୍ମା, ଏବଂ ସେମାନଙ୍କୁ ଧରି ନେଇଯାଉ, ପ୍ରଭୁ । ସେମାନଙ୍କର ମର୍ତ୍ତ୍ୟ ଶରୀରକୁ ସଂଜୀବିତ କର, ତାହାପରେ ଆମେ ପ୍ରକୃତ ନୂତନ ଭାଷାମାନ, ପରମେଶ୍ୱରଙ୍କ ଶକ୍ତି, ଅବର୍ଣ୍ଣନୀୟ ପ୍ରେମ ବିଷୟ ଶୁଣିବା, ମୃତପ୍ରାୟଃ ଅନୁଗ୍ରହ ଓ ଜୀବନ୍ତ ଅନୁଗ୍ରହ; ଏବଂ ଏକ ପୁନରୁତ୍ଥିତ ଖ୍ରୀଷ୍ଟ, ଏକ ଶରୀର, ପୃଥିବୀରେ ତାଙ୍କୁ ପ୍ରତିନିଧିତ୍ୱ କରୁଥିବା ଜଣେ କନ୍ୟା ବିଷୟରେ ଶୁଣିବା ।

342 ପିତା, ସେମାନେ ତୁମର ଅଟନ୍ତି । ସେମାନେ ନିଜର ହାତଗୁଡିକ ଉଠାଇ ଅଛନ୍ତି । ମୁଁ ବାକ୍ୟ ପ୍ରଚାର କରିଛି । ବର୍ତ୍ତମାନ, ପିତା, ମୁଁ ପ୍ରାର୍ଥନା କରେ ଯେ ସେମାନଙ୍କୁ ଗ୍ରହଣ କର । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ଏହାକୁ ମାଗୁଅଛି । ଆମେନ୍ ।

343 କଅଣ ଆପଣ ତାହାଙ୍କୁ ପ୍ରେମ କରନ୍ତି? କଅଣ ସେ ଆଶ୍ଚର୍ଯ୍ୟଜନକ ନୁହଁନ୍ତି କି? କଅଣ ଆପଣ ସେଥିରେ ସନ୍ତୁଷ୍ଟ ଅଟନ୍ତି ଯେ ଆପଣ ସେହି ଇଷ୍ଟର ପୁନରୁତ୍ଥାନର ଏକ ଅଂଶ ଅଟନ୍ତି, ଯେ ଆପଣ ତାହାଙ୍କ ସହିତ ଉଠି ଅଛନ୍ତି? ନିଜର ହାତ ଉଠାନ୍ତୁ । ଆପଣ ଅନ୍ତର୍ଭୁକ୍ତ ଅଟନ୍ତି ।

344 "ମୋର ଛୋଟ ପିଲାମାନେ," ଯେପରିକି ପାଉଲ କହିଥାନ୍ତେ । ତାହାଙ୍କୁ ନକଲ କରିବାକୁ ଚେଷ୍ଟା କରୁନାହିଁ, ମାତ୍ର, ସେହି ପ୍ରେମ, ମୁଁ ଆପଣମାନଙ୍କୁ ପ୍ରେମ କରେ । ମୁଁ ଏଠାକୁ ଆସିବା ପାଇଁ, ରାସ୍ତା ଏବଂ ସବୁ କିଛିକୁ ଅତିକ୍ରମ କରି ଆସିଛି, ଯେପରିକି ଆପଣମାନଙ୍କ ସହିତ କଥା ହେବାର ସୁଯୋଗ ପାଇପାରେ । ଏଠାକୁ ଆସିବା ପାଇଁ ମରୁଭୂମିରୁ, ତୁଷାରପାତ ଦେଇ, ଏବଂ ପ୍ରଭୃତି ସବୁ ସ୍ଥାନ ଦେଇ ଆସିଛି । ଆମେମାନେ ବିମାନରେ ଉଡିଥାଉ । ଆପଣମାନେ ସମଗ୍ର ଦେଶରେ ଗାଡି ଚଲାଇ ଆସନ୍ତି, ଯେଣୁ ଆମେ ଏକାଠି ହୋଇପାରୁ । ଆମେ ପରସ୍ପରକୁ ପ୍ରେମ କରୁ ।

345 ଆମେ ପରସ୍ପର ଜଣେ ଅନ୍ୟର ଅଂଶ ଅଟୁ। ଆପଣ ଶୟତାନକୁ କେବେ ହେଲେ ଆପଣଙ୍କୁ ଅନ୍ୟ କିଛି ବିଷୟ କହିବାକୁ ଦିଅନ୍ତୁ ନାହିଁ। ପରସ୍ପର ଜଣେ ଅନ୍ୟର ଅଂଶ ହେବା ଦ୍ୱାରା, ଆମେ ତାହାଙ୍କର ଏକ ଅଂଶ ଅଟୁ । ଏବଂ ଆମେମାନେ ଏକାଠି, ସେହି ପୁନରୁତ୍ଥାନର, ଏହି ଆଶୀର୍ବାଦକୁ ଉପଭୋଗ କରୁଥାଇ, ସେହି ରାଜ୍ୟର ସହନାଗରିକ ଅଟୁ ।

346 ଏବଂ ବର୍ତ୍ତମାନ, ଦେଖନ୍ତୁ, ତେବେ ଆପଣ ପୁନରୁତ୍ଥିତ ହୋଇ ସାରିଛନ୍ତି । ଯେତେବେଳେ ପରମେଶ୍ୱର ତାହାଙ୍କୁ ଉଠାଇଥିଲେ, ସେ ଆପଣଙ୍କୁ ଉଠାଇଥିଲେ । ପୁତ୍ର ବର୍ତ୍ତମାନ କେବଳ ଆପଣଙ୍କ ଉପରେ ଅଛନ୍ତି, ଏବଂ ବର୍ତ୍ତମାନ ଆପଣ ତାହାଙ୍କ ପରି ଏକ ପ୍ରସ୍ଫୁଟିତ ଫୁଲର ଜୀବନରେ ବୃଦ୍ଧି ପାଉଅଛନ୍ତି, ଯେପରିକି ସେହି ଶେଷ ଦିନରେ ସମ୍ପୂର୍ଣ୍ଣ ଭାବେ ପୁନରୁତ୍ଥିତ ହୁଅନ୍ତି । ଆପଣଙ୍କର ସମ୍ଭାବନାମାନ, ଆପଣଙ୍କ ପାଖରେ ବର୍ତ୍ତମାନ ରହିଛି । ଆପଣ କାହିଁକି ଜାଣନ୍ତି? ଆପଣଙ୍କର ପ୍ରାଣ ବଦଳି ଯାଇଛି, କଅଣ ନୁହେଁ କି? ଆପଣଙ୍କର ଶରୀର ଏହା ପ୍ରତି ଆଜ୍ଞାବହ ହୋଇଛି, କଅଣ ନୁହେଁ କି? ଆଜ୍ଞାବହ ହୋଇଛି (କାହା ପ୍ରତି, ଏକ ମଣ୍ଡଳୀ?) ବାକ୍ୟ ପ୍ରତି, ଯାହାକି ଜୀବନ ଅଟେ, ତେବେ ଯାଇ ଆପଣ ବର୍ତ୍ତମାନ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥିତ ଅଟନ୍ତି । ଏହା ଯୀଶୁ ଏବଂ ମୋ ସହିତ, ଇଷ୍ଟର ଅଟେ । ଏହା ଆପଣ ଏବଂ ଯୀଶୁଙ୍କ ସହିତ, ଇଷ୍ଟର ଅଟେ । ଏବଂ ଏହା ଆପଣ, ମୋ, ଏବଂ ଯୀଶୁଙ୍କ ସହିତ, ଇଷ୍ଟର୍ ଅଟେ । ଆମେ ସମସ୍ତେ...କିମ୍ବା, ଯୀଶୁ, ଆପଣ, ଏବଂ ମୁଁ, ଆମେମାନେ ସମସ୍ତେ ଏକାଠି ପୁନରୁତ୍ଥିତ ଅଟୁ ।

347 ଏବଂ ଆମେ ଶେଷ ଦିନରେ ଉତ୍ଥିତ ହେବୁ, ଯଦିଓ ଆମର ଆତ୍ମାଗୁଡିକ ଆମ ଶରୀର ଛାଡି ଚାଲିଯାଇଥିବ, ଯଦିଓ ଶରୀରଗୁଡ଼ିକ କ୍ଷୟପ୍ରାପ୍ତ ହୋଇଥିବ, ସେମାନେ ଧୂଳିରେ ଯାଇଥିବେ, ସେମାନେ ଜଳି ପୋଡି ଯାଇଥିବେ, ସେମାନେ ସମୁଦ୍ରର ତଳ ଭାଗରେ ରହିଥିବେ । ବାଇବଲ କୁହେ, "ଜଣେ ସ୍ୱର୍ଗଦୂତ ସମୁଦ୍ର ଉପରେ ନିଜର ବିଷୟକୁ ଢାଳିଲେ, ଏବଂ ମରିଥିବା ସମସ୍ତ ଜିନିଷ ଉଠି ଆସିଲା ।" ଏପରି କୌଣସି ବିଷୟ ନାହିଁ ଯାହାକି ସେହି ପରମେଶ୍ୱରଙ୍କଠାରୁ ଆମକୁ ଲୁଚାଇପାରେ, କିମ୍ବା ପୃଥକ କରିପାରେ, ଯାହାଙ୍କୁ ଆମେ ଏତେ ଅଧିକ ପ୍ରେମ କରୁ, ଯିଏକି ଆମକୁ ଏକାଠି ଉତ୍ଥିତ କରିଅଛନ୍ତି ।

348 ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ମୁଁ ଆପଣମାନଙ୍କୁ ଏଠାରେ ବହୁତ ସମୟ ଧରି ରଖିଅଛି । ଯଦି ସେହି ଲୋକମାନେ ଏବେ ସୁଦ୍ଧା ସେହି ଟେଲିଫୋନ୍ ସଂଯୋଗରେ

ଅଛନ୍ତି, ସେମାନେ ନିଶ୍ଚିତ...ଗୋଟିଏ ମିନିଟରେ ପଚାଶ ସେଣ୍ଟ ଦରରେ, ସେମାନେ ଆଜି ସକାଳେ, ପ୍ରକୃତରେ ବହୁତ ମୂଲ୍ୟ ଦେଇଛନ୍ତି । ମାତ୍ର, ମୁଁ ଠିକ ସେହି ଘଟିକାରେ ଅଟକି ପାରିଲି ନାହିଁ, ମୋତେ ତ କେବଳ ଆଗକୁ ବଢିବାକୁ ହିଁ ଥିଲା ।

349 ବର୍ତ୍ତମାନ, ଯଦି ପ୍ରଭୁ ଇଚ୍ଛା କରନ୍ତି, ମୁଁ ଆଜି ରାତି ଆପଣମାନଙ୍କ ସହିତରେ, ଆଉଥରେ କଥାବାର୍ତ୍ତା କରିବା ପାଇଁ ଫେରି ଆସିବି । ଆଉ ଯଦି ମୁଁ ନ ଆସିପାରେ, ପୁଣି ତେବେ ଆପଣମାନେ ସମସ୍ତେ ଜାଣିଛନ୍ତି...ମୁଁ ଭାବୁଛି ଯେ ଆମେମାନେ କୌଣସି ସେଥିରେ ନାହୁଁ... କିମ୍ବା ନା...ଆମେମାନେ ଆଉ ଅଧିକ ଟେଲିଫୋନ୍ ସଂଯୋଗରେ ନାହୁଁ କି? ଟେଲିଫୋନ୍ ସଂଯୋଗରେ ଆଉ ଅଧିକ ନାହୁଁ ।

350 ଆପଣମାନେ ସମସ୍ତେ ଜାଣିଛନ୍ତି ଯେ ମୁଁ କେଉଁଆଡେ ଯାଉଅଛି, କଅଣ ଆପଣ ଜାଣିଛନ୍ତି କି? ଆଫ୍ରିକା! ମୋତେ ବହୁତ ସମୟ ହେଲାଣି ଡକା ହୋଇଛି; ବର୍ଷ ବର୍ଷ ଧରି ମୁଁ ଫେରିବାକୁ ଚେଷ୍ଟା କରିଛି । ତେବେ ଏକ ଦର୍ଶନ, ପ୍ରଭୁଙ୍କ ଆତ୍ମା ମାର୍ଗ ପ୍ରସ୍ତୁତ କରିଛନ୍ତି । ସେମାନେ କହିଲେ, ଯେତେବେଳେ ସେହି ଗରିବ ମୂଳ ଅଧିବାସୀମାନେ ଏହା ଶୁଣିଲେ, ଯେ ମୁଁ ଯେତେବେଳେ ବିଗତ ଥର ସେଠାରେ ଥିଲି ସେହି ସ୍ଥାନକୁ ଆସିଲି ନାହିଁ, ସେମାନେ ଦିନରାତି ସେହି ଭୂମିରେ ପଡ଼ି ରହିଲେ, ଏବଂ ଦୁଃଖରେ କ୍ରନ୍ଦନ କରି, କହିଲେ, "ପ୍ରଭୁ, ଆମେମାନେ କଅଣ କରିଛୁ?" ସେମାନଙ୍କ ମଧ୍ୟରୁ ହଜାର ହଜାର । ସେହି ଲୋକମାନେ ତ ଏହା ସୁଦ୍ଧା ବିଶ୍ୱାସ କରନ୍ତି ନାହିଁ ଯେ ସେମାନଙ୍କଠାରେ ଏକ ପ୍ରାଣ ଅଛି । ବୁଝିଲେ? ଏବଂ ସେମାନେ କାନ୍ଦିଲେ ଓ ସେମାନେ ମନଦୁଃଖ କଲେ, ଏବଂ କ୍ରନ୍ଦନ କଲେ ।

351 ଆପଣ ଆଗରୁ କୌଣସି ବାର୍ତ୍ତା ପଠାନ୍ତୁ ନାହିଁ । ଦୟାକରି କରନ୍ତୁ ନାହିଁ । ଦେଖନ୍ତୁ, ଯଦି ସେହି ଭିସା ଅନୁମତିପତ୍ର ସେଠାକୁ ଯାଏ ଓ ସେହି ସେବକଗଣଙ୍କ ମଧ୍ୟରେ ପହଞ୍ଚେ, ସେମାନେ ମୋତେ ଠିକ ସେହିଠାରେ ହିଁ ଅଟକାଇ ଦେବେ । ମୋତେ ତ ସେଠାକୁ ଜଣେ ଶିକାରୀ ଭାବରେ ଭିତରକୁ ଯିବାକୁ ଅଛି । ମୁଁ ତ ସେହି ରାଣୀ ପାଖକୁ ଯାଉଅଛି ଯିଏକି ସତର ଟ୍ରେନ୍‌ଗାଡି ଭରି ବସ୍ତୁ ଆଣିଥିଲେ ଓ ସଭାକୁ ଆସିଥିଲେ । ମୋତେ ଯାଇ ତାଙ୍କ ଅଞ୍ଚଳରେ ଅନୁସନ୍ଧାନ କରିବାକୁ ଅଛି । ଏବଂ ମୁଁ ଭିତରକୁ ଯାଏ, ମୋର ପାସପୋର୍ଟ ଏବଂ ସବୁକିଛି ଏକ ଶିକାରୀର ପ୍ରୟୋଜନ କରୁଅଛି, କୌଣସି ଧାର୍ମିକ ସେବାରେ ନୁହେଁ ।

352 ତାହାପରେ ସେଠାରେ ଜଣେ ଭାଇ ମୋତେ ଭେଟିବାକୁ ଯାଉଛନ୍ତି, କହିବେ, "କାହିଁକି ଆପଣ ଆମ ପାଇଁ ଏକ ଛୋଟ ସଭା କରୁ ନାହାଁନ୍ତି?" ଷ୍ଟାଡିୟମଗୁଡିକ ଆଗରୁ ଭଡା କରା ଯାଇସାରିଛି । ସେମାନେ ତ ଏପରିକି ତାହା ଜାଣନ୍ତି ସୁଦ୍ଧା ନାହିଁ । ବୁଝିଲେ? ଓଃ, ମହିମା ହେଉ!

353 ପ୍ରାର୍ଥନା କରନ୍ତୁ ଯେପରି ପରମେଶ୍ୱରଙ୍କ ଇଚ୍ଛାରେ ବାଧା ନ ହୁଏ । ଯେ, ମୋର ପ୍ରାଣ ଯାହାକି ଆଫ୍ରିକା ପାଇଁ କ୍ରନ୍ଦନ କରୁଥିଲା ଯେଉଁ ଦିନଠାରୁ ମୁଁ ଛାଡ଼ି ଆସିଅଛି, ହୋଇପାରେ ଯେ ମୁଁ ପୁନର୍ବାର ଫେରିବାକୁ ସମର୍ଥ ହେବି, ତାହାପରେ ଆପଣଙ୍କୁ ଏକ ମହାନ ସଭାର ବାର୍ତ୍ତା ଆଣିବି । ବୋଧହୁଏ ଆଜିଠାରୁ, ମୁଁ ଆଉ ଆପଣମାନଙ୍କୁ ଦେଖିବି ନାହିଁ, ଯେପର୍ଯ୍ୟନ୍ତ ମୁଁ ଫେରି

ନ ଆସେ । ଆମେମାନେ ଆଜିଠାରୁ, ଅଳ୍ପ କିଛି ଦିନ ମଧ୍ୟରେ ଯାଉଅଛୁ, ମଇ ମାସର ଦଶମ ଦିନାଙ୍କରେ । କଅଣ ଆପଣମାନେ ମୋ ପାଇଁ ପ୍ରାର୍ଥନା କରିବେ କି?

354 ମନେରଖନ୍ତୁ, ଆପଣ ଜାଣନ୍ତି ନାହିଁ ଯେ ଅସୁବିଧାଗୁଡିକ କଅଣ, ଯେପର୍ଯ୍ୟନ୍ତକି ଆପଣ ସେଠାରେ ସମ୍ମୁଖୀନ ନ ହୁଅନ୍ତି; ପ୍ରତ୍ୟେକ ପାର୍ଶ୍ୱରେ ଯାଦୁକରମାନେ ଥିବେ, ଏବଂ ଶୟତାନ ଥିବ, ଏବଂ ଏହା ଭାବନ୍ତୁ ନାହିଁ ଯେ ସେମାନେ ଜାଣନ୍ତି ନାହିଁ ଯେ କଅଣ କରିବାକୁ ଅଛି । ବୁଝିଲେ? ଏବଂ ଆପଣ କଅଣ କହୁଅଛନ୍ତି ତାହା ବିଷୟରେ ଭଲ ଭାବରେ ଜାଣିଥାଆନ୍ତୁ, ଯେତେବେଳେ ଆପଣ ସେମାନଙ୍କ ସମ୍ମୁଖରେ ଛିଡା ହେବେ । "ମାତ୍ର ମୁଁ ତାହାଙ୍କୁ ଜାଣେ ଯାହାଙ୍କଠାରେ ବିଶ୍ୱାସ କରିଅଛି, ଏବଂ ମୁଁ ଏଥିରେ ସୁନିଶ୍ଚିତ ଯେ ମୁଁ ତାହାଙ୍କଠାରେ ସେହି ଦିନ ନିମନ୍ତେ ଯାହା ସମର୍ପିତ କରିଅଛି ସେ ତାହା ରକ୍ଷା କରିବାକୁ ସକ୍ଷମ ।"

ତେବେ, ଏଠାରେ କିଛି ରୁମାଲଗୁଡିକ ରଖା ହୋଇଛି ।

355 ପ୍ରିୟ ପରମେଶ୍ୱର, ଯେପରିକି ଆଜି ସକାଳେ, ପୁନରୁତ୍ଥାନର ଏହି ବାର୍ତ୍ତା ଆସିଛି, ଏବଂ ମୁଁ ଏଠାରେ ଛିଡା ହୋଇଛି, ପ୍ରଭୁ, ଏବଂ ବାକ୍ୟ ଦ୍ୱାରା ପ୍ରମାଣ କରୁଅଛି ଯେ ସେହି ସଂଜୀବିତ ଶକ୍ତି ବିଶ୍ୱାସ କରୁଥିବା ପିଲାମାନଙ୍କଠାରେ ଥାଏ । ତେଣୁକରି, ବିଶ୍ୱାସରେ, ଏହା ପ୍ରତ୍ୟୟ କରି, ଯେ ସେହି ସଂଜୀବିତ ଶକ୍ତି ମୋ ଜୀବନକୁ ବଦଳାଇ ଦେଇଛି । ଏବଂ ଏହି ଲୋକମାନେ ବିଶ୍ୱାସ କରନ୍ତି, ପ୍ରଭୁ, ଏବଂ ଏହା ସେମାନଙ୍କ ଜୀବନକୁ ବଦଳାଇ ଦେଇଛି । ଏବଂ ଆମେ ପରସ୍ପର ଜଣେ ଅନ୍ୟ ପାଇଁ ପ୍ରାର୍ଥନା କରୁଅଛୁ ।

356 ମୁଁ ଏହି ରୁମାଲଗୁଡିକ ଉପରେ ନିଜର ହାତକୁ ରଖୁଅଛି, ଯେପରିକି…ଏହା ହେଉ ଯେ ପରମେଶ୍ୱର, ଯିଏକି ଯୀଶୁ ଖ୍ରୀଷ୍ଟଙ୍କୁ ସଂଜୀବିତ କରି ମୃତମାନଙ୍କ ମଧ୍ୟରୁ ଉଠାଇ ଆଣିଥିଲେ, ଏବଂ ସେହି ଆତ୍ମା ଯାହାକି ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଥିଲା, ସେ ଆମ ଶରୀରରେ ବାସ କରନ୍ତୁ ।

357 ସେହି ଆତ୍ମା ଯାହାକି ଇଲୀଶାୟଙ୍କ ଶରୀର ଉପରେ ଥିଲା, ତାହା, ସେ ମରିଯିବା ପରେ ଏବଂ ହାଡ ଛଡା ଆଉ କିଛି ବାକି ରହି ନ ଥିଲା, ମାତ୍ର ସେଥିରେ ସଂଜୀବିତ ଶକ୍ତି ରହିଥିଲା । ପ୍ରେରିତମାନଙ୍କ ହାତରେ ତାହା ସଂଜୀବିତ ଶକ୍ତି ରହିଥିଲା । ପ୍ରେରିତମାନଙ୍କ ମନ, ପ୍ରେରିତମାନଙ୍କ ଦୃଷ୍ଟି, ବିଶ୍ୱାସୀମାନଙ୍କର ସେହି—ସେହି ଭାଷା, ସମସ୍ତ ବିଷୟରେ ସଂଜୀବିତ ଶକ୍ତି ରହିଥିଲା ।

358 ତେବେ ଏହା ହେଉ ଯେ ସେହି ସଂଜୀବିତ ଶକ୍ତି, ଯେତେବେଳେ ମୁଁ ସେମାନଙ୍କ ଉପରେ ଏହି ବାକ୍ୟକୁ ରଖେ, ଏବଂ ଏକ ମାଲିକକୁ ପ୍ରତିନିଧିତ୍ୱ କରୁଥିବା ସ୍ୱରୂପେ ମୋର ହାତକୁ ରଖେ, ସେହି ସଂଜୀବିତ ଶକ୍ତିର, ଅନୁଗ୍ରହ ଦ୍ୱାରା, ଏହା ହେଉ ଯେ ତାହା ଏହି ସମସ୍ତ ଅସୁସ୍ଥ ଶରୀରଗୁଡିକୁ ଜୀବନ୍ତ କରୁ, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମ ଦେଇ, ହେ ପରମେଶ୍ୱର, ସେମାନେ ପୁନର୍ବାର ସୁସ୍ଥ କରାଯାଆନ୍ତୁ ।

359 ଏହା କେବଳ ଏହି ରୁମାଲଗୁଡିକ ପାଇଁ ନୁହେଁ, ବରଂ ଶ୍ରୋତାବୃନ୍ଦଙ୍କ ମଧ୍ୟରେ ଥିବା ସେହି ଲୋକମାନଙ୍କ ପାଇଁ, ଏପରି ପ୍ରତ୍ୟେକ ଜଣ ଯେଉଁମାନେକି ଯନ୍ତ୍ରଣା ଭୋଗୁଛନ୍ତି । ସେହି ସାନ ସାନ ପିଲାମାନେ, ବୃଦ୍ଧ ବ୍ୟକ୍ତିମାନେ, ଯାହାକିଛି ବି ସେମାନେ ଅଟନ୍ତି, ସେହି ସଂଜୀବିତ ଶକ୍ତି ସେମାନଙ୍କୁ ଠିକ ବର୍ତ୍ତମାନ ହିଁ, ଯୀଶୁଙ୍କ ନାମରେ ଜୀବନ୍ତ କରୁ । ଆମେନ୍ ।

360 ତେବେ, କେତେ ଜଣଙ୍କ ପାଖରେ ସଂଜୀବିତ ଶକ୍ତି ଅଛି? ବର୍ତ୍ତମାନ ପରସ୍ପର ଜଣେ ଅନ୍ୟ ଉପରେ ହାତ ରଖନ୍ତୁ, ଯଦି ସେହି ସଂଜୀବିତ ଶକ୍ତି ଆପଣଙ୍କଠାରେ ଅଛି ।

361 ତେବେ, କେବଳ ଗୋଟିଏ ବିଷୟ ଅଛି ଯାହାକି ଏହାକୁ ସେଥିରୁ ଦୂର ରଖିଥାଏ, ବାଧା ଦେଇଥାଏ, ତାହା ହେଉଛି ଆପଣଙ୍କର ଅବିଶ୍ୱାସ । ଜଣେ ସ୍ତ୍ରୀଲୋକ ତାଙ୍କ ବସ୍ତ୍ରକୁ ଛୁଇଁଲା, ସୁସ୍ଥ ହୋଇଗଲା; ଜଣେ ରୋମୀୟ ସୈନିକ ତାଙ୍କ ମୁହଁରେ ଛେପ ପକାଇ, ନରକକୁ ଚାଲିଗଲା । ବୁଝିଲେ? ତେଣୁକରି ତାହା...ଏହା ତାହା ଉପରେ ନିର୍ଭର କରେ ଯେ ଆପଣ କେଉଁଠାରେ ଅଛନ୍ତି । କଅଣ ଆପଣ ଏହାକୁ ବିଶ୍ୱାସ କରନ୍ତି କି? କଅଣ ଆପଣ ଏହାକୁ ବିଶ୍ୱାସ କରନ୍ତି କି?

362 ବର୍ତ୍ତମାନ ମୁଁ ଚାହେଁ ଯେ ଆପଣମାନେ ନିଜର ମସ୍ତକଗୁଡିକୁ ନତ କରନ୍ତୁ ଏବଂ ପରସ୍ପର ଜଣେ ଅନ୍ୟ ପାଇଁ ପ୍ରାର୍ଥନା କରନ୍ତୁ । କେବଳ—କେବଳ ପ୍ରାର୍ଥନା କରି ଚାଲନ୍ତୁ, କେବଳ କୁହନ୍ତୁ, "ପ୍ରଭୁ, ଏହି ବ୍ୟକ୍ତି"...ଦେଖନ୍ତୁ, କେବଳ ଜଣେ ଅନ୍ୟ ପାଇଁ ପ୍ରାର୍ଥନା କରନ୍ତୁ ।

363 ପ୍ରିୟ ପରମେଶ୍ୱର, ଆମେ ଏହା ଯୀଶୁ ଖ୍ରୀଷ୍ଟଙ୍କ ନାମରେ କରୁଅଛୁ, ସେହି ଏକମାତ୍ର ନାମ ଯାହାକି ମନୁଷ୍ୟ ମଧ୍ୟରେ ଦିଆଯାଇଅଛି ଯାହା ଦ୍ୱାରା ଆମେମାନେ ଉଦ୍ଧାର କରା ଯାଇପାରିବା କିମ୍ବା ସୁସ୍ଥ ହୋଇପାରିବା । ଏହି ଲୋକମାନେ, ଯେଉଁମାନେକି ରାଜ୍ୟର ସହନାଗରିକ ଅଟନ୍ତି, ସଂଜୀବିତ ଶକ୍ତିର ଜଣେ ମାଲିକ ଅଟନ୍ତି, ହେ ପ୍ରଭୁ, ବର୍ତ୍ତମାନ ହିଁ, ସେମାନଙ୍କ ପ୍ରତି ଏହା ଜୀବନ୍ତ କରାଯାଉ । ଏବଂ ଏହା ହେଉ ଯେ ସେହି ଆତ୍ମା ଉତ୍କ୍ରୋଶ ପକ୍ଷୀରୁ ଉତ୍କ୍ରୋଶ ପକ୍ଷୀକୁ ଯାଉ, ବାକ୍ୟରୁ ବାକ୍ୟକୁ ଯାଉ, ଯେପର୍ଯ୍ୟନ୍ତକି ଯୀଶୁ ଖ୍ରୀଷ୍ଟଙ୍କ ପରିପୂର୍ଣ୍ଣତା ପ୍ରତ୍ୟେକ ଶରୀରରେ ପ୍ରକଟିତ ନ ହୋଇଯାଏ, ପୁଣି ଶାରୀରିକ, ଆତ୍ମିକ କିମ୍ବା ଯେକୌଣସି ପ୍ରୟୋଜନ ପାଇଁ ଯାହା ସେମାନଙ୍କର ଆବଶ୍ୟକତା ରହିଅଛି, ଯେତେବେଳେକି ଆମେମାନେ ପରସ୍ପର ଜଣେ ଅନ୍ୟ ଉପରେ ହାତ ରଖୁଅଛୁ । ଯୀଶୁ ଖ୍ରୀଷ୍ଟଙ୍କ ନାମରେ ।

65-0418M ଏହା ସୂର୍ଯ୍ୟର ଉଦିତ ହେବା ଅଟେ

ବ୍ରାନ୍‌ହାମ୍ ଟାବର୍ନେକଲ

ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ୱା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।

ଅଧିକ ସୂଚନା ନିମନ୍ତେ କିମ୍ୱା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org